RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-261 ♦FRIDAY ♦20 MARCH 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୬୧ ♦ଶୁକ୍ରବାର ♦୨୦ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




୯୦୦ ଗୋଲ୍ କ୍ଲବ୍‌ରେ ମେସି

▶ପୃଷ୍ଠା ୧୨ ଦେଖନ୍ତୁ...

## ‘କଳିଙ୍ଗ’ରେ ୨୦୨୮ ବିଶ୍ୱ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍



■ ଭୁବନେଶ୍ୱର, ୧୯ ।୩ (ସମିସ): ଓଡ଼ିଶା ତଥା କଳିଙ୍ଗ ଷ୍ଟାଡିୟମ କ୍ରୀଡ଼ା ମାନଚିତ୍ରରେ ଆଉ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ଯୋଡ଼ି ହେବାକୁ ଯାଉଛି। ୨୦୨୮ ବିଶ୍ୱ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଅଧିକାର ଭାରତକୁ ମିଳିଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ବୋଲି ୱାର୍ଲ୍ଡ ଆଥ୍‌ଲେଟିକ୍ସର ସଭାପତି ସେବାଷ୍ଟିଆନ କୋଏ ଗୁରୁବାର ଘୋଷଣା କରିଛନ୍ତି। ପୋଲାଣ୍ଡର ତରୁନଠାରେ ଗୁରୁବାର ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୮ ଓ ୨୦୩୦ ବିଶ୍ୱ ଇନ୍‌ଡୋର ଆୟୋଜନ ଅଧିକାର ଲାଗି ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ଏହି ଷ୍ଟାଡିୟମ୍ ନିର୍ମାଣ ହୋଇଥିଲା। ନବୀନ ସରକାରଙ୍କ ଏହି ଦୂରଦୃଷ୍ଟି ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ପୁଣିଥରେ ସ୍ଥାନିତ କରିଛି। ୨୦୧୭ରେ ଏଠାରେ ଏସିଆନ୍ ଆଥ୍‌ଲେଟିକ୍ ମିଟ୍ ଆୟୋଜିତ ହୋଇଥିଲା। ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ପରେ ଏହି ଘୋଷଣା କରି ସେବାଷ୍ଟିଆନ କୋଏ କହିଛନ୍ତି, ବିଶ୍ୱ ଇନ୍‌ଡୋର ଚାମ୍ପିଅନସିପ୍‌ର ଆଗାମୀ ଦୁଇଟି ସଂସ୍କରଣ ଲାଗି ଭେନ୍ୟୁ ଚୂଡ଼ାନ୍ତ କରାଯାଇଛି। ଓଡ଼ିଶାର ଭୁବନେଶ୍ୱରଠାରେ ୨୦୨୮ ସଂସ୍କରଣ ଏବଂ କାଜାଖସ୍ତାନର ଆଷ୍ଟନରେ ୨୦୩୦ ସଂସ୍କରଣ ଅନୁଷ୍ଠିତ ହେବ। ସେହିଭଳି ୨୦୨୮ ସଂସ୍କରଣ ଆୟୋଜନ ଅଧିକାର ଭୁବନେଶ୍ୱରକୁ ମିଳିଥିବା ନେଇ ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ)ର ସଭାପତି ବାହାଦୁର ସିଂହ ସାଗୋ ନିଶ୍ଚିତ କରିଛନ୍ତି।


ଉଲ୍ଲେଖଯୋଗ୍ୟ ଦକ୍ଷିଣ ଏସିଆର ପ୍ରଥମ ଓ ଏକମାତ୍ର ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମରେ ରହିଛି। ଭାରତର ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ ତାରିଖରୁ ଏଠାରେ ଆରମ୍ଭ ହେବାକୁ ଯାଉଛି।

ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମରେ ଏଥିପୂର୍ବରୁ ଦୁଇ ଦୁଇଥର ସିନିଅର ପୁରୁଷ ହକି ବିଶ୍ୱକପ୍, ଜୁନିଅର ହକି ବିଶ୍ୱକପ, ୧୭ ବର୍ଷରୁ କମ୍ ଫିଫା ବାଳିକା ବିଶ୍ୱକପ୍, ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏବେ ଏହି ତାଲିକାରେ ବିଶ୍ୱ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଡ଼ି ହେବାକୁ ଯାଉଛି।

## କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା!

ଢେଙ୍କାନାଳରେ

ଲଜ୍ଜା



ପରୀକ୍ଷା ଦେବାକୁ ଯାଇ ଘରକୁ ଫେରି ନ ଥିଲେ

ଜଙ୍ଗଲରୁ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

■ କାମାକ୍ଷାନଗର/ଭୁବନ, ୧୯ ।୩ (ସମିସ): କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଠାବ ହୋଇଛି। ମୃତ ଛାତ୍ରୀଙ୍କ ଘର ଭୁବନ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ କାମାକ୍ଷାନଗର ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ, ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଛାତ୍ରୀଜଣଙ୍କ କାମାକ୍ଷାନଗରରେ ତାଙ୍କ ଅଜାଙ୍କ ଘରେ ରହି ପଢୁଥିଲେ। ଗତକାଲି ପରୀକ୍ଷା ଦେବାକୁ କଲେଜ ଯାଇ ଆଉ ଫେରିନଥିଲେ। ପରିବାରଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ସାରୁଆଳି ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପରିବାରଲୋକ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ଏସ୍‌ପି ଅଭିନବ ସୋନକାର, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ, ଫରେନସିକ ଟିମ, ଡଗ୍ ସ୍କ୍ୱାଡ୍ ଏବଂ ଜିଲ୍ଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ପୁଲିସ ତୁରନ୍ତ ଅପରାଧୀଙ୍କୁ ଗିରଫ କରି କଠୋର୍ ଦଣ୍ଡ ଦେବାକୁ ପରିବାରଲୋକ ଦାବି କରିଛନ୍ତି। ଅନ୍ୟପଟେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଧରାଯିବ ବୋଲି ଏସ୍‌ପି ସୋନକର କହିଛନ୍ତି।

# ଇରାନର ଚରମ ପ୍ରତିଶୋଧ

## ସାଉଦି, କତାର ଉପରେ ପ୍ରଚଣ୍ଡ ଆକ୍ରମଣ



ଇସ୍ରାଏଲର ହାଇଫା ତୈଳ ବିଶୋଧନାଗାରରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼

ଇରାନର ଗ୍ୟାସ୍ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଇସ୍ରାଏଲ ଭୁଲ୍ କରିଛି: ଟ୍ରମ୍ପ

■ ଦୁବାଇ/ରିୟାଧ, ୧୯ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ କରି ଯେଉଁ ଭୁଲ କରିଛନ୍ତି, ତାହାର ପ୍ରଭାବ ଏବେ ସାରା ବିଶ୍ୱ ଉପରେ ପଡ଼ିବାକୁ ଆରମ୍ଭ କଲାଣି। ପରସ୍ପରର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭିନ୍ନ ମୋଡ଼ ନେଇଛି। ଇରାନର ଗୁରୁତ୍ୱପୂର୍ଣ୍ଣ ‘ସାଉଥ ପାର୍ସ’ ଗ୍ୟାସ୍ ଫିଲ୍ଡ ଉପରେ ଗତକାଲି ଇସ୍ରାଏଲ ଆକ୍ରମଣ କରିବା ପରେ ପୁଣି ରକ୍ତମୁଖା ହୋଇଉଠିଛି ଇରାନ। ▶ପୃଷ୍ଠା-୭

## ସେୟାର ବଜାରରେ କମ୍ପନ

### ୨୫୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନିବେଶକଙ୍କ ଧୋଇଗଲା ୧୨ ଲକ୍ଷ କୋଟି

■ ମୁମ୍ବାଇ, ୧୯।୩ (ଏଜେନ୍ସି): ଦିନକୁ ଦିନ ଘନେଇବାରେ ଲାଗିଛି ମଧ୍ୟ ପ୍ରାଚ୍ୟ ସଙ୍କଟ। ଏହାର ପ୍ରଭାବରେ ଭାରତୀୟ ସେୟାର ବଜାର ଧ୍ୱସ୍ତ ହୋଇଯାଇଛି। ଗୁରୁବାର ବୈଶ୍ୱିକ ଉତ୍ତେଜନା ଓ ତୈଳ ମୂଲ୍ୟରେ ଅଚାନକ ବୃଦ୍ଧି ଯୋଗୁ ଘରୋଇ ସେୟାର ବଜାର ତଳମୁହାଁ ହୋଇଛି। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ସଂଘର୍ଷ ଏବେ ପ୍ରମୁଖ ଶକ୍ତି ଭିତ୍ତିଭୂମିଗୁଡିକୁ ପ୍ରଭାବିତ କରିଛି। ଏହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ▶ପୃଷ୍ଠା-୭

## ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

## ବିରୋଧୀ ଅଟଳ, ଗୃହ ଅଚଳ, ବୈଠକ ବିଫଳ

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ କ୍ରମାଗତ ତୃତୀୟ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିରୋଧୀ। ରାଜ୍ୟ ଇତିହାସରେ ପ୍ରଥମ ଥର ପାଇଁ ସରକାରୀ ହସ୍ପିଟାଲରେ ଏତେବଡ଼ ଅଘଟଣ ଘଟିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଏଥିରେ ଜଳଜଳ ଦିଶୁଛି। ତେଣୁ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ଗୃହ ବାହାରେ ରୋକଠୋକ ଶୁଣାଇଛନ୍ତି ବିରୋଧୀ। ଗୁରବାର ମଧ୍ୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହ କାର୍ଯ୍ୟରେ ଆଦୌ ଭାଗ ନେଇ ନ ଥିବା ବେଳେ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

### କ୍ରମାଗତ ତୃତୀୟ ଦିନ ପାଇଁ ଗୃହ କାର୍ଯ୍ୟରେ ଭାଗ ନେଲେନି ବିରୋଧୀ

### ବିରୋଧୀଙ୍କ ଅନୁପସ୍ଥିତିରେ ବିଧାନସଭାରେ ଖର୍ଚ୍ଚଦାବି ଆଲୋଚନା

### ଜୋର୍‌ଜବରଦସ୍ତ ସରକାର ଗୃହ ଚଳାଉଥିବା ବିରୋଧୀଙ୍କ ଅଭିଯୋଗ

ଗୁରୁବାର ଗୃହ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପୋଷ୍ଟର ଓ ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡି ଆସିଥିଲେ। ‘ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି, ରାମ ନାମ ସତ୍ୟ ହେ... ହରି ନାମ ସତ୍ୟ ହେ’ ସ୍ଲୋଗାନରେ ଗୃହ କମ୍ପାଇଥିଲେ। ଏହା ମଧ୍ୟରେ ପ୍ରଶ୍ନକାଳ ଜାରି ରହିଥିଲେ ହେଁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ କିଛି ଶୁଣାଯାଉ ନ ଥିଲା। ଫଳରେ ବାଚସ୍ପତି ଗୃହକୁ ୧୦ ଟା ୪୩ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ।

ଶୂନ୍ୟକାଳରେ ପୁଣି ସମାନ ଢଙ୍ଗରେ ହଟ୍ଟଗୋଳ ଜାରି ରହିଥିଲା ଓ ଏହି ସମୟରେ ବାଚସ୍ପତି ବିଜେପି ବିଧାୟକମାନଙ୍କୁ ଶୂନ୍ୟକାଳରେ ବକ୍ତବ୍ୟ ରଖିବାକୁ ସୁଯୋଗ ପ୍ରଦାନକୁ ବିରୋଧୀ ପ୍ରବଳ ବିରୋଧ କରିଥିଲେ। ବାଚସ୍ପତିଙ୍କ ଚେୟାର ପାଖକୁ ଦୁଇ ପାର୍ଶ୍ୱରୁ ବିଜେଡି ଓ କଂଗ୍ରେସ ବିଧାୟକ ଧସେଇ ପସିବାକୁ ପ୍ରୟାସ କରିଥିଲେ। ବିଜେଡି ବିଧାୟକ ଯୋଗେଶ ସିଂ, ବିଶ୍ୱ ରଞ୍ଜନ ମଲ୍ଲିକ, ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ସାରଦା ଜେନା, ରୋହିତ୍ ଜୋସେଫ ତିର୍କୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଧବ ଧଡ଼ା ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବାବେଳେ ତାଙ୍କୁ ସୁରକ୍ଷା କର୍ମୀମାନେ ଅଟକାଇଥିଲେ। ହୋହାଲ୍ଲା ମଧ୍ୟରେ ବିଜେପିର ପ୍ରାୟ ୧୨ ଜଣ ବିଧାୟକ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଶୂନ୍ୟକାଳରେ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ୩ମୃତ

■ ସୋରଡ଼ା, ୧୯ ।୩ (ସମିସ): ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ପାଟପଲ୍ଲୀ ଛକରେ ଆଜି ଏକ ଦୁର୍ଘଟଣାରେ ୩ ଜଣଙ୍କ ଜୀବନ ଯାଇଛି। ‘ମୁଖ୍ୟମନ୍ତ୍ରୀ ବସ୍’ ସହ ଏକ ବୁଲେଟ୍ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, ମାଣିଆକାଠି ଗ୍ରାମର ସିଲୁ ମୂଳି, ଟିଲୁ ଗୌଡ଼ ଓ ଶଙ୍କର ଗୌଡ଼। ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ସିଲୁ, ଟିଲୁ ଓ ଶଙ୍କର ଗୋଟିଏ ବୁଲେଟ୍ ବାଇକ୍‌ରେ ସୋରଡ଼ାରୁ କାମ ସାରି ମାଣିଆକାଠିକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ‘ମୁଖ୍ୟମନ୍ତ୍ରୀ ବସ୍’ ପାଟପଲ୍ଲୀ ଛକ ନିକଟସ୍ଥ ବାଉଁଶିଆଠାରେ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୩ଜଣଙ୍କ ମୃତ୍ୟୁ ହୋଇଯାଇଥିଲା ଏବଂ ସେମାନଙ୍କ ଶବଗୁଡ଼ିକ ଛିନ୍‌ଛତ୍ର ହୋଇଯାଇଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ବିଧିବଦ୍ଧ ଭାବେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ଡାକ୍ତର ଦୁର୍ଗାମାଧବ ଶତପଥୀ ନୂଆ ଡିଏମଇଟି

### ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆରର ନିର୍ଦ୍ଦେଶକ ଦାୟିତ୍ୱ

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ଏବେ ପ୍ରଶ୍ନଘେରରେ ଥିବା ବେଳେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଡକ୍ଟର ଦୁର୍ଗାମାଧବ ଶତପଥୀଙ୍କୁ ନୂଆ ଡିଏମଇଟି(ଡାଇରେକ୍ଟର, ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ) ଭାବରେ ନିଯୁକ୍ତି ମିଳିଛି। ପୂର୍ବରୁ ସେ ଏମକେସିଜି ମେଡିକାଲ କଲେଜର ସୁପରିନଟେଣ୍ଡେଣ୍ଟ(ଅଧୀକ୍ଷକ) ଥିଲେ।

ସେହିପରି ଡିଏମଇଟି ଭାବେ କାର୍ଯ୍ୟ କରୁଥବା ଡାକ୍ତର ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।






## ପୁଅ ବୋଲି ନ୍ୟାୟ ମିଳିଲାନି!

## ଭିଡିଓ କରି ଜୀବନ ହାରିଲେ ପ୍ରତାରିତ ପ୍ରେମିକ



■ ଭୁବନେଶ୍ୱର/ପିପିଲି, ୧୯ ।୩ (ସମିସ): ଓଡ଼ିଆ ମାଟ୍ରିମୋନିରୁ ପରିଚୟ ଓ ପରେ ମନ ଦିଆନିଆ। ସଂପର୍କ ଆଗକୁ ବଢ଼ିବା ପରେ ଦୁହେଁ ଲିଭ୍-ଇନ୍‌ରେ ରହିଲେ। ପ୍ରେମିକାକୁ ଭାବୀ ସ୍ତ୍ରୀ ଭାବି ତା’ର ସବୁ ଇଚ୍ଛା ପୂରଣ କଲେ। ସେ ବାବଦକୁ ପାଖାପାଖି ୯ ଲକ୍ଷ ଟଙ୍କା ଉଡ଼ାଇଦେଲା। କିନ୍ତୁ, ବର୍ଷେ ସାଥିରେ ରହିବା ପରେ ପ୍ରେମିକା ଧୋକା ଦେଇଦେଲା। କଥା ସେତିକିରେ ସରିଲାନି, ଆକ୍ରୋଶ ରଖି ପ୍ରେମିକା ତାଙ୍କ ଉପରେ ଗୋଟିଏ ପରେ ଗୋଟିଏ ଦାଉ ସାଧି ଚାଲିଲା। ତିନିତିନିଟି ଥାନାରେ ପ୍ରେମିକକୁ ବିଭିନ୍ନ ମାମଲାରେ ଛନ୍ଦି ଦେଲା। ଶେଷରେ ଲୋକଲଜ୍ଜା ଓ ଗିରଫଦାରୀରୁ ବର୍ତ୍ତିବା ପାଇଁ ଜୀବନ ହାରିଦେଲେ। ପିପିଲି ଥାନା ଅଧୀନ ଗୋବିନ୍ଦପୁର ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ

- ଲିଭ୍-ଇନ୍‌ରେ ରହି ଧୋକା ଦେଲେ ପ୍ରେମିକା!
- ଟଙ୍କା ମାଗିବାରୁ ୩ ଥାନାରେ କଲେ ମାମଲା
- ପୁଲିସ ଚଢ଼ଉ ବେଳେ ଝୁଲିପଡ଼ିଲେ ଯୁବକ
- ଆତ୍ମହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ଉଦ୍ୟମ

ହେଲେ, କଟକ କଲ୍ୟାଣୀ ନଗର ଅଞ୍ଚଳର ସୁଧାଂଶୁ ଭୂଷଣ ବେହେରା (୩୦)। ପୁଲିସ ଚଢ଼ଉ ବେଳେ ଗିରଫଦାରୀ ଭୟରେ ସୁଧାଂଶୁ ନିଜ ଜୀବନ ହାରିଛନ୍ତି। ମୃତ୍ୟୁ ପୂର୍ବରୁ ସେ ଏକ ଭିଡିଓ କରି ପ୍ରେମିକାର ଅତ୍ୟାଚାର ସଂପର୍କରେ ମୁହଁ ଖୋଲିଛନ୍ତି। ଏବେ ତାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, କଟକର ସୁଧାଂଶୁଙ୍କର ଓଡ଼ିଆ ମାଟ୍ରିମୋନି ମାଧ୍ୟମରେ ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚୟ ହେବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେବା ସହ ପିପିଲି ଥାନା ଗୋବିନ୍ଦପୁର ▶ପୃଷ୍ଠା-୭

# ମହିଳା ଓ ଶିଶୁ ବିକାଶ ବିଭାଗ କମିଶନରଙ୍କ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ

ଜୟପୁର,୧୯ ।୩ (ସମିସ): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡ. ମୃଣାଳିନି ଦର୍ଶୱାଲଙ୍କ ଦୁଇଦିନିଆ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ଆଜି ଦ୍ୱିତୀୟ ଦିବସରେ ଜୟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖସ୍ଥିତ ଗୋପବନ୍ଧୁ ବାଲାଶ୍ରମ ଠାରେ ପୂର୍ବାହ୍ନରେ ପହଞ୍ଚି ଆଶ୍ରମ ପରିଦର୍ଶନ କରିବା ସହିତ ବିଭିନ୍ନ ସମସ୍ୟା ନେଇ ଅନ୍ତେବାସୀ ଏବଂ ବାଲାଶ୍ରମ ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଜୟପୁର ବ୍ଲକ ଏକମ୍ବା ଗ୍ରାମ ସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ପହଞ୍ଚି ପ୍ରସ୍ତୁତ ଖାଦ୍ୟର ମାନ, ପରିମଳ, ସଫେଇ ଏବଂ ପରିବେଶର ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ପାତ୍ରୀ, ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, ସିଡିପିଓ କାଞ୍ଚନ ପଣ୍ଡା ଏବଂ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହାପରେ ସଚିବ ଡ. ଦର୍ଶୱାଲ ମାଲକାନଗିରି ଗସ୍ତରେ ଯାତ୍ରା କରିଥିଲେ।



# ଗଞ୍ଜେଇ ଜବତ, ମହିଳାଙ୍କ ସହ ୫ ଗିରଫ

ଗୁଣୁପୁର, ୧୯।୩(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ଆଦର୍ଶ ଥାନା ପୁଲିସ୍ ବିଶେଷ ସୂତ୍ରରୁ ଖବର ପାଇ ରେଲୱେ ଷ୍ଟେସନ ନିକଟରୁ ୨୨ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ସହ ଗୋଟିଏ ବାଇକ୍, ୫ଟି ମୋବାଇଲ୍ ଫୋନ ନଗଦ ୧୧ ହଜାର ଟଙ୍କା ଜବତ କରାଯାଇଛି। ଚୋରାଚାଲାଣରେ ସମ୍ପୃକ୍ତି ଥିବା ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ପାଞ୍ଚଜଣ ଅଭିଯୁକ୍ତ ମଧ୍ୟରୁ ଗଜପତି ଜିଲ୍ଲା ଆର୍ ଉଦୟଗିରି ଅଞ୍ଚଳର ବାବୁଲି ମାଳି ଓ ଆକାଶ କରାଡ ରହିଥିବା ବେଳେ ଅନ୍ୟ ତିନିଜଣ ବିହାର ରାଜ୍ୟର ମୁଜାଫରପୁର ଜିଲ୍ଲାର ବିଜେଛାତ୍ରା ଗ୍ରାମର ରାଜୁ କୁମାର , ମହାନ୍ତମାନିୟାରି ଗ୍ରାମର ଚନ୍ଦାଦେବି ଅନ୍ୟଜଣେ ରାଇନ ପୋଖୋରି ଗ୍ରାମର ଛୋଟୁ ସାନି ବୋଲି ଜଣାପଡିଛି। ସୂଚନା ମୁତାବକ ଗଜପତୀ ଅଞ୍ଚଳରୁ ଦୁଇ ଅଭିଯୁକ୍ତ ବାବୁଲି ଓ ଆକାଶ ଗଞ୍ଜେଇ ଧରି ଷ୍ଟେସନ ନିକଟରେ ପହଞ୍ଚାଇବା ଯୋଜନା ଥିଲା। ସେଠାରୁ ବିହାର ରାଜ୍ୟର ତିନିଜଣ ଏହି ଗଞ୍ଜେଇକୁ ତାଙ୍କ ଅଞ୍ଚଳକୁ ନେଇ ଯିବାର ଯୋଜନା ଥିଲା। କିନ୍ତୁ ପୋଲିସ୍ ବିଶେଷ ସୂତ୍ରରୁ ଖବର ପାଇ ଷ୍ଟେସନ୍ ନିକଟରେ ଗଞ୍ଜେଇ ସହ ଦୁଇ ଅଭିଯୁକ୍ତ ବାବୁଲା ଓ ଆକାଶଙ୍କୁ ଆଣି ଗିରଫ କରି ପଚରାଉଚୁରା କରିଥିଲା। ପରବର୍ତୀ ମୁହୂର୍ତ୍ତରେ ଅଭିଯୁକ୍ତ ବିହାର ରାଜ୍ୟରୁ ଗଞ୍ଜେଇ ନେବା ପାଇଁ ଆସିଥିବା ଜଣେ ମହିଳାଙ୍କ ସମେତ ଅନ୍ୟଦୁଇ ଜଣ ସମ୍ପୃକ୍ତି ଥିବା ଜାଣି ପାରିଥିଲେ। ସେମାନେ ଏକ ଲଜ୍ ଆଶ୍ରୟ ନେଉଥିବା ପୋଲିସ୍ ଜାଣିବାପରେ ପୋଲିସ୍ ଗିରଫ କରିବାରେ ସଫଳ ହୋଇଥିଲେ। ଗୁଣୁପୁର ପୋଲିସ୍ ମାମଲା ରୁଜୁ କରି ତଦନ୍ତ କରୁଛି। ବାହାର ରାଜ୍ୟର ଗଞ୍ଜେଇ ମାଫିଆଙ୍କ ଏବେ ଆଶ୍ରୟ ସ୍ଥଳି ଏବେ ଲଜ୍ ପାଲଟିଥିବା ଦେଖିବାକୁ ମିଳୁଛି। ଗଞ୍ଜେଇ ଜବତ ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଡେପୁଟି କଲେକ୍ଟର ସୁବ୍ରସ୍ୱାତ ରାଉତ ରହିଥିବା ବେଳେ ତଦନ୍ତ କାରି ଅଧିକାରୀ ପୁଲିସ୍ ଏସ୍ ଆଇ ରଂଜିତ ତ୍ରିପାଠୀ ରହିଥିଲେ। ଏନେଇ ସୂଚନା ପ୍ରଦାନ କରିଛନ୍ତି ଗୁଣୁପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କଁଅର।

● ମିଳୁନି ବାଣିଜ୍ୟିକ ଗ୍ୟାସ୍

# ହୋଟେଲ ବନ୍ଦ, ଚିନ୍ତାରେ କର୍ମଚାରୀ

ଗୁଣୁପୁର,୧୯।୩(ସମିସ): ବ୍ୟବସାୟକ ଗ୍ୟାସ୍ ବିଲକୁଲ ମିଳୁନଥିବାରୁ ସମ୍ପୂର୍ଣ୍ଣ ଭାବେ ହୋଟେଲ ବ୍ୟବସାୟ ଠପ୍ ହୋଇଯାଇଛି। ଗୁଣୁପୁର ଅଞ୍ଚଳରେ ମଧ୍ଯ ଛୋଟ ଓ ବଡ ହୋଟେଲ ବ୍ୟବସାୟ ପ୍ରଭାବିତ ହୋଇଛି। ଲୋକେ ବାଧ ହୋଇ ହୋଟେଲ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି। ଏହିଭଳି କି ଯେ ଦୋକାନ ସମ୍ମୁଖରେ "ଗ୍ୟାସ୍ ନ ମିଳିବା ଯୋଗୁଁ ହୋଟେଲ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ" ବୋଲି ବୋର୍ଡ ଟାଙ୍ଗୀ ଦେଇଛନ୍ତି। ଅପର ପକ୍ଷରେ ବହୁଦିନ ଧରି ହଟେଇ ବନ୍ଦ ହୋଇଯାଇଥିବା ବେଳେ ପୁଣି ଗ୍ୟାସ୍ ସେବା କେବେ ଯୋଗାଇ ଦିଆଯିବ ହୋଟେଲ କେବେ ସ୍ୱାଭାବିକ ଭାବେ ଖୋଲାଯିବ ତାହା ସ୍ପଷ୍ଟ ହୋଇପାରୁ ନଥିବାରୁ ହୋଟେଲ କର୍ମଚାରୀ ମାନଙ୍କ ଜୀବନ ଜିବିକା ଉପରେ ପ୍ରବଳ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ବାହାର ଜିଲ୍ଲା ଓ ରାଜ୍ୟରୁ ଆସିଥିବା ହୋଟେଲ କର୍ମଚାରୀ ମାନେ ନିଜ ନିଜ ଗ୍ରାମକୁ ଫେରି ଯାଇଥିବା ବେଳେ ସ୍ଥାନୀୟ କର୍ମଚାରୀ ମାନେ ପରିବାରର ଭରଣ ପୋଷଣ ପାଇଁ ଅନ୍ୟ କିଛି କାମ କରିବା ପାଇଁ ଏଣେତେଣେ ଘୁରି ବୁଲୁଥିବା ଦେଖିବା ମିଳୁଛି। ଏହା କୋରନା ମହାମାରୀ ଠାରୁ ଅଧିକ ବାଧା ଦେଉଚି ବୋଲେ ସାଧାରଣ ଲୋକେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପ୍ରଶାସନ ପକ୍ଷରୁ ଗ୍ୟାସ୍‌ର କଳାବଜାରୀକୁ ଦୂର କରାଗଲେ ବ୍ୟବସାୟୀ ଓ କର୍ମଚାରୀ ମାନେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରୁଛନ୍ତି।

# ଘଡ଼ଘଡ଼ି ସହ କୁଆପଥର ବର୍ଷା

କୋରାପୁଟ,୧୯।୩(ସମିସ): କୋରାପୁଟର ବିଭିନ୍ନ ସ୍ଥାନରେ ଆଜି ଘଡଘଡି ସହ ପ୍ରବଳ କୁଆପଥର ବର୍ଷା ହୋଇଛି। ଦିନତମାମ କୋହଲା ମେଘୁଆ ପାଗ ସାଙ୍ଗକୁ ସୁଲୁସୁଲିଆ ପବନ ବହୁଥିବା ବେଳେ ଅପରାହ୍ନରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ପାଖାପାଖି ୩ ଘଣ୍ଟା ବର୍ଷା ହୋଇଥିବା ବେଳେ ୫ ଘଣ୍ଟା ଧରି ସହରରେ ବିଦ୍ୟୁତର ଲୁଚକାଳି ଖେଳ ଦେଖାଦେଇଥିଲା। ବର୍ଷା ଯୋଗୁ ରାସ୍ତାରେ ବସି ବେପାର କରୁଥିବା ବ୍ୟବସାୟୀ ମାନେ ବହୁତ ଅସୁବିଧାର ସମ୍ମୁଖିନ ହୋଇଥିବା ବେଳେ ସ୍କୁଲ ପିଲାମାନେ ଓଦା ହୋଇ ଘରକୁ ଯିବା ଦେଖାଯାଇଥିଲା। େ

# ମୌଳିକ ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀ



ମାଲକାନଗିରି, ୧୯ ।୩(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟା ରହୁଥିବା ଅଭିଯୋଗ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ନୁଆଗୁଡ଼ା ଏବଂ ନୁଆଗୁଡ଼ା-ବି ଗ୍ରାମର ଶିକ୍ଷା ସମସ୍ୟାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି ସ୍ଥାନୀୟ ଗ୍ରାମବାସୀ। ସୂଚନା ଅନୁଯାୟୀ ଚିତ୍ରକୋଣ୍ଡା ପଞ୍ଚାୟତର ନୂଆଗୁଡ଼ା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟଟି କୌଣସି କାରଣବଶତଃ କିଛି ବର୍ଷ ପୂର୍ବେ ବନ୍ଦ ହୋଇଯାଇଥିଲା। ଏହି କାରଣରୁ ନୂଆଗୁଡ଼ା ଓ ନୁଆଗୁଡ଼ା-ବି ଗ୍ରାମର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ନିଜର ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟ ବନ୍ଦ ହେବା ପରେ ଶିଶୁମାନଙ୍କୁ ପାଠ ପଢ଼ିବା ପାଇଁ ପ୍ରାୟ ୪ ରୁ ୫ କିଲୋମିଟର ଦୂରରେ ଥିବା ଚିତ୍ରପାରିଓ ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡୁଛି। ଯାହାଦ୍ୱାରା ଏହି ରାସ୍ତାରେ ଥିବା ଏକ ନାଳକୁ କୋମଳମତି ଶିଶୁ ପାର ହୋଇ ଯାଉଥିବା ବେଳେ ବର୍ଷା ଦିନେ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ଏହା ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଦୂରତା ଏବଂ ଦୁର୍ଗମ ପଥ ଯୋଗୁଁ ଅନେକ ପିଲା ପାଠପଢ଼ା ମଝିରୁ ଛାଡ଼ିବାକୁ ବାଧ ହେଉଛନ୍ତି। ଏହିଭଳି ସମସ୍ୟାକୁ ନେଇ ଅଖିଳ ଭାରତ ହିନ୍ଦୁ ମହାସଭାର ଜିଲ୍ଲା ସଭାପତି ପଡ଼ିଦି ପାଡ଼ିଆମୀଙ୍କ ସହ ନୁଆଗୁଡ଼ା ଏବଂ ନୁଆଗୁଡ଼ା-ବିର ଗ୍ରାମବାସୀ ମିଳିତ ଭାବେ ଗ୍ରାମସଭାରେ ସର୍ବସମ୍ମତି କ୍ରମେ ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ କରିବା ପ୍ରସ୍ତାବ ଆଗତ କରିଥିଲେ। ଯାହାକୁ ନେଇ ଶ୍ରୀ ପାଡ଼ିଆମୀଙ୍କ ନେତୃତ୍ୱରେ ଗ୍ରାମବାସୀ ମିଳିତ ଭାବେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ବିଦ୍ୟାଳୟର ପୁନଃଉଦ୍ଧାର ସହ ପାଠପଢ଼ା ବ୍ୟବସ୍ଥା, ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଏବଂ ଚଳିତ ଶିକ୍ଷା ବର୍ଷରୁ ହିଁ ପିଲାମାନଙ୍କର ନାମଲେଖା ଆରମ୍ଭ କରି ସେମାନଙ୍କୁ ଶିକ୍ଷା ପ୍ରଦାନ କରିବାକୁ ଗ୍ରାମବାସୀ ଏବଂ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ତେବେ ଏଦିଗରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ଜଣା ପଡିଛି।

# ଜିଲ୍ଲାର ୨ ପୁଲିସ ଅଧିକାରୀ, ଦୁଇ କନଷ୍ଟେବଲଙ୍କୁ ମିଳିବ ରାଜ୍ୟ ପୁଲିସ ଡିଜି ପଦକ





ଜୟପୁର,୧୯ ।୩ (ସମିସ): ଆସନ୍ତା ଏପ୍ରିଲ ପହିଲା ରାଜ୍ୟ ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ଉଲ୍ଲେଖନୀୟ ସେବା ପାଇଁ ରାଜ୍ୟର ସମୁଦାୟ ୧୩୬ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁଲିସ ମହାନିର୍ଦ୍ଦେଶକ ପଦବରେ ସମ୍ମାନୀତ କରିବା ନେଇ ଚୟନ କରାଯାଇଛି। ଏଥିରେ କୋରାପୁଟ ଜିଲ୍ଲାର ଜୟପୁର ପୂର୍ବତନ ଏସଡିପିଓ ତଥା ବର୍ତ୍ତମାନ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ଅଧିକାରୀ କାଶ୍ୟପ ପାର୍ଥ ଜଗଦିଶ, ଜୟପୁର ଟାଉନଥାନାର ଏସ.ଆଇ ସିଦ୍ଧାନ୍ତ କୁମାର ବେହେରାଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପୁଲିସ ମହାନିର୍ଦ୍ଦେଶକ ପଦକରେ ସମ୍ମାନୀୟକ କରାଯିବ। ରାଜ୍ୟର ବରିଷ୍ଠ ଓ କନିଷ୍ଠ ସମୁଦାୟ ୧୬ ଜଣ ଅଧିକାରୀଙ୍କ ମଧ୍ୟରୁ କେବଳ ଏସଡିପିଓ ପଦବୀର ଶ୍ରୀ କାଶ୍ୟପଙ୍କ ସମ୍ମାନିତ କରାଯାଉଛି। ଏହିପରି ରାଜ୍ୟର ଶ୍ରେଷ୍ଠ ୧୩ ଜଣ ଏସଆଇଙ୍କ ମଧ୍ୟରେ ଟାଉନ ଥାନା ଏସ.ଆଇ ଶ୍ରୀ ବେହେରା ରହିଛନ୍ତି। ଏହିପରି ଉଭୟ ଆଇପିଏସ ଅଧିକାରୀ ଶ୍ରୀ କାଶ୍ୟପ ଏବଂ ଏସ.ଆଇ ଶ୍ରୀ ବେହେରା ଜୟପୁର ଠାରେ ଗଞ୍ଜେଇ ମାଫିଆଙ୍କୁ କାବୁ କରିବା ସହିତ ଚୋର, ଲୁଟେରା ଓ ଡକାୟତ ମାନଙ୍କୁ ଧରିବା ସହିତ ଏହି ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥା ସୁଦୃଢ କରିବାରେ ଉଲ୍ଲେଖନୀୟ ସେବା ଓ ଅବଦାନ ରହିଛି। ଅନ୍ୟପକ୍ଷରେ ଜିଲ୍ଲାରେ କାର୍ଯ୍ୟରତ କନଷ୍ଟେବଲ ବିଭୀଷଣ ରନ୍ଧାରୀ ଏବଂ କୋରାପୁଟ ପ୍ରଥମ ଇଣ୍ଡିଆନ ରିଜର୍ଭ ବାଟାଲିୟନର କନଷ୍ଟେବଲ ଫ୍ରାନିସିସ କୁଲୁଙ୍କ ଉଲ୍ଲେଖନୀୟ ସେବା ପାଇଁ ପୁଲିସ ମହାନିର୍ଦ୍ଦେଶକ ପଦକରେ ସମ୍ମାନୀୟତ କରିବା ନେଇ ମନୋନୀତ ହୋଇଛନ୍ତି।

# ଘଟପର୍ବ ପାଳନ ନେଇ ଦେବୋତ୍ତର ବିଭାଗର ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୧୯।୩(ସମିସ): ନବରଙ୍ଗପୁର ତହସିଲ କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷ ଠାରେ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଲେଶ୍ୱର ନାୟକଙ୍କ ଆବାହକତ୍ୱରେ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ବାସନ୍ତିକ ନବରାତ୍ର ପୂଜା ଓ ମା ବୁଢ଼ୀ ଠାକୁରାଣୀ ଙ୍କ ନବ ଦିନାରକ ଘଟପର୍ବ ପାଳନ ନେଇ ଦେବୋତ୍ତର ବିଭାଗ ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାୟକ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମାଁ ଭଣ୍ଡାରଘରଣୀ ମନ୍ଦିର ନବଦିନ ବାସନ୍ତିକ ଦଶହରା ପୂଜା ଗୁରୁବାର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଯୋଗୁଁ ପୋଲିସ ପ୍ରଶାସନ ଦ୍ୱାରା ଟ୍ରାଫିକ କଣ୍ଟ୍ରୋଲ , ସଫେଇ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଏଥି ସହିତ ମାଁ ବୁଢୀ ଠାକୁରାଣୀ ମନ୍ଦିରର ନବଦିନ ଘଣ୍ଟ ଯାତ୍ରା ଆସନ୍ତା ୨୩ ତାରିଖ ଠାରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ହେଉଥିବା ଯୋଗୁଁ ପୁରୁଷ ଓ ମହିଳା ପୋଲିସ ମୁତୟନ କରିବା ବିଷୟ ନେଇ ଥାନା ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଦେବୋତ୍ତର ସଦସ୍ୟ ଏବଂ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ସହରବାସୀ ଙ୍କ ସହଯୋଗ କାମନା କରିଛନ୍ତି ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୋଲେଶ୍ୱର୍ ନାୟକ। ଆଜିର ଏହି ପ୍ରସ୍ତୁତି ବୈଠକରେ ଦେବୋତ୍ତର ବିଭାଗ ସଭାପତି ଝାଡେସ୍ୱର ଖାଡ଼ଙ୍ଗା, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ,ପୂର୍ବତନ ସଭାପତି ସୁଭାଷ ଚନ୍ଦ୍ର ସୁର, ଦେବୋତ୍ତର ସଭ୍ୟ ତାପସ ତ୍ରିପାଠୀ, ଗୌରାଙ୍ଗ ପାତ୍ର , ନରେଶ କୁମାର ତ୍ରିପାଠୀ , ପରେଶ ମିଶ୍ର , ଭବାନୀ ଶତପଥୀ, ଜଗନ୍ନାଥ ଚୌଧୁରୀ, ଦେବୋତ୍ତର ବିଭାଗ କର୍ମଚାରୀ ଗଗନ ସୌରା , ରାଜସ୍ୱ ନିରୀକ୍ଷକ ଲମ୍ବୋଦର ପ୍ରଧାନି, ବିରେନ ନାୟକ, ଗଣପତି ଗୌଡ଼ ପ୍ରମୁଖ ଙ୍କ ସମେତ ବୁଢ଼ୀ ଠାକୁରାଣୀ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଚିନ୍ମୟ ମିଶ୍ର , ସୁମିତ ପାଳ , ସଞ୍ଜୟ ନାୟକ , ସତ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧଣ୍ଡରା ଓ ଗୁରୁଜାନି ଲୋକଙ୍କୁ ନରସିଂହଗୁଡ଼ା ବଜାର ମନା!

ନନ୍ଦାହାଣ୍ଡି,୧୯।୩(ସମିସ) ଧଣ୍ଡରା ଓ ଗୁରୁଜାନୀ ଗୁଡା ଗ୍ରାମବାସୀଙ୍କୁ ନରସିଂହଗୁଡା ବଜାର ମନା କରାଯାଇଛି। ଉକ୍ତ ଦୁଇ ଗ୍ରାମର ଲୋକେ ନରସିଂହଗୁଡାରେ ଆସି କିଣାବିକା କିମ୍ବା କୌଣସି ବ୍ୟବସାୟ କରିପାରିବେନି। କୌଣସି ଦୋକାନୀ ସମ୍ପୃକ୍ତ ଦୁଇ ଗ୍ରାମର ଲୋକଙ୍କୁ ଜିନିଷ ବିକିପାରବେନି। ଯଦି କିଏ ବିକ୍ରୟ କରନ୍ତି ତାହାହେଲେ ୧ ହଜାର ଟଙ୍କା ଜରିମାନା ଦେବା ପାଇଁ ନରସିଂହଗୁଡା ଓ ବିଞ୍ଜିଗୁଡା କମିଟି ପକ୍ଷରୁ ନରସିଂହଗୁଡା ବଜାର ର ବିଭିନ୍ନ ଦୋକାନରେ ପାମ୍ପଲେଟ ଜାରି କରାଯାଇଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବିଞ୍ଜିଗୁଡା, ନରସିଂହଗୁଡା ଓ ଧଣ୍ଡରା ଗ୍ରାମର ପୂଜାରୀ ଜମି କୁ ନେଇଁ ବିବାଦ କାଗିଥିଲା। ସେହିପରି ଜଙ୍ଗଲ କଟା ନେଇଁ ମଧ ତିନି ଗ୍ରାମ ମଧ୍ୟରେ ବିବାଦ ଉପୁଜିଛି। ବିବାଦ ର ସମାଧାନ ହୋଇନଥିବା ବେଳେ ତିନି ଗ୍ରାମ ମଧ୍ୟରେ ତିକ୍ତତା ଲାଗିଛି। ଯାହାକୁ ନେଇଁ ଉଭୟ ବିଞ୍ଜିଗୁଡା ଓ ନରସିଂହଗୁଡା କମିଟି ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଗୁରୁମାଇଗୁଡା ଓ ଧଣ୍ଡରା ଗ୍ରାମର ଲୋକଙ୍କୁ ନରସିଂହଗୁଡା ବଜାର ସମ୍ପୂର୍ଣ ମନା କରାଯାଇଛି। ଉଭୟ ଗ୍ରାମର ଲୋକେ ନରସିଂହଗୁଡା ବଜାର କୁ ଆସି କୌଣସି ବ୍ୟବସାୟ କରିପାରିବେନି କି କୌଣସି ଦୋକାନରୁ କିଛି କିଣିପାରିବେନି। ଏଥିପାଇଁ ନରସିଂହଗୁଡା ଗ୍ରାମର ବିଭିନ୍ନ ଦୋକାନ ଓ ଛକ ରେ ପାମ୍ପଲେଟ ଲଗା ଯାଇଥିବା ଦେଖିବାକୁ ମିଳିଛି। ଧଣ୍ଡରା ଓ ଗୁରୁଜନୀଗୁଡା ଗ୍ରାମର ଲୋକଙ୍କୁ ନରସିଂହଗୁଡା ଆସି ବଜାର ବାଟ କରିବା ମନା। ଯଦିକୌଣସି ବେପାରୀ ଉଭୟ ଗ୍ରାମର ଲୋକଙ୍କ ସହ କାରବାର କରିବେ, ତାହେଲେ ୧ ହଜାର ଟଙ୍କା ଫାଇନ ଦେବେ ବୋଲି ଉଲ୍ଲେଖ ରହିଥିବା ପାମ୍ପଲେଟ ମାରି ତଳେ ବିଞ୍ଜିଗୁଡା ନରସିଂହଗୁଡା କମିଟି ବୋଲି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ତିନି ଗ୍ରାମ ମଧ୍ୟରେ ବିବାଦର ନିଆଁ କୁହୁଳିବାରେ ଲାଗିଛି। ତିନି ଗ୍ରାମ ମଧ୍ୟରେ କୁହୁଳୁ ଥିବା ନିଆଁ ଭୟଙ୍କର ଅଗ୍ନିର ରୂପ ନେବା ପୂର୍ବରୁ ପ୍ରଶାସନ ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ନଚେତ ଏହି ବିବାଦ ଦ୍ୱାରା ଧନ ଜୀବନ କ୍ଷତି ହେବାର ବିଶେଷ ସମ୍ଭାବନା ରହିଛି।

# ନିଖୋଜ ଛାତ୍ରଙ୍କୁ ଉଦ୍ଧାର କଲା ପୁଲିସ

ମାଲକାନଗିରି,୧୯ ।୩(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଗତକାଲି ଜଣେ ଛାତ୍ର ନିଖୋଜ ଘଟଣା ରେ ପୁଲିସ ଦ୍ୱାରା ନିଖୋଜ ଛାତ୍ରକୁ ସଦର ବସଷ୍ଟାଣ୍ଡରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ଗତକାଲି ଦିନ ପ୍ରାୟ ୧୧.୩୦ରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ବିଦ୍ୟାଳୟ ପାଚେରୀ ଡେଇଁ କେଉଁ ଆଡେ ଚାଲି ଯାଇଥିବା ବେଳେ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ବିଦ୍ୟାଳୟରେ ପୁଅକୁ ମାଡ଼ ମରାଯାଇ ଥିବାରୁ ସେ ପଳାଇ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ନିଖୋଜ ଛାତ୍ରକୁ ପୋଲିସ ସଦର ବସଷ୍ଟାଣ୍ଡ ରୁ ଉଦ୍ଧାର କରିଥିବା ଜଣାପଡ଼ିଛି। କେଉଁ କାରଣରୁ ଛାତ୍ର ଜଣଙ୍କ ଏଭଳି କଲେ ସେନେଇ ପୋଲିସ ତଦନ୍ତ ଜାରି ରହିଥିବା ସହ ପରିବାର ଲୋକଙ୍କୁ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଛାତ୍ରଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

# ଭିତ୍ତିଭୂମି ବିକାଶ କାର୍ଯ୍ୟ ଯାଞ୍ଚ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ରାୟଗଡ଼ା,୧୯।୩(ସମିସ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଗୁରୁବାର ଦିନ ରାୟଗଡା ରେଳ ଡିଭିଜନର ଏକ ବିସ୍ତୃତ ଯାଞ୍ଚ କରିଛନ୍ତି । ତାଙ୍କ ସହିତ ରାୟଗଡାର ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ) ଅମିତାଭ ସିଂଘଲ ଉପସ୍ଥିତ ଥିଲେ। ଏହି ଯାଞ୍ଚ ରାୟଗଡା-ସିଙ୍ଗାପୁର ରୋଡ୍-ଥେରୁବାଲି ସେକ୍ସନ ମଧ୍ୟରେ କରାଯାଇଥିଲା, ଯେଉଁଥିରେ ରାୟଗଡାରେ ଚାଲିଥିବା ଭିତ୍ତିଭୂମି ବିକାଶ କାର୍ଯ୍ୟ, ସୁରକ୍ଷା ପଦକ୍ଷେପ ଏବଂ ରେଳ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟ ଉପରେ ଧ୍ୟାନ ଦିଆଯାଇଥିଲା। ଯାଞ୍ଚ ସମୟରେ, ଶ୍ରୀ ଫଙ୍କୱାଲ ସିଙ୍ଗାପୁର ରୋଡ୍‌ରୁ ଥେରୁବାଲି ପର୍ଯ୍ୟନ୍ତ ସେକ୍ସନର ଏକ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ, ଯେଉଁଥିରେ ୟାର୍ଡ ଏବଂ ତୃତୀୟ-ଲାଇନ୍ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ସେ ଟ୍ରାକ୍ ଅବସ୍ଥା, ସିଗନାଲିଂ ସିଷ୍ଟମ, ସେତୁ ଏବଂ ଅନ୍ୟାନ୍ୟ ଚାଲୁଥିବା ଭିତ୍ତିଭୂମି ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଉପାଦାନଗୁଡ଼ିକର ଯାଞ୍ଚ କରିଥିଲେ। ଏହି ଯାଞ୍ଚରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, (ଆରଭିଏନଏଲ), ଭି.ଆର. ନାଇଡୁ, ବରିଷ୍ଠ ବିଭାଗୀୟ ଇଞ୍ଜିନିୟର (ଉତ୍ତର) ଏମ୍.ଭି. ରମଣା, ବରିଷ୍ଠ ବିଭାଗୀୟ ଇଞ୍ଜିନିୟର, ବରିଷ୍ଠ ବିଭଗୀୟ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ମହାପ୍ରବନ୍ଧକ ରାୟଗଡା ରେଳ ଷ୍ଟେସନ ମଧ୍ୟ ପରିଦର୍ଶନ କରିଥିଲେ। ଯେଉଁଠାରେ ସେ ଯାତ୍ରୀ ସୁବିଧା ମୂଲ୍ୟାଙ୍କନ କରିଥିଲେ ଏବଂ ରେଳ କାର୍ଯ୍ୟାଳୟ, ଅସ୍ଥାୟୀ ଡିଆରଏମ କାର୍ଯ୍ୟାଳୟ ଏବଂ ନୂତନ ଡିଆରଏମ କୋଠା ନିର୍ମାଣ ସମେତ ବିଭିନ୍ନ ଚାଲୁଥିବା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେ ରେଳ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ରାୟଗଡା-ସିଙ୍ଗାପୁର ରୋଡ-ଥେରୁବାଲି ସେକ୍ସନରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ।

# ମ୍ୟାଲେରିଆରେ ସିଆର୍‌ପିଏଫ ଯବାନଙ୍କ ମୃତ୍ୟୁ

ରାୟଗଡ଼ା,୧୯।୩(ସମିସ): ମ୍ୟାଲେରିଆ ପ୍ରବଣ ରାୟଗଡ଼ା ଜିଲ୍ଲାରେ ମ୍ୟାଲେରିଆ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି ଜଣେ ସିଆରପିଏଫ ଯବାନ୍। ମୃତ ଯବାନ ଜଣକ ହେଲେ ରାୟଗଡ଼ା ସ୍ଥିତ ସିଆରପିଏଫ୍ ଚତୁର୍ଥ ବାଟାଲିୟନର ପି. ଭୁବନେଶ୍ୱରନ୍(୫୮)। ତାଙ୍କ ଘର ତାମିଲନାଡୁ ରାଜ୍ୟ କୋଏମ୍ବାଟୁର ଜିଲ୍ଲା ଭାଲାଇଓର ଠାରେ। ଗୁରୁବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁବରଣ ଘଟିଛି। ମିଳିଥିବା ସୂଚନା ପ୍ରକାରେ, ଗତ କିଛି ଦିନ ହେବ ଭୁବନେଶ୍ୱରନ୍ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ସେ ସୁସ୍ଥ ଅନୁଭବ କରୁଥିଲେ । ତେବେ ବୁଧବାର ସ୍ୱାସ୍ଥ୍ୟାବସ୍ଥା ଅତ୍ୟଧିକ ବିଗିଡ଼ିବାରୁ ଗୁରୁବାର ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ ଭୁବନେଶ୍ୱରନ୍। ଯବାନଙ୍କ ମୃତ୍ୟୁ ପରେ ସିଆରପିଏଫ ଚତୁର୍ଥ ବାଟାଲିୟନ ରାୟଗଡ଼ା ସ୍ଥିତ ମୁଖ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଭୁବନେଶ୍ୱରନ ମୁନିଗୁଡା ବ୍ଲକ ଡିମିରିଗୁଡ଼ା ସିଆରପିଏଫ କ୍ୟାମ୍ପ ଅଞ୍ଚଳରେ କାର୍ଯ୍ୟରତ ଥିଲେ। ଯବାନଙ୍କ ବିୟୋଗକୁ ନେଇ ରାୟଗଡା ସିଆରପିଏଫ ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ, ଡେପୁଟି କମାଣ୍ଡାଣ୍ଟଙ୍କ ସମେତ ସମସ୍ତ ଯବାନ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ

କୋଷାଗୁମୁଡ଼ା,୧୯।୩(ସମିସ): କୋଡ଼ିଙ୍ଗା ଥାନା ଅନ୍ତର୍ଗତ କୋଣ୍ଡାପୁରୀ ଗ୍ରାମର ବିଦ୍ୟା ହରିଜନ ଦାଡିଆମାଝୀ ଗୁଡା ନିକଟରେ ଏକ ଠିଆ ହୋଇଥିବା ପିକୋପ ଭ୍ୟାନକୁ ସାମ୍ନା ପଟରୁ ବାଡେଇ ହୋଇ ଗୁରୁତର ଅବସ୍ଥାରେ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରାତ୍ର ୮ଟା୪୫ରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ଅବସ୍ଥାରେ ଯୁବକର ମୃତ୍ୟୁ ହୋଇଛି।

# ରାୟଗଡ଼ା ଉତ୍କଳ ତେଲୁଗୁ ସମସ୍ୟାର ଉଗାଦି ଉତ୍ସବ






ରାୟଗଡ଼ା,୧୯।୩ (ସମିସ ): ରାୟଗଡା ସହର ଉପକଣ୍ଠ ଖଲିଗୁଡା ନିକଟସ୍ଥ ପଡିଆରେ ଉତ୍କଳ ତେଲୁଗୁ ସମକ୍ଷ୍ୟା ରାୟଗଡା ଉଗାଦୀ କମିଟି ପକ୍ଷରୁ ଆଜିଠୁ ଦୁଇ ଦିନ ଧରି ଉଗାଦି ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଉତ୍ସବ କମିଟିର ଅଧ୍ୟକ୍ଷ ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ)ଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଛି। ତେଲୁଗୁ ନବ ବର୍ଷ ପାଳନ ଅବସରରେ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଆଜି ଶ୍ରୀ କ୍ରୋଧିନାମ ସମଭତାଶରମ୍ କାର୍ଯ୍ୟକ୍ରମ ସହ ପଂଚାଙ୍ଗ ଶ୍ରବଣମ, ଉଗାଦୀ ଆଚାର ବଣ୍ଟନ, ଗୀତା ପାରାୟଣମ୍, କବି ସମ୍ମିଳନୀ ଏବଂ କବିତା ଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ଆଜି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶରୁ ଆସିଥିବା ପ୍ରଖ୍ୟାତ କଣ୍ଠଶିଳୀ ସଙ୍ଗୀତ ପରିବେଷଣ କରିଥିଲେ। ଟଲିଉଡ ହିରୋଇନ ବୈଷ୍ଣବୀ ଚୈତନ୍ୟା, ସାଇ ପ୍ରବୀଣ ବ୍ୟାଣ୍ଡ, କଣ୍ଠଶିଳ୍ପୀ ସ୍ୱାରାଗ କୀର୍ତନ, ସଦାମ ଟ୍ରୁପ, ତନୁଶ୍ରୀ, ଶାହିଦ, ଲିପିକା ପ୍ରମୁଖ ଦୁଇ ଦିନ ଧରି ସଙ୍ଗୀତ ଏବଂ ନୃତ୍ୟ ପିରବେଷଣ କରିଥିଲେ। ଉଗାଦି ମହୋତ୍ସବ କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମ ହେବାର ଦୃଷ୍ଟିରେ ରଖି ଉଗାଦି କମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଛି । ୧୦ ହଜାରରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ଉଗାଦି କମିଟିର ଆବାହକ ୟାଲା ଭେଙ୍କେଟେଶ୍ୱର ରାଓ ପ୍ରକାଶ କରିଛନ୍ତି। ଆଜି ଅପରାହ୍ନରେ ରାୟଗଡର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣୀଙ୍କ ଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିରାଟ ପଟୁଆରରେ ଉଗାଦି ମହୋତ୍ସବର କଳସ ଯାତ୍ରା ଖଲିଗୁଡା ସ୍ଥିତ ଉଗାଦି ପଡିଆ ଅଭିମୁଖେ ବାହାରିଥିଲା। ପୂଜାର୍ଚ୍ଚନା ସମୟରେ ଉଗାଦି ମହୋତ୍ସବର ଆବାହକ ୟାଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡା ବାବୁ), ରାୟଗଡା ଜିଲ୍ଲା ବିଜେପି ପ୍ରଭାରୀ ତଥା ରାଜ୍ୟ ଉପ-ସଭାପତି କୋଦୁରୁ ନାରାୟଣ ରାଓ, ଜିଲ୍ଲା ବିଜେପି ସଭାପତି ଗୋପି ଆନନ୍ଦ,କାଶି ନାଇଡୁ, ଧନପତି ପୁଥୀ, ମଣିର, ପ୍ରମୁଖେ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ଲୋକକଳା ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ଉଗାଦି ପ୍ରଥମ ଦିନ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ରାଜ୍ୟ ଉପ-ସଭାପତି ତଥା ଜିଲ୍ଲା ପ୍ରଭାରୀ କଦୁରୁ ନାରାୟଣ ରାଓ ପ୍ରମୁଖ ଯୋଗ ଦେଇଥିଲେ ।

# ପାତ୍ରୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାପଡ଼ାହାଣ୍ଡି,୧୯।୩(ସମିସ): ପାପଡ଼ାହାଣ୍ଡି ବ୍ଲକ୍ ପାତ୍ରୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତସ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷା ହେମଲତା ମଝି , ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପାତ୍ରୀ ସରପଞ୍ଚ ଭଗବତୀ ଭତରା ଯୋଗ ଦେଇଥିବା ବେଳେ ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ବିଧାୟକ ପ୍ରତିନିଧି ରଜନୀକାନ୍ତ ସସମାଲ, ପୂର୍ବତନ ପୋଣ୍ଡିକୋଟ ସରପଞ୍ଚ ଶିବପ୍ରସାଦ ଅଗ୍ରୱାଲ, ମୁଖ୍ୟ ବକ୍ତା ଭାବେ ପାଲକା ରବୀନ୍ଦ୍ର , ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ , ନିବେଦିତା ବିଶ୍ୱାଳ , ଜିଲ୍ଲା ମଙ୍ଗଳ ଅଧିକାରୀ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବବ୍ର ବ୍ରତ ପରିଡ଼ା, ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ଜଟାବାଳଆଶ୍ରମ ବିଦ୍ୟାଳୟ ପ୍ରାଧନ ଶିକ୍ଷକ ଚନ୍ଦ୍ର ପ୍ରଭାକର ପୂଜାରୀ, ଲାଇବାନପଦର ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷେମା ଗରଡା, ମାନିଗା ଏସ ଏସ ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷିକେଶ ମିଶ୍ର , ଭାଟିକୋଟ ପ୍ରଧାନ ଶିକ୍ଷୟତ୍ରୀ ତପସ୍ୱିନୀ ମହାନ୍ତି , ବିଶ୍ୱଜିତ ମହାରଣା, ଜଳି ମହାପାତ୍ର , ସୁନୀଲ କୁମାର ପାଢ଼ୀ, ଏସ ଏମ ସି ସଭାପତି ବୈଦନାଥ ମଝି ପ୍ରମୁଖ ମଞ୍ଚାସିନ ହୋଇଥିଲେ। ପ୍ରଧାନଶିକ୍ଷକ ସନ୍ତସ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ଭଲ ପାଠ ପଢ଼ିବା ସହ ଖେଳକୁଦରେ ନିଜ ବିଦ୍ୟାଳୟ ସହ ଜିଲ୍ଲାର ନାମ ରଖିବାକୁ କହିଥିଲେ । ଏହା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀମନ୍ତ କୁମାର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରଂଜିତା ବେହେରା , ବିଶ୍ୱ ରଞ୍ଜନ ପାଣି , ଅର୍ଣ୍ଣ ପୂର୍ଣ୍ଣା ସେଠି , ହିମାଂଶୁ ଶେଖର ସରି, କ୍ରିଷ୍ଣା ପ୍ରିୟା ନାୟକ ପ୍ରମୁଖ ସହଯୋଗ କରିଥିଲେ।

ଏକାଦଶାହ ଶ୍ରଦ୍ଧାଞ୍ଜଳି



ଂ ପଦ୍ମନାଭ ଖାଡଙ୍ଗା
ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲୁ, ଅଭିଜିତ, ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ
ସା- କୋକୋସିଂହ, ପୋ - କୁଞ୍ଝରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୭, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ

# ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି



କେନ୍ଦୁଝର, ୧୯।୩(ସମିସ): ଆଗାମୀ ଏପ୍ରିଲ ଓ ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଜରୁରିକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ନିଷ୍ପତ୍ତି ମୁତାବକ, ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖରାରେ ଚଳପ୍ରଚଳ ଓ ଶ୍ରମିକ କାର୍ଯ୍ୟ ବନ୍ଦ ରହିବ। ମଧ୍ୟାହ୍ନ ସମୟରେ ବିଦ୍ୟୁତ କାଟ୍ ନିଷେଧ କରାଯାଇଛି। ଜିଲ୍ଲାରେ ୨୪/୭ ନିୟନ୍ତ୍ରଣ କକ୍ଷଖୋଲା ଯିବାକୁ ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ ଜିଲ୍ଲାରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରଥମ ଦାୟିତ୍ୱ। ଏଥିପାଇଁ ସକାଳ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୌଣସି ପରିବହନ ସେବା କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଜାରି ରହିବ ନାହିଁ। ଯାତ୍ରୀବାହୀ ବସଗୁଡ଼ିକରେ ଡ୍ରାଇଭର ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ଓ ଜଳ ସଂରକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲରେ ପିଲାଙ୍କ ସୁରକ୍ଷା ପାଇଁ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବନ୍ଦ ରହିଥିବା ବିଶ୍ରାମାଗାର ଖୋଲିବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଅଚଳ ନଳକୂପ ଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍ ଲାଇନ ଲିକ୍‌କୁ ୨୪ ଘଣ୍ଟା ମଧ୍ୟରେ ଠିକ୍ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ମଧ୍ୟରେ ପାଣିର ବ୍ୟବସ୍ଥା କରିବାକୁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଅଂଶୁଘାତ ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ବେଡ୍, ଏସି ଓ କୁଲର ସୁବିଧା ସହ ଜୀବନ ରକ୍ଷାକାରୀ ଔଷଧ ଓ ଓଆରଏସ ପ୍ୟାକେଟ୍ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରକୁମାର ପ୍ରଧାନ, ଡିଏଫଓ ଏଚଡି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ କେନ୍ଦୁଝର ଉମାକାନ୍ତ ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରସୂତିଙ୍କ ମୃତ୍ୟୁନେଇ ହସ୍ପିଟାଲରେ ଉତ୍ତେଜନା

ବାରିପଦା, ୧୯ ।୩(ସମିସ):





**➤ ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାର**
**➤ ଡାକ୍ତରଙ୍କ ବିରୋଧରେ ଥାନାରେ ଅଭିଯୋଗ**

ପିଆରଏମ ହସ୍ପିଟାଲରେ ପୁଣି ଚିକିତ୍ସା ଅବହେଳା ପାଇଁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି। ଯାହାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। କୁଳିଅଣା ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ବୁଗାଇ ହାଁସଦାଙ୍କ ପତ୍ନୀ ବାଲ୍ଲିଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦାସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପିଲା ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଥିଲା। ଏହାସହିତ ଜନ୍ମସ୍ଥ ଶିଶୁ ପିଠିରେ କ୍ଷତ ଥିବା ବେଳେ ଗୁରୁତର ରହିଛି। ଅପରେସନ ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ଅବହେଳା ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବାର ପରିବାର ଲୋକେ ଅଭିଯୋଗ କରିଥିଲେ। ଚିକିତ୍ସା ଅବହେଳା ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଶିଶୁ ଗୁରୁତର ହୋଇ ଏସଏନସିୟୁରେ ଚିକିତ୍ସିତ ହେଉଛି। ଡାକ୍ତରଙ୍କ ଅବହେଳା ନେଇ ତାଙ୍କ ବିରୁଦ୍ଧରେ ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ଅଧୀକ୍ଷକଙ୍କୁ ଅଭିଯୋଗ ଜଣାଇଛନ୍ତି। ଚିକିତ୍ସା ଅବହେଳା ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ପରିବାର ଲୋକେ ଅଡ଼ି ବସିଛନ୍ତି। ତେବେ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାସୁଝା କରିଛନ୍ତି।

# ବାଇକ୍ ଚୋରି ଗ୍ୟାଙ୍ଗ ଠାବ; ୨ ଗିରଫ

ଆନନ୍ଦପୁର, ୧୯।୩ (ସମିସ): ଆନନ୍ଦପୁର ପୁଲିସ ଏସଡିପିଓ କମଳକୁମାର ପଣ୍ଡାଙ୍କ ନେତୃତ୍ୱରେ ପୁଲିସ ଆଜି ଏକ ବାଇକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଗ୍ୟାଙ୍ଗର ୨ ମୁଖ୍ୟ ଲୁଟେରାଙ୍କୁ କାବୁ କରିବା ସହିତ ତିନିଟି ବାଇକ ଜବତ କରିଛି। ଅଭିଯୁକ୍ତ ଜଣକ ହତିଶୀଳା ଗାଁର ଦୀପକ ରାଉତ ବାଇକକୁ ଚୋରି କରିବା ପରେ ପଥରପଦା ଗାଁର ପାପୁନ ପେରେଇ ନାମକ ଯୁବକକୁ ବିକ୍ରି କରିଥିଲା।



ଉଭୟଙ୍କୁ ପୁଲିସ ଗିରଫ କରି ପଚରାଉଚରା କରିବା ପରେ ମୁଖ୍ୟ ଅଭିଯୁକ୍ତ ଅନେକ ବାଇକ ଚୋରିରେ ସମ୍ପୃକ୍ତି ଥିବା ଜାଣିବାକୁ ପାଇଛି। ଏହି ଘଟଣା ରେ ଅନ୍ୟ ୪ ଜଣ ସାମିଲ ଥିବା ବେଳେ ପୁଲିସ ସେମାନଙ୍କୁ ଖୋଜିବାରେ ଲାଗିଛି। ସୂଚନା ଅନୁସାରେ, ବିଶେଷ ଭାବେ ଟି-ସାର୍ଟ ଧରାଇଦେଲା ବାଇକ ଚୋରଙ୍କୁ। ଫିଲ୍ମ ଷ୍ଟାଇଲରେ ଏକ ଟି-ସାର୍ଟ ବ୍ୟବହାର କରି ଅତି ଚତୁରତାର ସହିତ ଗୋଟିଏ ପରେ ଗୋଟିଏ ବାଇକ ଚୋରି କରି ଅନ୍ୟକୁ ବିକ୍ରି କରିବା ପରେ ଘସିପୁରା ଥାନା ଶୈଳଙ୍ଗ ଛକରେ ଘଟିଥିବା ଏକ ବାଇକ ଚୋରି ଘଟଣାର ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁକରି ତଦନ୍ତ କରିବା ପରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ସମ୍ପୃକ୍ତ ଚୋର ବ୍ୟବହାର କରୁଥିବା ଏକ ଟି-ସାର୍ଟକୁ ଆଧାର କରି ପୁଲିସ ତାକୁ ଧରିବାରେ ସଫଳ ହୋଇଛି।

# ନାରଦପୁର ଓଭରବ୍ରିଜ୍ ଷ୍ଟ୍ରିଟ୍‌ଲାଇଟ୍ ଅଚଳ

**■ ମାସେହେବ ଅନ୍ଧାରରେ**



ନାରଦପୁର,୧୯।୩(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଓଭରବ୍ରିଜ୍ ଷ୍ଟ୍ରିଟଲାଇଟ୍ ଅଚଳ ହୋଇପଡ଼ିଛି। ଏହାକୁ ମରାମତି କରିବା ପାଇଁ ବିଭାଗୀୟଙ୍କ ଦୃଷ୍ଟି ପଡୁ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ଧାରରେ ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ୫୨୦ ନଂ ଜାତୀୟ ରାଜପଥ ଉକ୍ତ ଓଭରବ୍ରିଜ୍ ଷ୍ଟ୍ରିଟ ଲାଇଟ୍ ଆଜକୁ ପ୍ରାୟ ମାସେ ହେବ ଜଳୁନାହିଁ। ରାତିସାରା ଅନ୍ଧାର ରହୁଛି। ଫଳରେ ସଂଧ୍ୟା ହେଲେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବ୍ୟାଙ୍କ, ଉଚ୍ଚବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ପଞ୍ଚାୟତ, ଜନସେବା କେନ୍ଦ୍ର ରହିଥିବାରୁ ଦୈନିକ ବଳଭଦ୍ରପୁର, ଦ୍ୱିତୀୟ ଧନୁର୍ଜୟପୁର, ଆଙ୍ଗୁଳିଆ, ଜଗନ୍ନାଥପୁର, ମନୋହରପୁର, ସରାସପଶି, ବାସୁଦେବପୁର, ସୁନାପଶି ଗ୍ରାମର ଲୋକେବିଭିନ୍ନକାମରେନିର୍ଭରକରନ୍ତି।ଏଥିପ୍ରତିଜାତୀୟରାଜପଥବିଭାଗତୁରନ୍ତଦୃଷ୍ଟିଦେବାକୁ ନାରଦପୁର ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ ଦାବି ଜଣାଇଛନ୍ତି।

# ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଟିମ୍‌ରେ ଯଜ୍ଞପ୍ରସାଦ

ଆନନ୍ଦପୁର,୧୯।୩(ସମିସ):ଯୁବନେତାଯଜ୍ଞପ୍ରସାଦସାହୁଙ୍କଉପରେରାଜ୍ୟବିଜେପିପୁନର୍ବାରଆସ୍ଥା ପ୍ରକଟ କରିଛି। ଏନେଇ ରାଜ୍ୟ ଯୁବମୋର୍ଚ୍ଚାରେ କେନ୍ଦୁଝର ଜିଲ୍ଲାକୁ ଏକମାତ୍ର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। ଘଷିପୁରା ଅଞ୍ଚଳର ଯଜ୍ଞପ୍ରସାଦଙ୍କୁ ରାଜ୍ୟ ଯୁବମୋର୍ଚ୍ଚା ପକ୍ଷରୁ ଗଣମାଧ୍ୟମ ଆବାହକ ଭାବେ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ନୂତନ ଦାୟିତ୍ୱ ଘୋଷଣା ହେବା ପରେ ଶ୍ରୀ ସାହୁ ଦଳର ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତାଜ୍ଞାପନକରିଛନ୍ତି। ପୂର୍ବରୁମଧ୍ୟଯଜ୍ଞପ୍ରସାଦଦୁଇପୂର୍ବତନଯୁବମୋର୍ଚ୍ଚା ସଭାପତିଙ୍କ ନେତୃତ୍ୱରେ ରାଜ୍ୟ କମିଟିରେ ସ୍ଥାନ ପାଇଥିଲେ। ନୂତନ ଦାୟିତ୍ୱ ଘୋଷଣା ହେବା ପରେ ଶ୍ରୀ ସାହୁଙ୍କୁ ଦଳମତ ନିର୍ବିଶେଷରେ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଯଜ୍ଞପ୍ରସାଦ ପୂର୍ବରୁ ରାଜ୍ୟର ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାରେ ଦାୟିତ୍ୱ ନିର୍ବାହ କରିଛନ୍ତି। ଶ୍ରୀ ସାହୁ ବର୍ତ୍ତମାନ ପଶ୍ଚିମବଙ୍ଗ ନିର୍ବାଚନରେ ଦଳ ପକ୍ଷରୁ ଗଡବେତା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର ଦାୟିତ ନେଇଛନ୍ତି।



# ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ



ଆନନ୍ଦପୁର, ୧୯।୩ (ସମିସ): ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ପବିତ୍ର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଏହି ଅବସରରେ ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା ଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନଆଚାର୍ଯ୍ୟା ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଦିବସର ମହତ୍ତ୍ୱ ଓ ମାହାତ୍ମ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଉପସଭାପତି ଜଗନ୍ନାଥ ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୁରୁଜୀ ପଙ୍କଜ କୁମାର ମହାନ୍ତି ମୁଖ୍ୟ ଶିକ୍ଷକ ଦାୟିତ୍ୱ ନିର୍ବାହ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହେମନ୍ତ କୁମାର ସାହୁ ଗୈରିକ ଧ୍ୱଜ ଲଗାଇବା ସହ ସଂଘ ପ୍ରାର୍ଥନା ଗାନ କରିଥଲେ। ଗୁରୁଜୀ ହରେକୃଷ୍ଣ ପତି ଓ ବସନ୍ତ କୁମାର ସାହୁ ହିନ୍ଦୁ ନବ ବର୍ଷ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁମା ଅହଲ୍ୟା ମିଶ୍ର ବ୍ୟକ୍ତିଗତ ଗୀତ ଗାନ କରିଥଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଚମ୍ପୁଆ:** ସେହିପରି ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରାତଃ ସମୟରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଏନ୍‌ସିସି ଅଫିସର ବସନ୍ତ କୁମାର ମହାନ୍ତ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଓ ବରିଷ୍ଠ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନଗର ପରିକ୍ରମା କରାଯାଇଥିଲା। ସେହିଭଳି ଅପରାହ୍ନରେ ଚମ୍ପୁଆ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ହିନ୍ଦୁ ନବବର୍ଷ ତଥା ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ଚମ୍ପୁଆ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱୟଂ ସେବକଙ୍କ ଦ୍ୱାରା ନଗରରେ ପଥ ସଂଚାଳନ କରାଯାଇଥିଲା। ସଭାକାର୍ଯ୍ୟରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ନଗରର ବ୍ୟବସାୟୀ ଭୀମସେନ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କେନ୍ଦୁଝର ଜିଲ୍ଲା ସହ ଜିଲ୍ଲା ଶାରୀରିକ ପ୍ରମୁଖ ମଳୟ କୁମାର ଖଣ୍ଡା ଯୋଗ ଦେଇଥିଲେ। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡ କାର୍ଯ୍ୟବାହ ଦୁଷ୍ମନ୍ତ ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଚମ୍ପୁଆ ନଗରର ଲୋକଙ୍କୁ ନେଇ ଏକ ବନ୍ଧୁ ମିଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱୟଂ ସେବକ ଯୋଗ ଦେଇଥିଲେ।



# ଆନନ୍ଦ ରାମ ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ନୂତନ ଯୁବ ମୋର୍ଚ୍ଚା ସଭାପତି

ବିଶୋଇ,୧୯।୩ (ସମିସ): ବିଜେପି ଯୁବ ମୋର୍ଚ୍ଚାର ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବରେ ଆନନ୍ଦ କୁମାର ରାମଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ଅନୁମୋଦନକ୍ରମେ ଶ୍ରୀ ରାମଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ନବନିଯୁକ୍ତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଜି ବିଶୋଇ ବ୍ଲକ ବିଜେପି ପକ୍ଷରୁ ବିଶୋଇଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଝୁରିଲାଲ ମହାନ୍ତ, ବିଶୋଇ ମଣ୍ଡଳ ସଭାପତି ବନମାଳି ଗିରି, ମଣଦା ମଣ୍ଡଳ ସଭାପତି ପ୍ରଭାତ ରଞ୍ଜନ ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ ସମେତ ବ୍ଲକର ବହୁ ଦଳୀୟ କର୍ମୀ ପୁଷ୍ପଗୁଚ୍ଛ ପ୍ରଦାନ କରି ଆନନ୍ଦ ରାମଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପରସ୍ପର ମିଠା ଖୁଆଇ ଉତ୍ସବ ମନାଇଥିଲେ। ସୂଚନାଯୋଗ୍ୟ କି, ଆନନ୍ଦ କୁମାର ରାମ ପୂର୍ବରୁ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚାର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଦାୟିତ୍ୱ ତୁଲାଇ ଦଳରେ ଜଣେ ସକ୍ରିୟ କର୍ମୀ ହୋଇ ଦଳର ମଙ୍ଗ ଧରିଥିଲେ। ଜଣେ ଦକ୍ଷ କର୍ମୀଙ୍କୁ ଜିଲ୍ଲାର ଯୁବ ମୋର୍ଚ୍ଚା ସଭାପତି ଭାବରେ ନିଯୁକ୍ତି ଦେଇଥିବାରୁ ଜିଲ୍ଲା କର୍ମୀଙ୍କ ଗହଣରେ ଖୁସିର ମାହଲ ଖେଳିଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ରଞ୍ଜନ କବାଟ, ଚୈତନ୍ୟ ନାଏକ, ଶଙ୍କର ବେହେରା, ଶଙ୍କରଜିତ ପାତ୍ର, ସଚ୍ଚିଦାନନ୍ଦ ଗିରି, ସତ୍ୟଭାମା ଦେଓ, ଦୀପ୍ତିମୟୀ ରାଜ, ଦୁର୍ଗାଚରଣ ପାଟବନ୍ଧା, ବିମ୍ବାଧର ଧୀର, ଶିବାଶିଷ ବେହେରା, ଆଦିତ୍ୟ ଧଳ, ଶୋଷଧର ଗିରି ସମେତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।



# ଯୋଡ଼ା ପୁଲିସ ପକ୍ଷରୁ ଶାନ୍ତି କମିଟି ବୈଠକ



ଯୋଡ଼ା, ୧୯।୩(ସମିସ):

କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା କାଉନସିଲ ହଲ୍‌ଠାରେ ସନ୍ଧ୍ୟା ୭ଟା ସମୟରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗକୁ ଇଦ୍ ଓ ରାମନବମୀ ପର୍ବ ଥିବା ବେଳେ ସହରରେ ଶାନ୍ତିଶୃଙ୍ଖଳା ରଖି ଉଭୟ ପର୍ବକୁ ପାଳନ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ କିପରି ଉକ୍ତ ପର୍ବଗୁଡିକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଭାଇଚାରା ବଜାୟ ରଖି ପାଳନ କରାଯାଇ ପାରିବା ସହ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମାନି ଏହି ଶାନ୍ତି କମିଟି ବୈଠକରେ ଆଲୋଚନା ହୋଇଥିଲା। ଯୋଡ଼ା ସହର ଏକ ଭାଇ ଚାରାର ସହର ଓ ଏହାର ଚତୁପାର୍ଶ୍ୱ ଖଣିଜ ସମ୍ପଦରେ ଅଞ୍ଚଳ ହୋଇଥିବାରୁ ଏଠାକାର ସ୍ଥାୟୀ ବାସିନ୍ଦାଙ୍କ ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସି ରହିଛନ୍ତି। ଏଠାରେ ସବୁ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ସମସ୍ତ ପର୍ବ ପର୍ବାଣୀକୁ ଅତି ହର୍ଷ ଉଲ୍ଲାସ ସହକାରେ ପାଳନ କରାଯାଉଥିବା ଦେଖିବାକୁ ମିଳେ। ପୂର୍ବପରି ଶାନ୍ତିଶୃଙ୍ଖଳା ବଜାୟରଖି କିପରି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଭାଇଚାରାର ସହ ଏହି ପର୍ବଗୁଡିକ ପାଳନ କରାଯିବ ତାକୁ ନେଇ ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ନେଇ ଏହି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବଡ଼ବିଲ ଥାନାଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ଉପସ୍ଥିତ ସମସ୍ତ ବର୍ଗର ଲୋକେ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବା ନିମନ୍ତେ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ରାମ ନବମୀ ପାଇଁ ଝଣ୍ଡା ନେବାର ରାସ୍ତା ବିଷୟରେ ଉଭୟ ପକ୍ଷରୁ ମତାମତ ନିଆ ଯାଇଥିଲା। କିଛି ବର୍ଷ ପୂର୍ବରୁ ରାମନବମୀ ଉତ୍ସବରେ ଏକ ବଡ଼ଧରଣର ଝାମେଲା ହୋଇ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଆଗକୁ ଏହାର ପୁନରାବୃତ୍ତି ନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଉଭୟ ଗୋଷ୍ଠୀର ନେତୃ ସ୍ଥାନୀୟ ଲୋକ, ବୁଦ୍ଧିଜୀବୀଙ୍କ ସହିତ ବଡ଼ବିଲ ଏସ୍‌ଡ଼ିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନାର ଭାରପ୍ରାପ୍ତଅଧିକାରୀ ପ୍ରଶାନ୍ତକୁମାର ସାମଲ, ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ, ଯୋଡ଼ା ବିଡ଼ିଓ ଡେନିସ ବେହେରା ଉପସ୍ଥିତ ଥିଲେ।

# ଖଣି ବିଭାଗ ଚଢ଼ଉ ପରେ ବାଲି ଘାଟ ବନ୍ଦ

ଆନନ୍ଦପୁର, ୧୯।୩ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତରେ ଥିବା ବୈତରଣୀ ନଦୀର ତମ୍ପୋ ବାଲି ଘାଟ ଏବେ ବନ୍ଦ ରହିଛି। ରାତିଅଧିଆ ଖଣି ବିଭାଗର ଅଚାନକ ଚଢ଼ଉ ପରେ ତିନି ଦିନ ଧରି ବାଲି ଘାଟ ଠପ୍ ପଡ଼ିଛି। ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠୁଛି, ଯଦି ବାଲି ଘାଟ ନିୟମିତ ଭାବେ ନିଲାମ ହୋଇଥିଲା, ତେବେ ହଠାତ୍ କାହିଁକି ଚଢ଼ଉ ହେଲା ? କାହା ଗୁପ୍ତ ବୁଝମଣାରେ ଚାଲୁଥିଲା ଏହି ବ୍ୟବସାୟ ? କାହାକୁ କେତେ ମାସିକିଆ ଦେଇ ଚାଲୁଥିଲା ବାଲି ଘାଟ? ବାଲି ଘାଟ ଚାଲିବାରେ କେଉଁ ରାଜନେତାର ରହିଛି ହାତ? କିଏ ସେ ପ୍ରଭାବଶାଳୀ ବ୍ୟକ୍ତି? ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସରକାରୀ ଜମିରୁ ମାଟି ଖୋଳି ବାଲି ଘାଟକୁ ରାସ୍ତା ତିଆରି କରାଯାଇଥିଲା। ଏହି ବିଷୟରେ ଘଷିପୁରା ତହସିଲ କର୍ତ୍ତୃପକ୍ଷଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଅନ୍ୟପକ୍ଷରେ, ନିୟମ ଉଲଂଘନ କରି ବାଲି ଉତ୍ତୋଳନ ହେଉଥିବା ମଧ୍ୟ ଅଭିଯୋଗ ଆସୁଛି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଚଢ଼ଉ ପରେ ଘାଟ ବନ୍ଦ ହେବାରୁ ସନ୍ଦେହ ଆହୁରି ବଢ଼ିଛି। ସରକାରଙ୍କ ନିୟମ ଅନୁଯାୟୀ ଯଦି ନିଲାମ ପ୍ରକ୍ରିୟା ସଠିକ୍ ଥିଲା, ତେବେ କାହିଁକି ଖଣି ବିଭାଗ ପକ୍ଷରୁ ଚଢ଼ାଉ ହେଲା ? ଯଦି ଅନିୟମିତତା ଥିଲା, ତେବେ ଏତେ ଦିନ ଧରି କାହିଁକି ଚାଲିଥିଲା ବାଲି ଉତ୍ତୋଳନ ? ଏହି ଘଟଣା ସଂପର୍କରେ ଜିଲ୍ଲା ଖଣି ବିଭାଗର ଅଧିକାରୀ ତାରିଣୀ ସିଂଙ୍କୁ ଫୋନରେ ଯୋଗା ଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନଥିଲେ। ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ନେବ ଦୃଢ଼ କାର୍ଯ୍ୟାନୁଷ୍ଠାନ।



# ୩୧୫ କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କେବେ?



**ବିଧାନସଭାରେ ପ୍ରଶ୍ନକଲେ ଆନନ୍ଦପୁର ବିଧାୟକ**


ଆନନ୍ଦପୁର, ୧୯।୩ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କେବେ ଶେଷହେବ ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଧାନସଭାରେ ପ୍ରଶ୍ନ କରି ଜବାବ ମାଗିବା ପରେ ନିର୍ମାଣକାରୀ ଠିକାସଂସ୍ଥା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ଜଣାଯାଇଛି। ପ୍ରାୟ ୩୧୫ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ ଦୀର୍ଘ ୭ ବର୍ଷ ବିତିବା ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା ନେଇ ଆନନ୍ଦପୁର ବିଧାୟକ ଶ୍ରୀ ସେଠୀ ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀଙ୍କୁ ପଚାରିଥିଲେ ଯେ ଏହି ପ୍ରକଳ୍ପ ଦୀର୍ଘ ସମୟଧରି ଅସମ୍ପୂର୍ଣ୍ଣ ରହିଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ? ଯଦି ସରକାର ସଚେତନ ଅଛନ୍ତି, ତେବେ କେବେ ସୁଦ୍ଧା ଏହାର କାର୍ଯ୍ୟ ସମାପ୍ତ ହେବ ଏବଂ ଲୋକମାନେ ପ୍ରକୃତରେ ପାନୀୟଜଳ ସୁବିଧା ପାଇପାରିବେ, ସେଥିପାଇଁ ସ୍ପଷ୍ଟ ସମୟସୀମା ଦେବାକୁ ଦାବି କରିଥିଲେ। ସେହିପରି, ପ୍ରକଳ୍ପ କାର୍ଯ୍ୟରେ ଠିକାଦାର କିମ୍ବା ସଂସ୍ଥା ପକ୍ଷରୁ ମନମାନି ଭାବେ କାମ ହେଉଥିବା ଓ ନିମ୍ନମାନର କାମ ହେଉଛି ବୋଲି ସାଧାରଣ ଲୋକଙ୍କ ଅଭିଯୋଗ ସତ୍ୟ କି ନାହିଁ, ସେଥିନେଇ ମଧ୍ୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନ ମାଧ୍ୟମରେ ଆନନ୍ଦପୁର ଅଞ୍ଚଳର ଦୀର୍ଘଦିନର ପାନୀୟଜଳ ସମସ୍ୟା ଓ ପ୍ରକଳ୍ପର ଧୀର ଗତି ପ୍ରସଙ୍ଗ ପୁନର୍ବାର ଚର୍ଚ୍ଚାରେ ଆସିଛି। ସ୍ଥାନୀୟ ଲୋକମାନେ ଶୀଘ୍ର ପ୍ରକଳ୍ପ ସମାପ୍ତ କରି ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରୁଛନ୍ତି। ଏହାର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି କି, ଏହି ପ୍ରକଳ୍ପ ଆଜି ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ କାରଣ ଡିପିଆର ପ୍ରସ୍ତୁତିରେ ପ୍ରଥମତଃ ଏହାର ଇନଟେକ ପଏଣ୍ଟ ହଦଗଡ଼ ଜଳ ଭଣ୍ଡାରରେ ହେବାପାଇଁ ସ୍ଥିର ହୋଇଥିବାବେଳେ ତାହା ଅଭୟାରଣ୍ୟ ମଧ୍ୟରେ ଆସୁଥିବାରୁ ବନ ବିଭାଗ ଦ୍ୱାରା ଅନୁମତି ପ୍ରଦାନରେ ବିଳମ୍ବ କରାହେଲା। ୨୦୨୩ ମସିହାରେ ସମ୍ପୂର୍ଣ୍ଣ ଭାବେ ମନାକରି ଦିଆଗଲା। ଏହାପରେ ନୂତନ ଭାବେ ବିଦ୍ୟାଧରପୁର ବ୍ୟାରେଜରେ ଇନଟେକ ପଏଣ୍ଟ କରିବା ପାଇଁ ଅନୁମତି ମିଳିବା ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୧୭୭ଟି ଗ୍ରାମକୁ ପୂର୍ଣ୍ଣାଙ୍ଗ ଜଳଯୋଗାଣ ହୋଇସାରିଥିବା ବେଳେ ଅବଶିଷ୍ଟ ୨୩ଟି ଗ୍ରାମକୁ ଆସନ୍ତା ଏପ୍ରିଲ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।

# ପୋଖରୀ ଉନ୍ନତୀକରଣ ପାଇଁ ଦାବି



କେନ୍ଦୁଝର, ୧୯।୩(ସମିସ): କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ବାଲିଆ ପୋଖରୀ ଉନ୍ନତିକରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସଫେଇ କାମ ହେଉ ନଥିବାରୁ ଚତୁପାର୍ଶ୍ୱରେ ଜବରଦଖଲ ବଢି ଚାଲିଥିବା ବେଳେ ଏହି ପୋଖରୀଟି ଅପରିଷ୍କାର ଓ ନର୍ଦ୍ଦମାରେ ପରିଣତ ହୋଇଛି। ଏହି ପୋଖରୀରେ ଲୋକ ବର୍ଜ୍ୟବସ୍ତୁ ପକାଉଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁନି। ଫଳରେ ଏହା ମଶା, ମାଛି, କୀଟପତଙ୍ଗଙ୍କ ବାସସ୍ଥଳୀ ପାଲଟିଛି। ଏହା ଅସୁରକ୍ଷିତ ଅବସ୍ଥାରେ ଥିବା ଯୋଗୁଁ ଛୋଟ ଛୋଟ ପିଲାମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହାଛଡ଼ା ଗାଈଗୋରୁମାନେ ମଧ୍ୟ ବିପଦରେ ପଡୁଛନ୍ତି। ଦୁଇ ଦିନ ତଳେ ଏକ ଗାଈ ପୋଖରୀରେ ପଡ଼ି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଗାଈଟିକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକ ପୋଖରୀଟିର ଗାର୍ଡୱାଲ ନିର୍ମାଣ ଓ ଏହାର ଉନ୍ନତିକରଣ ସହ ପୁନରୁଦ୍ଧାର ଦାବି କରିଛନ୍ତି।

ଏକାଦଶାହ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ଖାଡଙ୍ଗା
ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୭
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲ୍ଲୁ, ଅଭିଜିତ,ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ
ସା- କୋକୋସିଂହ, ପୋ - କୁଞ୍ଝରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୭, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ

# କଟକ ସିଟି



## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ଜୋର୍ ଧରିଲା 'ହକ୍'ର ଲଢ଼େଇ

କଟକ, ୧୯।୩(ସମିସ)




ଓଡ଼ିଶାର ଅନ୍ୟତମ ପୁରାତନ ତଥା ମର୍ଯ୍ୟାଦାଜନକ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ଦାବି ଏବେ ଏକ ଗଣଆନ୍ଦୋଳନର ରୂପ ନେଇଛି। ଆଜିକୁ ଦୀର୍ଘ ୫୮ ଦିନ ଧରି ଛାତ୍ରୀମାନେ ଧାରଣାରେ ବସିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିବାରୁ ଛାତ୍ରୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଛାତ୍ରୀମାନେ ନିଜର ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ସହର ସାରା 'ପୋଷ୍ଟର ଓ ପୋଷ୍ଟକାର୍ଡ' ଅଭିଯାନ ଆରମ୍ଭ କରିଛନ୍ତି।

ଆଜି ପୁରାତନ ଛାତ୍ରୀ ସଂଘର ନେତୃତ୍ୱରେ ଆନ୍ଦୋଳନରତ ଛାତ୍ରୀମାନେ କଲେଜ କ୍ୟାମ୍ପସ ସମେତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନର କାନ୍ଥରେ ପୋଷ୍ଟର ମାରି ସଚେତନତା ସୃଷ୍ଟି କରିଛନ୍ତି। 'ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ଆମର ଦାବି ନୁହେଁ, ବରଂ ଆମର ହକ୍' ବୋଲି ଉଲ୍ଲେଖ ଥିବା ଏହି ପୋଷ୍ଟରଗୁଡ଼ିକ ମାଧ୍ୟମରେ କଟକବାସୀଙ୍କୁ ଏହି ନ୍ୟାୟୋଚିତ ଲଢ଼େଇରେ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ସାମିଲ ହୋଇ ଛାତ୍ରୀଙ୍କୁ ସମର୍ଥନ ଜଣାଇଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଛାତ୍ରୀମାନଙ୍କ ପକ୍ଷରୁ ଏକ ଅଭିନବ ପୋଷ୍ଟକାର୍ଡ କ୍ୟାମ୍ପେନ କରାଯାଇଛି। ସୂଚନା ଅନୁଯାୟୀ, ପ୍ରାୟ ୫ ହଜାରରୁ ଅଧିକ ପୋଷ୍ଟକାର୍ଡ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି।

- ଛାତ୍ରୀଙ୍କ ଆନ୍ଦୋଳନକୁ ପୂରିଲା ୫୮ ଦିନ
- ମୁଖ୍ୟମନ୍ତ୍ରୀଙ୍କୁ ଗଲାଣି ୫ ହଜାର ପୋଷ୍ଟକାର୍ଡ
- କାନ୍ଥରେ ପୋଷ୍ଟର ଓ ପୋଷ୍ଟକାର୍ଡ ଅଭିଯାନ

ସରକାର ଶୀଘ୍ର ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରି ଐତିହାସିକ ଶୈଳବାଳା କଲେଜକୁ ଏକ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି। ଆଜିର ଏହି ଅଭିଯାନରେ ପୁରାତନ ଛାତ୍ରୀ ପ୍ରଫେସର ଗୋପା ଦାସ, ଉଷାରାଣୀ ଟୀଗା, ସୌଦାମିନୀ ଜେନା, ସ୍ନିଗ୍ଧା ରାୟ, ସୁଚିତ୍ରା ସେଠୀଙ୍କ ସମେତ ସାମ୍ପ୍ରତିକ ଛାତ୍ରୀ ମୌସୁମୀ ମହାନ୍ତ, ଇଶା ପ୍ରିୟଦର୍ଶିନୀ, ପ୍ରଭାତୀ ସେଠୀ, ଶୁଭସ୍ମିତା ଭୂତିଆ, ତୃପ୍ତିମୟୀ ନାୟକ, ସିମରନ ଶର୍ମା ଓ ସ୍ମୃତିଲେଖା ସାମଲ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିସହ ମଧୁସ୍ମୃତି ସୁରକ୍ଷା ମଞ୍ଚର ସନ୍ତୋଷ ମହାରଣା ଓ ବିନୋଦ ପଣ୍ଡା ମଧ୍ୟ ଯୋଗଦେଇ ଛାତ୍ରୀଙ୍କ ଏହି ୫୮ ଦିନର ସଂଘର୍ଷକୁ ପ୍ରଶଂସା କରିଥିଲେ। ଯଦି ଆଗାମୀ ଦିନରେ ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ଏହି ଆନ୍ଦୋଳନ ଆହୁରି ଉଗ୍ର ରୂପ ଧାରଣ କରିବ ବୋଲି ଛାତ୍ରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କାନପୁର ଯାତ୍ରା କମିଟି ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧନା



**କଟକ, ୧୯।୩(ସମିସ):** କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ କାନପୁର ନବଦୋଳ ମହୋତ୍ସବ କମିଟି ପାଳନ କରିଛି ତାର ୫୩ତମ ବାର୍ଷିକୋତ୍ସବ। ଏହି ପରିପ୍ରେକ୍ଷୀରେ ଯାତ୍ରା କମିଟି ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ଅପେରା ଶ୍ରୀମନ୍ଦିର ପକ୍ଷରୁ ୩ ଦିନ ଧରି ସମାଜ ସଂସ୍କାରଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିବା ଜଣାପଡ଼ିଛି। ଏଥିରେ ଉଚ୍ଚକୋଟୀର ଅଭିନୟ କରିଥିବା କଳାକାରଙ୍କୁ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଉପଢୌକନ ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଭାରତ ମସଲାର ବରିଷ୍ଠ ଅଧିକାରୀ ନବକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ କଳାକାରଙ୍କ ପ୍ରତିଭାର ଗୁଣଗାନ କରିଥଲେ। ବହୁଚର୍ଚ୍ଚିତ କଳାକାର, କାହ୍ନା, ଟିକି, ଅଜ୍ଜୁ, ଆପ୍ପୁ, ଜିନୁ, ରୋଜି ଓ ଅକ୍ଷୟ ପାତ୍ର ଭଳି କଳାକାରମାନେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଏଥିରେ ଯାତ୍ରା କମିଟିର ସଭାପତି ପ୍ରଫୁଲ୍ଲ ସାହୁ, ଉପସଭାପତି ଗଙ୍ଗାଧର ଦାସ, ସମ୍ପାଦକ ଧନେଶ୍ୱର ନାୟକ, କୋଷାଧ୍ୟକ୍ଷ ରଙ୍ଗାଧର ବେହେରା ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରସନ୍ନ ସାହୁ, ଅଜୟ ନାୟକ, ମୁନା ମହାନ୍ତି, ଅଜିତ ଲେଙ୍କା, ବାବୁଲି ସ୍ୱାଇଁ, ଗଗନ ମହାନ୍ତି, ଜୟନ୍ତ ବେହେରା, ଜୟଦତ୍ତ ମହାନ୍ତିଙ୍କ ସମେତ କମିଟିର ସଦସ୍ୟମାନେ ପରିଚାଳନା କରିଥଲେ।

## ସୋନୋଲୋଜିଷ୍ଟ ଡା. ପ୍ରଫୁଲ୍ଲଚନ୍ଦ୍ର ମହାନ୍ତିଙ୍କ ପରଲୋକ

**କଟକ, ୧୯।୩(ସମିସ):** ଓଡ଼ିଶାର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତଥା ବିଶିଷ୍ଟ ସୋନୋଲୋଜିଷ୍ଟ ଡା. ପ୍ରଫୁଲ୍ଲଚନ୍ଦ୍ର ମହାନ୍ତିଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ ୯ ମାର୍ଚ୍ଚ ୨୦୨୬ରେ ତାଙ୍କର ଦେହାନ୍ତ ହୋଇଥିବା ବେଳେ, ଆଜି ବିଭିନ୍ନ ମହଲରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୧୯୫୦ ମସିହା ଜୁଲାଇ ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ଡାକ୍ତର ମହାନ୍ତି ଓଡ଼ିଶା ତଥା ଭାରତରେ ସୋନୋଲୋଜି ବା ଅଲ୍ଟ୍ରାସାଉଣ୍ଡ ଚିକିତ୍ସା ପଦ୍ଧତିର ବିକାଶ କ୍ଷେତ୍ରରେ ଜଣେ ଅଗ୍ରଣୀ ପଥପ୍ରଦର୍ଶକ ଥିଲେ। ଯେତେବେଳେ ଏହି ଚିକିତ୍ସା ବିଜ୍ଞାନ ପ୍ରାରମ୍ଭ ଅବସ୍ଥାରେ ଥିଲା, ସେତେବେଳେ ସେ ଏହାର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଧୁନିକ ରୋଗ ନିର୍ଣ୍ଣୟ ପଦ୍ଧତିକୁ ସାଧାରଣ ଲୋକଙ୍କ ନିକଟତର କରିବା ସହ ଅଗଣିତ ନୂତନ ଚିକିତ୍ସକଙ୍କ

**ବିଭିନ୍ନ ମହଲରେ ଶୋକ**

ପାଇଁ ସେ ଜଣେ ମାର୍ଗଦର୍ଶକ ସାଜିଥିଲେ। ତାଙ୍କର ଅଟଳ ରୋଗୀ ସେବା, ସାଧୁତା ଏବଂ କରୁଣା ପାଇଁ ସେ ସମଗ୍ର ଚିକିତ୍ସା ସମାଜରେ ସ୍ମରଣୀୟ ହୋଇ ରହିବେ। ତାଙ୍କ ବିୟୋଗରେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ପରାମର୍ଶଦାତାଙ୍କୁ ହରାଇଥିବା ନେଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ଶୁଭେଚ୍ଛୁମାନେ ସ୍ମୃତିଚାରଣ କରିଛନ୍ତି।

## ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟୀକାକରଣ ସଚେତନତା




**କଟକ, ୧୯।୩(ସମିସ):** ମହିଳାମାନଙ୍କୁ ମାରାତ୍ମକ ଗର୍ଭାଶୟ କର୍କଟରୁ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଖ୍ୟାତନାମା ପର୍ବତାରୋହୀ ସମୀରା ଖାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଶାରୀରିକ ସୁସ୍ଥତା ଓ ମନୋବଳ ଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସିଟି ହସ୍ପିଟାଲର ଅତିରିକ୍ତ ନିର୍ଦ୍ଦେଶିକା ଡଃ ରଞ୍ଜନା ଭଣ୍ଡାରୀ ଗର୍ଭାଶୟ କର୍କଟର ଲକ୍ଷଣ ଓ ଏଚପିଭି ଟୀକାକରଣର ସୁଫଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଉପସ୍ଥିତ ଆଶା ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଏହି ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାଢ଼ୀ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷାକୁ ପ୍ରାଥମିକତା ଦେଇ ସମସ୍ତ ଅଭିଭାବକଙ୍କୁ ନିଜ ଘରର କିଶୋରୀ ଓ ମହିଳାଙ୍କୁ ଟୀକା ଦେବାକୁ ଆଗେଇ ଆସିବା ପାଇଁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଯେ, 'ୟୁ-ୱିନ' ପୋର୍ଟାଲରେ ପଞ୍ଜୀକରଣ ମାଧ୍ୟମରେ ୧୪ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତ ମହିଳା ସହଜରେ ଏହି ଟୀକା ନେଇପାରିବେ। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏକ ସାଇକଲ ରାଲି ମଧ୍ୟ ଆୟୋଜିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନାଙ୍କ ସମେତ ବହୁ ଅଙ୍ଗନବାଡ଼ି ଓ ଆଶା କର୍ମୀ ଉପସ୍ଥିତ ଥିଲେ।

## ୨୮୬ ଶ୍ରଦ୍ଧାଳୁଙ୍କୁ ଆଧ୍ୟାତ୍ମିକ ଅନୁଭୂତି

**କଟକ, ୧୯।୩(ସମିସ):** ଜଗନ୍ନାଥପ୍ରେମୀମାନଙ୍କୁ ଏକ ଭାବପୂର୍ଣ୍ଣ ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାର ଆଜି ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲାର ୧୪ଟି ଯାକ ବ୍ଲକରୁ ଚୟନ ହୋଇଥିବା ୨୮୬ ଜଣ ଶ୍ରଦ୍ଧାଳୁ ପୁରୀ ଅଭିମୁଖେ ଯାତ୍ରା କରି ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। କଟକ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ଙ୍ଗ ସୋଫିଆ ଫିରଦୋସ୍ ପତାକା ଦେଖାଇ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ୮ଟି ସ୍ୱତନ୍ତ୍ର ଏସି ବସ୍‌ର ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏବଂ ଜିଲ୍ଲା ପର୍ଯ୍ୟଟନ ବିଭାଗର ଉପନିର୍ଦ୍ଦେଶିକା ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ଅଧୀନରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ବିଶେଷକରି ବୃଦ୍ଧ, ବୃଦ୍ଧା ଓ ବିଧବା ମହିଳାମାନଙ୍କୁ ପ୍ରାଥମିକତା ଭିତ୍ତିରେ ସାମିଲ କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ଯାତାୟତ, ରହିବା, ଖାଦ୍ୟ ଏବଂ ମହାପ୍ରସାଦ ସେବନର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଯାତ୍ରୀମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବସ୍‌ରେ ଜଣେ ପାରାମେଡିକ କର୍ମଚାରୀ ଓ ଦୁଇଜଣ ଏସକର୍ଟଙ୍କୁ ନିୟୋଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ପୁରୀରେ ପହଞ୍ଚିବା ପରେ ସେମାନଙ୍କୁ ଶ୍ରୀମନ୍ଦିରରେ 'ଭିତର କାଠ' ଦର୍ଶନର ସୁଯୋଗ ମିଳିବା ସହ ମାଗଣାରେ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁମାନଙ୍କୁ ନିଜ ନିଜ ସ୍ଥାନରୁ ପୁରୀ ନେଇ ଦର୍ଶନ କରାଇବା ପରେ ପୁଣି ସୁରକ୍ଷିତ ଭାବେ ଘରେ ଛାଡ଼ିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିଲା।




**'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନା**

## ଜନଗଣନା ପାଇଁ ତାଲିମ ଆରମ୍ଭ

**କଟକ, ୧୯।୩(ସମିସ):** ୨୦୨୭ ଜନଗଣନାକୁ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଆଜି ନିଆଳି ଏବଂ କିଶନନଗର ତହସିଲରେ ୨୦୦ ଏନୁମରେଟରମାନଙ୍କ ତାଲିମ ଆରମ୍ଭ ହୋଇଛି। ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟକୁ ଘର ତାଲିକା ଏବଂ ଗୃହ ଗଣନା ଭାବରେ ନାମିତ କରାଯାଇଛି। ଏହି ତାଲିମ ତିନି ଦିନ ଧରି ଚାଲିବ। କଟକ ଜିଲ୍ଲାରେ ଏହି ଜନଗଣନାକୁ ସୁଗମ କରିବା ପାଇଁ ୬୬ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ମୋଟ ୪୩୩୩ ଜଣ ଏନୁମରେଟର ଏବଂ ୭୩୭ ଜଣ ସୁପରଭାଇଜରଙ୍କୁ ତାଲିମ ଦିଆଯିବ। ଆସନ୍ତା ୨୦ ଦିନ ମଧ୍ୟରେ ଜିଲ୍ଲାର ସମସ୍ତ ତହସିଲ, ଏନଏସି ଏବଂ ପୌରପାଳିକାରେ ବିଭିନ୍ନ ବ୍ୟାଚରେ ଏନୁମରେଟର ଓ ସୁପରଭାଇଜରଙ୍କୁ ତାଲିମ ପ୍ରଦାନ କରାଯିବ।

## ଇଦ୍ ପାଇଁ ସଜେଇ ହେଲାଣି ସହର







## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**କଟକ, ୧୯।୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଏବଂ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଆଜି 'ସ୍ୱାସ୍ଥ୍ୟ ସମାନତା ଓ ସୁସ୍ଥତା' ବିଷୟରେ ଏକ ସ୍ୱତନ୍ତ୍ର ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଶିବବ୍ରତ ଦାସଙ୍କ ସ୍ୱାଗତ ଭାଷଣ ସହ ଆରମ୍ଭ ହୋଇଥିବା ଏହି ସଭାରେ ଏନ୍‌ଏସ୍‌ଏସ୍ ସଂଯୋଜକ ଡଃ. ଯଯାତି ନାୟକ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସର ପ୍ରସିଦ୍ଧ ଚିକିତ୍ସକ ଡା. ପ୍ରିୟମାଧବ ବେହେରା ମୁଖ୍ୟ ବକ୍ତା ଭାବେ ସମସ୍ତଙ୍କ ପାଇଁ ସମାନ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ରୋଜୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାବେଶୀ ସ୍ୱାସ୍ଥ୍ୟ ସେବା ପ୍ରତି ସଚେତନତା ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇଛି।



## ମେଗା ସ୍ୱାସ୍ଥ୍ୟସେବା ଶିବିର



**କଟକ, ୧୯।୩(ସମିସ):** ରୋଟାରୀ କ୍ଲବ୍ ଅଫ୍ କଟକ ରାଡିଆନ୍ସ ଏବଂ ରାମକୃଷ୍ଣ କୁଟୀରର ମିଳିତ ଆନୁକୂଲ୍ୟରେ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀର ପରିସରରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ବନଲତା ପ୍ରଧାନ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭେଷଜ ବିଶେଷଜ୍ଞ ଡା. ଅଶୋକ ଜେନା, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସୁଧାଂଶୁବାଳା ଏବଂ ଦନ୍ତ ଚିକିତ୍ସକ ଡା. ନିଶତ ଯାଦବ ଯୋଗଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୨୦୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ସେମାନଙ୍କୁ ମାଗଣାରେ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଥିଲା। ଟେକ୍ନିସିଆନ ନିଶିକାନ୍ତ ଏହି ପ୍ରକ୍ରିୟାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ରୋଟାରୀ ରାଡିଆନ୍ସର ସଭାପତି ରୋଟାରିଆନ ବାଣୀ ନିର୍ମାଲ୍ୟ, ସମ୍ପାଦିକା ସାଗରିକା, ଉପଦେଷ୍ଟା ବିଦ୍ୟୁତ ଲାଲା ଏବଂ କୁଟୀରର ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଓ ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ପରିଚାଳନା କରିଥିଲେ। ରାମକୃଷ୍ଣ କୁଟୀରର ତତ୍ତ୍ୱାବଧାରକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଟକରେ ଜମିବ ବାସନ୍ତୀ ଦୁର୍ଗାପୂଜା

# ମାର୍ଚ୍ଚ ୨୪ରୁ ପୂଜା, ୨୮ ଓ ୨୯ରେ ଭସାଣି

କଟକ, ୧୯।୩(ସମିସ)



ଐତିହାସିକ କଟକ ସହରରେ ଚଳିତ ବର୍ଷ ବାସନ୍ତୀ ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ମଙ୍ଗଳାବାଗସ୍ଥିତ ମୋହନମଣ୍ଡପଠାରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂଜା ଓ ଭସାଣିର ସମୟସୂଚୀ ସ୍ଥିର କରାଯିବା ସହ ପ୍ରଶାସନିକ ସହଯୋଗ ପାଇଁ ଆଲୋଚନା ହୋଇଛି। ସାଧାରଣ ସମ୍ପାଦକ ଭିକାରୀ ଦାସଙ୍କ ପ୍ରସ୍ତାବ କ୍ରମେ ସର୍ବସମ୍ମତିରେ, ଆସନ୍ତା ମାର୍ଚ୍ଚ ୨୪ ତାରିଖ ମହାଷଷ୍ଠୀରୁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହେବ। ଏହାପରେ ମାର୍ଚ୍ଚ ୨୮ ଏବଂ ୨୯ ତାରିଖ ଦୁଇ ଦିନ ଧରି ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ସମୟରେ ଅର୍ଥାତ୍ ୨୫ ଓ ୨୬ ତାରିଖ ସନ୍ଧ୍ୟା ୭ଟାରୁ ଶାନ୍ତି କମିଟିର କର୍ମକର୍ତ୍ତାମାନେ ସହରର ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିବେ। ୨୪ ତାରିଖରେ ଦରଘାବଜାର, ସୂତାହାଟ, ମଙ୍ଗଳାବାଗ, ରାଣୀହାଟ, ଷ୍ଟେସନବଜାର ଓ ଶିଖରପୁର ଭଳି ଅଞ୍ଚଳ ପରିଦର୍ଶନ କରାଯିବାକୁ ଥିବା ବେଳେ ୨୫ ତାରିଖରେ ଚୌଧୁରୀବଜାର, ବଙ୍ଗାଳିସାହି, ତେଲେଙ୍ଗାବଜାର, ବାଲୁବଜାର, ଚାନ୍ଦିନୀଚୌକ ଓ ବିଡାନାସୀ ଆଦି ମଣ୍ଡପରେ ଏହି କାର୍ଯ୍ୟକ୍ରମ ସମାପ୍ତ ହେବ। ଚଳିତ ବର୍ଷ ବାସନ୍ତୀ ଦୁର୍ଗାପୂଜାକୁ ସଫଳ କରିବା ପାଇଁ ପୁଲିସ ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ଲୋଡ଼ାଯାଇଛି। ବିଶେଷ କରି କଟକ ମହାନଗର ନିଗମ ପକ୍ଷରୁ ଦେବୀଗଡ଼ା ରାସ୍ତାର ଉନ୍ନତୀକରଣ, ପ୍ରତିମା ବିସର୍ଜନ ପାଇଁ ଦୁଇଟି କୃତ୍ରିମ ଜଳପୂର୍ଣ୍ଣ ପୋଖରୀ ନିର୍ମାଣ ଏବଂ ଭସାଣୀ ସମୟରେ ଦୁଇ ଦିନ ଧରି ଉପଯୁକ୍ତ ଆଲୋକ ବ୍ୟବସ୍ଥା କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏହି ବୈଠକରେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ମେୟର ସୁବାସ ସିଂହ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଏଡିସିପି ଅମରେନ୍ଦ୍ର ପଣ୍ଡା, ବିଜେଡି ନେତା ପ୍ରଫୁଲ୍ଲ ସିଂହ ଓ ବିଜେପି ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ଜ୍ୟୋତିପ୍ରକାଶ ଘୋଷ, ନୃସିଂହଚରଣ ଚୌଧୁରୀ, ନରେଶ ସାହୁ ଏବଂ ବିଭିନ୍ନ ବାସନ୍ତୀ ଦୁର୍ଗା ମଣ୍ଡପର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଉପସଭାପତି ଶିବେନ୍ଦ୍ର ହାତୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

- ମହାନଗର ଶାନ୍ତି କମିଟିର ପ୍ରସ୍ତୁତି ସଭା
- ଦେବୀଗଡ଼ାରେ ଦୁଇଟି କୃତ୍ରିମ ପୋଖରୀ ପାଇଁ ପ୍ରଶାସନକୁ ନିବେଦନ

## ଯାଜପୁର ଶିକ୍ଷାବିଭାଗ ମହାଲୁଟ୍ ଘଟଣା

# ଭିଜିଲାନ୍ସ ଦ୍ୱାରା ଦମ୍ପତି ସମେତ ୩ ଗିରଫ

ଯାଜପୁର, ୧୯।୩(ସମିସ)





ଯାଜପୁର ଜିଲ୍ଲା କୋରେଇ ବିଇଓ ଅଫିସରେ କାର୍ଯ୍ୟରତ କର୍ମଚାରୀଙ୍କ ଦ୍ୱାରା ଜାଲିଆତି କରି କୋଟି କୋଟି ଟଙ୍କା ହଡ଼ପ ଘଟଣାରେ ତଦନ୍ତ କରୁଥିବା ଭିଜିଲାନ୍ସ ଦ୍ୱାରା ଆଜି ଆଉ ୩ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ମହାନ୍ତି ଓ ତାଙ୍କ ପତ୍ନୀ ଗୀତାରାଣୀ ଏବଂ ପୂର୍ବତନ ବରିଷ୍ଠ କିରାଣି ବିଷ୍ଣୁ ପ୍ରସାଦ ଦାସ। ଏହି ଜାଲିଆତି ଘଟଣାରେ ଗତକାଲି ବ୍ୟାଙ୍କ ମ୍ୟାନେଜର ମାତୃଦତ୍ତଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମାତୃଦତ୍ତଙ୍କ ବାପା ପ୍ରଦୀପ ଏବଂ ମା' ଗୀତାରାଣୀ ଫେରାର ହୋଇଯାଇଥିଲେ।

ସୂଚନା ମୁତାବକ କୋରେଇ ବିଇଓ ଅଫିସରେ କାର୍ଯ୍ୟରତ ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ମହାନ୍ତି ଭଦ୍ରକର ଏକ ବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟକରୁଥିବା ନିଜ ପୁଅ ସହିତ ମିଶି ଅବସର ଗ୍ରହଣ ଏବଂ ମୃତ୍ୟୁବରଣ କରିଥିବା ଶିକ୍ଷକମାନଙ୍କ ଏଚ୍ଆର୍ଏମ୍ଏସ୍‌କୁ ବ୍ୟବହାର କରି ୫.୫୬ କୋଟି ଟଙ୍କା ହରିଲୁଟ୍ କରିଥିଲେ। ବର୍ଷବର୍ଷ ଧରି ଏଭଳି ଜାଲିଆତି ଚାଲିଆସୁଥିଲେ ମଧ୍ୟ ଏହାର କେହି ସୁରାକ ପାଇନଥିଲେ। ବିଭାଗୀୟ ଅଡିଟ୍‌ରୁ ଏହା ଧରାପଡ଼ିବା ପରେ ଏ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଛି। ଘଟଣା ଜଣାପଡ଼ିବା ପରଠାରୁ ଅଭିଯୁକ୍ତ ପ୍ରଦୀପ ଫେରାର ହୋଇଯାଇଥିଲେ। ପ୍ରଦୀପ ହଡ଼ପ ଅର୍ଥକୁ ନିଜର ଏବଂ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ଭିଜିଲାନ୍ସ ଉଭୟଙ୍କୁ ଧରିବା ପାଇଁ ଜାଲ ବିଛାଇଥିବାବେଳେ ଉଭୟ କଲିକତା ଫେରାର ହୋଇଯାଇଥିଲେ। ଭିଜିଲାନ୍ସ ଟିମ ଉଭୟଙ୍କୁ ପିଛା କରି କରି ଭଦ୍ରକ ଚରମ୍ପାର ଏକ ହୋଟେଲରୁ ଆଜି ଗିରଫ କରିଥିଲା। ସେହିଭଳି ଏହି ଜାଲିଆତିରେ ସମ୍ପୃକ୍ତ ଥିବା ପୂର୍ବତନ ସିନିୟର କ୍ଲର୍କ ବିଷ୍ଣୁ ପ୍ରସାସ ଦାସଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି ଘଟଣାରେ ଆଜି ୩ ଜଣ ଅଭିଯୁକ୍ତଙ୍କୁ କଟକ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ)ଙ୍କ କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନା କେସ୍ ନଂ ୧୧/୨୦୨୬ ଅନୁଯାୟୀ ଭ୍ରଷ୍ଟାଚାର ନିବାରଣ ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି।

ଅନ୍ୟମାନେ କେବେ ଗିରଫ ହେବେ ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଜାଲିଆତି ଅବଧି ଭିତରେ ୬ ଜଣ ବିଇଓ ରହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜଣେହେଲେ ବିଇଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କେବଳ ପୂର୍ବତନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ବର୍ତ୍ତମାନର ଅଧିକାରୀଙ୍କୁ ଭିଜିଲାନ୍ସ କ୍ଲିନ୍‌ଚିଟ୍ ଦେବାକୁ ଉଦ୍ୟମ କରୁଛି କି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ପ୍ରତି ବ୍ଲକରେ ସରକାରୀ କାର୍ଯ୍ୟର ତଦାରଖ କରିବାର ଦାୟିତ୍ୱ ବିଇଓ ମାନଙ୍କର ହୋଇଥିବା ବେଳେ ଏହି ୬ ଜଣ ବିଇଓ କିଭଳି ନିର୍ଦ୍ଦୋଷ ହେଲେ ତାହା ବଡ଼ ପ୍ରଶ୍ନ ହୋଇଛି। ସେହିଭଳି ଏହି ହଡ଼ପ ଟଙ୍କା ଦିଲ୍ଲୀପ କୁମାର ମହାପାତ୍ର ଏବଂ ମୋନାଲିସା ପାଣିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବାବେଳେ ସେମାନଙ୍କୁ କେବେ ଭିଜିଲାନ୍ସ ତଦନ୍ତ ପରିସରକୁ ନେବ। ଦିଲ୍ଲୀପଙ୍କ ଆକାଉଣ୍ଟକୁ ୯ ଲକ୍ଷ ୪୨ ହଜାର ୫୪୧ ଟଙ୍କା ଏବଂ ମୋନାଲିସାଙ୍କ ଆକାଉଣ୍ଟକୁ ୨ ଲକ୍ଷ ୮୧ ହଜାର ୨୪୬ ଟଙ୍କା ଟ୍ରାନ୍ସଫର ହୋଇଛି। ସେମାନଙ୍କ ପରିଚୟ କଣ ଏବଂ ଏମାନେ ମୁଖ୍ୟ ଅଭିଯୁକ୍ତ ପ୍ରଦୀପଙ୍କ ସମ୍ପର୍କୀୟ ନା ଅନ୍ୟ କୌଣସି ସରକାରୀ କର୍ମଚାରୀ, ଏହାର ଅଧିକ ଖୋଳତାଡ଼ କରିବାର ଆବଶ୍ୟକତା ରହିଛି।

## ପିଲା ଚୋରି ଆତଙ୍କ: ୯ ବର୍ଷର ବାଳକୁ ଅପହରଣ ଉଦ୍ୟମ

**ସିଂହପୁର, ୧୯ ।୩(ସମିସ):** ବିଞ୍ଝାରପୁର ଥାନା ଓଲେଇ ଗ୍ରାମର ଦଳିତ ସାହିରୁ ଜଣେ ୯ ବର୍ଷର ବାଳକଙ୍କୁ ବିଳମ୍ବିତ ରାତିରେ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ରାତିରେ ପ୍ରକାଶ ମଲିକ ଓ ତାଙ୍କ ପରିବାର ସଦସ୍ୟ ଘରେ ଶୋଇଥିବା ବେଳେ କେତେକ ଅଜଣା ଦୁର୍ବୃତ୍ତ ଘର ଭିତରକୁ ପ୍ରବେଶ କରିଥିଲେ। ସେମାନେ ପରିବାରର ୯ ବର୍ଷର ଶିଶୁପୁତ୍ରଙ୍କୁ ଅପହରଣ କରିବାକୁ ଉଦ୍ୟମ କରୁଥିବା ସମୟରେ ପିଲାଟି ଜୋରରେ ଚିତ୍କାର କରିଥିଲା। ଶବ୍ଦ ଶୁଣି ପରିବାର ଲୋକେ ତୁରନ୍ତ ଉଠିପଡ଼ିଥିଲେ। ଯାହା ଫଳରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି ଶିଶୁ ଚୋରି ରାକେଟ ସକ୍ରିୟ ଥିବା ଆଶଙ୍କାରେ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଗତ ଦୁଇ ରାତି ଧରି ଗ୍ରାମବାସୀ ହାତରେ ବାଡ଼ି ଠେଙ୍ଗା ଧରି ଗାଁ ଓ ସାହିରେ ପହାରା ଦେଉଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ଏପରି ଘଟଣା ପୁଣି ଘଟିବାର ଆଶଙ୍କା ଥିବାରୁ ସେମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହାକୁ ନେଇ ଗ୍ରାମବାସୀମାନେ ପୁଲିସ ପ୍ରଶାସନଙ୍କୁ ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହ ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୧୯ ।୩(ସମିସ):** ଡୁବୁରୀ ଛକ ନିକଟରେ ଥିବା ଆସାମ ଅଏଲ୍ ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ଭୁବନ ଥାନା ଅନ୍ତର୍ଗତ କାଞ୍ଚନବାହାଲି ଗ୍ରାମର ଜଳିଆ ମୁଣ୍ଡା(୨୩)। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଡିଭାଇଡର୍ ଉପରେ ଓଲଟିଲା କାର୍

**ପାଣିକୋଇଲି, ୧୯ ।୩(ସମିସ):** ପାଣିକୋଇଲି ଥାନା ୨୦ ନମ୍ବର ଜାତୀୟ ରାଜପଥର ନୂଆପଦା ଛକ ନିକଟରେ ଭାରସାମ୍ୟ ହରାଇ ଏକ କାର ରାସ୍ତା ମଝି ଡିଭାଇଡର୍ ଉପରେ ଓଲଟି ପଡ଼ିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ ଏକ କାର କଟକରୁ ଯାଜପୁରରୋଡ୍ ଅଭିମୁଖେ ଯାଉଥିବାବେଳେ ନୂଆପଦା ଛକ ନିକଟରେ ଅନ୍ୟ ଏକ ଗାଡ଼ି ସାଇଡ୍ ମାରିବାରୁ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ମଝି ଡିଭାଇଡର ଉପରେ ଓଲଟି ପଡ଼ିଥିଲା। ଚାଳକ ଗାଡ଼ି ଭିତରେ ଥିବାବେଳେ ସ୍ଥାନୀୟ ଦୋକାନୀମାନେ ଯାଇ ଗାଡ଼ି ମଧ୍ୟରୁ ଚାଳକକୁ ବାହାର କରିଥିଲେ। ପରେ ଗାଡ଼ିଟିକୁ ସେଠାରୁ ଉଠାଯାଇଥିଲା।

## ମାଛ ଧରାକୁ କେନ୍ଦ୍ର କରି ବିବାଦ



**କାଳିଆପାଣି, ୧୯ ।୩(ସମିସ):** ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆ ପଞ୍ଚାୟତରେ ମାଛ ଚାଷକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଛି। ପ୍ରାୟ ଚାରି ବର୍ଷ ପୂର୍ବେ ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ନୂଆଡିହ ଗ୍ରାମର ଦୁଇଟି ପୋଖରୀନୂଆ ପଶି ପୋଖରୀ ଓ କାର୍ତ୍ତିକା ପୋଖରୀରେ ପ୍ରାୟ ୨୫ ହଜାର ଟଙ୍କା ବ୍ୟୟ କରି ମାଛ ଛଡ଼ାଯାଇଥିଲା। ପରେ ଏହି ଦୁଇଟି ମଧ୍ୟରୁ ଗୋଟିଏ ପୋଖରୀରୁ ମାଛ ଧରାଯାଇଥିବା ବେଳେ ଅନ୍ୟଟି ଅବହେଳାରେ ପଡ଼ି ରହିଥିଲା। ଅଭିଯୋଗ ଅନୁସାରେ, ଗତକାଲି ସେହି ଅବହେଳିତ ପୋଖରୀରୁ କିଛି ଦୁର୍ବୃତ୍ତ ହୁଡ଼ା କାଟି ମାଛ ଧରି ନେଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟ ସୁଭଦ୍ରା ସଂଘଙ୍କୁ ଅବଗତ ନକରି କରାଯାଇଥିବାରୁ ସଂଘ ସଦସ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ମତ୍ସ୍ୟ ବିଭାଗର ଆସିଷ୍ଟାଣ୍ଟ ଜେଇଙ୍କୁ ପଚାରିବାରୁ ସେ ସ୍ପଷ୍ଟ କୌଣସି ପ୍ରତିକ୍ରିୟା ଦେଇପାରିନାହାନ୍ତି। ସ୍ଥାନୀୟ ଲୋକମାନେ ଘଟଣାର ସଠିକ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପାଣିକୋଇଲି ପାଇଁ ଗୌରବ ଆଣିଲେ ଆରାଧି ଆରାଧନା



**ପାଣିକୋଇଲି, ୧୯।୩(ସମିସ)** ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ପାଣିକୋଇଲି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଆରାଧି ଆରାଧନା। ଯାହା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳାଇ ଦେଇଛି। ସୋତି ଗ୍ରାମରେ ଜନ୍ମିତ ବର୍ତ୍ତମାନ ପାଣିକୋଇଲି ପଥରପଦା ବାସିନ୍ଦା ଦେବବ୍ରତ ମହାପାତ୍ର ଓ ଲୁସି ତ୍ରିପାଠୀଙ୍କ କନିଷ୍ଠା କନ୍ୟା ଆରାଧି ଆରଧନା ପାଣିକୋଇଲି ଜବାହାର ନବୋଦୟରୁ କୃତିତ୍ୱ ହାସଲ କରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପାଠପଢ଼ି ଟପ୍ପର ହୋଇ ହରିଆନା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ମାଷ୍ଟର ଇନ୍ ଏଜୁକେସନ ପଢୁଥିଲେ। ସେଠାରେ ଟପ୍ପର ହୋଇ କୃତିତ୍ୱ ହାସଲ କରିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱର୍ଣ୍ଣପଦକ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସୁପ୍ରିମ କୋର୍ଟ ଚିଫ୍ ଜଷ୍ଟିସ ସୂର୍ଯ୍ୟକାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଖବର ପରେ ଆରାଧିଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ଏହାର ଶ୍ରେୟ ସେ ତାଙ୍କ ପିତାମାତାଙ୍କୁ ଦେଇଛନ୍ତି। ପୁଅଙ୍କ ଠାରୁ ଝିଅ ବି କୌଣସି ଗୁଣରେ କମ୍ ନୁହନ୍ତି ବୋଲି ସେ ପ୍ରମାଣିତ କରି ଦେଖାଇଛନ୍ତି।

## ବଢୁଛି ପ୍ରଦୂଷଣ; ଫେରାଦ ହେଲେ ମହିଳା ଗୋଷ୍ଠୀ

**ଦାନଗଦି, ୧୯।୩(ସମିସ) :** ସୁକିନ୍ଦା ରୋଡ୍ ରେଲୱେ ଷ୍ଟେସନ ପାର୍ଶ୍ୱବର୍ତ୍ତୀ ନୀଳପଦା ସାହି ବାସିନ୍ଦା ପ୍ରଦୂଷଣ ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ନୀଳପଦାର ମହିଳାମାନେ ଗତ ମଙ୍ଗଳବାର ପ୍ଲଟ ଅନ୍‌ଲୋଡିଂ କାମ ବନ୍ଦ କରିଥିବାବେଳେ ଆଜି ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ, କଳିଙ୍ଗନଗର ମଦନ ମୋହନ ସାହୁଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଯେ ନୀଳପଦା ସାହିର ୩୫ ପରିବାର ରେଲୱେ ପ୍ଲଟ୍‌କୁ ଲାଗି ରହିଥିବାରୁ ସିମେଣ୍ଟ କାରଖାନାକୁ ଯାଉଥିବା କ୍ଲିଙ୍କର ଗୁଣ୍ଡରେ ଗୋଟେ ସପ୍ତାହ ହେଲା ଅତିଷ୍ଠ ହେଲେଣି, ୨୪ ଘଣ୍ଟା ପ୍ରଦୂଷଣ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରି ଅନ୍‌ଲୋଡିଂ ଓ ଲୋଡିଂ ଆଦି କାମ ପରିବହନ ଚାଲୁଛି। ଏହି ସାହିର ଗଛପତ୍ର, କୂଅ ଘର ଭିତରେ ଧୂଳି, କ୍ଲିଙ୍କର ଓ କୋଇଲା ଗୁଣ୍ଡ ପଶି ଶିଶୁ ଓ ବୟସ୍କ ଲୋକମାନେ ଶ୍ୱାସନିଃଶ୍ୱାସୀ ହୋଇ ରୋଗାକ୍ରାନ୍ତ ହେଲେଣି। ବାରମ୍ବାର ଅଭିଯୋଗ ହେଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ତେବେ ମହିଳାଙ୍କ ଏଭଳି ଅଭିଯୋଗକୁ ଗୁରୁତର ଭାବେ ନେଇ ପ୍ରଦୂଷଣ ବୋର୍ଡ ଅଧିକାରୀ ଶ୍ରୀ ସାହୁ ଗୋଟେ ସପ୍ତାହ ମଧ୍ୟରେ ଏହି ନୀଳପଦା ସାହିକୁ ଆସି ତଦନ୍ତ କରିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ନେବା କଥା ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଏହାର କିଛି ସ୍ଥାୟୀ ସମାଧାନ ନ ହୁଏ, ଆଗାମୀ ଦିନରେ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଫିସ ସମ୍ମୁଖରେ ମହିଳାମାନେ ଧାରଣା ଦେବା ସହ ଦରକାର ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ସ୍କାଏ ଲାଇଟ୍ ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

**ମଙ୍ଗଳପୁର, ୧୯।୩ (ସମିସ):** ମଙ୍ଗଳପୁର ଥାନା ଅଞ୍ଚଳରେ ଥମୁନି ଚୋରି। ବରଂ ଦିନକୁ ଦିନ ଚୋରି ବଢ଼ି ବଢ଼ି ଚାଲୁଛି। ନିର୍ଭୟରେ ଚୋର କରୁଛନ୍ତି ଚୋରି। ଘର ସ୍କାଏ ଲାଇଟ ଭାଙ୍ଗି କରିଛନ୍ତି ଚୋରି। ଏମିତି ଘଟଣା ଦେଖିବାକୁ ମିଳିଛି ମଙ୍ଗଳପୁର ଥାନା ହୀରାପୁର ଗ୍ରାମ ଚିତ୍ତରଞ୍ଜନ ସାମଲଙ୍କ ଘରେ। ଚିତ୍ତରଞ୍ଜନଙ୍କ ପରିବାର ଘରେ ରହୁ ନଥିବାର ସୁଯୋଗ ନେଇ ଗତ୧୮ ତାରିଖ ରାତିରେ ଦୁର୍ବୃତ୍ତମାନେ ଘର ପଛପଟ ସ୍କାଏ ଲାଇଟ ଭାଙ୍ଗି ଘରେ ପଶି ୩ଟି ରୁମରୁ ୨ଟି ସୁନାଚେନ, ୫ଟି ମୁଦି, ସୁନା ବାହୁଟି ଏକ ହଳ, ପାଉଁଜି ଦୁଇହଳ, ନଗଦ ୨୦ହଜାର ଟଙ୍କା ସହିତ ବାସନକୁସନ ଚୋରି କରିନେଇଥିବା ଚିତ୍ତରଞ୍ଜନ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଚିତ୍ତରଞ୍ଜନଙ୍କର ତାଙ୍କ ଗ୍ରାମର ଦୁଇ ଜଣଙ୍କୁ ସନ୍ଦେହ ଥିବା ନେଇ ମଧ୍ୟ ଏତଲାରେ ଅଭିଯୋଗ କରିଛନ୍ତି।

## ଆଜି ଉଦ୍‌ଘାଟିତ ହେବ ଜିଲ୍ଲା ମହୋତ୍ସବ 'ଯଯାତି'

**ଧର୍ମଶାଳା, ୧୯।୩(ସମିସ):** ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ଉପଲକ୍ଷେ ଧର୍ମଶାଳା ବ୍ଲକରେ ପ୍ରଶାସନ ପକ୍ଷରୁ ପଥ ଉତ୍ସବ ଆୟୋଜିତ ହୋଇଛି। ମହୋତ୍ସବର ମାହୋଲକୁ ଆହୁରି ମନୋରଞ୍ଜନଧର୍ମୀ କରିବା ତଥା ସାରା ଜିଲ୍ଲାରେ ଲୋକଙ୍କ ନିକଟରେ ଏହାକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ପଥ ଉତ୍ସବ ହୋଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କର

### ଧର୍ମଶାଳାରେ ଧୁମଧାମରେ ପାଳିତ ହେଲା ପଥ ଉତ୍ସବ



ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ପଥ ଉତ୍ସବର ବେଶ୍ ମଜା ନେଇଥିଲେ। ଲୋକନୃତ୍ୟ, ସଙ୍ଗୀତ ସାଙ୍ଗକୁ ଢୋଲ, ମୃଦଙ୍ଗ, ସଂକୀର୍ତ୍ତନ ଓ ପାରମ୍ପରିକ ଲୋକବାଦ୍ୟର ତାଳେତାଳେ ଧର୍ମଶାଳାବାସୀ ନାଚିଥିଲେ ଝୁମିଥିଲେ। ଲୋକକଳାର ପ୍ରଦର୍ଶନ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ସାଜିଥିଲା ଏହି ପଥ ଉତ୍ସବ। କଳାକାରମାନେ ମୁଖା ଏବଂ ପୌରାଣିକ ଦେବାଦେବୀଙ୍କ ପୋଷାକ ପରିଧାନ କରି ନାଗାନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ଉପରେ ସଙ୍ଗୀତର ଆସର ଜମିଥିଲା। କଳାକାରମାନେ ଓଡ଼ିଶୀ, ଡାଲଖାଇ ଭଳି ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଏବଂ ଆଇସିଡିଏସ କର୍ମଚାରୀମାନେ ପଥରେ ଅତି ସୁନ୍ଦର ରଙ୍ଗୋଲି ଓ ଝୋଟି ଆଙ୍କିଥିଲେ। କୁନି କୁନି ପିଲାମାନଙ୍କ ଖୁସି ପାଇଁ ଗେମ୍ ଜୋନର ବ୍ୟବସ୍ଥା କରାଯାଇଥିଲା। ସେଲ୍‌ଫି ଜୋନରେ ଫଟୋ ଉଠାଇବା ପାଇଁ ଭିଡ଼ ହୋଇଥିଲା। ଏହାସହ କଳାକାର ଏବଂ କ୍ରୀଡାବିତମାନେ ସମର କଳା, ପିରାମିଡ୍, ଜୁଡୋ, କରାଟେ, ଚକ୍ର ବନାଟି, ମାଲ ଖମ୍ବ ଭଳି ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ସମାଜସେବୀ ମିନତି ସାହୁ, ବିଡ଼ିଓ ଜ୍ୟୋତିର୍ମୟ କର, ତହସିଲଦାର ସମୀର ଦାସ, ଅତିରିକ୍ତ ତହସିଲଦାର, ମେଡିକାଲ ଅଫିସର, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବରୀ କଂଗ୍ରେସ ପକ୍ଷରୁ ଗଣଧାରଣା



**ବରୀ, ୧୯ ।୩(ସମିସ) :** ବରୀ ବ୍ଲକ କଂଗ୍ରେସ ପକ୍ଷରୁ ବରୀ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଦେବ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଗଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ନାୟକ ଯୋଗଦେଇ ବର୍ତ୍ତମାନର ସରକାରର ତ୍ରୁଟି ପୂର୍ଣ୍ଣ ନିଷ୍ପତ୍ତି, ଜନ ବିରୋଧୀ କାର୍ଯ୍ୟକ୍ରମ ଏବଂ କୃଷକ ମାରଣ ନୀତି, ଗ୍ୟାସର କଳା ବଜାର, ଧାନ ମଣ୍ଡିରେ କଟ୍‌ନୀ ଛଟ୍‌ନୀ ଯୋଗୁଁ କେବଳ ବରୀ ଅଞ୍ଚଳ ନୁହେଁ ସାରା ଭାରତ ବର୍ଷରେ ଲୋକମାନେ ଅତିଷ୍ଠ ହେଲେଣି। ଏହି ପରିପ୍ରେକ୍ଷୀରେ ହାତରେ ପ୍ଲା କାର୍ଡ ଓ ଗ୍ୟାସ୍ ଟାଙ୍କି ଧରି ସରକାର ବିରୋଧୀ ନାରାବାଜି କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ବରୀ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ସମୀର ନାୟକଙ୍କ ସମେତ ଉପସ୍ଥିତ କର୍ମୀମାନେ ବରୀର ବରିଷ୍ଠ କଂଗ୍ରେସ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ନନ୍ଦ ସେନାପତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଜିଲ୍ଲା ସଭାପତି ମାଗୁଣି ଜେନା, ନାରୀ ନେତ୍ରୀ କଳ୍ପନା ପଣ୍ଡା, ଲିପିକା ପାତ୍ର, ମାନବାଧିକାର କର୍ମୀ ଅଧୀର କୁମାର ଜେନା, ମାନସ ସାହୁ, ସୁବାସ ସେଠୀ, ଶରତ ଜେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସର୍ପାଘାତରେ ମହିଳା ଗୁରୁତର

**ସୁକିନ୍ଦା, ୧୯ ।୩(ସମିସ):** ସୁକିନ୍ଦା ଥାନା ରଘୁନାଥପୁର ଗ୍ରାମରେ ସର୍ପାଘାତରେ ସ୍ଥାନୀୟ ଆନନ୍ଦ ଦେହୁରୀଙ୍କ ପତ୍ନୀ ଶୈଳ ଦେହୁରୀ(୪୫) ଗୁରୁତର ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଶୈଳ ଘର ନିକଟରେ କାରବାର କରୁଥିବା ସମୟରେ ଏକ ବିଷଧର ଚନ୍ଦନ ବୋଡ଼ା ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ଶୈଳଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୂଚନା ପାଇ ପ୍ରଶିକ୍ଷିତ ସାପ ଧରାଳି ସୌମ୍ୟଜିତ୍ ବେହୁରା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟ ଜଙ୍ଗଲରେ ଛାଡ଼ିଥିଲେ। ଶୈଳଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଆନ୍ତଃକମ୍ପାନୀ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା

**ଦାନଗଦି, ୧୯।୩(ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଅନ୍ତର୍ଭୁକ୍ତୀକରଣ, ବିବିଧତା ଏବଂ ପ୍ରତିଯୋଗିତାମୂଳକ ମନୋଭାବକୁ ପ୍ରୋତ୍ସାହିତ କରିବା ପାଇଁ ଟ୍ରାନ୍ସଜେଣ୍ଡର କର୍ମଚାରୀ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୬' ଆୟୋଜିତ ହୋଇଯାଇଛି। ଏହି ଦୁଇଦିନିଆ ଚାମ୍ପିଅନସିପ୍‌ରେ କମ୍ପାନୀର ବିଭିନ୍ନ ସ୍ଥାନରୁ ଯଥା ଟାଟା ଷ୍ଟିଲ୍ କଳିଙ୍ଗନଗର, ହଳଦିଆ, ଓଏମ୍‌କ୍ୟୁ ଡିଭିଜନ, ୱେଷ୍ଟ ବୋକାରୋ, ଜାମସେଦପୁର ଏବଂ ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଭଳି ବିଭିନ୍ନ ୟୁନିଟ୍‌ରୁ ପ୍ରାୟ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗର ଘରୋଇ ଦଳ ଏହି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିଲା, ବିଶେଷକରି ଆଥ୍‌ଲେଟିକ୍ସ ବିଭାଗରେ ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। କଳିଙ୍ଗନଗରର ଆଥଲେଟ୍ କାମଲି ୧୦୦ ମିଟର ଏବଂ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଦଳ ପାଇଁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି କଳିଙ୍ଗନଗର ଫୁଟବଲ୍ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ୮-ଏ-ସାଇଡ୍ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଥିଲା। ଏହା ବ୍ୟତୀତ ଟାଟା ଷ୍ଟିଲ୍ କଳିଙ୍ଗନଗର ୪x୧୦୦ ମିଟର ରିଲେରେ ତୃତୀୟ ସ୍ଥାନ ଏବଂ ବ୍ୟାଡମିଣ୍ଟନରେ ଦ୍ୱିତୀୟ ରନର୍ସ ଅପ୍ ସ୍ଥାନ ହାସଲ କରି ସଫଳତା ପାଇଥିଲେ। ଏହି ପୁରସ୍କାର ବିତରଣ ଉତ୍ସବରେ ଟାଟା ଷ୍ଟିଲର ଚିଫ୍ ସ୍ପୋର୍ଟସ୍ ମୁକୁଲ ବିନାୟକ ଚୌଧୁରୀ, ଟିଏସଜେ ଏବଂ ଆଉଟଲୋକେସନର ସ୍ପୋର୍ଟସ୍ ମୁଖ୍ୟ କ୍ୟାପଟେନ ମନୀଷ ସିହ୍ନା, ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ଏବଂ ସାଧାରଣ ସମ୍ପାଦକ ଜଗବନ୍ଧୁ ମହାନ୍ତଙ୍କ ସମେତ ସୁମିତା ନୁପୁର ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ସମ୍ପ୍ରସାରଣ ପାଇଁ ଗଛକଟା; ରେଞ୍ଜରଙ୍କୁ ଭେଟିଲେ ଅଞ୍ଚଳବାସୀ

କବାଟବନ୍ଧ, ୧୯ ।୩(ସମିସ)




ଧର୍ମଶାଳା ବ୍ଲକ ଜାରକା-କବାଟବନ୍ଧ ନଦୀ ବନ୍ଧ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟାପକ ବୃକ୍ଷ କଟା ହେଉଛି। ଯାହାର ସୁରକ୍ଷା ନେଇ ସ୍ଥାନୀୟ ଲୋକମାନେ ବନ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ରାସ୍ତା ସମ୍ପ୍ରସାରଣ ଆଳରେ ଠିକା ସଂସ୍ଥା ଅନେକ ଗଛକୁ କାଟି ଦେଇଥିବା ବେଳେ ଶହଶହ ବର୍ଷର ମୂଲ୍ୟବାନ ଗଛ କାଟିବା ନେଇ ପ୍ରକ୍ରିୟା ଜାରି ରଖିଛନ୍ତି। ଯାହାକୁ ନେଇ କଟକ ବନଖଣ୍ଡ ଅଧୀନ ବୈରୀ ଡାଲି ଯୋଡ଼ା ରେଞ୍ଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଠିକା ସଂସ୍ଥା ବିବିପିଏଲ୍ ଦ୍ୱାରା କବାଟବନ୍ଧ ଠାରୁ ନାକପୋଲ ପର୍ଯ୍ୟନ୍ତ ୩୩ ଫୁଟ୍‌ର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିଲା ବେଳେ ରାସ୍ତା ଦୁଇପାର୍ଶ୍ୱରେ ଥିବା ବହୁ ବର୍ଷର ମୂଲ୍ୟବାନ ଗଛ କଟାଯାଉଛି। ଯାହା ଦ୍ୱାରା ପରିବେଶ ଅସନ୍ତୁଳନ ସହ ଗ୍ରୀଷ୍ମ ଦିନରେ ପଶୁପକ୍ଷୀ ବାସହରା ଏବଂ ଯାତାୟତ କରୁଥିବା ବାଟୋଇ ଓ ସ୍କୁଲ୍ ଛାତ୍ରଛାତ୍ରୀ ମାନେ ସମସ୍ୟାରେ ସମ୍ମୁଖୀନ ହେବେ। ରାସ୍ତା ସମ୍ପ୍ରସାରଣ ଠାରୁ ବାହାରେ ଥିବା ଗଛଗୁଡ଼ିକ ବିନା ଅନୁମତିରେ ଠିକା ସଂସ୍ଥା ଦ୍ୱାରା ନଷ୍ଟକରି ମାଟିରେ ମିଶାଯାଉଛି। ଖୁବ୍‌ଶୀଘ୍ର ବେଆଇନ୍ ଭାବେ ଶହଶହ ବର୍ଷର ମୂଲ୍ୟବାନ ଗଛଗୁଡ଼ିକୁ କାଟିବା ବନ୍ଦ କରିବା ନେଇ ଉକ୍ତ ଠିକାଦାର ସଂସ୍ଥା ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରକୃତିପ୍ରେମୀ ସିଦ୍ଧାର୍ଥ ମହାନ୍ତି ବେଆଇନ୍ ଭାବେ କଟା ଯାଉଥିବା ଗଛ ଉପରେ ଗୁରୁବାର ଏକ ଅଭିଯୋଗ ପତ୍ର ମାଧ୍ୟମରେ ଏହି ସମସ୍ୟା ବିଷୟରେ ଲେଖି ଅଞ୍ଚଳବାସୀଙ୍କ ସହଯୋଗରେ ଗଡ଼ମଧୁପୁର ବନାଞ୍ଚଳ କାର୍ଯ୍ୟାଳୟ ଓ ବୈରୀସ୍ଥିତ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗଛ ଗୁଡ଼ିକର ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଗଛକଟା ବନ୍ଦ କରା ନଗଲେ ଆଗାମୀ ଦିନରେ ଡିଏଫ୍‌ଓ, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚର କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଅବସରପ୍ରାପ୍ତ ସେନା ପକ୍ଷରୁ ଜଳଛତ୍ର

**ଯାଜପୁର, ୧୯।୩(ସମିସ):** ଭାରତର ତିନି ସେନାର ମୁଖ୍ୟ ଯଥା ଭାରତୀୟ ନୌସେନା, ଭାରତୀୟ ସ୍ଥଳ ସେନା ଓ ଭାରତୀୟ ବାୟୁସେନାର ଦ୍ୱାର ଗଠିତ ହୋଇଥିବା ସଂସ୍ଥା ଭେଟେରାନ୍ ଆସୋସିଏସନ୍ ବୈଦ୍ୟରାଜପୁର, ଯାଜପୁର ପକ୍ଷରୁ ଯାଜପୁର ପୌରପାଳିକା ବୈତରଣୀ ନଦୀ ସନ୍ନିକଟରେ ପବିତ୍ର ବାରୁଣୀ ସ୍ନାନ ଅବସରରେ ଜଳଛତ୍ରର ଆୟୋଜନ କରାଯାଇଥିଲା। ଉକ୍ତ ଜଳଛତ୍ର କାର୍ଯ୍ୟକ୍ରମକୁ ସଂସ୍ଥାର ସଭାପତି ପ୍ରଦୀପ କୁମାର ପରିଡ଼ା ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଗୟାଧର ମିଶ୍ର, ଡି.ଏନ୍. ରାଉତ, ପ୍ରମୋଦ କୁମାର ମହାନ୍ତି, ଅଜୟ ମହାନ୍ତି, ଭଗବାନ ସାହୁ, ଦାମୋଦର ନାୟକ, ଏନ୍.କେ. ଶତପଥୀ, ଏ.କେ. ଲେଙ୍କା, ବ୍ରଜକିଶୋର ପଣ୍ଡା, ବିଭୂତିଭୂଷଣ ମିଶ୍ର, ନିରଞ୍ଜନ ଦାସ, ଉତ୍ତମ ଧଳ, ବି.ସି. ସ୍ୱାଇଁ, ଶରତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଫ୍‌ତାର ପାର୍ଟି




**ସୁକିନ୍ଦା, ୧୯ ।୩(ସମିସ):** ମୁସଲମାନ ସମ୍ପ୍ରଦାୟର ପବିତ୍ର ରମଜାନ ମାସ ଅବସରରେ ସୁକିନ୍ଦା ଜୁମା ମସ୍‌ଜିଦରେ ଇଫ୍‌ତାର ପାର୍ଟି ଆୟୋଜିତ ହୋଇଛି। ଦିନ ତମାମ ରୋଜା ଓ ନମାଜ ପାଠ କରିବା ସହ ଅପରାହ୍ନରେ ସମୂହ ନମାଜ ପାଠ କରିଥିଲେ। ଇଫତାର ପାର୍ଟିରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କୌଣସି ଜରୁରୀ କାର୍ଯ୍ୟ ପାଇଁ ଅନୁପସ୍ଥିତ ଥିବାରୁ ତାଙ୍କ ପୁତ୍ର ତଥା ଓଡ଼ିଶା ମାଇନିଂ ୱାର୍କର୍ସ ଆସୋସିଏସନ୍‌ର ସଭାପତି ସବ୍ୟସାଚୀ ବଳସାମନ୍ତ ଯୋଗଦେଇ ଇଦ୍‌ର ଅଭିନନ୍ଦନ ଜଣାଇଥିଲେ। ମୁସଲମାନ ଭାଇମାନେ ଶ୍ରୀ ବଳସାମନ୍ତଙ୍କୁ ଟୋପି ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ପ୍ରାକ୍ ଐତିହାସିକ ଯୁଗୀୟ କର୍ମଶାଳା ଉଦଯାପିତ

# କୁଳିଅଣାରେ ଲୁକ୍କାୟିତ ପ୍ରାକ୍ ଯୁଗ ସାମଗ୍ରୀର ପୁନରୁଦ୍ଧାରକୁ ଗୁରୁତ୍ୱ






**ବାରିପଦା, ୧୯ ।୩(ସମିସ)**

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ସହାୟତାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ପକ୍ଷରୁ ପ୍ରାଗ୍ ଐତିହାସିକ ଯୁଗୀୟ ଆଠଦିନିଆ କର୍ମଶାଳା କୁଳିଅଣାଠାରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାକୁ ରେଭେନ୍ସ ବିଶ୍ୱବିଦ୍ୟାଳୟ, ଶର୍ମା ସେଣ୍ଟର ଫର୍ ହେରିଟେଜ ଏଜ୍ୟୁକେସନ ସେଣ୍ଟର, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପୁରୀ ସର୍କଲ ମିଳିତ ସହଯୋଗରେ ଆୟୋଜନ କରିଥିଲେ। ଗୁରୁବାର ଏହି ୮ଦିନିଆ କର୍ମଶାଳା ଉଦଯାପିତ ହୋଇଛି। ଏଥିରେ ଜାତୀୟ ମନୁମେଣ୍ଟ ଅଥିରିଟିର ପୂର୍ବତନ ଚେୟାରମ୍ୟାନ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବାସା, ବୀରବଲ ସାହାନୀ, ପାଲିଓସାଇନ୍ସ ଅନୁଷ୍ଠାନର ବୈଜ୍ଞାନିକ ଡଃ ଅଞ୍ଜଳି ତ୍ରିବେଦୀ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଡଃ ଦେବଯାନୀ ଭୂୟାଁ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକ, ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ବିଭାଗର ଆସୋସିଏଟ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ ଓ ଡ. ଭୁବନେଶ୍ୱର ଶବର ଯୋଗଦେଇ କର୍ମଶାଳାକୁ ଉଦଯାପନ ଘୋଷଣା କରିଥିଲେ।

ଏଥିରେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ବିଭାଗ, ଇତିହାସ ବିଭାଗ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗଙ୍ଗାଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହି ୮ ଦିନିଆ କର୍ମଶାଳା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା କୁଳିଅଣାଠାରେ ଲୁଚି ରହିଥିବା ପ୍ରାଗ୍ ଐତିହାସିକ ଯୁଗର ସାମଗ୍ରୀର ପୁନଃଜୀବିତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସପ୍ତାହ ବ୍ୟାପୀ କର୍ମଶାଳାରେ ଯୋଗଦେଇ ପ୍ରଫେସର ଶାନ୍ତି ପାପୁ ତାମିଲନାଡୁର ପ୍ରାଗ୍ ଐତିହାସିକ ସଂସ୍କୃତି ସହିତ କୁଳିଅଣାର ପ୍ରାଗ୍ ଐତିହାସିକ ସଂସ୍କୃତିର ସମାନତା ଥିବା ମତ ପ୍ରକାଶ କରିଥିଲେ। ପୁରା ସଂସ୍କୃତୀୟ ଉଦ୍ଭିଦ ବିଜ୍ଞାନୀ ଡଃ ଅଞ୍ଜଳି ତ୍ରିବେଦୀଙ୍କ ମତାନୁସାରେ, ପୁରା ସଂସ୍କୃତିୟ ଉଦ୍ଭିଦର ପ୍ରମାଣ ମିଳିବା ଉଦ୍ଦେଶ୍ୟରେ ଏହି (କୁଳିଅଣା) ଅଞ୍ଚଳରୁ ମାଟିର ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥ ଭୂତତ୍ତ୍ୱ ବିଜ୍ଞାନୀ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀଙ୍କ ଅନୁସାରେ, କୁଳିଅଣା ଅଞ୍ଚଳରେ ଏକ ପ୍ରାଚୀନ ଲୁପ୍ତ ନଦୀ କିମ୍ବା ଜଳସ୍ରୋତର ପ୍ରମାଣ ଥିବା ସମ୍ଭାବନା ରହିଛି। ଏହି ଅଞ୍ଚଳରୁ ପ୍ରାଚୀନ ଯୁଗୀୟ ସଂସ୍କୃତିର ସମୟକାଳ ତଥା ଗଛପତ୍ର, ପରିବେଶ ଓ ପରିବେଶିକ ପରିସ୍ଥିତିର ବୈଜ୍ଞାନିକ ପ୍ରମାଣ ପାଇବା ଉଦ୍ଦେଶ୍ୟରେ କାମତାସ୍ଥ ପୁରାତତ୍ତ୍ୱ ଉତ୍ଖନନ ସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି। ଯାହାକୁ ଭାରତର ବିଭିନ୍ନ ବୈଜ୍ଞାନିକ ସଂସ୍ଥା ପାଖକୁ ପଠାଇବା ପାଇଁ ଯୋଜନା କରାଯାଇଛି। ଏହି ଉତ୍ଖନନରୁ ମିଳିଥିବା ପ୍ରାଗ୍ ଐତିହାସିକ ଯୁଗୀୟ ସଂସ୍କୃତିର ପ୍ରମାଣର ପରୀକ୍ଷା ଫଳାଫଳ ଆସିବା ପରେ, ଏହି କୁଳିଅଣା ଅଞ୍ଚଳ କେବଳ ଭାରତରେ ନୁହେଁ, ବିଶ୍ୱ ସ୍ତରରେ ମଧ୍ୟ ଏକ ନୂତନ ଇତିହାସ ସୃଷ୍ଟି କରିପାରିବ ବୋଲି ଭାରତୀୟ ଜାତୀୟ ସ୍ମାରକ ପ୍ରାଧିକାରର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୁରାତତ୍ତ୍ୱବିଦ ଡ ବସନ୍ତ କୁମାର ମହାନ୍ତ, କୁଳିଅଣା ଅଞ୍ଚଳର ପ୍ରାଗ୍ ଐତିହାସିକ ଓ ପୁରାତତ୍ତ୍ୱ ବିଷୟର ଗବେଷକ ମନୁ ନାୟକ ବିଶ୍ୱାସ ବ୍ୟକ୍ତ କରିଛନ୍ତି।

କୁଳିଅଣାଠାରେ ୧୯୪୮ରେ ପ୍ରସ୍ତର ଯୁଗର ପ୍ରଥମେ କୋଲକାତା ବିଶ୍ୱବିଦ୍ୟାଳୟର ନିର୍ମଳ ବୋଷ ଓ ଧରଣୀ ସେନ ଉତଖନନ କରିଥିଲେ। ଯାହାକି ମୟୂରଭଞ୍ଜ ଓଡ଼ିଶାର ପୁରାତତ୍ତ୍ୱ ଇତିହାସରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ପୂର୍ବରୁ ଏଠାରେ ସାର୍କ ପୋସିଲ୍ ଇତ୍ୟାଦି ମିଳିଥିବାବେଳେ ପ୍ରସ୍ତର ଯୁଗର ରହସ୍ୟ ଉନ୍ମୋଚିତ ହୋଇଥିଲା। ମୟୂରଭଞ୍ଜର ବିଭିନ୍ନ ସ୍ଥାନ ବିଶେଷକରି ଶିମିଳିପାଳର ଆଖପାଖ ଅଞ୍ଚଳ, କୁଳିଅଣା ଓ ବୁଢାବଳଙ୍ଗ ନଦୀ ଅବବାହିକାରୁ ମିଳିଥିବା ପ୍ରସ୍ତର ହତିଆର ଓ ଅନ୍ୟାନ୍ୟ ଅବଶେଷ ନିମ୍ନ ପ୍ରସ୍ତର ଯୁଗରୁ ଆରମ୍ଭ କରି ମଧ୍ୟପ୍ରସ୍ତର ଯୁଗ ଓ କେତେକ ସ୍ଥଳରେ ଉଚ୍ଚ ପ୍ରସ୍ତର ଯୁଗ ଓ ମେସୋଲିଥିକ୍ ଯୁଗ ସହିତ ନୂତନ ପ୍ରସ୍ତର ଯୁଗ ସମ୍ପର୍କିତ ବୋଲି ପୁରାତତ୍ତ୍ୱବିଦ ମତ ରଖୁଛନ୍ତି। ଏହି ଅବଶେଷର ଆନୁମାନିକ ବୟସ ପ୍ରାୟ ଅଢେଇ ଲକ୍ଷ ବର୍ଷର ବୋଲି କୁହାଯାଉଛି। ଏହା ଏହି ଅଞ୍ଚଳରେ ମାନବ ବାସର ଦୀର୍ଘ ଐତିହାସିକ ପରମ୍ପରାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ପ୍ରାଚୀନ କାଳରେ ଶିମିଳିପାଳ, କୁଳିଅଣା, ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଅବବାହିକା ଓ ମଧ୍ୟଭାଗରେ ପ୍ରାଗ୍-ଐତିହାସିକ ମାନବ ବାସ ପାଇଁ ବିଶେଷ ଭାବେ ଉପଯୁକ୍ତ ଥିଲା। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ସମ୍ପଦ, ଘନ ଜଙ୍ଗଲ, ଶିକାର ଯୋଗ୍ୟ ପଶୁପକ୍ଷୀ ଓ ପ୍ରସ୍ତର ହତିଆର ତିଆରି ପାଇଁ ଆବଶ୍ୟକ କ୍ୱାର୍ଟଜାଇଟ୍, କ୍ୱାର୍ଟଜ୍ ପରି କଞ୍ଚାମାଲ ସହଜରେ ମିଳିପାରୁଥିଲା।

## ଚୈତ୍ର ନବରାତ୍ରର ପ୍ରଥମ ଦିବସ



ବାରିପଦା ମା'ଅମ୍ବିକାଙ୍କ ମା' କାଳୀ ବେଶ

## ବାଉଁଶଡିହା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ମହୁଲଡିହା, ୧୯।୩ (ସମିସ):** ଠାକୁରମୁଣ୍ଡା ବ୍ଲକ ବାଉଁଶଡିହା ଆଶ୍ରମ ସ୍କୁଲରେ ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ୧୮ ତାରିଖରେ ପାଳିତ ହୋଇଯାଇଛି। ହାତୀଗୋଡା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଅଭିରାମ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ ଧଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ଦିଗରେ ଗୁରୁତ୍ୱ ଦେଇଥିଲେ। ବିଶିଷ୍ଟ ସମ୍ମାନିତ ପଞ୍ଚସଖା ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ଦୁଃଶାସନ ମହାନ୍ତ, ସମ୍ମାନିତ ଅତିଥି ନୁନଡିହା ପ୍ରଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ରେଶ୍ୱର ମହାନ୍ତ, ଏସଏମସି ସଭାପତି ମିଶ୍ର ଗିରି, ଭରାଣ୍ଡିଆ ପଞ୍ଚାୟତର ସରପଞ୍ଚ ଅନୀତା ଗୁମୁଲିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବାନାରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ଅର୍ଜୁନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇ ଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦିରି ସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ମହୁଲଡିହା, ୧୯।୩(ସମିସ):** ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତ ଅନ୍ତର୍ଗତ ବିଦିରି ସାହି ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରସିଂ ହାଇବୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାତକୋଶିଆ ପଞ୍ଚାୟତ ସରପଞ୍ଚ ଚାନ୍ଦମଣି ଜାରିକା ଯୋଗଦେଇ ଅଭିଭାବକ ଯେପରି ଆଚରଣ କରିବେ, ପିଲା ତାହାକୁ ଅନୁକରଣ କରିବେ। ତେଣୁ ସେବା ମନୋବୃତ୍ତି ନେଇ କଠିନ ପରିଶ୍ରମ କଲେ ପିଲା ତାହା ଗ୍ରହଣ କରି ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତ, ସାମାଜସେବୀ ହରିଶ ଚନ୍ଦ୍ର ହାଇବୁରୁ, ସ୍କୁଲ ଚେୟାରମ୍ୟାନ ସାନଗାଲା ହାଇବୁରୁ ପ୍ରମୁଖ ପ୍ରମୁଖ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ଦାସ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ବହୁଭାଷୀ ଶିକ୍ଷୟିତ୍ରୀ ସୋମବାରୀ ବୁଳିଉଲି ଧନ୍ୟବାଦ ଅର୍ପଣ କରିଥିଲେ।

### ଘୋଡ଼ାଘାଟି ବାଙ୍କରେ ବାଇକ୍ ଦୁର୍ଘଟଣାଗ୍ରସ୍ତ

## ଦୁଇ ଗୁରୁତର, ଜଣେ ଆହତ

**ମହୁଲଡିହା, ୧୯।୩(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର ଘୋଡ଼ାଘାଟି ବାଙ୍କରେ ଏକ ବାଇକ୍ ଭାରସାମ୍ୟ ହରାଇ ସୁରକ୍ଷା ବାଡାରେ ପିଟି ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଥିବାବେଳେ ଜଣେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ତିନିଜଣ ହେଉଛନ୍ତି ଆନନ୍ଦପୁର ଥାନା କାଠକଟା ପଞ୍ଚାୟତ ପୁରୁଣାଘାଟି ଗ୍ରାମର ରଞ୍ଜନ କୁମାର ନାଏକ (୨୦), ଅନୀଲ କୁମାର ନାଏକ (୨୩) ଓ ତରତରା ଡିମିରିବନ୍ଧ ଗ୍ରାମର ସାଗର ନାଏକ (୧୮) ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଓ ଜଣେ ଆହତ ଥିବା ଜଣାପଡ଼ିଛି। ଖବର ପାଇ ମହୁଲଡିହା ଥାନା ଏଏସଆଇ ସନ୍ତୋଷ କୁମାର ନାୟକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାଯାଇଛି।

## ବେଣ୍ଟକାରପଡ଼ା ସାପ୍ତାହିକ ହାଟ ନିଲାମ ବନ୍ଧ



**ମହୁଲଡିହା, ୧୯।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଦିଗିଧର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଣ୍ଟକାରପଡ଼ା ହାଟ ନିଲାମ ପ୍ରକ୍ରିୟା ହୋଇପାରିଲାନାହିଁ। ସରକାରୀ କଟକଣା ଜାରି ହୋଇଥିବାରୁ ହାଟକୁ କୌଣସି ବେପାରୀ ଗୋରୁଗାଈ କିଣିବାକୁ ଆସୁନାହାନ୍ତି। ପୂର୍ବବର୍ଷ୨୦୨୫ରେ ୧୬ ଲକ୍ଷ ଟଙ୍କାରେ ବେଣ୍ଟକାରପଡ଼ା ହାଟ ନିଲାମ ହୋଇଥିବାବେଳେ ଏବର୍ଷ ସରକାରୀ ଡାକ ୧୭୭୦୦୦୦ (ସତର ଲକ୍ଷ ସତୁରି ହଜାର) ଟଙ୍କା ସରକାରୀ ଡାକଥିଲା। କିନ୍ତୁ କେହି ଅମାନତ ରାଶି ଡିପୋଜିଟ୍ କରିନଥିଲେ। ପୁନର୍ବାର ମାର୍ଚ୍ଚ ୩୦ ତାରିଖରେ ନିଲାମ ପ୍ରକ୍ରିୟା ହେବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ରାଉତ ସୂଚନା ଦେଇଛନ୍ତି।। ଆଜି ଏହି ନିଲାମ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ଜିପିଡିଓ ଯଜ୍ଞପ୍ରଭା ମିଶ୍ର, ଏଡିଓ ସୁରେଶ ବାରିକ, ସରପଞ୍ଚ ମଳୟ କୁମାର ପରିମାଣିକ, ନାଏବ ସରପଞ୍ଚ କାଜଲ ଲୋହାର ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




**ବେତନଟୀ, ୧୯।୩(ସମିସ):** ବେତନଟୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ କୋ-ୟୁନିଟ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ, +୩ ଉଇଙ୍ଗ୍ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ, ୱାଇଆରସି କାଉନସେଲର୍ ଓ ସରକାରୀ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଉପସ୍ଥିତ ଥିଲେ। ସେମାନେ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ରାଲି ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ପାଶ୍ୱର୍ବର୍ତ୍ତୀ ଅଞ୍ଚଳ ମାଧ୍ୟମରେ ପରିଭ୍ରମଣ କରିଥିଲା। ଏ ଅବସରରେ ଏନ୍‌ଏସ୍‌ଏସ୍ ସେବକମାନେ ପ୍ଲାକାର୍ଡ, ବ୍ୟାନର ଓ ସ୍ଲୋଗାନ୍ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସଡକ ସୁରକ୍ଷାର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ। ସେମାନେ ହେଲମେଟ୍ ପରିଧାନ, ସିଟ୍ ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ଚାଳନାର ବିପଦ, ଯାତାୟାତ ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇଥିଲେ। ସେବକମାନେ ଏହା ମଧ୍ୟ ବୁଝାଇଥିଲେ ଯେ ସଡକ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତିଙ୍କ ଜୀବନକୁ ନୁହେଁ, ସମଗ୍ର ପରିବାରର ସୁଖଶାନ୍ତିକୁ ମଧ୍ୟ ଧ୍ୱଂସ କରିଦେଇଥାଏ। ସଡ଼କ ସୁରକ୍ଷା, ପରିବାର ରକ୍ଷା ଏହି ରାଲିର ମୁଖ୍ୟ ବିଷୟବସ୍ତୁ ଥିଲା ଓ ଏହା ମାଧ୍ୟମରେ ସୁରକ୍ଷିତ ଯାତାୟାତର ସନ୍ଦେଶ ପ୍ରସାରିତ ହୋଇଥିଲା। ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା ସାଧାରଣ ଲୋକମାନଙ୍କ ମନରେ ସଡକ ସୁରକ୍ଷା ପ୍ରତି ଜାଗୃତି ସୃଷ୍ଟି କରିବା ଓ ଦୁର୍ଘଟଣା ହାର କମାଇବା ପାଇଁ ସାମୂହିକ ଦାୟିତ୍ୱର ଭାବନା ଉଦ୍‌ବୋଧନ କରିବା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଏହି ସଚେତନତାମୂଳକ ପ୍ରୟାସ ସମାଜରେ ଏକ ସକରାତ୍ମକ ପରିବର୍ତ୍ତନର ପ୍ରେରଣା ଦେଇଛି।

# ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାରିପଦା, ୧୯ ।୩(ସମିସ)**



ପ୍ରତିଭାର ପ୍ରତିଚ୍ଛବି ଓ ସୃଜନଶୀଳତାର ଉତ୍ସବ ଶୀର୍ଷକରେ ଆୟୋଜିତ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ସମୟ ସହିତ ତାଳ ଦେଇ ଚାଲିଲା, ଯାନ୍ତ୍ରିକ ଜ୍ଞାନ (ଗୁଗୁଲ)କୁ ନିଜର ସର୍ବସ୍ୱ ନ ଭାବି ଅଭିଭାବକ ଓ ଶିକ୍ଷକଙ୍କ ଦୀର୍ଘ ଜୀବନର ଅଭିଜ୍ଞତାକୁ ମାର୍ଗଦର୍ଶନ ଭାବେ ଗ୍ରହଣ କଲେ ସଫଳତା ସୁନିଶ୍ଚିତ ବୋଲି କହିଥିଲେ। ଜୀବନରେ ଆଗକୁ ବଢ଼ିବାକୁ ହେଲେ ନିଜ ନୈତିକ ମୂଲ୍ୟବୋଧ ପ୍ରତି ସଦାସର୍ବଦା ଯତ୍ନଶୀଳ ହେବାକୁ ପଡ଼ିବ ବୋଲି କହିଥିଲେ। ସେହିପରି ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ପୁସ୍ତକକୁ ନିଜ ଜୀବନର ବନ୍ଧୁ ଭାବେ ଆପଣାଇଲେ ଛାତ୍ରୀମାନେ ନିଜ ଭବିଷ୍ୟତକୁ ସମୃଦ୍ଧ ଓ ସୁରକ୍ଷିତ କରିପାରିବେ ଓ ପିତା, ମାତା ଗୁରୁଜନଙ୍କ ଆଶୀର୍ବାଦରେ ଜଣେ ସଫଳ ମଣିଷ ହେଇପାରିବ ବୋଲି ନିଜ ଅଭିଭାଷଣରେ କହିଥିଲେ। ଡ ପରିଡ଼ାଙ୍କ କାବ୍ୟିକ ଅଭିଭାଷଣରେ ସହୀଦ ସ୍ମୃତି ଭବନର ପ୍ରେକ୍ଷାଳୟର ସମସ୍ତ ଦର୍ଶକ ବେଶ କିଛି ସମୟ ଧରି ସମ୍ମୋହିତ ହୋଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସାଗରିକା ସିଂହ ଉକ୍ତ ସଭାରେ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଶିକ୍ଷା ଲାଭ କରିବା ସହିତ ଭବିଷ୍ୟତକୁ ନେଇ ଯତ୍ନବାନ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସେହିପରି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଚନ୍ଦ୍ରକାନ୍ତ ଦାସ ନିଜ ଅଭିଭାଷଣରେ ଛାତ୍ରୀମାନଙ୍କୁ ଗଳ୍ପ ଓ କବିତା ମାଧ୍ୟମରେ ଉପଯୁକ୍ତ ଯୋଜନା ଅନୁଯାୟୀ ଭବିଷ୍ୟତ ଗଠନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ସଂସଦର ଉପଦେଷ୍ଟା ରୋଜି କାନୁନଗୋ ଅତିଥି ପରିଚୟ ସାଙ୍ଗକୁ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟ ସଂସଦର ଉପ-ସଭାପତି ତଥା ସହକାରୀ ପ୍ରଫେସର ଡ ସ୍ୱାଗତିକା ମିଶ୍ର, କ୍ରୀଡା ସଂସଦର ଉପ-ସଭାପତି ସହକାରୀ ପ୍ରଫେସର ଡ ସ୍ମରଣୀକା ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି କ୍ରୀ?। ଓ ନାଟ୍ୟ ସଂସଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡା, ନୃତ୍ୟ, ସଙ୍ଗୀତ, ସାହିତ୍ୟ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଥିବା ଛାତ୍ରୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା।

ସେହିପରି ମହାବିଦ୍ୟାଳୟର ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଅଞ୍ଜନା ପୃଷ୍ଟି, ଡ ସୁଶ୍ରୀ ସଙ୍ଗୀତା ପତି, ଡ ଅନୁପମା ଭୋଳ, ସୁନୀତା ପ୍ରଧାନ, ଡକ୍ଟର ଦେବସ୍ମିତା ଜେନା, କୁମାରେଶ ନାୟକ ପ୍ରଭୃତି ଅଧ୍ୟାପିକ/ଅଧ୍ୟାପିକା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ପ୍ରଫେସର ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟର ନାଟ୍ୟ ସଂସଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ତମ ମହାନ୍ତିଙ୍କ ସ୍ମୃତିରେ ଏକ ନୃତ୍ୟନାଟିକା କାର୍ଯ୍ୟକ୍ରମ ପରିବେଷଣ ବେଶ୍ ଚିତ୍ତାକର୍ଷକ ଓ ହୃଦୟସ୍ପର୍ଶୀ ହୋଇଥିଲା।

## ସରସ୍ୱତୀ ଶିଶୁମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ



**ବୈଶିଙ୍ଗା, ୧୯।୩ (ସମିସ):** ବୈଶିଙ୍ଗା ଉପକଣ୍ଠ ବରଦାବିହାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଦେବେନ୍ଦ୍ର ପଣ୍ଡା ଓ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ଓ ଏହାର ପୌରାଣିକ ଓ ଐତିହାସିକ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ରୋଜାଲିନ ସାସମଲ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ଗୁରୁଜୀ ରମେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ମହାନ୍ତ ଯୋଗ ଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ସୁଚିତ୍ରା ଦଣ୍ଡପାଟ ପରିଚାଳନା କରିଥିବାବେଳେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ/ଗୁରୁମା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ପାଦକ ଶ୍ରୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

### ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

# ଡାକ୍ତରଖାନାରେ ଭଙ୍ଗାରୁଜା; ରାସ୍ତା ଅବରୋଧ

ଜଗତସିଂହପୁର, ୧୯।୩(ସମିସ)



**ଘରୋଇ ମେଡିକାଲକୁ ସିଲ୍ କଲା ପ୍ରଶାସନ**

ଜଗତସିଂହପୁର ସଦର ଥାନା ଖେରସ ଠାରେ ଥିବା ଏକ ଘରୋଇ ମେଡ଼ିକାଲରେ ଗତକାଲି ପ୍ରସୂତିଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଥିଲା। ଆଜି ମୃତକଙ୍କ ଶବ ବ୍ୟବଚ୍ଛେଦ ହୋଇ ଜଗତସିଂହପୁରରେ ପହଞ୍ଚିଥିଲା। ତେବେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହିତ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକମାନେ ଜଗତସିଂହପୁର ମୁଖ୍ୟ ରାସ୍ତାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଶବ ରଖି ରାସ୍ତାରୋକ କରିଥିଲେ। ଖବର ପାଇ ଏସଡ଼ିପିଓ ଆଜିଙ୍କ୍ୟ ବାବୁରାଓ ମାନେ ଏବଂ ସଦର ଥାନା ଆଇଆଇସି ସରୋଜ କୁମାର ସାମଲ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ବେଳେ କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। ସେହିପରି ଆଜି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଉକ୍ତ ଘରୋଇ ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ପ୍ରଶାସନ ଦ୍ୱାରା ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଲ କରାଯାଇଛି। ସୂଚନା ଅନୁସାରେ ସଦର ଥାନା ଦୋନ୍ଦ ଗ୍ରାମର ଶକ୍ତି ପ୍ରସାଦ ଭୋଳଙ୍କ ପତ୍ନୀ ସୁଶ୍ରୀ ସଙ୍ଗୀତା ସାହୁ ପ୍ରସବ ଯନ୍ତ୍ରଣା ହେବାରୁ ଆଜି ସକାଳେ ଖେରସ ସ୍ଥିତ ଉକ୍ତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ଅଳ୍ପ କିଛି ସମୟ ପରେ ଦାୟିତ୍ୱରେ ଥିବା ଡାକ୍ତର ଅସ୍ତ୍ରୋପଚାର ଗୃହରୁ ବାହାରକୁ ଆସି ରୋଗୀଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲକୁ ରେଫର କରିଥିଲେ। ତେବେ ସେଠାରେ ଡାକ୍ତର ପ୍ରସୂତୀଙ୍କ ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ।

ଏହି ଖବର ମିଳିବା ପରେ ପ୍ରସୂତୀଙ୍କ ସମ୍ପର୍କୀୟ ଏବଂ ସ୍ଥାନୀୟ ଲୋକମାନେ ଖେରସ ସ୍ଥିତ ଉକ୍ତ ଡାକ୍ତରଖାନାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଚିକିତ୍ସା ଅବହେଳାରୁ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଶକ୍ତି ପ୍ରସାଦ ଭୋଳ ଜଗତସିଂହପୁର ଥାନାରେ ଏତଲା ଦେବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଡାକ୍ତରଖାନା ପରିସରରେ ପୁଲିସ ମୁତୟନ କରାଯାଇଥିଲା।

# ପଥରବନ୍ଧ ତଳୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଉଦ୍ଧାର





**ପୂଜା ସମୟରେ ଜଗି ରହିଲେ ଗୋ-ମାତା**

ପାରାଦୀପ, ୧୯।୩(ସମିସ): ବନ୍ଦରନଗରୀ ପାରାଦୀପ ଅଞ୍ଚଳରେ ଦେଖିବାକୁ ମିଳିଛି ଅଲୌକିକ ଘଟଣା। ବୁଧବାର ସନ୍ଧ୍ୟା ସମୟରେ ଦୁଇଭାଇ ନେହେରୁ ବଙ୍ଗଳା ବୁଲିବାକୁ ଯାଇଥିବା ସମୟରେ ପଥରବନ୍ଧ ତଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦେଖିବାକୁ ପାଇଥିଲେ। ପଥରବନ୍ଧ ତଳକୁ ନ ଯିବା ପାଇଁ କଟକଣା ଥିବା ସତ୍ତ୍ୱେ ଏହାକୁ ଖାତିର ନ କରି ମହାପ୍ରଭୁଙ୍କ ବିଗ୍ରହକୁ ଉଦ୍ଧାର କରିଥିଲେ। ତେବେ ଏ ନେଇ ରାହାମାଠାରେ ଚାଲିଥିବା ଶ୍ରୀଜଗନ୍ନାଥ ମହୋତ୍ସବରେ ଉପସ୍ଥିତ ପଣ୍ଡିତ ମଣ୍ଡଳୀଙ୍କୁ ଜଣାଇବା ସହିତ ମହାପ୍ରଭୁଙ୍କୁ ଆଣି ନୂଆବଜାରଠାରେ ରହିଥିବା ଯୋଗାଗୁରୁ ଶ୍ରୀରବିଶଙ୍କର ଆଶ୍ରମରେ ରଖିଥିଲେ। ଆଜି ସକାଳୁ ମହାପ୍ରଭୁଙ୍କ ବିଗ୍ରହକୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସମୟରେ ଆଶ୍ରମରେ ରହିଥିବା ଏକ ଗୋ ମାତା ହଠାତ ଆଶ୍ରମ ଭିତରକୁ ପଶିଯାଇ ମହାପ୍ରଭୁଙ୍କ ପାଖରେ ଠିଆହୋଇ ମହାପ୍ରଭୁଙ୍କୁ ଚାହିଁ ରହିଥିଲା। କେତେବେଳେ ବିଗ୍ରହକୁ ପାଖରୁ ଦେଖୁଥିଲା ତ କେତେବେଳେ ଦୁଇପଟୁ ବିଗ୍ରହକୁ ଦେଖୁଥିଲା। ଯାହା ଅଲୌକିକ ଘଟଣା ବୋଲି କହିଛନ୍ତି ଯୋଗାଗୁରୁ ତାପସ ରଞ୍ଜନ ପତି। ଏହିଭଳି ଘଟଣା କେବେ ଆଗରୁ ଦେଖିନାହିଁ, ଆଜି ହିନ୍ଦୁ ନବବର୍ଷରେ ମହାପ୍ରଭୁ ଆମକୁ ଏହି ଭାବରେ ଦର୍ଶନ ଦେବା ଓ ଆମେ ମହାପ୍ରଭୁଙ୍କୁ ଉଦ୍ଧାର କରି ଆଣି ପୂଜାର୍ଚ୍ଚନା ସମୟରେ ଗୋମାତା ଘେରି ରହିବା ଅଲୌକିକ ଘଟଣା ବୋଲି କହିଛନ୍ତି ତାପସ ରଞ୍ଜନ ପତି। ଖବର ପ୍ରଚାରିତ ହେବାପରେ ଆଶ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି।

## ମା' କନକଦୁର୍ଗା ପୀଠରେ ବାରୁଣୀ ଯାତ୍ରା



ଜଗତସିଂହପୁର, ୧୯।୩(ସମିସ): ଜଗତସିଂହପୁର ସଦର ବ୍ଲକ ପିତେଇପୁର ପଞ୍ଚାୟତରେ ଥିବା ମା' କନକଦୁର୍ଗା ପୀଠରେ ଗତ ୧୭ ତାରିଖ ଠାରୁ ବାରୁଣୀ ଯାତ୍ରା ଆରମ୍ଭ ହୋଇଛି। ପ୍ରଭାତରେ ମା'ଙ୍କ ବିରଳ ସ୍ନାନ ପରେ ପରେ ମା'ଙ୍କ ପାଖକୁ ଆସିଥିବା ଶହ ଶହ ମାନସିକଧାରୀ ଦାଣ୍ଡ ଓଳାଇଥିଲେ। ପରେ ପରେ କୁକୁଡ଼ା ଉଡ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ କନକଦୁର୍ଗା ପୀଠରେ ଦାଣ୍ଡ ଓଳାଇବା ଓ କୁକୁଡ଼ା ଉଡାଇବା ଭଳି ବିରଳ ପରମ୍ପରା ବେଶ ଆକର୍ଷଣୀୟ ହୋଇଥାଏ। ମୁଖ୍ୟତଃ ମା' କନକଦୁର୍ଗା ପୀଠରେ ଦନ୍ତାଘାତ(ସର୍ପଘାତ)ର ଆଶୁ ଚିକିତ୍ସା ମିଳିଥାଏ ଓ ଭକ୍ତ ମାନେ ବିଭିନ୍ନ ମାନସିକ ରଖିଥାନ୍ତି। ମା'ଙ୍କ ପୀଠରେ ସପ୍ତାହ ବ୍ୟାପୀ ବାରୁଣୀ ଯାତ୍ରା ହୁଏ ଏବଂ ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

## ଗାରିଆ ବିଦ୍ୟାଳୟରେ ସୁରକ୍ଷା ମକଡ୍ରିଲ

ଏରସମା, ୧୯।୩(ସମିସ): ଏରସମା ବ୍ଲକ ଗଡ଼ହରିଶପୁର ପଞ୍ଚାୟତର ଗାରିଆ ବିଦ୍ୟାଳୟରେ ଆଜି ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ଓ ହଟାତ୍ ବିପଦର ମୁକାବିଲା ଉପରେ ଛାତ୍ର ଛାତ୍ରୀଙ୍କୁ ମକଡ୍ରିଲ କରାଇଥିଲେ। କିଛି ଦିନ ତଳେ ଛାତ୍ର ଛାତ୍ରୀମାନେ ଶିକ୍ଷା ନେଇଥିବା କୌଶଳକୁ ପ୍ରଦଶନ କରିଥିଲେ। ଏହି ଅବସରରେ ଏକ ସଚେତନତା ସଭା ପ୍ରଧାନଶିକ୍ଷକ ଶିବ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ଏରସମା ଅଗ୍ନିଶମ ବିଭାଗର ପ୍ରତାପ ବିଶ୍ୱାଳ, ମନମୋହନ ମଲ୍ଲିକ, ଭାଗବତ ବେହେରା ପ୍ରମୁଖ ଉପସ୍ଥିତ ରହି ମକ ଡ୍ରିଲ କରିଥିଲେ। ଛାତ୍ରଛାତ୍ରୀ ମାନେ ଉପସ୍ଥିତି ରହି କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ରେ ମୟୂରଲାଞ୍ଜି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଜେନା, ଘାସୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ଚରଣ କାଣ୍ଡି, ସି ଆର୍ ସି ସି ନିତ୍ୟ ଲାଲ୍ ଜେନା, ଶିକ୍ଷୟତ୍ରୀ ପ୍ରତିମା ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।



## ଆଦର୍ଶ ଶିକ୍ଷକଙ୍କ ତିରୋଧାନ ଦିବସ



କୁଜଙ୍ଗ, ୧୯।୩(ସମିସ): କୁଜଙ୍ଗ ବ୍ଲକ ସରକାରୀ ଉଚ୍ଚବିଦ୍ୟାଳୟ ଗୋରଡ଼ ପରିସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ କ୍ଷୀତିନ୍ଦ୍ର ନାଥ ବିଶ୍ୱାଳଙ୍କ ୩୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ପ୍ରାତଃ ସମୟରୁ ୧୯୮୫ ବ୍ୟାଚ୍‌ର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ଶ୍ରୀ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଯୋଗଦେଇଥିଲେ। ୧୯୮୫ ବ୍ୟାଚର ପ୍ରାକ୍ତନ ଛାତ୍ର ଅନୀଲ କୁମାର ବିଶ୍ୱାଳ, ବିନୋଦ କୁମାର ରଥ, ସର୍ବେଶ୍ୱର ସେଠୀ, ରଶ୍ମିତା ବିଶ୍ୱାଳ, ମାଗୁଣି ଚରଣ ସେଠୀ, କିଶୋର ସ୍ୱାଇଁ, ଲାଲମୋହନ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ବିଶ୍ୱାଳ ସାରଙ୍କ ଶିକ୍ଷା, ସୃଜନୀ ଓ ଅଞ୍ଚଳର ବିକାଶ ପାଇଁ ଥିବା ପ୍ରତିବଦ୍ଧତା ନେଇ ଆଲୋକପାତ କରିଥିଲେ।

## ହେରୋଇନ୍ ଜବତ, ୨ ନିଶା ବେପାରୀ ଗିରଫ



ଜଗତସିଂହପୁର, ୧୯।୩(ସମିସ): ଗୁରୁବାର ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ସଦର ଥାନା ଆମ୍ବଦରଡ଼ ଗ୍ରାମରେ ଚଢ଼ଉ କରି ୨୬ ଗ୍ରାମର ହେରୋଇନ ଜବତ କରିବା ସହ ଏହି ବ୍ୟବସାୟରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଆମ୍ବଦରଡ଼ ଗ୍ରାମର ପ୍ରଭାକର ଦାସଙ୍କ ପୁଅ ପ୍ରଦ୍ୟୁମ୍ନ ଦାସ। ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ ଅଭିଯୁକ୍ତଙ୍କୁ ଧରିବା ପାଇଁ ଆମ୍ବଦରଡ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ଠାରେ ଜଗି ରହିଥିବା ବେଳେ ଅଭିଯୁକ୍ତ ଜଣକ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବାକୁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ ତାଙ୍କୁ କାବୁ କରି ନେଇଥିଲା। ଯାଞ୍ଚ ପରେ ତାଙ୍କ ଠାରୁ ୨୬ ଗ୍ରାମର ହେରୋଇନ ସହ ଏକ ଆଣ୍ଡ୍ରଏଡ୍ ଫୋନ ଜବତ କରାଯାଇଥିଲା।

ସେହିପରି ଅନ୍ୟ ଏକ ଘଟଣାକ୍ରମେ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଜଗତସିଂହପୁର ଅବକାରୀ ରେଞ୍ଜର ଆଉ ଏକ ଟିମ୍ ଜଗତସିଂହପୁର ଥାନା ଚାନ୍ଦୁରା ଗ୍ରାମରେ ଚଢ଼ଉ କରି ୫୫ ଗ୍ରାମର ହେରୋଇନ, ଗୋଟିଏ ମଟରସାଇକଲ, ଗୋଟିଏ ମୋବାଇଲ ଫୋନ ଏବଂ ନଗଦ ପାଞ୍ଚ ହଜାର ଟଙ୍କା ଜବତ କରିବା ସହ ହେରୋଇନ ବ୍ୟବସାୟରେ ଲିପ୍ତ ଥିବା ଖେରସପାଟଣା ଗ୍ରାମର ଦୟାନିଧି ଦାସଙ୍କ ପୁଅ ନାରାୟଣ ଦାସ(୪୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଙ୍କୁ ଧରିବା ପାଇଁ ଗତ କିଛିଦିନ ହେବ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ ଏକ ଟିମ ଗଠନ କରି ଅଭିଯୁକ୍ତ ଉପରେ ନଜର ରଖିଥିଲେ। ହଠାତ ଆଜି ଅଭିଯୁକ୍ତ ଜଣକ ଉକ୍ତ ହେରୋଇନକୁ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ପ୍ରସ୍ତୁତ ହେଉଥିବାର ଖବର ପାଇ ସଦଳବଳେ ଚଢାଉ କରିଥିଲେ। ଦୁଇ ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇ ଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଜିର ଏହି ଚଢ଼ଉରେ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର ଏଏସ୍‌ଆଇ ସନ୍ତୋଷ ନାୟକ, କନଷ୍ଟେବଳ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ଏବଂ ଜଗତସିଂହପୁର ଅବକାରୀ ରେଞ୍ଜର କନଷ୍ଟେବଳ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ।

## ନଡ଼ିଆ ବଗିଚାର ସମନ୍ୱିତ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଜଗତସିଂହପୁର, ୧୯।୩(ସମିସ): ସର୍ବଭାରତୀୟ ସମନ୍ୱିତ ରୋପଣ ଫସଲ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ମିଳିତ ପ୍ରୟାସରେ ଜଗତସିଂହପୁର ଜିଲ୍ଲା ଏର୍‌ସମା ବ୍ଲକର ଧୋବେଇ ଗ୍ରାମରେ ଅନୁସୂଚିତ ଜାତି ଉପଯୋଜନା ଅଧୀନରେ ନଡ଼ିଆ ବଗିଚାର ସମନ୍ୱିତ ପରିଚାଳନା ସମ୍ପର୍କିତ କୃଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୋଧେଇ ଗ୍ରାମର ପାଖାପାଖି ୩୦ରୁ ଅଧିକ ଅନୁସୂଚିତ ଜାତିର କୃଷକ ଓ କୃଷି ମହିଳା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡଃ. ଜୀବନଜିତ୍ ସେନ୍ ପରିଚାଳନା କରିଥିଲେ। ସର୍ବଭାରତୀୟ ସମନ୍ୱିତ ରୋପଣ ଫସଲ ଗବେଷଣା ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଡଃ. ଅଜିତ କୁମାର ସାହୁ ନଡ଼ିଆ ବଗିଚାର ସମନ୍ୱିତ ପରିଚାଳନା ଉପରେ କୃଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜମି ପ୍ରସ୍ତୁତି, ଖତ ସାର ଏବଂ ଜଳ ପରିଚାଳନା ପ୍ରଣାଳୀ ସହିତ ନଡ଼ିଆ ଗଛରେ କିପରି ରୋଗ ପୋକ ପରିଚାଳନା ସହିତ ଅନ୍ୟାନ୍ୟ ରୋପଣ ଫସଲକୁ କିପରି ପରିଚାଳନା କରିବେ ତାହା ବିସ୍ତୃତ ଭାବରେ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ଅଳ୍ପ ଖର୍ଚ୍ଚରେ କିପରି ନଡ଼ିଆ ଚାଷ କରିବା ଓ ଅଧିକ ଲାଭ ଚାଷୀ କିପରି ହେଇପାରିବେ ତାହାର ବିବରଣୀ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବିଶେଷଜ୍ଞ ରବୀନ୍ଦ୍ର କୁମାର ପ୍ରଧାନ ମଧ ବିସ୍ତୃତ ଭାବରେ ଚାଷୀଙ୍କୁ ନଡ଼ିଆ ବଗିଚାର ସମନ୍ୱିତ ପରିଚାଳନା ଉପରେ ତାଲିମ ପ୍ରଦାନ କରିଥିଲେ। ନଡ଼ିଆର ବିଭିନ୍ନ ପ୍ରକାରର କିସମ, ନଡ଼ିଆ ବଗିଚାରେ ଅନ୍ତଫସଲ, ନର୍ସରୀ ପରିଚାଳନା ଇତ୍ୟାଦି ଉପରେ ମଧ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ. ପ୍ରଦୀପ୍ତ କୁମାର ମାଝୀ ଓ ଦେବାଶିଷ ପଣ୍ଡା ମଧ ଉପସ୍ଥିତ ରହି ଏହି ଗ୍ରାମରେ କିପରି ଚାଷ ଓ ଚାଷୀ ମାନଙ୍କ ଉନ୍ନତି ହେବ ସେ ବିଷୟରେ ଆଲୋଚନା କରିଥିଲେ।



## ସ୍ୱାମୀ ଚିଦାନନ୍ଦଙ୍କୁ 'ସନ୍ଥ ଶ୍ରୀ' ସମ୍ମାନ



ତିର୍ତ୍ତୋଲ, ୧୯।୩(ସମିସ): ପଦ୍ମଶ୍ରୀ ବାବା ବଳିଆଙ୍କ ଶିଷ୍ୟ ତଥା ଇଣ୍ଟରନ୍ୟାସନାଲ ଗୀତା ମିଶନର ଅଧ୍ୟକ୍ଷ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କୁ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଭଇଁସର ଠାରେ ହନୁମାନ କୃପା ପରିଷଦର ୨୨ ତମ ବାର୍ଷିକୋତ୍ସବ ର ଉଦ୍‌ଘାଟନୀ ସମାରୋହରେ 'ସନ୍ଥ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମକୁ ଡ. ସ୍ୱାମୀ ଚିଦାନନ୍ଦ କହିଲେ, ପୋଥି ଭାଗବତ ଓ ପୋଥି ରାମାୟଣ ଅନେକ ପଢ଼ା ଗଲାଣି। ଏବେ ଜୀବନ ଭାଗବତ ପୃଷ୍ଠା ପଢ଼ି ବୁଝି ସମୀକ୍ଷା କରିବାର ସମୟ ଆସିଛି। ଶାସ୍ତ୍ରରୁ ପଢ଼ିଥିବା ଶୁଣିଥିବା ଅନେକ କଥା ମଧ୍ୟରୁ ଅଳ୍ପ କିଛି ଜୀବନ ଯାତ୍ରା ସହ ଯୋଡ଼ି ପାରିଲେ ପ୍ରତିଟି ମଣିଷ ଶାନ୍ତି ଓ ସନ୍ତୋଷ ଲାଭ କରିପାରିବ। ଏହି ସଭାରେ ଅନୁଷ୍ଠାନର ସଭାପତି ବିଜୟ କୁମାର ସିଂହ, ସମ୍ପାଦକ ନାରାୟଣ ଚନ୍ଦ୍ର ଦାଶ, ଉପଦେଷ୍ଟା ଗୋପୀନାଥ ଦାଶ, ସଭ୍ୟ ବିଜୟ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାମାୟଣି ପଣ୍ଡିତ ଅଭୟ ଦାଶ ସଂଯୋଜନା କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଜାତୀୟ ସେବା ଯୋଜନା ଉଦ୍‌ଘାଟନ ଉତ୍ସବ



କୁଜଙ୍ଗ, ୧୯।୩(ସମିସ): ବିଜୟ ଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ, ସମାଗୋଳ, କୁଜଙ୍ଗଠାରେ ଜାତୀୟ ସେବା ଯୋଜନା ଦ୍ୱାରା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୋପିଆକୁଦ ଗ୍ରାମପଞ୍ଚାୟତ ଗଣ୍ଡକିପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ଗଙ୍ଗାଧର ସାମନ୍ତରାୟ, ମୁଖ୍ୟବକ୍ତା ସାହିତ୍ୟିକ ତଥା ସ୍ତମ୍ଭକାର ଜୀବନାନନ୍ଦ ଅଧିକାରୀ, ପ୍ରଧାନଶିକ୍ଷକ ପ୍ରଦୀପ କୁମାର ରାଉତ, ଗ୍ରାମ୍ୟ ମୁରବୀ ସୁଧାଂଶୁ ଶେଖର ମହାପାତ୍ର, ଅଧ୍ୟକ୍ଷ ଡ.ପ୍ରତାପ କୁମାର ମହାପାତ୍ର, ସେବା ଯୋଜନାର ତତ୍ତ୍ୱାଧିକାରୀ ଡ. ହେମନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ୫୦ ଜଣ ଶିବିରାର୍ଥୀଙ୍କୁ ସେବାକାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶତାଧିକ ଗ୍ରାମ୍ୟ ମୁଖିଆ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ପ୍ରେରଣା ଦେଇଥିଲେ। ସ୍ୱେଚ୍ଛାସେବୀ ବିନୟ ରାଉତ, ଅଙ୍କିତା ଜେନା, ମଧୁସ୍ମିତା ସୁନା, ସବିତା ଭଗତ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଓଡ଼ିଆ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ



କୁଜଙ୍ଗ, ୧୯।୩(ସମିସ): କୁଜଙ୍ଗ ବ୍ଲକ ରାହାମା କଲେଜ ପଡ଼ିଆରେ ୧୧ ତାରିଖରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାଗବତ ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅଷ୍ଟମ ସନ୍ଧ୍ୟାରେ ସତ୍ୟାନନ୍ଦ ମହାରାଜଙ୍କ ସହ ସ୍ଥାନୀୟ ସାଧୁସନ୍ଥ ଯୋଗ ଦେଇ ଏହି ଭବ୍ୟ ଆୟୋଜନକୁ ନିଜ ଦିବ୍ୟ ବାଣୀ ଦ୍ୱାରା ପରିବେଶକୁ ଜଗନ୍ନାଥମୟ କରି ଦେଇଥିଲେ। ଅଧିକାରୀ ରମାକାନ୍ତ ଦାସ, ବାବା ନିତ୍ୟାନନ୍ଦ ମହାରାଜା, ରାମଚଣ୍ଡୀ ମଠ ବାୟା ବାବା, ବିଶ୍ୱମ୍ବର ବାବା, ବାବୁଲି ବାବା, ଅରୁ ବାବା, ପରୁ ବାବା, ନିତ୍ୟାନନ୍ଦ ବାବା, ଦୟାନିଧି ବାବା, ଇଫ୍‌କୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଧୃତିଧର ଦାସ ପ୍ରମୁଖ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ବହୁ ଆଲୌକିକ ଘଟଣା ବର୍ଣ୍ଣନା କରିଥିଲେ। ସେହିପରି ସପ୍ତମ ସନ୍ଧ୍ୟାରେ ବିଭିନ୍ନ ଜଗନ୍ନାଥ ମଠ ମନ୍ଦିରର ମହନ୍ତ, ପୁରୀର ବିଭିନ୍ନ ମଠର ସାଧୁସନ୍ଥ ଯୋଗ ଦେଇଥିଲେ। ସମାଜସେବୀ ଡ. ସୁନାକର ବେହେରା ସଂଯୋଜନା କରିଥିଲେ। ଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ଅନୁଷ୍ଠାନର ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ମହାରାଜ ଉପସ୍ଥିତ ସାଧୁ ସନ୍ଥଙ୍କ ପରିଚୟ ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ଛତିଶା ନିଯୋଗର ମୁଖ୍ୟ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଗାରବ ପିଡ଼ିଆ ମଠ ବାରଭାଇ ଆଖଡାଶ୍ୱର ଶ୍ରୀ ମହନ୍ତ ମହାମଣ୍ଡଳେଶ୍ୱର ରାମକୃଷ୍ଣ ଦାସ ମହାରାଜ, ନେଉଳି ମଠ ମୁଖ୍ୟ ମାନସ କୋକିଳ ଉପାଧି ଡ. ରାମଚନ୍ଦ୍ର ଦାସ ମହାରାଜ, ରାମଶୁକ୍ଳା ଦାସ ମହାରାଜ, କଟଚି ମଠର ମହନ୍ତ ରାମାନୁଜନ ଦାସ ମହାରାଜ, ଚାମର ସେବକ ନାରାୟଣ ମହାନୁଜ ଦାସ ମହାପାତ୍ର, ପୁରୀ ମହୀପ୍ରକାଶ ମଠାଧୀସ ସ୍ୱାମୀ ଶୁଭ୍ରାନନ୍ଦ, ପାପୁଡିଆ ମଠର ମହାମଣ୍ଡଳେଶ୍ୱର ରାମକୃଷ୍ଣ ଦାସ, ରାଧା ବଲ୍ଲଭ ମଠାଧୀଶ ରାମକୃଷ୍ଣ ଦାସ, ପୁରୀ ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ, ମହନ୍ତ ବିଜୟ ରାମାନୁଜ ଦାସ, ବଡସନ୍ତ ମଠ ମହନ୍ତ ଦିବ୍ୟାନନ୍ଦ ଦାସ, ଗିରି ଗଙ୍ଗୋତ୍ରୀ ମଠ ମହନ୍ତ ଅଦୈତ ନନ୍ଦ, ରାମାନନ୍ଦ ଆଶ୍ରମ ମହନ୍ତ ଭଗବାନ ଦାସ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଶିଳ୍ପ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ପହଞ୍ଚି ସାଧୁସନ୍ଥ ମାନଙ୍କ ଆର୍ଶୀବାଦ ନେବା ସହିତ ଓଡ଼ିଶାବାସୀଙ୍କ ମଙ୍ଗଳକାମନା କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ରିକା ନୀଳଚକ୍ର ସାଧୁ ସନ୍ଥଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା।

# ନିଶା କବଳରେ ଯୁବପିଢ଼ି, ବଢୁଛି ଅପରାଧ

ପାରାଦୀପ, ୧୯।୩ (ସମିସ)



ପାରାଦୀପରେ ଦିନକୁ ଦିନ ନିଶା କବଳରେ କବଳିତ ହୋଇପଡ଼ିଲେଣି ଯୁବପିଢ଼ି, ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଚୋରି, ଡକାୟତି, ଗଣ୍ଡଗୋଳ ଇତ୍ୟାଦି ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଅପରାହ୍ନରେ ସମୁଦ୍ରକୂଳ ଅଞ୍ଚଳରେ ଜଣେ ଯୁବକ ରାସ୍ତାରେ ଗାଡିରଖି ଶୌଚାଳୟରୁ ଆସିବା ବେଳକୁ ଗାଡ଼ି ଚୋରିହୋଇଯାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ ଗାଡ଼ି ନ ମିଳିବାରୁ ପୁଲିସ ପାଖରେ ଗାଡି ଚୋରି ହୋଇଯାଇଥିବା ନେଇ ରିପୋର୍ଟ କରିଥିବା ସୂଚନା ମିଳିଛି। ଠିକ ସେହିଭଳି ବିଳମ୍ବିତ ରାତ୍ରିରେ ପାରାଦୀପ ବଡ଼ପଡ଼ିଆ ମାର୍କେଟ ବିଲଡିଂ ମାର୍କେଟରେ ଏକ ପାନ ଦୋକାନରୁ କଳାକନା ବୁଲାଇଛନ୍ତି ଚୋର। କବାଟ ତାଡି ଦିନସାରା ବେପାର କରି ରଖିଥିବା ଟଙ୍କାବକ୍ସକୁ ନେଇଯାଇଥିବା ବେଳେ ସିଗାରେଟ, ଗୁଟଖା ଆଦି ନେଇଥିବା ଅଭିଯୋଗ କରିଛନ୍ତି ଉକ୍ତ ପାନ ଦୋକାନୀ। କେବଳ ଏହି ଘଟଣା ନୁହେଁ ବିଭିନ୍ନ ସମୟରେ ଗଣ୍ଡଗୋଳ, କମେଣ୍ଟ ମାରିବା ଘଟଣା କୁ ନେଇ ଥାନାରେ ଅନେକ ଅଭିଯୋଗ ଆସୁଥିବା ବେଳେ ପୋଲିସ ଏକପ୍ରକାର ନିଷ୍କ୍ରିୟ ହୋଇପଡ଼ିଛି। ଏହାର ମୁଖ୍ୟ କାରଣ ରହିଛି ନିଶାସେବନ। ପାରାଦୀପର ଗଳିକନ୍ଦିରେ ଚୋରାମଦ, ଗଞ୍ଜେଇ, ବ୍ରାଉନସୁଗର ଭଳି ବ୍ୟବସାୟ ଖୁଲମଖୁଲା ଚାଲୁଥିବା ବେଳେ ପୁଲିସ ଏମାନଙ୍କ ପାଖରେ ପହଞ୍ଚି ପାରୁନି। କିଛି ପୁଲିସ କର୍ମଚାରୀ ଏମାନଙ୍କ ପାଖରୁ ମାସିକିଆ ବଟି ଆଣି ଏମାନଙ୍କୁ ବେପାର ବଢ଼ାଇବାର ସୁଯୋଗ ଦେଉଥିବା ନେଇ କିଛି ପାରାଦୀପ ବାସିନ୍ଦା ପ୍ରକାଶ କରିଛନ୍ତି। ପାରାଦୀପ କଲେଜ ନିକଟରେ ରହିଥିବା ପୁରୁଣା ରିକ୍ରେସନ ସେଣ୍ଟର, ଲାଇଟହାଉସ ପ୍ରଭୃତି ସ୍ଥାନରେ ଅସାମାଜିକଙ୍କ ଆଡ୍ଡା ଜମିବା ସହିତ ଏହି ସ୍ଥାନ ମାନଙ୍କରେ ବ୍ରାଉନସୁଗର ବେପାର ଚାଲୁଥିବା ନେଇ କିଛି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଏପରିକି ଏହି ଯୁବକ ମାନେ ବିଭିନ୍ନ ସମୟରେ କଲେଜ ଆସୁଥିବା ଝିଅମାନଙ୍କୁ କମେଣ୍ଟ ମାରିବା ଏବଂ ପାରାଦୀପର ବିଭିନ୍ନ ଅପରାଧରେ ସାମିଲ ହେଉଥିବା ନଜରକୁ ଆସୁଥିବା ନେଇ ପ୍ରକାଶ କରିଛନ୍ତି। ଏହିଭଳି ଅନେକ ସ୍ଥାନରେ ନିଶା ବେପାରର ଆଡ୍ଡା ଜମୁଥିବା ବେଳେ ପୁଲିସ କଣ ପାଇଁ ଏହି ନିଶାବେପାରୀ ଓ ଅସାମାଜିକ ମାନଙ୍କ ଉପରେ ଆକ୍ସନ ନେଉନି ତାହାକୁ ନେଇ ପ୍ରଶ୍ନ କରୁଛନ୍ତି। ଗୋଟିଏ ପଟେ ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ଜିଲ୍ଲା ରୁ ନିଶା ଓ ଅପରାଧିକ କାର୍ଯ୍ୟକଳାପ ରୋକ ଲଗାଇବାକୁ ଆକ୍ସନ ମୁଡ଼ରେ ରହୁଥିବା ବେଳେ ପାରାଦୀପ ପୋଲିସ କଣପାଇଁ ସ୍ଥାଣୁ ପାଲଟିଛି ଏ ନେଇ ପାରାଦୀପ ବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କିମାରିଛି।

# ଖଇରା ଥାନାରେ କ୍ରସର ମାଲିକଙ୍କ ବୈଠକ

ଖଇରା, ୧୯।୩ (ସମିସ): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡ ସଂଲଗ୍ନ ଅଞ୍ଚଳରେ ଚାଲିଥିବା କ୍ରସର ଗୁଡିକର ଯାଞ୍ଚ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ ବୁଧବାର ୩ଟି ଖଣି ଉପରେ ମାମଲା ରୁଜୁ କରାଯାଇଛି। ଗୁରୁବାର ଅପରାହ୍ନରେ ଖଇରା ଥାନା ପରିସରରେ ଅଧିକାଂଶ କ୍ରସର ମାଲିକ ଉପସ୍ଥିତିରେ ଆୟୋଜିତ ବୈଠକରେ ଏସଡିପିଓ ପ୍ରମୋଦ ମଲ୍ଲିକ ଶୁକ୍ରବାର ଠାରୁ ସମସ୍ତ କ୍ରସର ଗୁଡିକରେ ଗଚ୍ଛିତ ପଥର ଓ ପରିବେଶ ପ୍ରଦୂଷଣ ଉପରେ ହେବାକୁ ଥିବା ଯାଞ୍ଚ ପାଇଁ ସହଯୋଗ କରିବାକୁ କହିଥିଲେ। ଏଥିପାଇଁ ସମସ୍ତଙ୍କୁ ଧାରା ୯୦ରେ ନୋଟିସ କରାଯାଇଛି। ଖଣି ପ୍ରଦୂଷଣ ନିୟନ୍ତ୍ରଣ, ରାଜସ୍ୱ, ପୁଲିସକୁ ନେଇ ଗଠିତ ଯାଞ୍ଚଟିମ ଶୁକ୍ରବାର ଠାରୁ ସମସ୍ତ ଖଣି ଯାଞ୍ଚ କରିବେ ବୋଲି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଖଇରା ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ବ୍ଲାଷ୍ଟିଂ ତଥା ପଥର ଚୋରୀ ସମ୍ପର୍କରେ ଏସଡିପିଓଙ୍କୁ ପଚାରିଥିବା ବିଭିନ୍ନ ପ୍ରଶ୍ନର ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ। ପାହାଡରେ ସବୁଦିନ ବ୍ଲାଷ୍ଟିଂ ଚାଲିବା, ଜିଲାପାଳଙ୍କ ପ୍ରତିଶ୍ରୁତି ଅନୁଯାୟୀ ସିସି କ୍ୟାମେରା ଲଗାନଯିବା ବା ଚେକପୋଷ୍ଟ ନ ବସିବା, ପରିବେଶ ଅନୁମତି ଅଭାବରୁ ଲଘୁଖଣିଜ ଉତ୍ତୋଳନ ବନ୍ଦଥିବା ବେଳେ ନୂତନ କ୍ରସର ଖୋଲିବାକୁ ଅନୁମତି ପ୍ରଦାନ କରାଯିବା କୁ ନେଇ ଖବରଦାତା ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ରେ ସମୟସୀମା ସରିଯାଇଥିବାରୁ ବ୍ଲାଷ୍ଟିଂ ଚାଲୁଥିବା ବିଷୟରେ ଏସଡିପିଓ ସ୍ୱୀକାର କରିଥିବା ବେଳେ ରାତିଅଧରେ ପ୍ରଶାସନ ସେଠାରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ ଅସମର୍ଥ ବୋଲି କହିଥିଲେ। ଉକ୍ତ ବୈଠକରେ ଏସଡିପିଓଙ୍କ ସମେତ ଖଇରା ଥାନା ଆଇଆଇସି ଜନ୍ ପଟ୍ଟନାୟକ, ତହସିଲଦାର ଅମିତ ରଞ୍ଜନ ହୋତା, ଜୁନିୟର ଖଣି ଅଧିକାରୀ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶାରିଶୁଆ ପାହାଡରେ କିଛି ବର୍ଷ ଧରି ନାମକୁ ମାତ୍ର ଚଢାଉ ଚାଲିଥିବା ବେଳେ କିଛି ଜିଲା ବାହାରର କିଛି ଖଣି ବ୍ୟବସାୟୀଙ୍କ ଚାପରେ ଏବେ କ୍ରସର ଚଢାଉ ନାଟକ ଭିତିରି ବୁଝାମଣା ପାଇଁ ଉଦ୍ଦିଷ୍ଟ ବୋଲି ଖଣି ସଂଲଗ୍ନ ଗ୍ରାମର ଅଧିବାସୀ ମାନେ ଅଭିଯୋଗ କରିଛନ୍ତି।


# ୮ ବର୍ଷ ପରେ ବି ଅପହଞ୍ଚ 'ବସୁଧା' ମଧୁର ଜଳ

## ଜଳ ଦିବସ ପାଇଁ ଫଟା କାନ୍ଥରେ ରଙ୍ଗମରା

ଅସୁରାଳି, ୧୯।୩(ସମିସ)

ରାଜ୍ୟ ସରକାରଙ୍କ 'ବସୁଧା' ଯୋଜନାରେ ଘରେ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଧାମନଗର ବ୍ଲକ ଖପରପଦା ପଞ୍ଚାୟତରେ ଏହି ଯୋଜନା ବାଟବଣା ହୋଇଛି। ଦୀର୍ଘ ୮ ବର୍ଷ ହେଲା ଲୁଣିଆଠାରେ ୨ଟି ୨ଲକ୍ଷ ଲିଟର ବିଶିଷ୍ଟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସରିଥିଲେ ମଧ ସ୍ଥାନୀୟ ଲୋକଙ୍କୁ ଏ ପର୍ଯ୍ୟନ୍ତ ମଧୁର ଜଳ ଟୋପାଏ ମିଳିପାରି ନାହିଁ। ବିଶ୍ୱ ଜଳ ଦିବସକୁ ଆଖି ଆଗରେ ରଖି ଦୁର୍ନୀତିକୁ ଲୁଚାଇବା ପାଇଁ ମରାମତି ନ କରି ଫଟା କାନ୍ଥରେ ରଙ୍ଗମାରି ଦିଆଯାଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଲୁଣିଆ ଶାସନ ଗ୍ରାମକୁ ପାଣି ପାଇପ୍ ବିଛା ଯାଇଥିଲେ ମଧ ଜଳ ଯୋଗାଣ କରାଯାଉ ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବ୍ରଜ କିଶୋର ପଣ୍ଡା କହିଛନ୍ତି ଯେ, 'କୋଟି କୋଟି ଟଙ୍କା ବ୍ୟୟରେ ଟାଙ୍କି ନିର୍ମାଣ ହୋଇଛି ସତ, କିନ୍ତୁ ଲୋକଙ୍କ ପାଇଁ ଏହା ଶୋଭାବର୍ଦ୍ଧନକାରୀ ସାମଗ୍ରୀ ପାଲଟିଛି। ଆମେ ପାଣି ମୁନ୍ଦାଏ



ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଅନିୟମିତତା

ପାଇଁ ଚାହିଁ ବସିଛୁ। ଆସନ୍ତା ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳନ ପାଇଁ ବିଭାଗ ତରବରିଆ ପ୍ରସ୍ତୁତି କରୁଥିବାବେଳେ ଏଠାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରକଳ୍ପର ସୁରକ୍ଷା ପାଚେରି ଫାଟିଯାଇଥିଲେ ମଧ ତାହାର ମରାମତି ନ କରି କେବଳ ରଙ୍ଗମାରି ଦିଆଯାଉଛି। ଲକ୍ଷ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ହଡ଼ପ କରିବା ପାଇଁ ଏହା ଠିକାଦାରଙ୍କ ଏକ ଯୋଜନାବଦ୍ଧ ଚାଲ୍ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ସମିତିସଭ୍ୟ ଭାରତ ବିଜୟ ଦଳାଇ ନିଜର କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଲୋକେ ହଇରାଣ ହେଉଛନ୍ତି। ଏହା ସରକାରୀ ଅର୍ଥର ଅପବ୍ୟୟ ଛଡ଼ା ଅନ୍ୟ କିଛି ନୁହେଁ।

ଅନ୍ୟପଟେ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ ନାୟକ କହିଛନ୍ତି, 'ମୁଁ ନୂଆ କରି ଦାୟିତ୍ୱ ଗ୍ରହଣ କରିଛି। ପୂର୍ବରୁ ଠିକାଦାର କାର୍ଯ୍ୟ ସାରି ନ ଥିବାରୁ ଜଳ ଯୋଗାଣରେ ବିଳମ୍ବ ହୋଇଛି, କିନ୍ତୁ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ। ସେହିପରି ସରପଞ୍ଚ ଅନୁସୟା ସାହୁ କହିଛନ୍ତି ଯେ, ବିଭାଗ ମୋତେ ଦାୟିତ୍ୱ ହସ୍ତାନ୍ତର କରିନାହିଁ। ବର୍ତ୍ତମାନ କାର୍ଯ୍ୟ ଉପରେ ଦୃଷ୍ଟି ଦିଆଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଲୋକମାନେ ପାଣି ପାଇବେ ବୋଲି ଆମେ ଆଶା କରୁଛୁ। ଏବେ ଦେଖିବାକୁ ବାକି ରହିଲା, ଏହି ଏକ ସପ୍ତାହ ଭିତରେ ଲୋକଙ୍କୁ ପାଣି ମିଳୁଛି ନା ପୂର୍ବ ଭଳି ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଉଛି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ବାଲିଆପାଳ, ୧୯।୩ (ସମିସ): ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ଚୋରା ଚାଲାଣ ବେଳେ ପୁଲିସ ଚଢ଼ଉ କରି ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ଚଡବଡାପାଳ, ଛୋଟ କାନପୁର ଅଞ୍ଚଳରେ ମାଫିଆମାନେ ଦିନ ରାତି ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲଣ କରୁଛନ୍ତି। ଆଜି ଭୋର ସମୟରେ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିଲା ବେଳେ ବାଲିଆପାଳ ପୁଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରରେ କୌଣସି ଅରିଜିନାଲ କାଗଜପତ୍ର ନଥିବାରୁ ସେଗୁଡିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ପୁଲିସ।

# ଲକ୍ଷାଧିକ ଟଙ୍କାର ସୁନା, ରୁପା ଚୋରି

ବନ୍ତ/ଆଗରପଡ଼ା, ୧୯।୩(ସମିସ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ଖିଲାରସାହିରେ ମଙ୍ଗଳବାର ରାତିରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଚୋରି ହୋଇଥିବା ନେଇ ବୁଧବାର କେନ୍ଦୁଆପଦା ଫାଣ୍ଡିରେ ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ, ଖିଲାରସାହିରେ ସୁରେଶ ଖିଲାରଙ୍କ ଘରୁ ମଙ୍ଗଳବାର ରାତିରେ ଲୁହା ଜଞ୍ଜିର ତାଡ଼ି କବାଟ ଭାଙ୍ଗି ଚୋର ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏବଂ ନଗଦ ୩୭ ହଜାର ଟଙ୍କା ଚୋରି କରି ନେଇଯାଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ବୁଧବାର ସକାଳୁ ସୁରେଶଙ୍କ ପରିବାର ଦେଖିଲେ ତାଙ୍କ ଘର କବାଟ ଭଙ୍ଗା ହେବା ସହିତ ସୁନା ଓ ଟଙ୍କା ଥିବା ବାକ୍ସ ଓ ଆଟାଜ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ବାରି ପଛପାଖ କପାଳୀ ନଈ ପାଖରେ ଖୋଲା ହୋଇ ପଡ଼ିଥିଲା। ସେଥିରେ ଥିବା କାଗଜପତ୍ର ବିଛାଡ଼ି ହୋଇ ପଡ଼ିଥିବାବେଳେ ସୁନା ଗହଣା ଓ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ପରେ କେନ୍ଦୁଆପଦା ଫାଣ୍ଡିକୁ ଖବର ଦେଇଥିଲେ ସୁରେଶ। କେନ୍ଦୁଆପଦା ଫାଣ୍ଡି ଅଧିକାରୀ ଘଟଣାସ୍ଥଳକୁ ଆସି ଘଟଣାର ଅନୁଧ୍ୟାନ କରିଥିବା ସୂଚନା ମିଳିଛି।

# ସମାଜସେବୀ ଅମ୍ବି ମୁଖୀଙ୍କ ପରଲୋକ



ବନ୍ତ/ଆଗରପଡ଼ା, ୧୯।୩(ସମିସ): ବନ୍ତ ବ୍ଲକ ଛୟାଳସିଂହ ପଞ୍ଚାୟତ ମୁଖୀସାହିର ସମାଜସେବୀ ଅମ୍ବି ମୁଖି( ୮୧)ଙ୍କର ପରଲୋକ ହୋଇଛି। ସେ ଏକ ବାହାଘର କାର୍ଯ୍ୟକ୍ରମକୁ ଯାଇଥିବାବେଳେ ଅସୁସ୍ଥତା ଅନୁଭବ କରିବାରୁ ପ୍ରଥମେ ଘଷିପୁରାସ୍ଥିତ ମେଡିକାଲ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍‌ରେ ମୃତ୍ୟୁ ହୋଇଥିବା ନେଇ ଜଣାଯାଇଛି। ଏକ ଆମ୍ବୁଲାନ୍ସ ଯୋଗେ ଶବକୁ ଗ୍ରାମକୁ ଅଣାଯାଇଥିଲା। ମାଣ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିବା ସହିତ ପୁଷ୍ପ ପ୍ରଦାନ ପୂର୍ବକ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋକାକୁଳ ପରିବେଶରେ କୀର୍ତ୍ତନ ମଣ୍ଡଳୀ ସହିତ ଗ୍ରାମ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ରାଜେନ୍ଦ୍ର ମୁଖୀ ମୁଖାଗ୍ନି ଦେଇଥିଲେ।

# ମା' ତାରିଣୀଙ୍କ ପୂଜୋତ୍ସବ

ବାଲିଚନ୍ଦ୍ରପୁର, ୧୯।୩(ସମିସ): ସୁଦୂର ଗଞ୍ଜାମ ଜିଲ୍ଲାରୁ ବାଲିଚନ୍ଦ୍ରପୁର ବଜାରକୁ ଦୀର୍ଘ ୭୦ ବର୍ଷ ହେବ ଆସି ଭଡା ଘରେ ରହି ଏଠାରେ ଶୁଖୁଆ ବ୍ୟବସାୟ କରି ଆସୁଥିବା ୪୧ ପରିବାର ପକ୍ଷରୁ ୨୯ ତମ ମା' ତାରିଣୀଙ୍କ ମେଳା ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜକ ଭାବେ ଭରତ ଚନ୍ଦ୍ର ପାଢ଼ୀ ପୂଜା କାର୍ଯ୍ୟ ପରିଚାଳନା କରିଥିବା ବେଳେ କର୍ତ୍ତାଭାବେ ରାଜୁ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ।

ଏହି ଅବସରରେ 'କେଦାର ସୁର ସାଗର ଭଜନ ସନ୍ଧ୍ୟା' ପକ୍ଷରୁ ଏହାର ମୁଖ୍ୟ ପ୍ରଶାନ୍ତ କୁମାର ପରିଡ଼ାଙ୍କ ପରିଚାଳନାରେ କଳାକାର ମାନେ ଭଜନ ପରିବେଷଣ କରିଥିଲେ। ସର୍ବଶ୍ରୀ ଟିଣା ବେହେରା, ତରେଇ ବେହେରା, ସହଦେବ ବେହେରା, ମଧୁ ବେହେରା, ପବି ବେହେରା, ନରି ବେହେରା, ଭୁବନା ବେହେରା, ଧରମୁ ବେହେରା, ଜୟ ବେହେରା ଓ ପଞ୍ଚୁ ବେହେରା ପ୍ରମୁଖ ଏହି ପୂଜୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ

ତିହିଡ଼ି, ୧୯।୩(ସମିସ): ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଧାରଣାରେ ବସିଛନ୍ତି। ଏହି ଧାରଣାକୁ ଅଭିଭାବକମାନେ ସମର୍ଥନ ଜଣାଇ ଧାରଣାସ୍ଥଳରେ ମଧ ବସିଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତିଙ୍କ ବିରୋଧରେ ଏହି ଧାରଣା ଦିଆଯାଇଥିବା ଜଣାଯାଇଛି। ପୂର୍ବତନ ସମ୍ପାଦକ ପ୍ରିୟବ୍ରତ ପାଢ଼ୀ, ପ୍ରଶାନ୍ତ ପାଣିଗ୍ରାହୀ, ଲିଜା ଦାସ, ମାନସୀ ବାରିକ, ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ଧାରଣାରେ ସାମିଲ୍ ହୋଇଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ନିଜର ମନମାନୀ ଚଳାଇବା, ବେନିୟମ ଭାବେ ପ୍ରଧାନଆଚାର୍ଯ୍ୟାଙ୍କୁ ରାତିଅଧିଆ ବିଦ୍ୟାଳୟରୁ ବାହାର କରିଦେବା ଓ ବିଦ୍ୟାଳୟ ଟଙ୍କା ହଡ଼ପ କରିବା ଭଳି ଅଭିଯୋଗ ସହ ଆଚାର୍ଯ୍ୟ, ଆଚାର୍ଯ୍ୟାଙ୍କୁ ଦରମା ପ୍ରଦାନ ନ କରି ବିଭିନ୍ନ ପ୍ରକାର ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ଉଠିଛି। ଏହି ପରିଚାଳନା କମିଟିକୁ ଭାଙ୍ଗିବାକୁ ଦାବି କରି ଧାରଣାରେ ବସିଥିବା ଆନ୍ଦୋଳନକାରୀମାନେ ଦାବି ପୂରଣ ନ ହେବା ଯାଏଁ ଧାରଣା ଜାରି ରହିବ ବୋଲି କହିଛନ୍ତି। ସେପଟେ ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଅମୂଳକ। ମାନସିକ ନିର୍ଯାତନା କଥା ମିଛ ଓ ମନଗଢ଼ା। ଦରମା



ପ୍ରଦାନ ନ କରିବା ନେଇ ସେ କହିଛନ୍ତି ଛାତ୍ରଛାତ୍ରୀଙ୍କ ପାଖରୁ ଫି' ଆଦାୟ ହେଇ ନ ଥିବାରୁ ଦରମା ପ୍ରଦାନରେ ବିଳମ୍ବ ହେଉଛି। କାଲି ସୁଦ୍ଧା ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

# ପ୍ରଶାସନ ପକ୍ଷରୁ ଏସ୍‌ଆଇଆର୍ ଲାଗୁ ନେଇ ବୈଠକ

ଧାମନଗର, ୧୯।୩(ସମିସ): ଧାମନଗ ବ୍ଲକ ସଭାଗୃହରେ ଏସ୍‌ଆଇଆର୍ ଲାଗୁ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଏପ୍ରିଲ୍ ୧ ତାରିଖରୁ ଏହି ଏସ୍‌ଆଇଆର୍( ବିଶେଷ ନିବିଡ଼ ସଂଶୋଧନ) ସୁଚାରୁ ରୂପେ କରାଇବା ପାଇଁ



ବୈଠକରେ ନିୟମ, ପ୍ରକ୍ରିୟା ଓ କାର୍ଯ୍ୟ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ଅତିରିକ୍ତ ଉପଜିଲ୍ଲାପାଳ ଧନଞ୍ଜୟ ଟୁଡୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ଏସ୍‌ଆଇଆର୍ ହେଉଛି ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟର ତାଲିକା (ଇଲେକ୍ଟୋରାଲ ରୁଲ୍ସ) କୁ ଅପ୍‌ଡେଟ୍, ସଠିକ୍ ଏବଂ ସ୍ୱଚ୍ଛ କରିବା ପାଇଁ କରାଯାଉଥିବା ଏକ ଉଚ୍ଚସ୍ତରୀୟ ଯାଞ୍ଚ ପ୍ରକ୍ରିୟା। ଯେଉଁଥିରେ ନୂତନ ଭୋଟରଙ୍କୁ ଯୋଡ଼ିବା, ମୃତ କିମ୍ବା ବଦଳି ହୋଇଥିବା ଭୋଟରଙ୍କ ନାମ ହଟାଇବା କାର୍ଯ୍ୟ କରାଯିବ। ପ୍ରତ୍ୟେକ ବୁଥ୍‌ସ୍ତରରେ ବିଏଲ୍‌ଓ ଏବଂ ସମ୍ପୃକ୍ତ କର୍ମଚାରୀମାନେ ଘରକୁ ଘର ଯାଇ ଯାଞ୍ଚ୍ କରିବେ ବୋଲି କହିଥିଲେ। ସେହିପରି ଧାମନଗର ନିର୍ବାଚନମଣ୍ଡଳୀରେ ମୋଟ୍ ୨୬୦ଟି ବୁଥ୍ ଥିବାବେଳେ ବ୍ଲକର ୩୧ ପଞ୍ଚାୟତ ଓ ଏନ୍‌ଏସିକୁ ମିଶାଇ ମୋଟ୍ ୧୮ ୯ଟି ବୁଥ୍ ରହିଛି। ପ୍ରତ୍ୟେକ ବୁଥ୍ ପାଇଁ ଅଲଗା ଟିମ୍ ଗଠନ କରାଯିବା ସହ ପୂର୍ବରୁ ବୁଥ୍‌ଭିତ୍ତିକ ମ୍ୟାପିଙ୍ଗ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ଧାମନଗର ନିର୍ବାଚନମଣ୍ଡଳୀ ଏସ୍‌ଆଇଆର୍ ସମୟରେ ଲୋକଙ୍କଠାରୁ ସଠିକ୍ ତଥ୍ୟ ସଂଗ୍ରହ କରିବା, କୌଣସି ତ୍ରୁଟି ନ ରଖିବା ଓ ସମସ୍ତେ ସମନ୍ୱୟରେ କାମ କରିବାକୁ ବୈଠକରେ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ସବୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଛି।

# ଏନ୍‌ସି କଲେଜରେ ସ୍ୱୟଂରକ୍ଷା ସଚେତନତା କାର୍ଯ୍ୟକ୍ରମ

ଯାଜପୁର, ୧୯।୩(ସମିସ): ଯାଜପୁରସ୍ଥିତ ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱୟଂରକ୍ଷା ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରୀଙ୍କ ମଧ୍ୟରେ ସ୍ୱୟଂରକ୍ଷା କୌଶଳର ବିକାଶ କରିବା ସହିତ ସେମାନଙ୍କ ଆତ୍ମବିଶ୍ୱାସ, ସ୍ୱାଭିମାନ ଓ ସଚେତନତା ବୃଦ୍ଧି କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଯୋଗଦାନ କରି ଛାତ୍ରୀଙ୍କୁ ଆତ୍ମବିଶ୍ୱାସ ବୃଦ୍ଧିର ଗୁରୁତ୍ୱ ବୁଝାଇବା ସହ ସଦା ସଚେତନ ଓ ସାହସୀ ରହିବାକୁ ପ୍ରେରିତ କରିଥିଲେ। ଏଥିସହ ସେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରା ତାଙ୍କ ଅଭିଭାଷଣରେ ଆତ୍ମନିର୍ଭରତା, ସଚେତନତା ଓ ଆତରକ୍ଷା କୌଶଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡା. ଲୋପାମୁଦ୍ରା ଦାଶ ବିଗତ ୮ ଦିନ ବ୍ୟାପି ଚାଲିଥିବା ଏହି ପ୍ରଶିକ୍ଷଣର ବିବରଣୀ ଉପସ୍ଥାପନ କରିଥିଲେ।

ଏହି ଅବସରରେ ଛାତ୍ରୀମାନେ ସେମାନଙ୍କ ଶିଖିଥିବା ବିଭିନ୍ନ ପ୍ରୟୋଗାତ୍ମକ ସ୍ୱୟଂରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷିକା ଭାଗ୍ୟଶ୍ରୀ ମହାପାତ୍ର, ସୁନୀତା ଦାସ ଓ ସୁଶ୍ରୀ ପ୍ରଜ୍ଞା ଆଲୁମ୍‌ନିର ସଦସ୍ୟା ଓ ଅଙ୍ଗନବାଡ଼ି କର୍ମୀ ରଞ୍ଜିତା ସ୍ୱାଇଁ ଓ ଛାତ୍ରୀମାନେ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପରବର୍ତ୍ତୀ



ସମୟରେ ଅତିଥିମାନଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରଫେସର ଉଷାରାଣୀ ସେଠୀ, ଡା. ନିଭା ନାୟକ, ଡା. ପ୍ରୀତି ଶ୍ରୀରଞ୍ଜନ, ଡା. ସ୍ୱାଗତିକା ମହାନ୍ତି, ଓ ଡା. ପ୍ରିୟଦର୍ଶିନୀ ରଥ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଛାତ୍ରୀ ପ୍ରତିନିଧି ଅନୁସୂୟା ସେଠୀ, ସ୍ମିତି ସଞ୍ଜୀବନୀ ମଲ୍ଲିକ ଓ ଜିଜ୍ଞାସା ଜ୍ୟୋତି ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଡା. ରଞ୍ଜିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡା. ସଞ୍ଜିତା ଅଭିଜିତା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳିଗଲା ଦୁଇ ବଖରା

ବନ୍ତ/ଆଗରପଡ଼ା, ୧୯।୩(ସମିସ): ଅଗ୍ନିକାଣ୍ଡ ଘଟି ଟିଲୋସ୍ଥିତ ମାଧପୁର ଗ୍ରାମର ଅନିରୁଦ୍ଧ ସାଙ୍କର ଦୁଇ ବଖରା ଚାଳଘର ସହ ସମସ୍ତ ଘରୋଇ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଆଗରପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରୋଷେଇ କରୁଥିବାବେଳେ ନିଆଁ ଲାଗି ଏହିପରି ଅଘଟଣ ଘଟିଥିବାର ଜଣାପଡ଼ିଛି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

# 'ସକାଳ' ପ୍ରଭାବ: ନିର୍ମାଣ ହେଲା ସୁରକ୍ଷା ପାଚେରି

ବନ୍ତ/ଆଗରପଡ଼ା, ୧୯।୩(ସମିସ): ଗତ ଡିସେମ୍ବର ୨୦ ତାରିଖରେ 'ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ; ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହୋଇଥିବା ଜଣାପଡ଼ିଛି। ବନ୍ତ ବ୍ଲକ



ଆଗରପଡ଼ା ବିଦ୍ୟୁତ୍ ବିଭାଗ ଅଧୀନସ୍ଥ କାଦବରାଙ୍ଗ ଗ୍ରାମପଞ୍ଚାୟତର ବନ୍ତଳା ଗ୍ରାମର ଅଙ୍ଗନବାଡ଼ି, ଖେଳପଡ଼ିଆ ଓ ଶିବ ମନ୍ଦିର ନିକଟରେ ବିପଦସଂକୁଳ ଏବଂ ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିଲା। ମଣିଷ ଏବଂ ଗାଈଗୋରୁଙ୍କ ସମେତ କୁନିକୁନି ପିଲାଙ୍କ ପାଇଁ ଏହା ବିପଦ ସାଜୁଥିଲା। ଉକ୍ତ ଟ୍ରାନ୍ସଫର୍ମରର ସୁରକ୍ଷା ପାଇଁ ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବାକୁ ବନ୍ତଳାବାସୀଙ୍କ ପକ୍ଷରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

# ବଡି ବିଲ୍ଡରଙ୍କୁ ସମ୍ବର୍ଦ୍ଧନା



ଯାଜପୁର, ୧୯।୩(ସମିସ): ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଲକ୍ଷ୍ମୀଧର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରାୟଗଡ଼ା ଟିକିରିରେ ଅନୁଷ୍ଠିତ ବଡି ବିଲ୍ଡିଂ ମିଷ୍ଟର ଓଡ଼ିଶା ପ୍ରତିଯୋଗିତାରେ ଭାଗ ନେଇ ଯାଜପୁର ଡେବିଦ୍ୱାର ଅଞ୍ଚଳର ଲକ୍ଷ୍ମୀଧର ସାହୁ ବିଜୟୀ ହୋଇଛନ୍ତି। ଏହି ଅବସରରେ ଯାଜପୁର ଷ୍ଟଡ୍ ଫିଟନେସ୍ କେନ୍ଦ୍ରର ପ୍ରତିଷ୍ଠାତା ସତ୍ୟ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଜିମ୍ ପରିସରରେ ଲକ୍ଷ୍ମୀଧର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୋଚ୍ ସତ୍ୟ ମିଶ୍ର, ସୌମ୍ୟ ସାର୍ଥକ ସାହୁ, ସୁକାନ୍ତ ପାଣି ଏବଂ ଶିବ ପ୍ରସାଦ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୯।୩ (ସମିସ): ଭାଷା ବିକାଶ ଆନ୍ଦୋଳନ, ସଂସ୍କାର, ପ୍ରାପ୍ତି ଓ ଆର୍ଯ୍ୟ ସମାଜ ଆଦି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସ୍ରଷ୍ଟା କାର୍ଯ୍ୟାଳୟରେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ସତ୍ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡା. କୁମାର ଗୋପାଳଙ୍କ ସମ୍ପାଦନାରେ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ସମ୍ପର୍କ'ର ଶୁଭ ଉନ୍ମୋଚନ ହୋଇଥିଲା। ଭାଷା ବିକାଶ ଆନ୍ଦୋଳନ




ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସଂଗଠନ ସମ୍ପାଦକ ତପନ ରାୟ, ବିଶିଷ୍ଟ ସାହିତ୍ୟିକ ଡା. କୁମାର ଗୋପାଳ, ସାହିତ୍ୟିକ ତାରାପଦ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମାନବ ଜୀବନରେ ଆଧ୍ୟାତ୍ମିକତାର ଭୂମିକା ସମ୍ପର୍କରେ ଡ. ରମାକାନ୍ତ ନାୟକ, ପଣ୍ଡିତ ସଞ୍ଜୟ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ସୁଶ୍ରୀ ଅରୁଣା ରାୟ, ବ୍ୟୋମନାଥ ରଥ, ଡ. ସାରଙ୍ଗଧର ତ୍ରିପାଠୀ, ଦାମୋଦର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦନେଶ୍ୱର ମହାଦେବଙ୍କ ହାକାଣ୍ଡ ପୋଖରୀ ଓ ବଜାର ଆୟ ଉତ୍ସ ନିଲାମ

ଚନ୍ଦନେଶ୍ୱର, ୧୯।୩ (ସମିସ)

ଭୋଗରାଇର ଚନ୍ଦନେଶ୍ୱର ମହାଦେବଙ୍କ ହାକାଣ୍ଡ ପୋଖରୀ ଓ ଦୈନିକ ବଜାରର ଆୟ ଉତ୍ସ ଗୁରୁବାର ନିଲାମ ହୋଇଛି। ନୂତନ ହାକାଣ୍ଡ ପୋଖରୀ ୪୨୦୦୦ ଟଙ୍କାରେ ଦକ୍ଷିଣ ସରିଶା ଗାଁର କାନୁ ଚରଣ ଜେନା ଓ ଚନ୍ଦନେଶ୍ୱର ଦୈନିକ ବଜାର ୨୫ ଲକ୍ଷ ଟଙ୍କାରେ ଗାଜିପୁର ଗାଁର ରୂପକ ଜେନା ନିଲାମ ନେଇଛନ୍ତି।

ବିବରଣୀରୁ ପ୍ରକାଶ, ବାବା ଚନ୍ଦନେଶ୍ୱର ଜୀଉଙ୍କ ବିଭିନ୍ନ ଆୟଉତ୍ସ ମଧ୍ୟରୁ ଦୈନିକ ବଜାର, ଗାଡି ପାର୍କିଂ, ଜୋତାଷ୍ଟାଣ୍ଡ ଓ ନୂତନ ହାକାଣ୍ଡ ପୋଖରୀ(କିଆଁ ଗଡ଼ିଆ)



ପ୍ରକାଶ୍ୟରେ ଚନ୍ଦନେଶ୍ୱର ମନ୍ଦିର ନିକଟରେ ନିଲାମ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଗତ ଗୁରୁବାର ଦିନ ଗାଡି ପାର୍କିଂ ୪୦ ଲକ୍ଷ ୫ହଜାର, ଜୋତା ଷ୍ଟାଣ୍ଡକୁ ୧ଲକ୍ଷ ୧୦ହଜାର ୫୦୦, ଭୋଗ ଦୋକାନ ବାବଦକୁ ୨ଲକ୍ଷ ୭୫ହଜାର, ଧୂପଧୁଣା ଉତ୍ସକୁ ୧ଲକ୍ଷ ୪୧ହଜାର ଟଙ୍କାରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଲାମ ଦିଆଯାଇଥିଲା। ଅନ୍ୟ ଦୁଇ ଉତ୍ସ ଦୈନିକ ବଜାର ଓ ନୂତନ ହାକାଣ୍ଡ ପୋଖରୀ କେତେକ କାରଣ ପାଇଁ ନିଲାମ ହୋଇ ପାରିନଥିଲା। କିନ୍ତୁ ଆଜି ଗୁରୁବାର ଚନ୍ଦନେଶ୍ୱର ମହାଦେବଙ୍କ ନୂତନ ହାକାଣ୍ଡ ପୋଖରୀ ୪୨୦୦୦ଟଙ୍କା ଓ ଚନ୍ଦନେଶ୍ୱର ଦୈନିକ ବଜାର ୨୫ ଲକ୍ଷ ନିଲାମ ସରିଛି। ମନ୍ଦିର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଯୋଗଦେଇ ନିଲାମ କାର୍ଯ୍ୟ ପରିଚାଳନା କରିଥିଲେ। ଏଥରେ ରେଭିନ୍ୟୁ ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ, ମୌରସୀ ନ୍ୟାସୀ ତପନ କୁମାର ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡା ଉପସ୍ଥିତ ରହିଥିଲେ।

● ଭିନ୍ନକ୍ଷମଙ୍କ ପାଖେ ପହଞ୍ଚିଲେ ବିଡିଓ

# ମିଳିଲା ହୁଇଲ୍ ଚେୟାର, ଆଗକୁ ମିଳିବ ୩୫୦୦ ଭତ୍ତା

ବାଲିଆପାଳ, ୧୯।୩ (ସମିସ): ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ଓ ବାଲିଆପାଳ ବିଡ଼ିଓଙ୍କ ତତ୍ପରତା ଯୋଗୁଁ ଜଣେ ଭିନ୍ନକ୍ଷମଙ୍କ ମୁହଁରେ ହସ ଫୁଟିଛି। ପଞ୍ଚୁପାଲି ଗ୍ରାମର ବିନାୟକ ଗିରି, ଯିଏ କି ଜନ୍ମରୁ ୮୫ ପ୍ରତିଶତ ପୋଲିଓ ଆକ୍ରାନ୍ତ। ୨୦୧୭ରୁ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ମଧ



ସରକାରଙ୍କ ୩୫୦୦ ବର୍ଦ୍ଧିତ ଭତ୍ତା ଯୋଜନାରୁ ବଞ୍ଚିତ ରହିଛନ୍ତି। ପିଲାଟିର ଏକ ହୁଇଲ ଚେୟାର ଆବଶ୍ୟକ ଥିଲେ ବି ଏହି ସୁବିଧାରୁ ଆଜି ପର୍ଯ୍ୟନ୍ତ ସେ ବଞ୍ଚିତ ଥିଲା। ସେହିପରି ଅନଲାଇନ ପ୍ରମାଣପତ୍ର ଅଭାବରୁ ବାବାଜୀ ପ୍ରଧାନ ଓ ରାଜେଶ୍ୱରୀ ଗିରି ମଧ ୩୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିଲେ। ଏହି ସମ୍ପର୍କରେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟ ଓ ବାଲିଆପାଳ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନା ପାଇବା ମାତ୍ରେ ବାଲିଆପାଳ ବିଡ଼ିଓ ରାଧାରଞ୍ଜନ ଦାସ ତୁରନ୍ତ ପଦକ୍ଷେପ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥସାରଥୀ ସାହୁଙ୍କୁ ଏକ ହୁଇଲ ଚେୟାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଓ ଶ୍ରୀ ଦାସ ନିଜେ ଭିନ୍ନକ୍ଷମଙ୍କ ଘରେ ପହଞ୍ଚି ବିନାୟକଙ୍କୁ ହୁଇଲ ଚେୟାର ପ୍ରଦାନ କରିବା ସହିତ ଜିଲ୍ଲା ଚିକିତ୍ସାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ଅନ୍ୟ ଦୁଇ ଭିନ୍ନକ୍ଷମଙ୍କୁ ମଧ ପ୍ରଦାନ କରିଥିଲେ। ଖୁବଶିଘ୍ର ଏହି ତିନି ଭିନ୍ନକ୍ଷମଙ୍କୁ ସରକାରଙ୍କ ୩୫୦୦ ଭତ୍ତା ଯୋଜନାରେ ସାମିଲ କରାଯାଇ ଆଗକୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ ବୋଲି ବିଡ଼ିଓ ଶ୍ରୀ ଦାସ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

## ସାତକୋଶିଆରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର କାର୍ଯ୍ୟକାରିତା ପୂର୍ବରୁ ବିସ୍ଥାପନ

# ଜଙ୍ଗଲ ଅଧିକାର ସ୍ୱୀକୃତିରେ କେବଳ ରାଜସ୍ୱ ଜଙ୍ଗଲ ଦିଆଯାଇଛି



ଅନୁଗୋଳ,୧୯ ।୩(ସମିସ):

ଦୀର୍ଘଦିନ ଧରି ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ପ୍ରତି ଐତିହାସିକ ଅନ୍ୟାୟ କରାଯାଇଥିବା ନେଇ ଜଙ୍ଗଲ ଅଧିକାର ଆଇନ୍-୨୦୦୬ର ମୁଖବନ୍ଧରେ ବର୍ଣ୍ଣନା କରାଯାଇଛି । ଏହି ଜାତୀୟ ଆଇନ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବା ପାଇଁ ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ପ୍ରଦାନ କରାଯାଇଛି । ଏପରିକି ଅଧିକାର ସ୍ୱୀକୃତି ପାଇଥିବା ଜଙ୍ଗଲ ଜମିର ସୁରକ୍ଷା, ପରିଚାଳନା ଓ ଧାରାବାହିକ ବ୍ୟବହାର

### ଏନ୍‌ଏଚ୍‌ଆର୍‌ସିରେ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ

ନେଇ ସରକାରୀ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି ଆଇନ ବଳରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱୀକୃତି କାର୍ଯ୍ୟଧାରା ଉପରେ ତଦାରଖ ଓ ସମୀକ୍ଷା କରିବା ପାଇଁ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ସ୍ୱତନ୍ତ୍ର ଭାବେ ଜଣେ ବିଶେଷଜ୍ଞ ଅନୁଗୋଳ ଜିଲ୍ଲାର ସାତକୋଶିଆ ଅଞ୍ଚଳ ଗସ୍ତ କରି ଗ୍ରାମବାସୀଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା ସହ ସମୀକ୍ଷା କରିଛନ୍ତି । ଏନ୍‌ଏଚ୍‌ଆର୍‌ସିଙ୍କ ପ୍ରତିନିଧି ଆର୍. ହେମନ୍ତ କୁମାର ଗୁରୁବାର ସାତକୋଶିଆର ପମ୍ପାସର, ବଲଙ୍ଗ ଏବଂ ଲବଙ୍ଗି ଅଞ୍ଚଳ ବୁଲି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ହେମନ୍ତ କୁମାରଙ୍କ ଗସ୍ତ ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ, ଅନୁଗୋଳ ଓ ସାତକୋଶିଆର ସହକାରୀ ବନ ସଂରକ୍ଷକ ସମେତ ପ୍ରଧାନ ମୁଖ୍ୟ ବନସଂରକ୍ଷକ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସହଯୋଗ କରିଥିଲେ । ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ସମେତ ଗ୍ରାମବାସୀ ଏହି ସ୍ୱତନ୍ତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ସମସ୍ୟା ଓ ଜଙ୍ଗଲ ଅଧିକାର ଆଇନର ବିଭିନ୍ନ ଦିଗ ବିଶେଷ କରି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଉପରେ ଆଲୋଚନା କରିଥିଲେ । ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିବା ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସ୍ୱୀକୃତିର ସୁରକ୍ଷା, ପରିଚାଳନା ଏବଂ ଧାରାବାହିକ ବ୍ୟବହାର ଉପରେ ମୂଲ୍ୟଯୁକ୍ତ ବଜାରର ବିକ୍ରିବଟା ଉପରେ ହେମନ୍ତ କୁମାର ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ଏଫଇଏସ୍‌ର ପ୍ରତିନିଧି ପ୍ରଦାନ କରାଯାଇଥିବା ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଉପରେ ବର୍ଣ୍ଣନା କରିଥିଲେ । ଅନ୍ୟପକ୍ଷରେ ସାତକୋଶିଆ ଅଭୟାରଣ୍ୟର ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ବନ ବିଭାଗ ବେଆଇନ ଭାବେ ଜୋରଜବରଦସ୍ତ ବିସ୍ଥାପନ କରୁଥିବା ନେଇ ପୁରୁଣାକୋଟ, ଟିକରପଡ଼ା ପଞ୍ଚାୟତର ଟିକରପଡ଼ା, ଗଇଁଦି, ବେହେରାସାହି, ମଝିପଡ଼ା, ହାତୀବାରୀ, କରଡ଼ାପଡ଼ା, ପୁରୁଣାକୋଟ, ଗୋପାଳପୁର, ଛୋଟକେଇ, ସାଲର ଓ ବଡ଼କ୍ଷେତା ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ । ଜଙ୍ଗଲ ଅଧିକାର ଆଇନ ବଳରେ ଗ୍ରାମରେ ଜଙ୍ଗଲ ଅଧିକାର କମିଟି ଗଠନ ହୋଇ ନାହିଁ ଏବଂ ଗୋଷ୍ଠିଗତ ଓ ବ୍ୟକ୍ତିଗତ ଜଙ୍ଗଲ ଅଧିକାରର କୌଣସି ସ୍ୱୀକୃତି ନ ଦେଇ ଜୋରଜବରଦସ୍ତ ଗ୍ରାମ ବିଭାଜନ କରି ବିସ୍ଥାପନ କରାଯାଇଥିବା ଅଭିଯୋଗ କରାଯାଇଥିଲା ।

ଏପରିକି ଗ୍ରାମସଭା କରା ନ ଯାଇ ଭୁର୍କୁଣ୍ଡି ଗ୍ରାମକୁ ବିସ୍ଥାପନ କରାଯାଇଥିବା ଅଭିଯୋଗ ହୋଇଥିଲା । ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ସଭାପତି ନବକିଶୋର ବିଶୋଇ ୫ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସ୍ୱାକ୍ଷର ଥାଇ ବେଆଇନ ବିସ୍ଥାପନ ସମ୍ବନ୍ଧୀୟ ଅଭିଯୋଗ କରିଥିଲେ । ଏହି ଅଭିଯୋଗରେ ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ରଶ୍ମିତା ବିଶୋଇ, ପ୍ରଫୁଲ୍ଲ ଦେହୁରୀ, ବରୁଣ ବିଶୋଇ, ପକ୍ଷୀର ଜାନୀ, ଅମୀୟ ପୃଷ୍ଟି, ରବୀନ୍ଦ୍ର ବାରିକ, କାଳିଆ ମହାକୁଡ଼, ମନୋଜ ବିଶୋଇ ପ୍ରମୁଖ ସାମିଲ ଥିଲେ । ଏପରିକି ଅନୁଗୋଳ ଜିଲ୍ଲାରେ ଗୋଷ୍ଠିଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ନେଇ ଗ୍ରାମସଭା ଦାବି କରିଥିବା ସଂରକ୍ଷିତ ଜଙ୍ଗଲକୁ ସ୍ୱୀକୃତି ଦିଆଯାଇ ନ ଥିବା ଅଭିଯୋଗ କରାଯାଇଥିଲା । ଜିଲ୍ଲାରେ ଗୋଷ୍ଠିଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ପ୍ରଦାନରେ କେବଳ ରାଜସ୍ୱ ଜଙ୍ଗଲ ପ୍ରଦାନ କରାଯାଇ ସଂରକ୍ଷିତ ଜଙ୍ଗଲକୁ ବାଦ୍ କରାଯାଇଥିବା ଅଭିଯୋଗ କରାଯାଇଥିଲା । ଗ୍ରାମଗୋଷ୍ଠୀ ୨ ଶହରୁ ୩ ଶହ ହେକ୍ଟର ଜଙ୍ଗଲ ପାରମ୍ପରିକ ପଦ୍ଧତିରେ ସୁରକ୍ଷା ଦେଇ ଆସୁଥିଲେ ମଧ୍ୟ ବନ ବିଭାଗ ଚତୁରତାର ସହ ସଂରକ୍ଷିତ ଜଙ୍ଗଲ ସ୍ୱୀକୃତିରୁ ବଞ୍ଚିତ କରିଥିବା ଅଭିଯୋଗ ହୋଇଥିଲା । ଉପଖଣ୍ଡ ଓ ଜିଲ୍ଲାସ୍ତରୀୟ କମିଟିରେ ଅନୁମୋଦନ ହୋଇଥିବା ସ୍ୱୀକୃତି ସମ୍ବନ୍ଧରେ ଗ୍ରାମବାସୀଙ୍କୁ ଅବଗତ କରାଯାଉ ନ ଥିବା ଅଭିଯୋଗ କରାଯାଇଥିଲା । ସରକାରୀ ଭାବେ ଗୋଷ୍ଠିଗତ ଜଙ୍ଗଲ ଅଧିକାର ସ୍ୱୀକୃତିର ସଂଖ୍ୟା ବଢ଼ାଯାଇଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ଗ୍ରାମବାସୀଙ୍କୁ ଅଦ୍ୟାବଧି ସ୍ୱୀକୃତି ଶିରୋନାମା ଦିଆଯାଇ ନ ଥିବାର ଅଭିଯୋଗ ହୋଇଛି ।

# ୨୨ରେ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ



ତାଳଚେର,୧୯ ।୩(ସମିସ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ ମାର୍ଚ୍ଚ ୨୨ ତାରିଖ ଗୋପାଳପ୍ରସାଦସ୍ଥିତ ମା' କୁଟେଇଶୁଣୀ ପୀଠରେ ଅନୁଷ୍ଠିତ ହେବ । ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଭବ୍ୟ ଶୋଭାଯାତ୍ରାରେ କୁଟେଇଶୁଣୀ ମଣ୍ଡପକୁ ଅଣାଯାଇ ରୀତିନୀତି ଅନୁଯାୟୀ ମାର୍ଜନା ଓ ସ୍ନାନ ପରେ ଶାବର ମତରେ ପୂଜାର୍ଚ୍ଚନା କରାଯିବ । ପରେ ପତିଆରଙ୍କୁ ବିଧି ଅନୁଯାୟୀ ନିମନ୍ତ୍ରଣ କରି କୁଟେଇଶୁଣୀ ମଣ୍ଡପରେ ପୂଜାର୍ଚ୍ଚନା କରାଯିବ । ଏହି ପତିଆରଙ୍କ ମାଧ୍ୟମରେ ମା' ହିଙ୍ଗୁଳାଙ୍କ ଆର୍ବିଭାବର ଦିଗ ସମ୍ବନ୍ଧରେ ସୂଚନା ମିଳିଥାଏ । ପୂର୍ବ ସୂଚନାକୁ ଆଧାର କରି ଦେହୁରୀ ଅର୍ଦ୍ଧରାତ୍ରରେ ଏକା ଯାଇ ମା'ଙ୍କ ଆବିର୍ଭାବସ୍ଥଳୀକୁ ଚିହ୍ନଟ କରିବାର ବିଧି ଅଛି । ମା' ହିଙ୍ଗୁଳାଙ୍କ ଦ୍ୱିତୀୟ ପହିଲି ପୂଜା ଅନୁଷ୍ଠିତ ହେବା ପରେ ମୁଖ୍ୟ ପୂଜକ ଗଣନା କରି ଜନ୍ତାଳ ପୂଜା ପାଇଁ ଦିନ ଧାର୍ଯ୍ୟ କରିଥାନ୍ତି । ଆଜି ମା'ଙ୍କ ଦ୍ୱିତୀୟ ପହିଲି ପୂଜା ଅନୁଷ୍ଠିତ ହେବା ପରେ ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ଆସନ୍ତା ୨୨ ତାରିଖ ଜନ୍ତାଳ ପର୍ବ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି । ଏହି ପର୍ବରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଦର୍ଶନ ଲାଭ କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

# ଲିଙ୍ଗଗତ ରଢ଼ିବାଦ ଉପରେ ଆଲୋଚନାଚକ୍ର



ଅନୁଗୋଳ,୧୯ ।୩(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଲିଙ୍ଗଗତ ରଢ଼ିବାଦ ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଆଲୋଚନାଚକ୍ରକୁ ଉଦଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜଧାନୀ କଲେଜ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ସଂଘମିତ୍ରା ଜେନା ଯୋଗଦେଇ ଆଧୁନିକ ସମାଜରେ ଲିଙ୍ଗଗତ ରୁଢ଼ିବାଦୀ ଧାରଣା ଉପରେ ଆଲୋଚନା କରିଥିଲେ । ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସ୍ମିତା ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ସାଗରିକା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ● ଅନୁଗୋଳ ପୁଲିସର 'ସ୍ୱାସ୍ଥ୍ୟସେବା' ଅଭିଯାନ

# ୧୨୭ ପୁଲିସ କଲେ ସ୍ୱାସ୍ଥ୍ୟ ପରୀକ୍ଷା



ଅନୁଗୋଳ,୧୯ ।୩(ସମିସ): ପୁଲିସ ବାହିନୀର କଲ୍ୟାଣ ଏବଂ ସେମାନଙ୍କ ଶାରୀରିକ ଦକ୍ଷତାକୁ ଗୁରୁତ୍ୱ ଦେଇ ଅନୁଗୋଳ ଏସ୍‌ପିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସ୍କ୍ରିନିଂ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାର୍ଚ୍ଚ ୧୧ରୁ ୧୩ ଏବଂ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା । ଏଥିରେ ଅନୁଗୋଳ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମେତ ଏହା ଅଧୀନ ସମସ୍ତ ଥାନାର ୧୨୭ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ସିଡିଏମ୍‌ଓଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରମାନେ ପୁଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଦିନରାତି ଜନସେବାରେ ନିୟୋଜିତ ରହୁଥିବା ପୁଲିସ କର୍ମଚାରୀ ଯେପରି ସୁସ୍ଥ ତଥା ଫିଟ୍ ରହିବେ, ସେଥିପାଇଁ ଏହି ପ୍ରୟାସ କରାଯାଇଛି ।

# କାର୍-ବାଇକ୍ ଧକ୍କା; ଜଣେ ମୃତ

ବଣ୍ଟାଁରପାଳ,୧୯ ।୩(ସମିସ): ୫୫ ନମ୍ବର ଜାତୀୟ ରାଜପଥର ବଣ୍ଟାଁରପାଳ ଥାନା ନୂଆହତା ପଞ୍ଚାୟତ ବାଇପାସ ରାସ୍ତାରେ କାର୍-ବାଇକ୍ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ



ଅନ୍ୟଜଣେ ଆହତ ହୋଇଛନ୍ତି । ମୃତ ଯୁବକ ହେଲେ ନୂଆହତା ଜୁରାଗାଡ଼ିଆ ଗ୍ରାମର ବିଜୟ ନାୟକଙ୍କ ପୁଅ ସତ୍ୟଜିତ ନାୟକ । ସତ୍ୟଜିତ ବାଇକ୍ ଯୋଗେ ମାର୍କେଟକୁ ଯାଉଥିଲା । ଜାତୀୟ ରାଜପଥ ଅତିକ୍ରମ କରିବା ବେଳେ ଦ୍ରୁତଗତିରେ ଆସୁଥିବା କାର୍ ତାଙ୍କୁ ଧକ୍କା ଦେଇ ପଳାଇବାକୁ ଉଦ୍ୟମ କରିଥିଲା । ତେବେ ସ୍ଥାନୀୟ ଲୋକେ ଚାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ଅନ୍ୟପଟେ ସତ୍ୟଜିତଙ୍କୁ ପୁଲିସ ଗାଡ଼ିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ । ପୁଲିସ ଲୋକଙ୍କୁ ବୁଝାସୁଝା କରିଥିଲା । ଏଠାରେ ଅଣ୍ଡରପାସ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିବା ବେଳେ ପ୍ରଶାସନ ମିଛ ପ୍ରତିଶ୍ରୁତି ଦେଇ ଠକି ଚାଲିଥିବା ଲୋକେ ଅଭିଯୋଗ କରିଥିଲେ । ଏ ନେଇ ଥାନା ଅଧିକାରୀ ଜାତୀୟ ରାଜପଥ ବିଭାଗ ସହ ଯୋଗାଯୋଗ କରିଥିଲେ । ଜାତୀୟ ରାଜପଥ ବିଭାଗ ୨୪ ଘଣ୍ଟା ମଧ୍ୟରେ ହମ୍ପ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ତିନିଘଣ୍ଟା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

# ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



ତାଳଚେର,୧୯ ।୩(ସମିସ): ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କର ଅନ୍ୟତ୍ର ବଦଳି ପରେ ବୁଧବାର ନୂତନ ଉପଜିଲ୍ଲାପାଳ ଭାବେ ଗୌରବମୟ ପ୍ରଧାନ କାର୍ଯ୍ୟରେ ଯୋଗଦେଇଛନ୍ତି । ପ୍ରଧାନ ୧୦ବର୍ଷ ଧରି ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟ ତୁଲାଇବା ପରେ ସମ୍ବଲପୁର, ସୁନ୍ଦରଗଡ଼, ଗଞ୍ଜାମ ଓ ପୁରୀ ଜିଲ୍ଲାରେ ରାଜସ୍ୱ ବିଭାଗର ବିଭିନ୍ନ ପଦପଦବୀରେ ରହିଥିଲେ । ବିଦାୟୀ ଉପଜିଲ୍ଲାପାଳ ଜେନା ନୂତନ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ସ୍ଥାନୀୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିବା ସହ ବିଦାୟୀ ଉପଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ଡେପୁଟି କଲେକ୍ଟର ମାନସମୋହନ ସେଠ, ଧର୍ମେନ୍ଦ୍ର ଶତପଥୀ, ତନ୍ମୟରଞ୍ଜନ ପାତ୍ର, ସହକାରୀ ଜିଲ୍ଲାପାଳ ନିବେଦିତା ନାୟକ, ଏଡିଡିଡବ୍ଲ୍ୟୁଓ ରଶ୍ମିରାଣୀ ଦାସ, ଏସସିଏସଓ ଲିପ୍ସାରାଣୀ ରାଉତ, ବିଳାସିନୀ ନାୟକ, ସେକସନ୍ ଅଫିସର ନଗେନ ଶତପଥୀ, କ୍ଷୀପ୍ର ଲେଖକ ଆଦିକନ୍ଦ ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# କୃତ୍ରିମ ଗୋଡ଼ରେ ବାଟ ଚାଲିଲେ ରଞ୍ଜୁ

## ■ ମୁହଁରେ ଫୁଟିଲା ହସ

ଅନୁଗୋଳ,୧୯ ।୩(ସମିସ): ଜାନ୍ସେନ୍ ଲେପ୍ରସି କଲୋନୀରେ ରହୁଥିବା ରଞ୍ଜୁ ମହାନ୍ତି ଏକଦା ନିଜ ଡାହାଣ ଗୋଡ଼ ହରାଇ ବସିଥିଲେ । ଚଲାବୁଲା କରିବା ପାଇଁ ବହୁ ଅସୁବିଧା ଭୋଗୁଥିଲେ । ଦିବ୍ୟାଙ୍ଗ ହେବା ପରେ ତାଙ୍କ ମାନସିକ ଯନ୍ତ୍ରଣା ମଧ୍ୟ ବଢ଼ିଯାଇଥିଲା । ଡିଏଚ୍‌ଏଚର ଫିଜିଓଥେରାପିଷ୍ଟ ସୁନୀଲ କୁମାର ମିଶ୍ରଙ୍କ ନଜରକୁ ଏହା ଆସିବା ପରେ ସେ ଦିଲ୍ଲୀରୁ ଏକ କୃତ୍ରିମ ଗୋଡ଼ ମଗାଇଥିଲେ । ଶେଷରେ ଅନୁଗୋଳ ଆତ୍ମଭାନ୍ତ ରିହାବିଲିଟି ସେଣ୍ଟର୍ ପକ୍ଷରୁ ଭାରପ୍ରାପ୍ତ ସାମାଜିକ କଲ୍ୟାଣ ଅଧିକାରୀ ମନିଷ ଏକ୍କା ରଞ୍ଜୁଙ୍କୁ ଏହି କୃତ୍ରିମ ଗୋଡ଼ ପ୍ରଦାନ କରିଥିଲେ । ଏବେ ଗୋଡ଼ ପାଇ ରଞ୍ଜୁ ବାଟ ଚାଲିବା ସହ



ଖୁସିବ୍ୟକ୍ତ କରିଛନ୍ତି । ଖୁବ୍‌ଶୀଘ୍ର ଅନ୍ୟ ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ହାତ ଗୋଡ଼ ଆଦି ଦିଆଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ ବୋଲି କୁହାଯାଇଛି ।

# ସମସ୍ୟା ସମ୍ପର୍କରେ ନୂଆ ଉପଜିଲ୍ଲାପାଳଙ୍କ ସହ ପୂର୍ବତନ ସାଂସଦଙ୍କ ଆଲୋଚନା



ତାଳଚେର,୧୯ ।୩(ସମିସ): ତାଳଚେରର ବିଭିନ୍ନ ମୌଳିକ ସମସ୍ୟା ସହିତ ଜମିହରା ପ୍ରଜାଙ୍କ ନିଯୁକ୍ତି ଥଇଥାନକୁ ସୁବ୍ୟବସ୍ଥିତ କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ତାଳଚେରର ନୂତନ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ । ଗୁରୁବାର ପୂର୍ବତନ ସାଂସଦ ସାହୁ ନୂତନ ଉପଜିଲ୍ଲାପାଳ ଗୌରବମୟ ପ୍ରଧାନଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ସମସ୍ୟା ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ତାଳଚେର ପୌର ପରିଷଦର ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବା, ତାଳଚେର ଏକ ଖଣିଖାଦାନ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଜମିହରା ପ୍ରଜାଙ୍କ ସମସ୍ୟା ଅଧିକ, ତେଣୁ ଏହି ସମସ୍ୟାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା, ସମ୍ପୃକ୍ତ ଶିଳ୍ପ ଓ ଖଣିରେ ଜମିହରା ବେକାର ଯୁବକଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଥଇଥାନ କରିବା, କୋଇଲା ଓ ଅନ୍ୟାନ୍ୟ କଞ୍ଚାମାଲ ପରିବହନ ସରକାରୀ ନିୟମ ଅନୁଯାୟୀ କରାଯିବାକୁ ପୂର୍ବତନ ସାଂସଦ ଉପଜିଲ୍ଲାପାଳଙ୍କୁ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ସମସ୍ୟା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।

# କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନ ନିରାକରଣ ଉପରେ ଆଲୋଚନାଚକ୍ର




ଅନୁଗୋଳ,୧୯ ।୩(ସମିସ): କାର୍ଯ୍ୟାଳୟରେ ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ ଓ ଏହାର ନିରାକରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଆଲୋଚନାଚକ୍ରକୁ କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଉଦଘାଟନ କରିଥିଲେ । ରାଜଧାନୀ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଜେନା ମୁଖ୍ୟବକ୍ତା ରୂପେ ଯୋଗଦେଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସୁରକ୍ଷା ଏବଂ ଏଥିପାଇଁ କ'ଣ ସବୁ ବିଧିବିଧାନ ରହିଛି ସେ ଉପରେ ବର୍ଣ୍ଣନା କରିଥିଲେ । କଲେଜର ଅନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସଭାପତି ଡ. ପ୍ରଭାତୀ ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଆଇସିସିର ଅନ୍ୟ ସଦସ୍ୟା ତଥା କଲେଜର ବହୁ ମହିଳା କର୍ମଚାରୀ ଓ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଥିଲେ । ଆଇସିସି ସଦସ୍ୟ ରାଜକିଶୋର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । ଅଧ୍ୟାପିକା ସୁଜ୍ଞାନୀ ରଥ ମଞ୍ଚ ପରିଚାଳନା କରିଥିଲେ ।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



ପାଲଲହଡ଼ା,୧୯ ।୩(ସମିସ): ଅନୁଗୋଳ ଜିଲ୍ଲା ପୁଲିସ ସହାୟତାରେ ପାଲଲହଡ଼ା ପୁଲିସ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ୧୧୮ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି । ଏହି ପରିଚୟପତ୍ର ଦ୍ୱାରା ବରିଷ୍ଠ ନାଗରିକଙ୍କ ସୁରକ୍ଷା ତଥା ସହଯୋଗ ପାଇଁ ପୁଲିସକୁ ସହଜ ହୋଇପାରିବ । ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା ଏହି ପରିଚୟପତ୍ର ଦେଖାଇ ପାଇପାରିବେ । କାର୍ଯ୍ୟକ୍ରମରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ, ଖମାର ଥାନା ଅଧିକାରୀ ଅରୁଣ ପଣ୍ଡାଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଦସ୍ୟ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ ।

## ● ଜିଲ୍ଲାପାଳଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ

# ମନ୍ଥର ଗତିରେ କାମ ଚାଲୁଥିବାରୁ ଅସନ୍ତୋଷ



କିଶୋରନଗର,୧୯ ।୩(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍ ଅଖତର ସୋମବାର କିଶୋରନଗର ବ୍ଲକରେ ଜନଶୁଣାଣି କାର୍ଯ୍ୟକ୍ରମ ସାରି ଅପରାହ୍ନରେ ଆଠମଲ୍ଲିକ ବ୍ଲକ ବାରେଣୀଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରିଛନ୍ତି । ବିଳମ୍ବରେ କାର୍ଯ୍ୟ ଚାଲୁଥିବା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନାଗାର୍ଜୁନ ଠିକା ସଂସ୍ଥାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିଦର୍ଶନ ବେଳେ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଆରଡବ୍ଲ୍ୟୁଏସଏସ୍ ନିର୍ବାହୀ ଯନ୍ତ୍ରୀ ଚଚିନ ମିଶ୍ର, ଏସଡିଓ ପ୍ରିୟଙ୍କା ସାହୁ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସନ୍ଧ୍ୟାରାଣୀ ପୁଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ● ହାତୀ ମୃତ୍ୟୁ ରୋକିବାକୁ ପ୍ରୟାସ

# ରେଳଧାରଣା କଡ଼ରେ ଲାଗିଲା ସତର୍କ ସୂଚନା




ଅନୁଗୋଳ,୧୯ ।୩(ସମିସ): ବନ୍ୟଜନ୍ତୁଙ୍କ ସୁରକ୍ଷା ତଥା ହାତୀମୃତ୍ୟୁ ରୋକିବା କରିବା ପାଇଁ ଅନୁଗୋଳ ଫରେଷ୍ଟ ଡିଭିଜନ ଜରପଡ଼ା ରେଞ୍ଜ ପକ୍ଷରୁ ହାତୀ ଅତିକ୍ରମ କରିବାକୁ ଥିବା ସମ୍ଭାବ୍ୟ ରେଳ ଧାରଣା କଡ଼ରେ ସତର୍କ ସୂଚନା ଥିବା ଖୁଣ୍ଟମାନ ଲଗାଯାଇଛି । ଏହାଦ୍ୱାରା ଲୋକୋ ପାଇଲଟ ହାତୀ ଚଳାଚଳକୁ ପୂର୍ବରୁ ଦେଖି ବ୍ରେକ ଲଗାଇପାରିବେ । ଫଳରେ ହାତୀ ଦୁର୍ଘଟଣାରୁ ରକ୍ଷା ପାଇପାରିବେ । ହାତୀ ଚଳାଚଳ କରୁଥିବା ପାଞ୍ଚଟି ଟ୍ରାକ ଅଞ୍ଚଳରେ ଏଭଳି ସତର୍କ ସୂଚନା ଫଳକ ଲଗାଯାଇଛି ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ନବବର୍ଷ ପାଳିତ






ଅନୁଗୋଳ,୧୯ ।୩(ସମିସ):

ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବୈଦ୍ୟନାଥ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଜି ଦିବସର ମହତ୍ତ୍ୱ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁଗାବ୍ଦ ଆରମ୍ଭ, ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନା, ପ୍ରଭୁ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ, ଆଦିର ମହତ୍ତ୍ୱ ସମ୍ବନ୍ଧରେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ସଦସ୍ୟ ବୁଲୁ ବେହେରା, +୨ ବିଜ୍ଞାନ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଆଚାର୍ଯ୍ୟ ନିର୍ମଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

**ଅନୁଗୋଳ:** ସନାତନ ଜାଗୃତି ପରିଷଦ ଆବାହକତ୍ୱରେ ଭାରତୀୟ ନବବର୍ଷ ପାଳନ ସମିତି ଦ୍ୱାରା ୧,୯୭,୨୯,୪୯,୧୨୭ତମ ହିନ୍ଦୁ ନବବର୍ଷ ପାଳିତ ହୋଇଛି । ପୂର୍ବାହ୍ନରେ ମଦନମୋହନ ମନ୍ଦିର ପରିସରରେ ୧୦୮ ପ୍ରଦୀପ ପ୍ରଜ୍ୱଳନ ଓ ସୂର୍ଯ୍ୟପୂଜା ସହ ଚୈତ୍ର ଶୁକ୍ଳ ପ୍ରତିପଦା ଭାରତୀୟ ହିନ୍ଦୁ ନବବର୍ଷକୁ ସ୍ୱାଗତ କରାଯାଇଥିଲା । ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ହନୁମାନ ଚାଳିଶା ଏବଂ ବିଷ୍ଣୁ ସହସ୍ରନାମ ପାଠ କରାଯାଇଥିଲା । ପରେ ଅନୁଗୋଳ ନଗରର ସମସ୍ତ ସାଂସ୍କୃତିକ, ସାମାଜିକ, ଆଧ୍ୟାତ୍ମିକ ସଂଗଠନ ସଦସ୍ୟଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ସହଯୋଗରେ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ନେଇ ଶତାଧିକ ଶ୍ରଦ୍ଧାଳୁ, ଛାତ୍ରଛାତ୍ରୀ ଓ ଜନସାଧାରଣ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ଶୋଭାଯାତ୍ରା ଦଶହରା ପଡ଼ିଆ ନିକଟରେ ପହଞ୍ଚିବା ପରେ ସେଠାରେ ଏକ ଧର୍ମସଭା ଆୟୋଜନ ହୋଇଥିଲା । ଏଥିରେ ଗହମ ଆଶ୍ରମର ବାବା ପ୍ରଭୁପାଦ ମହାରାଜା ମୁଖ୍ୟଅତିଥି, ସଚ୍ଚିନନ୍ଦନ ମହାରାଜା, ଯୋଗାଚାର୍ଯ୍ୟ ଅଭୟ ରାୟ, ଅଧ୍ୟାପକ ଡ. ଦେବାଶିଷ ଦାଶ, ପୁଷ୍ପ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ସୈନିକ ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ନବବର୍ଷ ପାଳନ ସମିତି ସଭାପତି ପଣ୍ଡିତ ରୋହିତ କୁମାର ଦାଶ ସ୍ୱାଗତ ଭାଷଣ ଓ ଭାରତୀୟ ନବବର୍ଷ ପାଳନର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ପାଦକ ପର୍ଶୁରାମ ଦାଶ ମଞ୍ଚ ପରିଚାଳନା କରିଥିଲେ । ପତଞ୍ଜଳି ଯୋଗ ସମିତି, ଯୁବଶକ୍ତି, ଉତ୍କର୍ଷ ପରିବାର, ଆର୍ଯ୍ୟ ସମାଜ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଆଦି ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ । ନବବର୍ଷ ପାଳନ ସମିତି ଉପଦେଷ୍ଟା ଭକ୍ତିପ୍ରସାଦ ଦାସ, ଉପସଭାପତି ବିଜୟ କୁମାର ରାଉତ, ସହସମ୍ପାଦକ ଭୀଷ୍ମ ସାହୁ, କୋଷାଧ୍ୟକ୍ଷ ନିରୋଦ କୁମାର ସାହୁ, ବ୍ରହ୍ମଜ୍ୟୋତି ମିଶ୍ର, ଜୟନ୍ତ କୁମାର କର, କବି ପ୍ରଭାକର ଦାଶ, ସୌମ୍ୟରଞ୍ଜନ ଦାଶ, ଅମୀୟକର ପ୍ରମୁଖ ସହଯୋଗ କରିଥିଲେ । ଭବିଷ୍ୟତରେ ଗ୍ରାମଠାରୁ ଆରମ୍ଭ କରି ରାଷ୍ଟ୍ରୀୟ ସ୍ତରରେ ନବବର୍ଷ ପାଳନ କରିବା ତଥା ଏହି ବିଶେଷ ଦିବସକୁ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଛୁଟିଦିନ ଘୋଷଣା କରିବା ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ କରାଯାଇଛି ।

**ବଣ୍ଟାଁରପାଳ:** ବଣ୍ଟାଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି । ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଲକ୍ଷ୍ମୀଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦିବା ପର୍ଯ୍ୟାୟ ପ୍ରମୁଖ ତନ୍ମୟ କୁମାର ନାଥ ନବବର୍ଷର ମହତ୍ତ୍ୱ ବିଷୟରେ ବୁଝାଇଥିଲେ । ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ ।

ଏକାଦଶାହ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ଖାଡଙ୍ଗା
ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲ୍ଲୁ, ଅଭିଜିତ, ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ
ସା- କୋକୋସିଂହ, ପୋ - କୁଞ୍ଜରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୬, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ

# ଭୁବନେଶ୍ୱର ସିଟି





ସ୍ମାର୍ଟ ସିଟିର ସ୍ମାର୍ଟ ପରିମଳ: ଟଙ୍କପାଣି ରୋଡ

## କାର୍ ଡ୍ରାଇଭର୍‌ଙ୍କୁ ନିଶା ଦେଇ ଲୁଟ୍

■ ଡ୍ରେନ୍‌ରୁ ଅଚେତ୍ ଅବସ୍ଥାରେ କାର୍ ଚାଳକ ଉଦ୍ଧାର
■ ଭଡ଼ା ପାଇଁ କଟକରୁ ଆସିଥିଲେ

ଭୁବନେଶ୍ୱର, ୧୯।୩ (ସମିସ): ଭଡ଼ା ପାଇଁ କଟକରୁ ଆସିଥିବା କାର୍ ଚାଳକଙ୍କୁ ଲୁଟିଛନ୍ତି ନିଶାଦିଆ ଲୁଟେରା। ଡ୍ରେନ୍ ଭିତରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଛି ଡାକ୍ତରଖାନାରେ ଭର୍ତ୍ତି କରିଛି ପୁଲିସ। ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଘଟିଛି ଏଭଳି ଘଟଣା। ଲୁଟର ଶିକାର ହୋଇଛନ୍ତି କଟକ ଲାଲବାଗ ଥାନା ଅଞ୍ଚଳର ଶେଷଦେବ ଶେଷଦେବ ମହାପାତ୍ର।

ଅଭିଯୋଗ ଅନୁଯାୟୀ, ଗତକାଲି ରାତିରେ କଟକର ଶେଷଦେବ ଜଣେ ରୋଗୀଙ୍କୁ ନେବାକୁ କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକ କଲ୍ କରିଥିଲେ, ହେଲେ ସେ ଫୋନ୍ ଉଠାଇ ନଥିଲେ। ରାତି ପ୍ରାୟ ୧୨ଟା ବେଳକୁ ଜଣେ ମହିଳା ଶେଷଦେବ ଆଇସିୟୁରେ ଥିବା କହି ଫୋନ୍ କାଟି ଦେଇଥିଲେ। ଏହାପରେ ଆଉ କେହି ମଧ ଫୋନ୍ ଉଠାଇ ନଥିଲେ। ସନ୍ଦେହ ହେବାରୁ ପରିବାର ଲୋକେ ଲାଲବାଗ ଥାନାର ଦ୍ୱାରସ୍ଥ ହୋଇ ଅପହରଣ ଅଭିଯୋଗ ଆଣିଥିଲେ। ଗୁରୁବାର ସକାଳୁ ଭୁବନେଶ୍ୱର ଆସି କଳିଙ୍ଗନଗର ସ୍ଥିତ ଡାକ୍ତରଖାନା ନିକଟରୁ ଶେଷଦେବଙ୍କ କାର୍ ଠାବ କରିଥିଲେ ମଧ ତାଙ୍କର କୌଣସି ପତ୍ତା ପାଇନଥିଲେ। କାର୍ ଭିତରେ ଶେଷଦେବଙ୍କ ଚପଲ, ମନିପର୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଥିବାବେଳେ ଡୋର୍ ଖୋଲା ରହିଥିଲା। ଏପରି ସ୍ଥିତିରେ ପରିବାର ଲୋକଙ୍କର ଆହୁରି ସନ୍ଦେହ ହୋଇଥିଲା। ସେମାନେ ଭରତପୁର ଥାନାର ଦ୍ୱାରସ୍ଥ ହୋଇଥିଲେ।

ସେପଟେ ଗୁରୁବାର ସକାଳୁ ପିସିଆର୍ ଭ୍ୟାନ୍ କାର୍ ନିକଟସ୍ଥ ଏକ ଡ୍ରେନ୍ ଭିତରୁ ଶେଷଦେବଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ଠାରୁ ଖବରପାଇ ପରିବାର ଲୋକେ ଡାକ୍ତରଖାନାକୁ ଯାଇଥିଲେ। ତେବେ ତାଙ୍କୁ କେହି ନିଶା ଦେଇ ଲୁଟ୍ କରିବା ପରେ ସଜ୍ଞାହୀନ ଅବସ୍ଥାରେ ଛାଡ଼ି ପଳାଇଥିବା ସନ୍ଦେହ କରାଯାଉଛି। ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଭରତପୁର ଥାନା ପୁଲିସ ତଦନ୍ତ କରୁଛି।

## ପ୍ରଶ୍ନ ଉଠାଇଲା ଜନସ୍ୱାସ୍ଥ୍ୟ ଅଭିଯାନ

# ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଉନାହାନ୍ତି କାହିଁକି?

■ ଏସ୍‌ସିବି ଅଗ୍ନିକାଣ୍ଡ ସରକାରଙ୍କ ଅବହେଳା ଓ ବ୍ୟବସ୍ଥାଗତ ବିଫଳତାର ଉଦାହରଣ



ଭୁବନେଶ୍ୱର, ୧୯।୩(ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଓ ତାହାର ପରିଣତି ସ୍ୱରୂପ ୧୨ ଜଣ ନିର୍ଦ୍ଦୋଷ ରୋଗୀମାନଙ୍କ ଅକାଳ ମୃତ୍ୟୁ ଘଟଣା ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ନଗ୍ନ, ନିର୍ମମ ଅବହେଳାର ଓ ଅସହ୍ୟ ସତ୍ୟକୁ ସାମ୍ନାକୁ ଆଣିଦେଇଛି ବୋଲି ଜନସ୍ୱାସ୍ଥ୍ୟ ଅଭିଯାନ ପ୍ରକାଶ କରିଛି। ଏହା କେବଳ ଏକ ଦୁର୍ଘଟଣା ନୁହେଁ, ବରଂ ବର୍ଷ ବର୍ଷ ଧରି ଚାଲିଥିବା ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତାର ସ୍ପଷ୍ଟ ପରିଣାମ ବୋଲି ଅନୁଷ୍ଠାନ କହିଛି। ଗୁରୁବାର ଲୋହିଆ ଏକାଡ଼େମୀ ଠାରେ ଜନସ୍ୱାସ୍ଥ୍ୟ ଅଭିଯାନ, ଓଡ଼ିଶା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ଏକ ପ୍ରଣାଳୀଗତ ବିଫଳତା ଭାବେ ଚିହ୍ନଟ କରାଯାଇ ତୀବ୍ର ପ୍ରତିବାଦ ବ୍ୟକ୍ତ କରାଯାଇଛି। ଅଗ୍ନି ସୁରକ୍ଷା ନିୟମର ଅନୁପାଳନ ନହେବା, ଆପତକାଳୀନ ପ୍ରସ୍ତୁତିର ଅଭାବ, ଭିଡ଼ ନିୟନ୍ତ୍ରଣରେ ଗୁରୁତର ତ୍ରୁଟି, ସୁରକ୍ଷା ପ୍ରକ୍ରିୟାରେ ପାରଦର୍ଶିତାର ଅଭାବ, ଉଦ୍ଧାର କାର୍ଯ୍ୟରେ ସମନ୍ୱୟର ଅଭାବ, ବିପଦ ପରିଚାଳନା ପ୍ରସ୍ତୁତିର ଅନୁପସ୍ଥିତି, ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ ନକରିବା ଆଦି ପାଇଁ ଶାସନରେ ଥିବା ସରକାର ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଦାୟୀ କରିଛି ଅନୁଷ୍ଠାନ। ପୂର୍ବରୁ ଗତ ସରକାର ସମୟରେ ଏକ ବେସରକାରୀ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ସେହି ସଂସ୍ଥାର ମାଲିକଙ୍କୁ ଗିରଫ କରାଯାଇଥିଲା ତେବେ ଏହି ଗୁରୁତର ଘଟଣା ପରେ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ କାହିଁକି ନିଜ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଉନାହାନ୍ତି ତାହା ସରକାରଙ୍କ ନିରବତା ଦାୟିତ୍ୱହୀନତାକୁ ଆହୁରି ପ୍ରମାଣିତ କରୁଛି ବୋଲି ଅନୁଷ୍ଠାନ କହିଛି। ଏହି ପରିପ୍ରେକ୍ଷୀରେ ଜନସ୍ୱାସ୍ଥ୍ୟ ଅଭିଯାନ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯିବା ସହିତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବା ପାଇଁଦୃଢ଼ ଭାବରେ ଦାବି କରିଛି। ରାଜ୍ୟରେ ତୁରନ୍ତ ସ୍ୱାସ୍ଥ୍ୟ ଅଧିକାର ଆଇନ ପ୍ରଚଳନ, ସମସ୍ତ ମେଡ଼ିକାଲ୍ କଲେଜ ହସ୍ପିଟାଲ ସମେତ ରାଜ୍ୟର ପ୍ରତ୍ୟେକ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ସହ ରୋଗୀ ଚିକିତ୍ସା ପାଇଁ ଥିବା ମେସିନ ସରଞ୍ଜାମ ଯୋଗାଇବା ଓ ଚାଲୁ କରିବା ପାଇଁ ଆସନ୍ତା ୩ ମାସ ମଧ୍ୟରେ ଜରୁରୀକାଳୀନ ଭିତ୍ତିରେ ବ୍ୟବସ୍ଥା କରାଯିବା ପାଇଁ ଦାବି କରିଛି। ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ଲୋହିଆ ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓ ସ୍ତମ୍ଭକାର ସତୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ଅବହେଳାଜନିତ ଘଟଣା ଲୋକଙ୍କ ଜୀବନ ଅଧିକାର ଉପରେ ଆଘାତ। ନ୍ୟାୟ ଓ ଦାୟିତ୍ୱ ନିଶ୍ଚିତ ହେବା ପର୍ଯ୍ୟନ୍ତ ଅନୁଷ୍ଠାନର ଗଣତାନ୍ତ୍ରିକ ଆନ୍ଦୋଳନ, ସାମାଜିକ ଅଭିଯାନ ଓ ପଦକ୍ଷେପ ଜାରି ରହିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ।

## କର୍ତ୍ତବ୍ୟରେ ଅବହେଳା: ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୧୯।୩(ସମିସ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଭୁବନେଶ୍ୱର ମୁନିସିପାଲ କର୍ପୋରେସନ (ବିଏମସି) ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ଚନ୍ଦ୍ରଶେଖରପୁର ଫେଜ-୨ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରଶ୍ମି ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସୂଚନା ଅନୁଯାୟୀ, ଶ୍ରୀମତୀ ସାହୁଙ୍କୁ ବିଧାନସଭା ମଣ୍ଡଳୀ ନଂ ୧୧୩ ର ବୁଥ୍ ନଂ ୧୦୯ ପାଇଁ ବୁଥ୍ ଲେଭେଲ ଅଫିସର (ବିଏଲଓ) ଭାବେ ନିଯୁକ୍ତ କରାଯାଇଥିଲା। ସେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟରେ ନିୟୋଜିତ ଥିଲେ। ଯାହା ଭୋଟର ତାଲିକାର ସଠିକତା ଓ ସତ୍ୟନିଷ୍ଠା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ। ତେବେ ଅଭିଯୋଗ ଅନୁଯାୟୀ, ସେ କୌଣସି ବୈଧ କାରଣ ବା ପୂର୍ବ ଅନୁମତି ବିନା ଦାୟିତ୍ୱରେ ଅନୁପସ୍ଥିତ ରହିବା ସହିତ ନିଜ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲେ। କୌଣସି ବୈଧ କାରଣ ବା ପୂର୍ବ ଅନୁମତି ବିନା କାର୍ଯ୍ୟରୁ ଅନୁପସ୍ଥିତ ରହିଥିବାରୁ ଏହାକୁ ଗୁରୁତର ଅବହେଳା ଓ କର୍ତ୍ତବ୍ୟଚ୍ୟୁତି ଭାବେ ଗଣାଯାଇଛି। ବିଏମ୍‌ସି କମିଶନର ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରଣା ଜନପ୍ରତିନିଧିତ୍ୱ ଆଇନ, ୧୯୫୦ ଧାରା ୩୨(୧) ଆଧାରରେ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ନିଲମ୍ବନ ସମୟରେ ଶ୍ରୀମତୀ ସାହୁ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଏବଂ ନିୟମାନୁସାରେ ଭତ୍ତା ପାଇବେ ବୋଲି ଆଦେଶରେ ଉଲ୍ଲେଖ ରହିଛି।

● ସୋଲାର୍ ୱାଟର୍ କିଓସ୍କ ଓ ମଳପଙ୍କ ପ୍ରକ୍ରିୟାକରଣରେ ଭୁବନେଶ୍ୱର ଆଗରେ

## ବିଏମ୍‌ସିକୁ ଗ୍ଲୋବାଲ ସଷ୍ଟେନେବିଲିଟି ଆଣ୍ଡ ଇନୋଭେସନ୍ ପୁରସ୍କାର

ଭୁବନେଶ୍ୱର, ୧୯।୩(ସମିସ): ବିଏମ୍‌ସିକୁ ମିଳିଲା ଗ୍ଲୋବାଲ ସଷ୍ଟେନବିଲିଟି ଆଣ୍ଡ ଇନୋଭେସନ ପୁରସ୍କାର-୨୦୨୬। ଜଳବାୟୁ ଅନୁକୂଳ ନବୀକରଣଯୋଗ୍ୟ ଜଳ ଭିତ୍ତିଭୂମି କ୍ଷେତ୍ରରେ ଉତ୍କର୍ଷତା ଏବଂ ମଳପଙ୍କ ପ୍ରକ୍ରିୟାକରଣରୁ ସମ୍ବଳ ପୁନଃଉଦ୍ଧାର କରିବା କ୍ଷେତ୍ରରେ ଅଭିନବ ପଦକ୍ଷେପ ପାଇଁ ଏହି ପୁରସ୍କାର ମିଳିଛି। ସ୍ୱୀକୃତିପ୍ରାପ୍ତ ସ୍ଥାୟୀ ଭିତ୍ତିଭୂମି ଏବଂ ଦକ୍ଷ ବର୍ଜ୍ୟ ଜଳ ପରିଚାଳନାରେ ବିଏମ୍‌ସିର ପ୍ରଗତିଶୀଳ ଆଭିମୁଖ୍ୟ ପାଇଁ ଏହି ସମ୍ମାନଜନକ ପୁରସ୍କାର ମିଳିବାକୁ ଯାଉଛି। ଚଳିତ ମାସ ୨୪ ତାରିଖ ସଂଧ୍ୟା ୬ ଘଟିକା ସମୟରେ ନୂଆଦିଲ୍ଲୀ ଶାମଭେଟ୍ ଅଡିଟୋରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଏମ୍‌ସିକୁ ଏହି ପୁରସ୍କାର ପ୍ରଦାନ କରାଯିବ।

ବିଶ୍ୱସ୍ତରରେ ଏହି ପୁରସ୍କାର ମିଳୁଥିବା ଖବର ପାଇବା ପରେ ମେୟର ସୁଲୋନଚା ଦାସ ଓ କମିଶନର ଚଞ୍ଚଳ ରାଣା ଖୁସି ବ୍ୟକ୍ତ କରିଛନ୍ତି। ଟିମ୍ ବିଏମ୍‌ସି ସହ ସମସ୍ତ ଅଧିକାରୀ, କର୍ମଚାରୀ, କର୍ପୋରେଟର, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀଙ୍କ ସହ ଏହି ଶ୍ରେୟ ଭୁବନେଶ୍ୱରବାସୀଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ସେମାନେ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ କି ବିଏମ୍‌ସି ଅଞ୍ଚଳରେ ସମୁଦାୟ ୩୦ ଗୋଟି ସୋଲାର ୱାଟର କିଓସ୍କ ଚାଲିଛି। ଯାହାକି ଜଳବାୟୁ ତଥା ପରିବେଶ ଅନୁକୂଳ। ସେହିପରି ବାସୁଆଘାଇଠାରେ ମଳପଙ୍ଗ ପ୍ରକ୍ରିୟାକରଣ କରି ସେଥିରୁ ବାହାରୁଥିବା ଜଳକୁ ପୁନଃ ବ୍ୟବହାର ଉପଯୋଗୀ କରାଯାଇ ପାରୁଛି ଏବଂ ମଳପଙ୍କକୁ ମଧ ଖତ ରୂପେ ବ୍ୟବହାର କରାଯାଉଛି। ସବୁଠାରୁ ବଡକଥା ହେଲା ଯେ, ମଣିଷର ମଳମୂତ୍ରକୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯାଉଛି। ଯାହା ଫଳରେ ମଳମୂତ୍ର ଅନ୍ୟ ଜଳଶ୍ରୋତରେ ମିଶି ଜଳ କିମ୍ବା ବାୟୁ ପ୍ରଦୂଷଣ କରୁନାହିଁ। କେବଳ ସେତିକି ନୁହେଁ ଏହାକୁ ପ୍ରକ୍ରିୟାକରଣ କରିବା ପାଇଁ ନିୟୋଜିତ ତୃତୀୟ ଲିଙ୍ଗର କର୍ମୀମାନଙ୍କ ସୁରକ୍ଷା ପ୍ରତି ମଧ ଗୁରୁତର ସହ ଧ୍ୟାନ ଦେଇଆସୁଛି ବିଏମ୍‌ସି। ଭୁବନେଶ୍ୱରକୁ ଦୀର୍ଘ ମିଆଦି ସୂତ୍ରରେ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏହି ପ୍ରକ୍ରିୟା ଜାରି ରହିଛି। ଏ ସବୁକୁ ସାମଗ୍ରୀକ ଭାବେ ବିଚାରକୁ ନେଇ ଆର୍ଥ ୱାଟର ଫାଉଣ୍ଡେସନ ପକ୍ଷରୁ ବିଏମ୍‌ସିକୁ ଏହି

## ଏସ୍‌ସିବି ଅଗ୍ନିକାଣ୍ଡରେ ମୃତକଙ୍କୁ ଜିଲ୍ଲା କଂଗ୍ରେସର ଶ୍ରଦ୍ଧାଞ୍ଜଳି

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ





ଭୁବନେଶ୍ୱର, ୧୯।୩(ସମିସ): ଏସ୍‌ସିବିରେ ଅଗ୍ନିକାଣ୍ଡ ଯୋଗୁଁ ମୃତ୍ୟୁବରଣ କରିଥିବା ରୋଗୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ରାଲି ଆୟୋଜନ କରାଯାଇଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ରାଲି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ଓଡ଼ିଶାର ସର୍ବବୃହତ ଏବଂ ସର୍ବଶ୍ରେଷ୍ଠ ସରକାରୀ ଚିକିତ୍ସାଳୟରେ ରୋଗୀଙ୍କ ସୁରକ୍ଷା ପ୍ରତି ଉଦାସୀନ ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କୁଶପୁତ୍ତଳିକ ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଉଭୟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରୀହ ରୋଗୀଙ୍କର ହତ୍ୟାକାରୀ ବୋଲି କହିଥିଲେ। ରାଜ୍ୟର ସବୁଠାରୁ ଭରସାଯୋଗ୍ୟ ସରକାରୀ ଚିକିତ୍ସାଳୟରେ ରୋଗୀ ଅସୁରକ୍ଷିତ ଏବଂ ଏଭଳି ଯେଉଁ ମର୍ମନ୍ତୁଦ ଘଟଣା ଘଟିଲା ସେଥିରୁ ଏ ରାଜ୍ୟରେ ସରକାରୀ ଚିକିତ୍ସାଳୟ ଗୁଡ଼ିକର ଅବସ୍ଥା କ'ଣ ତାହା ସ୍ପଷ୍ଟ ବାରିହୋଇପଡୁଛି ବୋଲି ପିସିସି ସଭାପତି କହିଛନ୍ତି।

ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜେନା ମୃତକମାନଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ରାଶି ଓ ଆହତମାନଙ୍କୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ଦିଆଯାଉ ବୋଲି ଦାବି କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ତାରାପ୍ରସାଦ ବାହିନୀପତି, କିଶୋର ଜେନା, ମନୋରଞ୍ଜନ ଦାଶ, ମୀନାକ୍ଷୀ ବାହିନୀପତିଙ୍କ ସମେତ ବହୁ ନେତୃବର୍ଗ ସାମିଲ ହୋଇଥିଲେ।

## ଲୋକଭବନରେ ଉଗାଦି ଓ ଗୁଡ଼ି ପାଡ଼ୱା ଉତ୍ସବ



ଭୁବନେଶ୍ୱର, ୧୯।୩(ସମିସ): ଉଗାଦି (ତେଲୁଗୁ ନବବର୍ଷ) ଓ ଗୁଡ଼ି ପାଡ଼ୱା (ମରାଠୀ ନବବର୍ଷ) ଉତ୍ସବ ଗୁରୁବାର ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଭାରତର ବିବିଧ ସଂସ୍କୃତି ଓ ପରମ୍ପରାର ସହାବସ୍ଥାନକୁ ଦେଶର ପ୍ରକୃତ ସୌନ୍ଦର୍ଯ୍ୟ ବୋଲି ବର୍ଣ୍ଣନା କରିଛନ୍ତି। ଏହି ଉତ୍ସବରେ ରାଜ୍ୟପାଳଙ୍କ ପତ୍ନୀ ଜୟଶ୍ରୀ କମ୍ଭମପାଟି ମଧ ଉପସ୍ଥିତ ଥିଲେ। ରାଜ୍ୟପାଳ ଓଡ଼ିଶାକୁ ନିଜ ଘର କରିଥିବା ତେଲୁଗୁ ଓ ମରାଠୀ ଗୋଷ୍ଠୀଙ୍କୁ ଧନ୍ୟବାଦ ଜଣାଇ ଶିକ୍ଷା, ଶିଳ୍ପ, ପ୍ରଶାସନ, ବ୍ୟବସାୟ ଓ ସଂସ୍କୃତି କ୍ଷେତ୍ରରେ ସେମାନଙ୍କର ମୂଲ୍ୟବାନ ଅବଦାନକୁ ପ୍ରଶଂସା କରିଛନ୍ତି। ସେମାନଙ୍କର ପ୍ରୟାସ ଓଡ଼ିଶା ତଥା ଭାରତର ବିକାଶରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ଆଇଜି ଅଫ ପୋଲିସ (ପର୍ସନେଲ) ପ୍ରବୀଣ କୁମାର, ଶିଳ୍ପ ନିର୍ଦ୍ଦେଶକ ଅବୋଲି ସୁନୀଲ ନରଭାଣେ, ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡି, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର୍ ପ୍ରଫେସର ଡ଼ା. ଗୁଡ଼ା ଶ୍ରୀଦେବୀ ଓ ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ଡ଼. ସତୀଶ ଢାନଢ଼ୋଲେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରାଜ୍ୟପାଳଙ୍କ କମିସନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# କଂକ୍ରିଟ୍ ସହରରେ ଘର ଖୋଜୁଛନ୍ତି ଘରଚଟିଆ

## ଆଜି ବିଶ୍ୱ ଘରଚଟିଆ ଦିବସ



ଭୁବନେଶ୍ୱର, ୧୯।୩(ସମିସ): ପ୍ରକୃତି ଓ ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ। ଘରେ ରହିବାକୁ ପସନ୍ଦ କରୁଥିବା ଘରଚଟିଆ ଏବେ ଘର ଖୋଜୁଛି। କଂକ୍ରିଟ୍ ସହରରେ ଖୋଜି ପାଉନି ନୁଆଁଣିଆ ଚାଳ ଘରଟିଏ। ଯେଉଁଠାରେ ସେ ଛୋଟିଆ ବସାଟିଏ ତୋଳିବ। ବର୍ତ୍ତମାନର ସନ୍ତୁଳିତ ପରିବେଶ ଭିତରେ ଏମାନେ ନିଜକୁ ଖାପ ଖୁଆଇ ଚଳିବା କଷ୍ଟକର ହୋଇପଡ଼ିଥିବା ବେଳେ ସେମାନଙ୍କ ପାଇଁ ଚାଳ ଛପର ଘର ସ୍ୱପ୍ନ ହୋଇଗଲାଣି ଯେଉଁଥିପାଇଁ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଛି।

ରାଜଧାନୀରେ ପୂର୍ବରୁ ପୁରୁଣା ଘର କିଛି ମାତ୍ରାରେ ଥିବା ବେଳେ ଆଖପାଖ ଗାଁ ମାନଙ୍କରେ ଚାଳ ଘର ରହିଥିଲା। ହେଲେ ଏବେ ଯେଉଁ ଆଡ଼େ ଚାହିଁବ ସେହି ଆଡ଼େ ବଡ଼ ବଡ଼ ଉଚ୍ଚ ଅଟ୍ଟାଳିକ ଠିଆ ହେବା ସହିତ ଗାଁ ଗୁଡ଼ିକ ମିନି ସହର ହେବାରେ ଲାଗିଲାଣି। କେଉଁଠି ହେଲେ ବି ଗୋଟିଏ ଚାଳଘର ଦେଖିବାକୁ ନାହିଁ। ଫଳରେ ଘରଚଟିଆ ବସା ବାନ୍ଧିବାକୁ ଘରଟିଏ ନାହିଁ। ଏହି ପକ୍ଷୀମାନେ ଚାଳ ଘରର ନଡ଼ା ସନ୍ଧି ହେଉ କି କାଛ ଆଜ୍‌ବେଷ୍ଟ ଘରର କାଠ ସନ୍ଧି ଓ ସ୍କାଇ ଲାଇଟ୍। ବିଦ୍ୟୁତ ଖୁଣ୍ଟ ଏବଂ କେବୁଲ୍ ବକ୍ସରେ ବି ଘର ତୋଳି ରହିଥାନ୍ତି। ହେଲେ ଏବେ ଏସବୁ ସ୍ୱପ୍ନ ହୋଇଯାଇଛି।

ସହର ଭିତରେ ଯେଉଁ ଆଡ଼େ ଚାହିଁବ ସେହିଆଡ଼େ ଉଚ୍ଚ ଅଟ୍ଟାଳିକା ଠିଆ ହୋଇଛି। ଫଳରେ ସହର ଭିତରେ କେଉଁଠାରେ ବି ଗୋଟିଏ ଘରଚଟିଆ ଦେଖିବାକୁ ମିଳୁନଥିବା ବେଳେ କାଉ, ବଣି ପରି ଅନେକ ପକ୍ଷୀ ଦେଖାଯାଉନାହାନ୍ତି। କିନ୍ତୁ ସହର ଉପକଣ୍ଠର ରଘୁନାଥପୁର, ଦାରୁଠେଙ୍ଗ, ପଥରଗାଡ଼ିଆ, ପଟିଆ ଗାଁରେ କିଛି ମାତ୍ରାରେ ଘରଚଟିଆ ଦେଖାଯାଉଛନ୍ତି ବୋଲି ପକ୍ଷୀ ବିଶେଷଜ୍ଞ ପ୍ରମୋଦ କୁମାର ଧଳ କହିଛନ୍ତି।

ପରିବର୍ତ୍ତିତ ପରିବେଶରେ ଘରଚଟିଆ ପକ୍ଷୀଙ୍କ ସଂଖ୍ୟା ଏକ ଚିନ୍ତାଜନକ ହାରରେ ହ୍ରାସ ପାଇଚାଲିଛି। ବାସସ୍ଥାନର ଅବକ୍ଷୟ, କୀଟପତଙ୍ଗ ସଂଖ୍ୟାରେ ହ୍ରାସ, ଖାଦ୍ୟର ଅଭାବ, ପ୍ରଦୂଷଣ, କୀଟନାଶକର ବର୍ଦ୍ଧିତ ବ୍ୟବହାର, ବିଦ୍ୟୁତ୍-ଚୁମ୍ବକୀୟ ବିକିରଣ ଏବଂ ସହରୀକରଣର ପ୍ରଭାବରେ ଏହି କ୍ଷୁଦ୍ର ପକ୍ଷୀମାନଙ୍କ ସଂଖ୍ୟା କ୍ରମଶଃ ନିମ୍ନଗାମୀ ହେଉଛି। ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହି ସମସ୍ୟା ଅଧିକ ଗମ୍ଭୀର ହେବାରେ ଲାଗିଛି। ସହରାଞ୍ଚଳରେ ବିଗତ ପଚାଶ ବର୍ଷରେ ଘରଚଟିଆ ସଂଖ୍ୟା ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇ ସାରିଲାଣି। ଏହି ପକ୍ଷୀମାନେ ପରିବେଶଗତ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ସୂଚକ ରୂପେ କାର୍ଯ୍ୟ କରନ୍ତି। ସେମାନଙ୍କର ସଂଖ୍ୟା ହ୍ରାସ ପରିବେଶରେ ନକାରାତ୍ମକ ଘଟଣା ଓ ସମସ୍ୟାକୁ ସୂଚିତ କରୁଛି ବୋଲି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି। ସେ ଆହୁରି ମଧ କହିଛନ୍ତି କି ଘରଚଟିଆ କୀଟପତଙ୍ଗକୁ ଖାଦ୍ୟ ରୂପେ ଗ୍ରହଣ କରି ସେମାନଙ୍କ ସଂଖ୍ୟା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ସହ କୃଷି ଉତ୍ପାଦନରେ ବୃଦ୍ଧି ଘଟାନ୍ତି ଏବଂ ଜୈବବିବିଧତାରେ ଯୋଗଦାନ ଦେଇ ପରିବେଶଗତ ସନ୍ତୁଳନ ବଜାୟ ରଖନ୍ତି। ସେମାନେ ଏକ ସାଂସ୍କୃତିକ ଭୂମିକା ମଧ ନିର୍ବାହ କରନ୍ତି, ଅର୍ଥାତ୍ ମଣିଷ ଏବଂ ପ୍ରକୃତି ମଧ୍ୟରେ ପ୍ରାୟତଃ ସେମାନେ ସମନ୍ୱୟ ପ୍ରତୀକ ଭାବରେ କାର୍ଯ୍ୟ କରନ୍ତି ବୋଲି ସେ କହିଛନ୍ତି।

ଅପରପକ୍ଷେ ପରିବେଶକର୍ମୀ ସୁଶାନ୍ତ ସାହୁ ଓଡ଼ିଶା ସରକାରଙ୍କ ନିକଟରେ ଏକ ପ୍ରେସ୍ ବିବୃତିରେ ଘରଚଟିଆକୁ 'ରାଜ୍ୟପକ୍ଷୀ'ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୨ ମସିହାରୁ ଦିଲ୍ଲୀ ସରକାର ଘରଚଟିଆକୁ ନିଜର ରାଜ୍ୟ ପକ୍ଷୀ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ

କେନ୍ଦ୍ରାପଡ଼ା,୧୯।୩(ସମିସ): ରାଷ୍ଟ୍ରବାଦୀ ସାମାଜିକ ସଂଗଠନ "ଜୟ ରାଷ୍ଟ୍ର ଚାରିଟେବୁଲ୍ ଟ୍ରଷ୍ଟ" ପକ୍ଷରୁ ଏବର୍ଷ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସାହ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ସ୍ଥାନୀୟ ବାରଙ୍ଗେଇ ଠାକୁରାଣୀଙ୍କ ମନ୍ଦିର ପରିସରରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରାତଃ ମୁହୂର୍ତ୍ତରେ ଗୋପୂଜନ ମାଧ୍ୟମରେ କାର୍ଯ୍ୟକ୍ରମର ଶ୍ରୀଗଣେଶ ହୋଇଥିଲା। ପରେ ବିଶ୍ୱଶାନ୍ତି ଓ ସମାଜର ସୁଖ-ସମୃଦ୍ଧି ପାଇଁ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାପରେ ମନ୍ଦିର ପରିସରରେ ହୋମ, ବେଦମନ୍ତ୍ର ପାଠ ଓ ସମୂହ ପ୍ରାର୍ଥନା ମାଧ୍ୟମରେ ଧାର୍ମିକ ଉତ୍ସବକୁ ଅଧିକ ଗମ୍ଭୀରତା ଦିଆଯାଇଥିଲା। ଏ ଅବସରରେ ଟ୍ରଷ୍ଟର ସଦସ୍ୟ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ଐତିହ୍ୟ ଓ ଆଧ୍ୟାତ୍ମିକ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ବୀରେନ୍ଦ୍ର ଦାସ, ରଶ୍ମିରଞ୍ଜନ ସ୍ୱାଇଁ, ସୁଶାନ୍ତ ନାୟକ, ଅଞ୍ଜନ ଶତପଥୀ, ନିରଞ୍ଜନ ମହାରଣା, ରାଜେନ୍ଦ୍ର ମହାପାତ୍ର, ଦୁର୍ଗାପ୍ରସାଦ ପତି, ରାନୀରାଣୀ ଦାସ ଓ ପଙ୍କଜ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।



## ଦୟାନନ୍ଦ ସେବାଶ୍ରମରେ ସୃଷ୍ଟି ଦିବସ



ଡେରାବିଶ,୧୯।୩(ସମିସ): ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆପ୍ତ ଦୟାନନ୍ଦ ସେବାଶ୍ରମରେ ଆଜି ସୃଷ୍ଟି ଦିବସ ପାଳିତ ହୋଇଯାଇଛି। ଆଶ୍ରମର ସମ୍ପାଦକ ମଦନ ମୋହନ ଆର୍ଯ୍ୟ ଦେବଯଜ୍ଞର ଆୟୋଜନ କରିବା ସହିତ ଉତ୍ସବ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କଟକସ୍ଥ ବାଲ୍ମୀକି ସାହିତ୍ୟ ସଂସଦ ସଭାପତି ଦୀନବନ୍ଧୁ ସାହୁ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ମୁରଲୀଧର ରଥ ସୃଷ୍ଟି ତତ୍ତ୍ୱ ଓ ଈଶ୍ୱରଙ୍କ ସଂରଚନା ସମ୍ପର୍କରେ ବେଦ ଓ ବିଜ୍ଞାନ ତତ୍ତ୍ୱ ଆଧାରିତ ଅନେକ ମତ ରଖିଥିଲେ। ବର୍ତ୍ତମାନ ସୃଷ୍ଟିର ଆୟୁଷ ୧୯୬ କୋଟି ୮ ଲକ୍ଷ ୫୩ ହଜାର ୧୨୭ ବର୍ଷ ବୋଲି ପ୍ରକାଶ କରିଥିଲେ। ୧୮୭୫ର ଆଜିର ଦିନରେ ଆର୍ଯ୍ୟ ସମାଜ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ବୋଲି ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ାର ପ୍ରତିଷ୍ଠିତ ବ୍ୟବସାୟୀ ଭାସ୍କର ସାହୁ, ସୁଦର୍ଶନ ମହାପାତ୍ର, ପରିବେଶବିତ୍ ଜେନାମଣି ବଳ ଯୋଗଦେଇଥିଲେ। ସେବାଶ୍ରମର ବିଦ୍ୟାର୍ଥୀ ସୁମନ୍ଦା ମିଶ୍ର ଅମୃତର ସୃଷ୍ଟି ଶୀର୍ଷକରେ ନିଜସ୍ୱ ଅନୁଭବର ଲିଖିତ ପ୍ରବନ୍ଧ ପାଠ କରିଥିଲେ। ଈଶ୍ୱରଙ୍କ ଅପାର କରୁଣାରୁ ଏହି ଅମୃତ ସୃଷ୍ଟିରେ ସମସ୍ତ ଜୀବଜନ୍ତୁ, ବୃକ୍ଷଲତା, ନଦନଦୀ, ପାହାଡ଼, ପର୍ବତ, ଝରଣା ସମସ୍ତ ଜଡ଼ ଓ ଚେତନା ମାନବର କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ଈଶ୍ୱରଙ୍କ ଅମୂଲ୍ୟ ସୃଷ୍ଟିକୁ ସମଗ୍ର ମାନବ ସମାଜ ସୁରକ୍ଷାର ଦାୟିତ୍ୱ ନେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ ସମାଜର ସଦସ୍ୟ ନିତ୍ୟାନନ୍ଦ ସାହୁ, ବସନ୍ତ ଜେନା, ରବୀନ୍ଦ୍ରନାଥ ଜେନା, ନାରାୟଣ ସ୍ୱାଇଁ, କାର୍ତ୍ତିକ ନାୟକ, ନଗେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀରାମଚରିତ ମାନସ ପାରାୟଣ ଓ ଜ୍ଞାନଯଜ୍ଞ ଆରମ୍ଭ

ପଟ୍ଟାମୁଣ୍ଡାଇ,୧୯।୩(ସମିସ): ପଟ୍ଟାମୁଣ୍ଡାଇ ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ଓ ବଣିକ ସଂଘ ମିଳିତ ଆନୁକୂଲ୍ୟରେ ଶ୍ରୀରାମଚରିତ ମାନସ ପାରାୟଣ ଓ ଜ୍ଞାନଯଜ୍ଞ ସ୍ଥାନୀୟ ଶ୍ରୀରାମ ମନ୍ଦିର ମାନସ ମଣ୍ଡପରେ ଆରମ୍ଭ ହୋଇଛି। ଏହି ମହାର୍ଘ କାର୍ଯ୍ୟକ୍ରମକୁ ପୁରୀ ଗୋବର୍ଦ୍ଧନ ପୀଠ ସଙ୍ଘ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ଉଦଘାଟନ କରିଥିଲେ। ୯ ଦିନ ବ୍ୟାପି ଆୟୋଜିତ ଆଧ୍ୟାତ୍ମିକ ମହୋତ୍ସବର ପ୍ରଥମ ଦିବସରେ ସତସଙ୍ଗ ମହିମା ଓ ଶିବ ବିବାହ, ଦ୍ୱିତୀୟ ଦିବସରେ ଶ୍ରୀରାମ ଜନ୍ମ, ବାଲ୍ୟଲୀଳା, ତୃତୀୟ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ, ଚତୁର୍ଥ ଦିବସରେ ଶ୍ରୀରାମ ବନ ଗମନ, କେବଟ ପ୍ରସଙ୍ଗ, ପଞ୍ଚମ ଦିବସରେ ଦଶରଥ ମହାରାଜାଙ୍କ ମହାପ୍ରୟାଣ ଓ ଭରତଙ୍କ ଚିତ୍ରକୂଟ ଯାତ୍ରା, ଷଷ୍ଠ ଦିବସରେ ଶ୍ରୀରାମ ଭରତ ମିଳନ ଓ ସୀତା ହରଣ, ସପ୍ତମ ଦିବସରେ ଶ୍ରୀରାମ ହନୁମାନ ମିଳନ, ଲଙ୍କା ଦହନ, ଅଷ୍ଟମ ଦିବସରେ ରାବଣ ବଧ ଓ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ନବମ ତଥା ଉଦଯାପନ ଦିବସରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, କାକଭୁଶୁଣ୍ଡି ଓ ଗରୁଡ଼ ସମ୍ବାଦ ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରତିଷ୍ଠିତ ପ୍ରବକ୍ତ ତାତ୍ତ୍ୱିକ ବିଶ୍ଲେଷଣ କରିବାର କାର୍ଯ୍ୟକ୍ରମ ରହିଛି। ବ୍ୟାସ ଭାବେ ପୁରୀ ବଡ଼ଶଙ୍ଖ ଶ୍ରୀରାମ କୁଟୀରର ବାବାଜୀ ବିଷ୍ଣୁ ବନମାଳୀ ଦାସ ଓ ଆଚାର୍ଯ୍ୟ ଭାବେ ନୂଆଗାଁର ପଣ୍ଡିତ ଭ୍ରମରବର ତ୍ରିପାଠୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ଢେଙ୍କାନାଳ ଭୁବନ ଆଶ୍ରମର ପଣ୍ଡିତ ସଚ୍ଚୋଷ ଚୈତନ୍ୟ, ଜଗତପୁର ହରିଚରଣାନନ୍ଦ ଆଶ୍ରମର ତ୍ରିଭାବ ଦାଶ, ଭଦ୍ରକ ପାଲୋଡ଼ାର ପଣ୍ଡିତ ବିଜୟ ରାଘବେନ୍ଦ୍ର ଦାସ, ଭୁବନେଶ୍ୱରର ପଣ୍ଡିତ ବ୍ରଜ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀରାମ କଥାମୃତ ପ୍ରଚାରିଣୀ ସଭା ସଭାପତି କିରଣ ଭୂୟାଁ, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ଚନ୍ଦ୍ରଚୂଡ଼ ରାଉଳ, ଗୀତା ଚାରଣ ସମିତି ସଭାପତି ପ୍ରମୋଦ ନାୟକ, ଆଡ଼ଭୋକେଟ ସଞ୍ଜୟ ସାହୁ, ବଣିକ ସଂଘ ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ନୃସିଂହ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ୨୭ ତାରିଖ ଶ୍ରୀରାମନବମୀ ଦିନ ଏହା ଉଦଯାପିତ ହେବ।

## ତାତନା ଗ୍ରାମ ମୁରବୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୧୯।୩(ସମିସ): ପଟ୍ଟାମୁଣ୍ଡାଇ ପୌରପରିଷଦ ଅର୍ନ୍ତଗତ ତାତନା ଗ୍ରାମର ମୁରବୀ ତଥା ପରୋପକାରୀ ଶଙ୍କର ବଳଙ୍କ ୮୬ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ବଳ ଗ୍ରାମରେ ମୃତ୍ୟୁବରଣ କରିଥିବା ବହୁ ବ୍ୟକ୍ତିଙ୍କ ଶବ ସତ୍କାର କରିବାରେ ସାହାଯ୍ୟ କରି କରି ଆସୁଥିବାବେଳେ ସେ ନିଜେ ଶବ ପାଲଟିଗଲେ। ତାଙ୍କ ମୃତ୍ୟୁରେ ତାତନା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ, ବୁଢ଼ା ଲେଙ୍କା, ବିଜେପି ନେତା ଅମୂଲ୍ୟ ପରିଡା, ଶିକ୍ଷାବିତ ପରୀକ୍ଷିତ ରାୟଙ୍କ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସରୋଜ ବଳ ମୁଖାଗ୍ନି ଦେଇଥିଲେ।



### ଏମ୍‌ଏସ୍‌ଏମ୍‌ଇ କମିସନରଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ

# ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

କେନ୍ଦ୍ରାପଡ଼ା/ଡେରାବିଶ, ୧୯।୩(ସମିସ):



ରାଜ୍ୟ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ (ଏମ୍‌ଏସ୍‌ଏମ୍‌ଇ) କମିସନର ତଥା ଶାସନ ସଚିବ ଶ୍ରୀମତୀ ରଶ୍ମିତା ପଣ୍ଡା ଆଜି କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି ବିଭିନ୍ନ ବ୍ଲକ୍‌ରେ ଚାଲୁଥିବା ସରକାରୀ ଯୋଜନା ଓ ବିକାଶମୂଳକ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି। ସେ ଡେରାବିଶ ଓ କେନ୍ଦ୍ରାପଡା ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ବସୁଧା ପାନୀୟଜଳ ଯୋଜନା, ଓଡ଼ିଶା ଜୀବିକା ମିଶନ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ର, ମିଶନ ଶକ୍ତି, ବିକଶିତ ଗାଁ ବିକଶିତ ଓଡ଼ିଶା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକଳାପର ଅଗ୍ରଗତି ସମୀକ୍ଷା କରିଥିଲେ। ସେହିପରି ନିକିରାଇ ପଞ୍ଚାୟତରେ ମୁଗ ଡେମୋନଷ୍ଟ୍ରେସନ ଓ ଜୁଟ୍ ଟ୍ରେନିଂ ସେଣ୍ଟରକୁ ପରିଦର୍ଶନ କରି ସ୍ଥଳ ସ୍ଥିତି ବିଷୟରେ ଅବଗତ ହୋଇଥିଲେ କ୍ଷ ଅପରାହ୍ନରେ ସେ ପଟ୍ଟାମୁଣ୍ଡାଇ ବ୍ଲକ୍ ଗସ୍ତ କରି ବିଭିନ୍ନ ଯୋଜନା ଓ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅବସ୍ଥା ନିରୀକ୍ଷଣ କରିଥିଲେ।

ଆଜି ପୂର୍ବାହ୍ନରେ ଡେରାବିଶ ବ୍ଲକ୍ ଅଧୀନସ୍ଥ ଚାନ୍ଦୋଳ ପଞ୍ଚାୟତର ଭଣଗାଁଠାରେ ନିର୍ମିତ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ବ୍ଲକ ଅଧୀନସ୍ଥ ଗୋଲରାହାଟଠାରେ ଥିବା ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍‌କୁ ଯାଇ ଗ୍ରୁପ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏମ୍ବ୍ରୋଡୋରୀ ଓ ବିଭିନ୍ନ ଘର କରଣା ସାମଗ୍ରୀ ଦେଖିଥିଲେ। ଗ୍ରୁପର ସଭାପତି ଲେସାତୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ ଗ୍ରୁପ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ଏମ୍ବ୍ରୋଡେରୀ ସାମଗ୍ରୀ, ପୋଷାକ ଓ ଅନ୍ୟାନ୍ୟ ସମସ୍ତ ଘରକରଣା ସାମଗ୍ରୀ ସମ୍ପର୍କରେ ସଚିବଙ୍କୁ ବୁଝାଇଥିଲେ। ବିଶେଷକରି କେନ୍ଦ୍ରାପଡ଼ାର ତୁଳସୀ କ୍ଷେତ୍ର ଚିତ୍ରିତ କପଡ଼ା ବ୍ୟାଗ୍, କେନ୍ଦ୍ରାପଡ଼ାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଭିତରକନିକାର ସଙ୍କେତ ଥିବା ବ୍ୟାଗ୍ ଇତ୍ୟାଦିକୁ ଦେଖି ସଚିବ ପଣ୍ଡା ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଏହି ଗ୍ରୁପର ଅଧିକ ଉନ୍ନତି ପାଇଁ ସଦସ୍ୟଙ୍କୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ ଦିଆଯିବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରଡ୍ୟୁସର୍ସ ଗ୍ରୁପର କର୍ମକର୍ତ୍ତାଙ୍କୁ ପଣ୍ଡା ସୂଚନା ଦେଇଥିଲେ।

ସେହିପରି ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ମହାପୁରୁଷ ପ୍ରଡ୍ୟୁସର୍ସ ଗ୍ରୁପ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଶାଳପତ୍ର ଥାଳିର ୟୁନିଟ୍ ବୁଲି ଦେଖିଥିଲେ। ଏଥିସହିତ ଗ୍ରୁପର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ପରେ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିକୁ ଯାଇ ଚଳିତ ବର୍ଷର ଖରିଫ ଧାନ ପାଇଁ ଖୋଲାଯାଇଥିବା ମଣ୍ଡି ସମ୍ପର୍କରେ ସେଠାରେ ଉପସ୍ଥିତ ଥିବା ଜିଲ୍ଲା ସହକାରୀ ସମବାୟ ଉପନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ ଓ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶଙ୍କଠାରୁ ପଚାରି ବୁଝିଥିଲେ। ଚଳିତ ବର୍ଷ ଏହି ସମବାୟ ସମିତିରେ କେତେ ଚାଷୀ ପଞ୍ଜିକୃତ ହୋଇଥିଲେ, ଟୁକନ ପାଇଥିବା ସମସ୍ତ ଚାଷୀଙ୍କଠାରୁ କେତେ ଧାନ କ୍ରୟ କରାଯାଇଛି ଓ ସେମାନଙ୍କ ଜମାଖାତାକୁ ଅର୍ଥ ରାଶି ଯାଇଛି କି ନାହିଁ ସେ ସମ୍ପର୍କରେ ଟିକିନିଖି ପଣ୍ଡା ବୁଝିଥିଲେ। ଏହି ସମବାୟ ସମିତିରେ ଖାଉଟିଙ୍କୁ ଦିଆଯାଉଥିବା ରାଶନ ସାମଗ୍ରୀ ଠିକ୍ ଭାବେ ବଣ୍ଟନ ହେଉଛି କି ନାହିଁ ସେ ସମ୍ପର୍କରେ ସେଠାରେ ଉପସ୍ଥିତ ଥିବା ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସଙ୍କୁ ପଚାରି ବୁଝିଥିଲେ। ପିଏମ କିସାନ ବୀମା ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିବା ଚାଷୀଙ୍କ ଜମାଖାତାକୁ ଠିକ୍ ଭାବରେ ଅର୍ଥ ଆସୁଛି କି ନାହିଁ, ସେ ସମ୍ପର୍କେରେ ସେଠାରେ ଉପସ୍ଥିତ ଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକଙ୍କୁ ପଚାରି ବୁଝିଥିଲେ। ପରେ କୁଶିଆପାଳ ପଞ୍ଚାୟତ ଅଧୀନ ବାଲିପାଟଣାସ୍ଥ ଶ୍ରୀ ଲଛମନଜୀଉଙ୍କ ମନ୍ଦିର ନିକଟରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନିର୍ମିତ ହୋଇଥିବା ଏକ କମ୍ୟୁନିଟି ସେଣ୍ଟର ଓ ଗ୍ରାମ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦେଖିବା ସହ ଏ ସମ୍ପର୍କରେ ଡେରାବିଶ ବିଡ଼ିଓ ନମିତା ବାରିକଙ୍କ ସହ ଆଲୋଚନା କରିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଡିଆଇସି ମ୍ୟାନେଜର ପ୍ରମୋଦ ସାହୁ, ଡିପିଏମ୍ ପ୍ରଶାନ୍ତ ପାଢୀ, ବିପିଏମ୍ ଅମୀୟ ରାଉତ, ବିପିସି ମାମାଲି ବେହେରା, ମିଶନ ଶକ୍ତିର ସ୍ୱରୂପ ଲେଙ୍କା, ସିଡିପିଓ ହରପ୍ରିୟା ଦେବୀ, ବ୍ଲକ୍ କୃଷି ଅଧିକାରୀ ବନଲତା ବେହେରା, କୁଶିଆପାଳ ସମବାୟ ସମିତି ପରିଚାଳନା କମିଟି ସଭାପତି ନାରାୟଣ ପାତ୍ର, ସ୍ଥାନୀୟ ସରପଞ୍ଚ ଦୟାନିଧି ଦାସ, ମହମ୍ମଦ ସୋଲେମାନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିବୀର ଯୋଜନା ସଚେତନତା କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା,୧୯।୩(ସମିସ): ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଭାରତୀୟ ସେନାର ଅଗ୍ନିବୀର ଯୋଜନା ସମ୍ପର୍କରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମେଜର ଅଶ୍ୱିନୀଙ୍କ ସହ ଅନ୍ୟାନ୍ୟ ସେନା ଅଧିକାରୀ ଯୋଗଦେଇ ଅଗ୍ନିବୀର ଯୋଜନାର ଯୋଗ୍ୟତା, ନିଯୁକ୍ତି ପ୍ରକ୍ରିୟା, ସୁବିଧା ଓ କ୍ୟାରିୟର ସୁଯୋଗ ବିଷୟରେ ଛାତ୍ରଛାତ୍ରୀଙ୍କୁ ବିସ୍ତାର ଭାବେ ଜଣାଇଥିଲେ। ସେମାନେ ଯୁବପିଢ଼ିଙ୍କୁ ସେନାରେ ଯୋଗଦେବା ପାଇଁ ପ୍ରେରିତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଓଳାଭର ଡିଗ୍ରୀ କଲେଜ, ଶୈଳେନ୍ଦ୍ର ନାରାୟଣ ଡିଗ୍ରୀ କଲେଜ, ସରକାରୀ ଆଇଟିଆଇ ରାଜକନିକା, ଏସଆଇପିଟି ସରକାରୀ ଆଇଟିଆଇ ପଟ୍ଟାମୁଣ୍ଡାଇ ଓ ସରକାରୀ ପଲିଟେକ୍ନିକ ଛତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନିଯୁକ୍ତି ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଓ ସିଏମଏସଡିଏଫ୍‌ର ଶ୍ରଦ୍ଧାଞ୍ଜଳି ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ।

## ସମାଜସେବୀ ଭରତ ଚନ୍ଦ୍ର ସ୍ୱାଇଁଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୯।୩(ସମିସ): ବିଶିଷ୍ଟ ସମାଜସେବୀ ତଥା ପରୋପକାରୀ ବ୍ୟକ୍ତିତ୍ୱ ଭରତ ଚନ୍ଦ୍ର ସ୍ୱାଇଁଙ୍କର ୮୪ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଗତ ୧୧ ତାରିଖରେ ନିଶ୍ଚିନ୍ତକୋଇଲି ବ୍ଲକ ନିକଟସ୍ଥ ଲଙ୍କାପଡ଼ା ଗ୍ରାମରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ଗ୍ରାମ୍ୟ ମୁରବୀ ଭାବେ ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ଅନେକ ଜନହିତକର କାର୍ଯ୍ୟ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରର



ସମସ୍ତ ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଡା. ଶରତ ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, ଡାକ୍ତର କୈଳାସ ଚନ୍ଦ୍ର ସ୍ୱାଇଁ, ବାୟା ଅବଧୂତ କଲେଜର ପ୍ରତିଷ୍ଠାତା ଓ ବିଶିଷ୍ଟ ସାହିତ୍ୟିକ ଡ. ଇଂ ପ୍ରଭାକର ସ୍ୱାଇଁ, କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପୂର୍ବତନ ଜିଲ୍ଲାପାଳ କିଶୋର ମହାନ୍ତି ଏବଂ ପ୍ରଫେସର ଡା. ନିମାଇଁ ଚରଣ ପରିଜା ପ୍ରମୁଖ ସାମିଲ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଡାକ୍ତର ଶ୍ରୀରାମଚନ୍ଦ୍ର ସୂତାର ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ରାଜକନିକା,୧୯।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆୟତନର ଡାକ୍ତର ଶ୍ରୀରାମଚନ୍ଦ୍ର ସୂତାର ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୂମିକା ରାଜ୍ୟ ଜେନେରାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନାଙ୍କ ସଂଯୋଜନାରେ ଓ ଉପଦେଷ୍ଟା ଭକ୍ତ ବତ୍ସଳ ମହାନ୍ତି, ପଞ୍ଚାୟତର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ, ଫାଉଣ୍ଡେସନର ପ୍ରତିଷ୍ଠାତା ନବକିଶୋର ସୂତାର ପ୍ରମୁଖ ମିଳିତ ଭାବେ ଉଦଘାଟନ କରିବା ପରେ ଚିକିତ୍ସା ଆରମ୍ଭ କରାଯାଇଥଲା। ଏହି ଶିବିରରେ ଆୟତନ, ମହାଦେଇଆଡିଆ, ରାଉତବର୍ତ୍ତନୀ, ଗଙ୍ଗାଧର ପ୍ରସାଦଡିଆ, ମେଘପୁର, ଜୋରଳ, ଶିଶୁଆ, ତେନ୍ତୁଳିକୋଳି, ବାଦରଜା, କଣ୍ଟିପୋଖରୀ, ତ୍ରୈଲୋକ୍ୟପୁର, ଗୋବାଙ୍ଗ, ମଲ୍ଲିପୁର ଆଦି ରାଜସ୍ୱ ଗ୍ରାମରୁ ୬୪ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଭୂମିକା ଚକ୍ଷୁ ଚିକିତ୍ସାଳୟର ମ୍ୟାନେଜର ବଳରାମ ନାୟକ, ଦେବାଶିଷ ଚକ୍ରବର୍ତ୍ତୀ, ବରିଷ୍ଠ ସ୍ୱାସ୍ଥ୍ୟସେବିକା କଲ୍ୟାଣୀ ନାୟକ, ଝରଣା ଦାସ, ଗୋଷ୍ଠୀ ସଂଗଠକ ଫିରୋଜ ବେହେରା ପ୍ରମୁଖଙ୍କ ସହଯୋଗରେ ଚକ୍ଷୁ ପରୀକ୍ଷା କରାଯାଇ ୧୬ ଜଣ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ଶିବିରକୁ ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ହରେକୃଷ୍ଣ ନାୟକ, ବାଞ୍ଛାନିଧି ନାୟକ, ସୁକାନ୍ତ ଦାଶ, ଶରତ ପଣ୍ଡା, ଗୟାଚାନ୍ଦ ରାଉତ, ଦେବବ୍ରତ ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ତେରଗାଁ ସମବାୟ ସମିତିରୁ ଉଠିଲା ଧାନ

ମହାକାଳପଡ଼ା,୧୯।୩ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘଦିନ ଧରି ପଡ଼ିରହିଥିବା ଚାଷୀଙ୍କ ଧାନ ଅବଶେଷରେ ଉଠାଣ ଆରମ୍ଭ ହୋଇଛି। ସମିତିରେ ହଜାର ହଜାର କ୍ୱିଣ୍ଟାଲ ଧାନ ଦୀର୍ଘଦିନ ଧରି ପଡ଼ି ରହିଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ଟାର୍ଗେଟ ଥିବା ସତ୍ତ୍ୱେ ମିଲର ଧାନ ଉଠାଉ ନ ଥିବା ସହ ସମବାୟ ସମିତି କର୍ମଚାରୀ ସହଯୋଗ କରୁ ନ ଥିବା ଅଭିଯୋଗ ଉଠିଥିଲା।

ସକାଳ ପ୍ରଭାବ

ଏହାକୁ ନେଇ ଚାଷୀ ସମିତି ସମ୍ମୁଖରେ ପ୍ରତିବାଦ କରିଥିଲେ। ଦୁଇଦିନ ମଧ୍ୟରେ ଧାନ ଉଠାଣ ନ ହେଲେ ଧାନ ବସ୍ତାରେ ନିଆଁ ଲଗାଇବାକୁ ମଧ୍ୟ ସତର୍କ କରିଥିଲେ। ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ପଚରାଯାଉଥିବାରୁ ସେ କହିଥିଲେ, ମିଲରମାନଙ୍କୁ ତୁରନ୍ତ ଧାନ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ଟାର୍ଗେଟ ଅନୁଯାୟୀ ପର୍ଯ୍ୟାୟକ୍ରମେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଯିବ। ଏହି ଘଟଣା ସମ୍ବନ୍ଧରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଚେତିଥିବାବେଳେ ମିଲର ଧାନ ଉଠାଇଥିବା ଦେଖିବାକୁ ମିଳିଛି।


## ୩ ବାଲି ବୋଝେଇ ହାଇୱା ଜବତ

ଡେରାବିଶ, ୧୯।୩(ସମିସ): ସରକାରଙ୍କ ସମସ୍ତ କଟକଣା ସତ୍ତ୍ୱେ ଡେରାବିଶ ବ୍ଲକ୍ ଅଞ୍ଚଳରୁ ବାଲିମାଫିଆ ନିୟମିତ ଚୋରା ବାଲି ଚାଲାଣ କରୁଛନ୍ତି। ବିରୂପା ନଦୀର ବିଭିନ୍ନ ଘାଟରୁ ମାଫିଆ ରାତିର ବିଳମ୍ବିତ ପ୍ରହରରେ ହାଇୱା ଓ ଜେସିବି ସହାୟତାରେ ପ୍ରଚୁର ବାଲି ଲୁଟ କରୁଥିବା ଅଭିଯୋଗ ହୋଇଆସୁଥିଲା। ଏହି ବେଆଇନ ବାଲି ଚାଲାଣ ଫଳରେ ବିପୁଳ ପରିମାଣରେ ସରକାରୀ ରାଜସ୍ୱ ହାନୀ ହେଉଥିବାବେଳେ ଗ୍ରାମାଞ୍ଚଳର ରାସ୍ତା ନଷ୍ଟ ହୋଇଯାଉଛି। ଏ ସମ୍ପର୍କରେ ଯେତେ ଅଭିଯୋଗ ହେଲେ ମଧ୍ୟ ବାଲିମାଫିଆଙ୍କୁ କିଛି ଫରକ ପଡୁନାହିଁ। ମଙ୍ଗଳପୁର ଘାଟରୁ ବାଲି ଚାଲାଣ ହେଉଥିବା ଖବର ପାଇ ଖଣି ବିଭାଗ, ଡେରାବିଶ ତହସିଲ ପ୍ରଶାସନ ଓ ପୁଲିସ୍ ପ୍ରଶାସନର ମିଳିତ ଭାବେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ଚୋରା ବାଲି ଚାଲାଣରେ ସମ୍ପୃକ୍ତ ତିନୋଟି ହାଇୱାକୁ ଛୋଟି ପଞ୍ଚାୟତ ଗୁଣ୍ଡୁପୁରଠାରେ ଖଣି ଅଧିକାରୀ ସମ୍ବିତ ସାହୁଙ୍କ ଉପସ୍ଥିତିରେ ଡେରାବିଶର ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଓ ନିକିରାଇ ପୁଲିସ୍ ଜବତ କରିଥିବା ଜଣାଯାଇଛି।

## ୨୮ରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡା,୧୯।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସହ ସମ୍ପୃକ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସେବାଜନିତ ସମସ୍ୟାର ସମାଧାନ ପାଇଁ ଆସନ୍ତା ୨୮ ତାରିଖରେ ବିଶେଷ ଅଭିଯୋଗ ଶୁଣାଣି ସଭା ଆୟୋଜିତ ହେବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭା ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୧.୦୦ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଶୁଣାଣିରେ ଜିଲ୍ଲାର ବିଭିନ୍ନ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ସହ ଅଣଶିକ୍ଷକ କର୍ମଚାରୀ ସେମାନଙ୍କର ସେବା ସମ୍ବନ୍ଧୀୟ ଅଭିଯୋଗ, ପ୍ରାପ୍ୟ ଦାବି ଓ ଅନ୍ୟାନ୍ୟ ଅଧିକାର ନେଇ ନିଜ ଅଭିଯୋଗ ଉପସ୍ଥାପନ କରିପାରିବେ। ବିଶେଷତଃ ଅବସରଜନିତ ସୁବିଧା, ବକେୟା ଦାବି, ସେବା ସମସ୍ୟା ଓ ଅନ୍ୟାନ୍ୟ ପ୍ରଶାସନିକ ଅସୁବିଧା ସମ୍ପର୍କରେ ସମାଧାନ ନିମନ୍ତେ ଏହି ସଭାକୁ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ସମଗ୍ର ଶିକ୍ଷାର ଡିପିସି, ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ ଓ ସମ୍ପୃକ୍ତ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ନବୋଦୟ ବୃତ୍ତି ପରୀକ୍ଷାରେ ସିଦ୍ଧାର୍ଥ ଦ୍ୱିତୀୟ



ଗୋବିନ୍ଦପୁର,୧୯।୩(ସମିସ): ଆଳି ବ୍ଲକ ଅନ୍ତର୍ଗତ ପାଳିମି ଜନତା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ସିଦ୍ଧାର୍ଥ ସାମଲ ପଞ୍ଚମ ଶ୍ରେଣୀ ନବୋଦୟ ବୃତ୍ତି ପରୀକ୍ଷାରେ ୯୭.୫ ପ୍ରତିଶତ ନମ୍ବର ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ପାଳିମି ଗ୍ରାମର ଡ. ସରଣି ରଞ୍ଜନ ସାମଲ ଓ ପଦ୍ମିନୀ ରାଉତଙ୍କ ପୁତ୍ର। ସିଦ୍ଧାର୍ଥ ସଫଳତାର ଶ୍ରେୟ ଚକ୍ରପୁର ହିମାନି ଗୁରୁକୂଳର ପ୍ରଧାନ ଗୁରୁଜୀ ହେମନ୍ତ ନାୟକ, ଜନତା ନୋଡାଲ ସ୍କୁଲ ଶିକ୍ଷକ, ଶିକ୍ଷୟତ୍ରୀ ଓ ପିତାମାତାଙ୍କୁ ଦେଇଛନ୍ତି।

### ଆଧାର କାର୍ଡରେ ୬୧ ଓ ପରିଚୟପତ୍ରରେ ୬୪ ବର୍ଷ ବୟସ

# ବିଧବା ଭତ୍ତା ପାଇବାରୁ ମାଳତୀ ବଞ୍ଚିତ

ପଞ୍ଚୁପାଣ୍ଡବ,୧୯।୩(ସମିସ):




ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମର ମାଳତୀ ଦାସ (୬୫) ବିଧବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ମାଳତୀଙ୍କ ଆଧାର କାର୍ଡରେ ୬୧ ଓ ପରିଚୟ ପତ୍ରରେ ୬୪ ବର୍ଷ ହୋଇଥିବାବେଳେ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ସ୍ୱାମୀ ପ୍ରସନ୍ନ ଦାସ ପ୍ରାୟ ୩୫ ବର୍ଷ ଧରି ନିଖୋଜ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଣେ ମୃତ୍ୟୁର ପ୍ରମାଣ ପତ୍ର ନ ଥିବାରୁ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ପରିବାରରେ ଏକମାତ୍ର ପୁଅ ଦିନମଜୁରିଆ ଭାବେ କାମ କରୁଥିବାବେଳେ ପୁଅ ଓ ଝିଅଙ୍କ ପାଠପଢାରେ ଖର୍ଚ୍ଚ କରିବା ସହ ଆର୍ଥିକ ଅବସ୍ଥା ଖରାପ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ସରକାରୀ ଘର ପାଇଥିଲେ ସୁଦ୍ଧା ଘର ସମ୍ପୂର୍ଣ୍ଣ ହୋଇପାରିନାହିଁ। ଘର ପାଇଁ ଆସିଥିବା ଟଙ୍କାରୁ କିଛି କୁଜିନେତା ଆତ୍ମସାତ କରିଥିବାରୁ ଧାର କରଜ କରି ଆଜବେଷ୍ଟ ପକାଇଥିବା ମାଳତୀ କହିଛନ୍ତି।

ପରିବାରରେ ୫ ଜଣ ଥିବାବେଳେ ମାତ୍ର ୧୦ କେଜି ସରକାରୀ ଚାଉଳ ପାଉଛନ୍ତି। ରାଜ୍ୟ ସରକାର ୮୦ ବର୍ଷ ବୃଦ୍ଧବୃଦ୍ଧାଙ୍କୁ ୧୨ ଶହ ଟଙ୍କା ଭତ୍ତା ବଦଳରେ ୩୫ ଶହ ଟଙ୍କା ଦେବାକୁ ଘୋଷଣା କଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏହାର ଶୁଭାରମ୍ଭ କରିଥିଲେ। ଏହା ମଧ୍ୟରେ ଦୁଇ ବର୍ଷ ପୂରିବାକୁ ବସିଲାଣି। ମାତ୍ର ଏଯାବତ୍ ୮୦ ବର୍ଷିଆ ବୃଦ୍ଧବୃଦ୍ଧା ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇ ଅନେକ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଏ ବାବଦରେ ସରକାର ଓ ଶୁଭାରମ୍ଭ କରିଥିବା ମନ୍ତ୍ରୀଙ୍କ କଥା ଯେପରି ପାଣିର ଗାର ଭଳି ଅନେକ ରାଜନେତା କହୁଥିବା ଶୁଣିବାକୁ ମିଳୁଛି। ସେତିକି ନୁହେଁ ଡେରାବିଶ ବ୍ଲକରେ ୮୦ ବର୍ଷରୁ ଅଧିକ ଭତ୍ତା ହିତାଧିକାରୀ ଓ ୮୦ ପ୍ରତିଶତ ଭିନ୍ନକ୍ଷମ ଭତ୍ତା ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଉ ନ ଥିବା ଅଭିଯୋଗ ହେଉଛି। ଏଥି ମଧ୍ୟରୁ କେତେକ ଅନେକ ହିତାଧିକାରୀ ବର୍ଦ୍ଧିତ ଭତ୍ତାକୁ ଅନେଇ ଅନେଇ ମୃତ୍ୟୁବରଣ କରି ସାରିଲେଣି। ଏ ବାବଦରେ ପଞ୍ଚାୟତ କାର୍ଯ୍ୟାଳୟଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଗୁହାରି କରିଥିଲେ ସୁଦ୍ଧା କେହି ସମସ୍ୟାକୁ ସମାଧାନ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ମାଳତୀ ଦାସଙ୍କୁ ବାର୍ଦ୍ଧକ୍ୟ ଭତ୍ତା କରାଇବା ସହ ସମସ୍ତଙ୍କ ପାଇଁ ସରକାରୀ ଚାଉଳ କିମ୍ବା ଅନ୍ତୋଦୟ କାର୍ଡରେ ସାମିଲ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂଗ୍ରାମୀ ନେତା ଶ୍ରୀକାନ୍ତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ପଟ୍ଟାମୁଣ୍ଡାଇ,୧୯।୩(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସଂଗ୍ରାମୀ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀକାନ୍ତ ସାହୁଙ୍କ ଏକାଦଶାହରେ ତାଙ୍କ ଜନ୍ମମାଟି ଅରଡ଼ପଲ୍ଲୀଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରାଜ କୁମାର ସାହୁଙ୍କ ପୌରୋହିତ୍ୟ ଓ ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ମହାବୀର ଗ୍ରୁପ ଅଧ୍ୟକ୍ଷ ଗନ୍ଧର୍ବ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ଯୁବ ନେତା ଦେବାଶିଷ ପାତ୍ର, ବିଜେପି ନେତା ସୁନାକାର ବେହେରା, ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, ରାଜ୍ୟ ବିଜେଡି ସମ୍ପାଦକ ରାଜେଶ ପଣ୍ଡା, ବରିଷ୍ଠ ନେତା ଯଦୁମଣି ଦାସ ଓ ସନ୍ତୋଷ ମହାନ୍ତି, ସାମ୍ବାଦିକ ଅକ୍ଷୟ ସାହୁ ଓ ଅନୀଲ ଚୌଧୁରୀ, ଶିକ୍ଷାବିତ ବିଜୟ ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଗୀତିକବି ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶନାରେ ଗଡ଼ମେକର କଳାକାର ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ରାଧାକାନ୍ତ ସାହୁ, ଶ୍ରୀନିବାସ ସାହୁ, ସ୍ୱାଗତିକା ସାହୁ, ମୁକେଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ।







### ଆରମ୍ଭ ହେଲା କନିଷ୍ଠ ଶିକ୍ଷକଙ୍କ ଆନ୍ଦୋଳନ

# ନିୟମିତ ନ ହେଲା ଯାଏଁ ଅହୋରାତ୍ର ଧାରଣା

ଭୁବନେଶ୍ୱର, ୧୯ ।୩(ସମିସ): କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦକୁ ଉଚ୍ଛେଦ କରି ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣାକୁ ୬ ମାସ ପରେ ମଧ୍ୟ ପୂରଣ ନ କରିବା ପ୍ରତିବାଦରେ ଆଜିଠାରୁ ଶିକ୍ଷକ ଶିକ୍ଷୟତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ହାସଲ ନ ହେଲା ଯାଏଁ ଅହୋରାତ୍ର ଧାରଣା ଜାରି ରଖିବେ ବୋଲି ପଣ କରିଛନ୍ତି। ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓଙ୍କ ନେତୃତ୍ୱରେ ହଜାର ହଜାର ଶିକ୍ଷକ ରାତିରେ ମଧ୍ୟ ବିଧାନସଭା ସମ୍ମୁଖରେ ଶୋଇଛନ୍ତି।



ଶିକ୍ଷକଙ୍କ ଅଭିଯୋଗ ହେଲା, ଗତ ଅଗଷ୍ଟ ୨୨ ତାରିଖରେ ସ୍କିମାଟିକ୍ ଶିକ୍ଷକଙ୍କୁ ନିୟମିତ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଘୋଷଣାର ୬ ମାସ ମଧ୍ୟରେ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଘୋଷଣାକୁ ପାଳନ କରିବା ପାଇଁ ଏକାଧିକବାର ଆନ୍ଦୋଳନ ଓ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କୁ ଅବଗତ କରାଯାଇଛି। ୩ ମାସ ପୂର୍ବରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ସରକାର ଓ ବିଭାଗୀୟ ମନ୍ତ୍ରୀ ସେମାନଙ୍କ ଦାବି ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ସେମାନଙ୍କ ଦାବି ପୂରଣ ପାଇଁ କାର୍ଯ୍ୟ ଜାରି ରହିଛି, ସେମାନେ ବିଦ୍ୟାଳୟକୁ ଫେରି ଶିକ୍ଷାଦାନ ଜାରି ରଖିବା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅପିଲ କରିଥିଲେ। ମନ୍ତ୍ରୀଙ୍କ ନିର୍ଭର ପ୍ରତିଶ୍ରୁତି ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ ମଧ୍ୟ ପୁଣିଥରେ ସରକାର ଓ ଗଣଶିକ୍ଷା ମନ୍ତ୍ରୀ ପ୍ରତାରଣା କରିଛନ୍ତି। ଏବେ ସୁଦ୍ଧା ନାଲି ଫିତା ତଳେ ଫାଇଲ୍ କାର୍ଯ୍ୟ ଚାପି ହୋଇ ରହିଛି। ରାଜ୍ୟ ଶାସନର ମୁଖ୍ୟଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେଉନାହିଁ, ତାହେଲେ ସରକାର କିପରି ଚାଲୁଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ବ୍ୟାପକ ପ୍ରଚାରକୁ ପ୍ଲାକାର୍ଡ ମାଧ୍ୟମରେ ଦେଖାଇ ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ସଂଘ ଦାବି ରଖିଛି। ଅନ୍ୟଥା ସେମାନେ ବିଦ୍ୟାଳୟକୁ ଫେରିବେ ନାହିଁ ବୋଲି ସରକାରଙ୍କୁ ରୋକଠୋକ୍ ଶୁଣେଇ ଦେଇଛନ୍ତି। ଏହି ଆନ୍ଦୋଳନକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ

## ନକଲି ଚେକ୍ ଜରିଆରେ ୯.୫୬ କୋଟି ହଡ଼ପ

### ମିଶ୍ର ଏଣ୍ଟରପ୍ରାଇଜେସ୍ ଓ ମହାକାଳ କନଷ୍ଟ୍ରକ୍ସନର ପ୍ରୋପାଇଟର ବ୍ରଜେଶ ଗିରଫ



ଭୁବନେଶ୍ୱର,୧୯।୩(ସମିସ): ମୟୂରଭଞ୍ଜ ଜିଲ୍ଲା ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଥିବା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆକାଉଣ୍ଟରୁ ନକଲି ଚେକ୍ ଜରିଆରେ ୯.୫୬ କୋଟି ହଡ଼ପ ମାମଲାରେ ଆଉ ଜଣେ ଅଭିଯୁକ୍ତକୁ ଛତିଶଗଡ଼ରୁ ଗିରଫ କଲା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ସେ ହେଲା ମିଶ୍ର ଏଣ୍ଟରପ୍ରାଇଜେସ୍ ଓ ମହାକାଳ କନଷ୍ଟ୍ରକ୍ସନର ପ୍ରୋପାଇଟର ବ୍ରଜେଶ କୁମାର ମିଶ୍ର। ଗିରଫ ପରେ ବ୍ରଜେଶକୁ ସ୍ଥାନୀୟ କୋର୍ଟରେ ହାଜର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି ଇଓଡବ୍ଲ୍ୟୁ ଟିମ୍। ଆସନ୍ତା କାଲି ଅଭିଯୁକ୍ତକୁ ବାଲେଶ୍ୱର ଓପିଆଡି କୋର୍ଟକୁ ଚାଲାଣ କରାଯିବା ନେଇ ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତମାନେ ନକଲି ଚେକ୍ ଜରିଆରେ ଟଙ୍କା ହଡ଼ପ କରିଥିଲେ। ୨ଟି ନକଲି ଚେକ୍‌ରେ ଡିଏମ୍‌ଏଫ୍ ଜମାଖାତାରୁ ୪.୫୨ କୋଟି ଓ ୧୮ ତାରିଖରେ ଆଉ ୨ଟି ନକଲି ଚେକ୍‌ରେ ୫.୦୪ କୋଟି ଟଙ୍କା ଉଠାଇ ନେଇଥିଲେ। ଏପରି ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ୬୦୦ଟଙ୍କା ପିଟି "କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ ସପ୍ଲାୟର ଓ ଏସ୍.କେ. ଏଣ୍ଟର ପ୍ରାଇଜେସ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ ହେବା ପରେ ବିଭିନ୍ନ ଆକାଉଣ୍ଟକୁ ଯାଇଥିଲା। ଏସ୍‌କେ ଏଣ୍ଟରପ୍ରାଇଜେସ୍ ଆକାଉଣ୍ଟକୁ ଠକେଇ ଟଙ୍କାରୁ ୧,୮୪ କୋଟି ଟଙ୍କା ଟ୍ରାନ୍ସଫର୍ ହୋଇଛି। ଏହି ଟଙ୍କାରୁ କମ୍ପାନୀର ମାଲିକ ଆଜମିର୍ ୪ଲକ୍ଷ ଟଙ୍କା ଚେକ୍ କରିଆରେ ଏବଂ ୧.୮ ଲକ୍ଷ ଟଙ୍କା ଏଟିଏମ୍ ଜରିଆରେ ଉଠାଇଛନ୍ତି। ଅବଶିଷ୍ଟ ଟଙ୍କା ୧୫ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଥିବା ତଦନ୍ତ ବେଳେ ଜଣାପଡିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି। ଏମାନଙ୍କ ରାକେଟ୍ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ,"ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ତାଙ୍କର ଟ୍ୟାକେଟ ସକ୍ରିୟ ରହିଛି।

## ମହର୍ଷି ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୯ ।୩(ସମିସ): ମହର୍ଷି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୀର୍ଘ ୮ ଦିନ ପର୍ଯ୍ୟନ୍ତ ବିଭିନ୍ନ ଆତ୍ମରକ୍ଷା କୌଶଳ ଉପରେ ଛାତ୍ରୀମାନେ ପ୍ରଶିକ୍ଷଣ ନେଇଛନ୍ତି। ଉଦଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ଡ. ସୁଶ୍ରୀରେଖା ମହାନ୍ତି ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ଓ ଆତ୍ମବିଶ୍ୱାସୀ ହେବାକୁ




ପ୍ରେରିତ କରିଛନ୍ତି। ପ୍ରଥମ ବର୍ଷର ଛାତ୍ରୀଙ୍କୁ ତିନିଟି ଗ୍ରୁପରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଛି। ପ୍ରତ୍ୟେକ ଗ୍ରୁପକୁ ଆଠଟି ଲେଖାଏଁ କ୍ଲାସ ପ୍ରଦାନ କରାଯାଇଛି। ଆତ୍ମରକ୍ଷା ପ୍ରଶିକ୍ଷଣ କ୍ଲବର ନୋଡାଲ ଅଫିସର ଡ. ସୋମିଲା ଦାସଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ପୂର୍ଣ୍ଣମୀ ବନ୍ଦିତା ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ।

## ଭୁବନେଶ୍ୱର ଓକିଲ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୯।୩(ସମିସ): ଭୁବନେଶ୍ୱର ଓକିଲ ସଂଘର ବାର୍ଷିକ ଉତ୍ସବ ଭଞ୍ଜ କଳାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅଶୋକ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ, କୃଷ୍ଣରାମ ମହାପାତ୍ର, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ଭକ୍ତ ଭୂଷଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ।ସଂଘର ସମ୍ପାଦକ ସତ୍ୟରଞ୍ଜନ ସେନାପତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି କବୀନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ବୈରିଶଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ପେଶାଲ ପିପି ଭିଜିଲାନ୍ସ କାମଦେବ ତ୍ରିପାଠୀଙ୍କ ସହିତ ଅନ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆର୍ଯ୍ୟସମାଜର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୯।୩(ସମିସ): ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟସମାଜର ୧୫୨ତମ ପ୍ରତିଷ୍ଠା ଦିବସ ଗୁରୁବାର ଚନ୍ଦ୍ରଶେଖରପୁର, ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପଣ୍ଡିତ ବିନୋଦ ବିହାରୀ ଦାଶଙ୍କ ଦ୍ୱାରା ବୈଦିକ ଶାନ୍ତିଯଜ୍ଞ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଚିତ୍ରକୂଟ ଆଶ୍ରମର ବରେଣ୍ୟ ସଞ୍ଚାଳକ ନିରଞ୍ଜନ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟଅତିଥିଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ନ୍ୟାସର ମ୍ୟାନେଜିଙ୍ଗ ଟ୍ରଷ୍ଟି, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଧାନ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ନଳିନୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱର ଜିଲ୍ଲା ପାଇଁ ଆଇନ ମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର, ୧୯।୩(ସମିସ):ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ ପାଇଁ ଗୁରୁବାର ଆଇନଜୀବୀମାନେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜିଲ୍ଲା ଅଭିଯାନର ମୁଖ୍ୟ ଲିଙ୍ଗରାଜ ସାହୁ, ଆଇନଜୀବୀ ହରପ୍ରିୟା ସାମନ୍ତରାୟ, ସସ୍ମିତା ନନ୍ଦ, ଭୁବନେଶ୍ୱର ଓକିଲ ସଂଘ ପୂର୍ବତନ ସମ୍ପାଦକ ରାଜକିଶୋର ଦାସ, ଶ୍ୱେତାପଦ୍ମା ପଟ୍ଟନାୟକ, ହେମଲତା ମେହେରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ପ୍ରସନ୍ନ ଜୟନ୍ତୀରେ 'ଫାଲଗୁନ ଆସର'



ଭୁବନେଶ୍ୱର, ୧୯।୩(ସମିସ): କବି ପ୍ରସନ୍ନ ମିଶ୍ରଙ୍କ ୮୫ତମ ଜୟନ୍ତୀ ଉପଲକ୍ଷେ 'ଫାଲଗୁନ ଆସର' କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ରମେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପିକା ତଥା ସମାଲୋଚିକା ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା, ଭାଷାବିତ ବସନ୍ତ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କବି ଆଶୁତୋଷ ପରିଡ଼ା ସଭାପତିତ୍ୱ କରିଥିଲେ। ସ୍ତମ୍ଭକାର କେଦାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ମନୋରମ ବିଶ୍ୱାଳ ମହାପାତ୍ର, ପ୍ରକାଶ ଦାସ, ସରୋଜିନୀ ପାଣି, ଶୁଭଶ୍ରୀ ଲେଙ୍କା, ଇନ୍ଦିରା ଦତ୍ତ, ଶ୍ରୁତକୀର୍ତ୍ତି ତ୍ରିପାଠୀ, ଭାଗ୍ୟଲିପି ମଲ୍ଲ ପ୍ରସନ୍ନ ମିଶ୍ରଙ୍କ କବିତା ପାଠ କରିଥିଲେ। ପ୍ରକାଶ ମହାପାତ୍ର ବଂଶୀବାଦନ କରିଥିଲେ। କବି କନ୍ୟା ପ୍ରତୀତାରା ପ୍ରସନ୍ନ ମିଶ୍ରଙ୍କ ଗଳ୍ପ ପରିବେଷଣ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଏମ୍‌ର ପ୍ରତିଷ୍ଠା ଦିବସରେ ପିତୃ-ମାତୃ ପୂଜନ



ଭୁବନେଶ୍ୱର, ୧୯ ।୩(ସମିସ): ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ୩୭ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିବସକୁ 'ପିତୃ-ମାତୃ ପୂଜନ ଦିବସ' ଭାବରେ ଉତ୍ସର୍ଗୀକୃତ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଈଶ୍ୱର ବିଶ୍ୱାସୀ, ଧୈର୍ଯ୍ୟବାନ ହେବା ସହ ସେବା, କର୍ତ୍ତବ୍ୟ, ଧର୍ମ, ବୀରତା ବ୍ରତ ଆଚରଣ କରି ଭଲ ମଣିଷ ହେବାକୁ ମାର୍ଗଦର୍ଶନ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ପ୍ରତିଷ୍ଠାତା ଡ. ମୀନକେତନଙ୍କ ତତ୍ତ୍ୱାବଧାନରେ 'ଜୟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିତା-ମାତାଙ୍କ ଉଦ୍ଦେଶ୍ୟରେ ଲିଖିତ କବିତାଗୁଡିକୁ ନେଇ ଇ-ମାଗାଜିନ୍ ପ୍ରଦର୍ଶିତ ହୋଇଥିଲା। ଓଡିଏମ୍‌ର ୩୭ ବର୍ଷର ଦୀର୍ଘ ଯାତ୍ରାରଥକୁ ନେଇ ଏକ ଛାୟାଚିତ୍ର ପ୍ରଦର୍ଶିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପିକେ ଦାସ, ଡ.ଜ୍ୟୋସ୍ନା ମହାପାତ୍ର, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁଙ୍କ ସମେତ ତଥା ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଏଆଇସି-ସୋଆ ଫାଉଣ୍ଡେସନ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୧୯।୩(ସମିସ):ସୋଆ ପରିଚାଳିତ ଆଇଟିଇଆର୍ ପରିସରରେ ଗୁରୁବାର ଅଟଳ ଇନୋଭେସନ୍ ସେଣ୍ଟର-ସୋଆ ଫାଉଣ୍ଡେସନ୍ ଏମ୍‌ଏସଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ବୃଦ୍ଧି କରିବା ବର୍ତ୍ତମାନ ଅପରିହାର୍ଯ୍ୟ ହୋଇ ପଡ଼ିଥିବା ବେଳେ ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ଷ୍ଟାର୍ଟ ଅପ୍ ଗୁଡ଼ିକର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଟଳ ଇନୋଭେସନ୍ ମିସନ୍‌ର ମିସନ ନିର୍ଦ୍ଦେଶକ ଡ. ଦୀପକ ବାଗଲା କହିଥିଲେ ଯେ ଆଗାମୀ ଦିନରେ ପ୍ରତି ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ନିଜସ୍ୱ ଉଦ୍ୟମରେ ଷ୍ଟାର୍ଟ ଅପ୍ ଆରମ୍ଭ କରିବେ।

ବର୍ତ୍ତମାନର ଛାତ୍ରଛାତ୍ରୀ ମାନଙ୍କୁ ଏକ ବିଶେଷ ସୁଯୋଗ ଲାଭ ନିମନ୍ତେ ପ୍ରସ୍ତୁତ ପିଢ଼ି ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ ଏକ ନୂତନ ଭାରତ ଗଢ଼ି ତୋଳିବା ନିମନ୍ତେ ସେମାନେ ନିଜ କାନ୍ଧରେ ଦାୟିତ୍ୱ ନେବା ଆବଶ୍ୟକ। ୨୦୧୬ରେ ଭାରତରେ ମାତ୍ର ୪୦୦ ଷ୍ଟାର୍ଟ ଅପ୍ ଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୨ଲକ୍ଷ ଅତିକ୍ରମ କରିସାରିଛି। ଆଜି ଭାରତ ବିଶ୍ୱରେ ନୂତନ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ୧ ନମ୍ବରରେ ଥିବା ବେଳେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ୨ୟ ଓ ୟୁନିକର୍ଣ୍ଣ କ୍ଷେତ୍ରରେ ୩ୟ ସ୍ଥାନରେ ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ଷ୍ଟାର୍ଟଅପ୍ ଓଡ଼ିଶାର ସିଇଓ ସ୍ମୃତି ରଞ୍ଜନ ପ୍ରଧାନ, ଓ ସୋଆ ସେଣ୍ଟର ଫର କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲଜିର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସି-ସୋଆ ଫାଉଣ୍ଡେସନ୍‌ର ସିଇଓ ଲୋପା ମିଶ୍ର ଜାନା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରଚାନ୍ଦ ପଟ୍ଟନାୟକ ସ୍ମାରକୀ ଆଇନ ବକ୍ତୃତା

ଭୁବନେଶ୍ୱର,୧୯।୩(ସମିସ): ଗୋରଚାନ୍ଦ ପଟ୍ଟନାୟକ ସ୍ମୃତି ଟ୍ରଷ୍ଟଙ୍କ ପକ୍ଷରୁ ୧୦ମ ଗୋରଚାନ୍ଦ ପଟ୍ଟନାୟକ ସ୍ମାରକୀୟ ଆଇନ ବକ୍ତୃତା 'ଜୀବନ୍ତ ସମ୍ବିଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଶଶିକାନ୍ତ ମିଶ୍ର ଏହି ସ୍ମାରକୀୟ ବକ୍ତବ୍ୟ ପ୍ରଦାନ କରି ଆଧୁନିକ ସମାଜରେ ସମ୍ବିଧାନିକ ମୂଲ୍ୟବୋଧର ସ୍ଥାୟୀ ପ୍ରାସଙ୍ଗିକତାକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ବାର୍ କାଉନସିଲର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ସମେତ ବେଞ୍ଚ ଓ ବାର୍‌ର ସଦସ୍ୟମାନଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଓକିଲ ରାଜକୃଷ୍ଣ ମହାନ୍ତି ଏବଂ ଇଶରତ ଜାହାନ ବେଗମଙ୍କୁ ଆଇନ ବୃତ୍ତିରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାପ୍ରତି ସମର୍ପିତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗଙ୍ଗାଧର ମେହେରଙ୍କ ମହାବିଶ୍ରାମ ଦିବସ



ଭୁବନେଶ୍ୱର, ୧୯।୩(ସମିସ): ଗଙ୍ଗାଧର ମେହେର ସ୍ମୃତି କମିଟି ଓ ଉତ୍କଳ ସମ୍ମିଳନୀ ମିଳିତ ସହଯୋଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୨ ତମ ମହାବିଶ୍ରାମ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ମୃତି କମିଟିର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର, ଶ୍ରମ କମିସନର ଇନ୍ଦ୍ରମଣି ତ୍ରିପାଠୀ, ଶୁକଦେବ ମେହେର ଓ ଗୋପାଳ କୃଷ୍ଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଗଙ୍ଗାଧର ମେହେର ମାର୍ଗ (କଳିଙ୍ଗ ହସ୍ପିଟାଲ ଛକ)ରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଭୁଲିଆ ମେହେର ସମାଜର ସଭାପତି ଆଶୁତୋଷ ମେହେର, ସାମ୍ବାଦିକ ସୁଶୀଲ କୁମାର ବାଗ୍ ପ୍ରମୁଖ ବରପୁତ୍ରଙ୍କ ଜୟଗାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ମୃତି କମିଟିର କୋଷାଧ୍ୟକ୍ଷା ଗୀତା ମେହେର, ଉତ୍କଳ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ବାସନ୍ତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ବରପୁତ୍ରଙ୍କ ଦାୟଦ ତଥା ଗଙ୍ଗାଧର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।

## ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ ଓ କର୍ମଶାଳା

ଭୁବନେଶ୍ୱର, ୧୯।୩(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସୂଚନା ଅଧିକାର ଆଇନ-୨୦୦୫ ସମ୍ବନ୍ଧୀୟ ୪ଦିନିଆ ଦକ୍ଷତା ବିକାଶ ତାଲିମ ଓ କର୍ମଶାଳା ଉଦଯାପିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ନୋଡାଲ୍ ପିଆଇଓ, ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଓ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଫାଲଗୁନୀ ସାହେ ନାୟକ, ବିଭାଗର ଉପ ସଚିବ ପ୍ରଣବ ଦାସ ପ୍ରମୁଖ ଯୋଗଦେଇ ଆବେଦନଗୁଡ଼ିକର ସମୟୋପଯୁକ୍ତ ନିଷ୍ପତ୍ତି ଓ ସଠିକ୍ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଓ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ୍ କୁମାର ବିଶୋଇ କର୍ମଶାଳା ଅବଧିରେ ଆଇନର ବିଭିନ୍ନ ଧାରା, ନିୟମ ଓ ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ତଥ୍ୟଭିତ୍ତିକ ମାର୍ଗଦର୍ଶନ କରିଥିଲେ।

### ● ଝିଣ୍ଟିଶାସନ-ତେରବାଟିଆ ବ୍ରିଜ ନିର୍ମାଣ

# ଅଧିଗ୍ରହଣ ବାଧକ; ଅଧପନ୍ତରିଆ ସେତୁ

ବାଲିଅନ୍ତା, ୧୯ ।୩(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଭାର୍ଗବୀ ନଦୀ ଉପରେ ଝିଣ୍ଟିଶାସନ–ତେରବାଟିଆରା ବ୍ରିଜ ନିର୍ମାଣ କାର୍ଯ୍ୟକୁ ଏହା ମଧ୍ୟରେ ୩ ବର୍ଷରୁ ଅଧିକ ସମୟ ବିତିଗଲାଣି। ହେଲେ ବ୍ରିଜ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଝିଣ୍ଟିସାସନ ପାର୍ଶ୍ୱରେ ୮ଟି ସ୍ପାନ ଓ କଂକ୍ରିଟ ପିଲାର ମଧ୍ୟରୁ ୭ଟି ପିଲାର ନିର୍ମାଣ କାର୍ଯ୍ୟ ସରିଛି। ହେଲେ ଝିଣ୍ଟିଶାସନ ପାର୍ଶ୍ୱରେ ଗୋଟିଏ ପିଲାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନି। ଫଳରେ ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ନିର୍ମାଣ ସମ୍ଭବ ହୋଇପାରୁ ନ ଥିବାରୁ ସ୍ଥାନୀୟ ଲୋକ ଯାତାୟତ କ୍ଷେତ୍ରରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନଥିବାରୁ ନୀର ଦୁଇ ପାର୍ଶ୍ୱରେ ଥିବା ଗ୍ରାମବାସୀ ଯାତାୟତ କ୍ଷେତ୍ରରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣିରେ ପଶି ବିମାନ ଗାଁ ଭୋଗ ଖାଇବା ଏବଂ ଗାଁ ମେଳଣକୁ ଯାଉଛନ୍ତି। ନଅବାଟିଆ ଓ ତେରବାଟିଆ ହିତାଧିକାରୀ ଭତ୍ତା ନେବା ଓ ରାସନ ସାମଗ୍ରୀ ନେବା ପାଇଁ ୬ କିମି ବୁଲି ବୁଲି ଯିବା ବ୍ୟତୀତ



ଅନ୍ୟ କିଛି ବିକଳ୍ପ ନାହିଁ। ବଡ କଥା ହେଉଛି ପଠାରେ ବ୍ରିଜ ନିର୍ମାଣ ପାଇଁ ଅଧିଗୃହିତ ଜମି ମାଲିକମାନଙ୍କୁ ଏଯାଏ ତାଙ୍କର ପ୍ରାପ୍ୟ ମିଳିପାରିନି। ସେହିପରି ଝିଣ୍ଟିଶାସନ ପାର୍ଶ୍ୱରେ ୩୪ ଡିସିମିଲ ପରିମିତ ଜମି ଏଯାଏ ଗ୍ରାମ ଉନ୍ନୟନ ବିଭାଗ ଜରିଆରେ ଅଧିଗୃହିତ ହୋଇପାରିନି। ଜମି ଅଧିଗ୍ରହଣରେ ଜିଲ୍ଲା ପ୍ରଶାସନ ଏବଂ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଅବହେଳା କରାଯାଉଥିବାରୁ ବାକି ନିର୍ମାଣ କାର୍ଯ୍ୟ ଆଗେଇ ପାରୁନି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଉଛି। ଆଗକୁ ବର୍ଷାଦିନ ଆସୁଥିବାରୁ ବନ୍ୟା ସମୟରେ ୨୦ ଖଣ୍ଡ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ୩ଟି ୱାର୍ଡବାସୀ ବିଭିନ୍ନ ଯୋଜନା ପାଇଁ ପଞ୍ଚାୟତକୁ ଆସିପାରିବେ ନାହିଁ। ତେଣୁ ଜମି ଅଧିଗ୍ରହଣ ପର୍ଯ୍ୟାୟ ତୁରନ୍ତ ଶେଷ କରିବା ନେଇ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ୨୦୨୨/୨୩ ଆର୍ଥିକ ବର୍ଷରେ ୨୧୦ ମିଟର ଲମ୍ବ ସାଢ଼େ ୭ ମିଟର ଚଉଡା ବ୍ରିଜ ନିର୍ମାଣ ନେଇ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୧୪ କୋଟି ମଞ୍ଜୁର ହୋଇଥିଲା। ନିର୍ମାଣ କାର୍ଯ୍ୟ ବର୍ଷକ ଭିତରେ ଶେଷ କରାଯିବାକୁ କାର୍ଯ୍ୟାଦେଶରେ ଉଲ୍ଲେଖ ଥିଲା। ଅପରପକ୍ଷରେ ଏସମ୍ପର୍କରେ ସହକାରୀ ଯନ୍ତ୍ରୀ ନାରାୟଣ ସେଠୀଙ୍କୁ ଯୋଗାଯୋଗ କରାଯିବାରେ ଏନେଇ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା ସରିଛି। ଜମି ଅଧିଗୃହିତ କାର୍ଯ୍ୟ ଖୁବଶୀଘ୍ର ଶେଷ ହେବା ପରେ ବ୍ରିଜ ଓ ଆପ୍ରୋଚ ରାସ୍ତା ନିର୍ମାଣ ଶେଷ ହୋଇଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏସମ୍ପର୍କରେ ଝିଣ୍ଟିଶାସନ ସରପଞ୍ଚ ଅଜିତ କୁମାର ପାତ୍ରଙ୍କୁ ପଚାରିବାରେ ଠିକାଦାର ଏବଂ ଗ୍ରାମ ଉନ୍ନୟନ ବିଭାଗ ପଦସ୍ଥ ଅଧିକାରୀ ଜମି ଅଧିଗ୍ରହଣ ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଅନେକ ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଅସହଯୋଗ କରୁଥିବା କହିଛନ୍ତି।

## ସମଲେଶ୍ୱରୀ ପୀଠରେ ଚୈତ୍ର ନବରାତ୍ର

# ଜଳିଲା ନବଦିନାତ୍ମକ ଦୀପ

**ସମ୍ବଲପୁର, ୧୯।୩ (ସମିସ)**

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ଆଜିଠାରୁ ଆରମ୍ଭହୋଇଛି ନବରାତ୍ର ପୂଜା। ହଜାର ହଜାର ସଂଖ୍ୟାରେ ଜଳୁଛି ନବଦିନାତ୍ମକ ଦୀପ। ବର୍ଷକୁ ଦୁଇଥର ବାସନ୍ତିକ ଓ ଶାରଦୀୟ ନବରାତ୍ର ସମୟରେ ଶ୍ରଦ୍ଧାଳୁ ମାନସିକ ଶାନ୍ତି, ପାରିବାରିକ ଶାନ୍ତି, ଶତ୍ରୁଭୟ ନିବାରଣ, ରୋଗଦୁଃଖରୁ ମୁକ୍ତି, ବିବାହ, ସନ୍ତାନପ୍ରାପ୍ତି ଆଦି ପାଇଁ ମାନସିକ ଦୀପ ପ୍ରଜ୍ୱଳନ କରିଥାନ୍ତି। ଆଜି ସମଲେଶ୍ୱରୀ ପୀଠ ସହିତ ବିଭିନ୍ନ ଦେବୀପୀଠ ମାନଙ୍କରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଛି। ଭକ୍ତମାନେ ଚୈତ୍ର ଓ ଦଶହରା ସମୟରେ ମନସ୍କାମନା ପୂରଣ ପାଇଁ ନବଦିନାତ୍ମକ ଓ ତ୍ରିଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥାନ୍ତି। ମା'ଙ୍କ ପୀଠରେ ଭକ୍ତ ଓ




ଶ୍ରଦ୍ଧାଳୁଙ୍କ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ।

ସମଲେଇ ପୀଠରେ ଆଜିଠାରୁ ଚୈତ୍ର ଅଖଣ୍ଡ ଦୀପ ପ୍ରଜ୍ୱଳନ ନୀତିକାନ୍ତି ମଧ୍ୟରେ ଆରମ୍ଭ ହୋଇଛି। ଆଜି ଗୁରୁବାର ଭୋର ପ୍ରାୟ ସାଢ଼େ ୪ଟା ବେଳେ ସମଲେଶ୍ୱରୀ ମନ୍ଦିର ଖୋଲିଲା। ମା'ଙ୍କ ସ୍ନାନାଦି ବିଧି ସହ ପାର୍ଶ୍ୱ ଦେବାଦେବୀଙ୍କ ବିଧି କରାଯାଇ ନୂଆ ଶାଢ଼ୀ, ଅଳଙ୍କାର ଆଦିଦେଇ ବେଶଭୂଷା କରାଗଲା। ଭୋର୍ ୫ଟା ବେଳେ ମା'ଙ୍କ ମଙ୍ଗଳ ଆଳତୀ କରାଗଲା। ଏହାପରେ ୫ଟା ୪୫ ମିନିଟ ସମୟରେ ଭକ୍ତଙ୍କ ମନ୍ଦିର ଦର୍ଶନ ପାଇଁ ଖୋଲାଯାଇଥିଲା। ସାଢ଼େ ୬ଟାରୁ ଭକ୍ତମାନଙ୍କ ମାନସିକ ଦୀପ ପ୍ରଜ୍ୱଳନ କରାଗଲା ବୋଲି ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସୂଚନା ଦେଇଛନ୍ତି। ମଧ୍ୟାହ୍ନ ୧୨ଟାରେ ଭୋଗ ଓ ସନ୍ଧ୍ୟା ୮ଟାରେ ସନ୍ଧ୍ୟା ଆଳତୀ କରାଯାଇ ୯ଟାରେ ଅନ୍ନଭୋଗ ହୋଇଥିଲା। ଚୈତ୍ର ନବରାତ୍ର ଆରମ୍ଭ ହୋଇଥିବାରୁ ରାତି ୧୦ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥିଲା।

ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟକୁମାର ବାବୁ କହିଛନ୍ତି, ଚୈତ୍ର ନବରାତ୍ର ପୂଜା ଆଜିଠାରୁ ଆରମ୍ଭ ହେଲା। ନବଦିନାତ୍ମକ ମାନସିକ ଦୀପ ଭକ୍ତମାନେ ପ୍ରଜ୍ୱଳନ କରିଛନ୍ତି। ଭକ୍ତମାନଙ୍କ ସୁବିଧାରେ ଦର୍ଶନ ସକାଶେ ଆନୁସଙ୍ଗିକ କରାଯାଇଛି। ଏହି ଅବସରରେ ଲୁପ୍ତପ୍ରାୟ କଳାକୁ ସଂରକ୍ଷଣ ଦେବାପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ୨୦ ତାରିଖ ଦିନ ଦୁଲଦୁଲି ବାଜା ପ୍ରତିଯୋଗିତା ଏବଂ ୨୧ ତାରିଖ ଦିନ ସମ୍ବଦା ପ୍ରତିଯୋଗିତା ହେବ ବୋଲି ଶ୍ରୀ ବାବୁ ସୂଚନା ଦେଇଛନ୍ତି। ଏହି କଳା ବଞ୍ଚାଅ ଅଭିଯାନରେ ଭକ୍ତମାନେ ସାମିଲ ହେବା ପାଇଁ ସେ ଅନୁରୋଧ କରିଛନ୍ତି।

# 'ସବୁବେଳେ ନିଜର ସଭ୍ୟତା, ସଂସ୍କୃତି ଓ ଭାଷାକୁ ସମ୍ମାନ ଦେବା':ଧର୍ମେନ୍ଦ୍ର

**ସମ୍ବଲପୁର, ୧୯।୩(ସମିସ):** ପ୍ରକୃତିର ନୂତନ ରୂପ ସହ ଆରମ୍ଭ ହେଉଥିବା ରାଷ୍ଟ୍ରୀୟନବବର୍ଷ ଆମକୁ ଗୌରବଶାଳୀ ଇତିହାସର ସ୍ମୃତି କରାଇଥାଏ।ଯେତେବେଳେ ସମାଜ ନିଜର ସଂସ୍କୃତିକୁ ସମ୍ମାନ ଦିଏ, ସେତେବେଳେ ରାଷ୍ଟ୍ର ପରମ ବୈଭବକୁ ପ୍ରାପ୍ତ ହୁଏ। ସବୁବେଳେ ନିଜର ସଭ୍ୟତା, ସଂସ୍କୃତି ଓ ଭାଷାକୁ ସମ୍ମାନ ଦେବା ପାଇଁ ଯୁବ ସମାଜକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର' ପକ୍ଷରୁ ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଡ଼ିଓ ବାର୍ତ୍ତା ଜରିଆରେ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଦିନଟି କେବଳ ଏକ ତାରିଖ ପରିବର୍ତ୍ତନର ଦିନ ନୁହେଁ, ଏହା ହେଉଛି ଆମର ସଭ୍ୟତା, ସଂସ୍କୃତି ଏବଂ ମୂଲ୍ୟବୋଧର ପୁର୍ନଜାଗରଣର ଦିନ।ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି, ସମ୍ବଲପୁର ପକ୍ଷରୁ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆମର ଯୁବପିଢ଼ିକୁ ନିଜର ମୂଳ ଶେର ସହ ଯୋଡ଼ିବାର ଏକ ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ସେ ଅଭିହିତ କରିଛନ୍ତି।ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ଶ୍ରୀ ପ୍ରଧାନ ସମ୍ବଲପୁରର ମାଟିରୁ ଅନେକ ସଂକଳ୍ପ ନେବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଛନ୍ତି। ସେ ଗୁଡିକ ହେଉଛି, ନିଜର ସଂସ୍କୃତି, ସଭ୍ୟତା ଓ ଭାଷାକୁ ସମ୍ମାନ ଦେବା, ବ୍ୟାପକ



ବୃକ୍ଷରୋପଣ ସହ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା, ଜାତି, ଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରଖିବା, ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଞ୍ଚାଇବା ପାଇଁ ସାମୂହିକ ଦାୟିତ୍ୱ ନେବା ଏବଂ ଦେଶର ପ୍ରଗତି ପାଇଁ ନିଜ ନିଜ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶ୍ରୀ ପ୍ରଧାନ ଆହ୍ୱନ ଦେଇଛନ୍ତି।

# କାୟାକଳ୍ପ ଯୋଜନାରେ ଜିଲ୍ଲାର ୧୫୮ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ



**ସମ୍ବଲପୁର, ୧୯।୩ (ସମିସ):** ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଗୁଣୋତ୍ତର ବୃଦ୍ଧି ପାଇଁ କାୟାକଳ୍ପ ଯୋଜନା ଅଧୀନରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପିଏସ୍‌ସି) ବର୍ଗରେ ଧନକଉଡ଼ାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟ କେନ୍ଦ୍ର ବର୍ଗରେ କୁଚିଣ୍ଡା ବ୍ଲକର ଜଳଡିହି ପ୍ରଥମ ଓ ଲଇଡାଗୁନା ଦ୍ୱିତୀୟ ଏବଂ ଜମନକିରା ବ୍ଲକର ଡିମିରିମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍), ଉପଖଣ୍ଡ ଡାକ୍ତରଖାନା (ଏସ୍‌ଡିଏଚ୍) ୨ଟି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ୭ଟି, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ୨୨ଟି ଏବଂ ସହରାଞ୍ଚଳ ପିଏଚ୍‌ସି ୭ଟି, ସ୍ୱାସ୍ଥ୍ୟ ଉପ-କେନ୍ଦ୍ର ୧୧୯ଟି ମିଶି ମୋଟ ୧୫୮ଟି କାୟାକଳ୍ପ ପୁରସ୍କାର ପାଇଛନ୍ତି। ଜିଲ୍ଲାର ବାମରା ବ୍ଲକରୁ ୨୩ଟି, ଧନକଉଡାରୁ ୧୧ଟି, ଜମନକିରାରୁ ୩୧ଟି, ଯୁଯୋମୁରାରୁ ୧୬ଟି, କୁଚିଣ୍ଡାରୁ ୨୬ଟି, ମାନେଶ୍ୱରରୁ ୧୨ଟି, ନାକଟିଦେଉଳରୁ ୯ଟି ଏବଂ ରେଢ଼ାଖୋଲରୁ ୧୧ଟି ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଛନ୍ତି। କାୟାକଳ୍ପ ଯୋଜନାରେ ସଫଳ ହୋଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଥାଏ। ଏହି ସଫଳତାରେ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମିଳିତ ପ୍ରୟାସ ଏବଂ ସମର୍ପଣ ମୁଖ୍ୟ ଭୂମିକା ନେଇଛି।ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ ଆଣ୍ଡ ପିଏଚ୍‌ଓ) ଡାକ୍ତର ପ୍ରଦୀପ କୁମାର ହୋତା, ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲ୍ଲା କ୍ୱାଲିଟି ମ୍ୟାନେଜର ବୈଶାଳିନୀ ସାହୁ ଏବଂ ନାକଟିଦେଉଳ ବ୍ଲକର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅମୂଲ୍ୟ ରତ୍ନ ମହନ୍ତଙ୍କ ନେତୃତ୍ୱ ଉଲ୍ଲେଖନୀୟ ରହିଛି।

## ଶ୍ୟାମ ମେଟାଲିକ୍ସ ନାମରେ ଅଭିଯୋଗ

# ରେଙ୍ଗାଲି ବିକାଶ ପରିବର୍ତ୍ତେ ପ୍ରଦୂଷଣ ବଢ଼ାଉଛି

**ସମ୍ବଲପୁର, ୧୯।୩(ସମିସ):** ଶ୍ୟାମ ମେଟାଲିକ୍‌ସ କମ୍ପାନୀ ନାରେ ଆସିଛି ସଙ୍ଗୀନ ଅଭିଯୋଗ। ରେଙ୍ଗାଲି ଅଞ୍ଚଳର ବିକାଶ କରିବା ପରିବର୍ତ୍ତେ ବିନାସ କରୁଛି। କମ୍ପାନୀ ଯୋଗୁଁ ପ୍ରଦୂଷଣ ବଢୁଛି। ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରୁଛି। ଏପରି ହୀରାକୁଦ ଜଳଭଣ୍ଡାର ଜମିକୁ ମାଡି ବସିଥିବା ଅଭିଯୋଗ

**ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ**

ହୋଇଛି। ଏଥି ପାଇଁ ଶ୍ରୀରାମ ସେନା ରେଙ୍ଗାଲି ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଛି। ସେନାର ସଭାପତି ନିତିଶ ଅଗ୍ରୱାଲ କହିଛନ୍ତି, ରେଙ୍ଗାଲିରେ କମ୍ପାନୀ ହେବା ପୂର୍ବରୁ ଏକ ମଲ୍ଟି ହସପିଟାଲ ଖୋଲିବାର ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ପର୍ଯ୍ୟାୟ କ୍ରମେ କମ୍ପାନୀ ନୂତନ ଡାକ୍ତରଖାନା ପ୍ରସଙ୍ଗକୁ ଭୁଲିଗଲା। କମ୍ପାନୀ ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଛି। ଫଳରେ ରେଙ୍ଗାଲି ବାସୀ ନାନା ରୋଗରେ ଆକ୍ରାନ୍ତ ହେଉଛି। ଜଳଭଣ୍ଡାରର ୩୫ ଏକର ଏବଂ ୧୨ ଏକର ଜବରଦଖଲ ଜମିରେ ଶ୍ୟାମ ଡିଆରଆଇର ନିର୍ମାଣ ହୋଇଛି। ଅନେକ ସମୟରେ ଜବରଦଖଲ ପାଇଁ ଲୋକେ ବିରୋଧ କରିଥିଲେ। ହେଲେ ବର୍ତ୍ତମାନ ଜଳସମ୍ପଦ ୩୫ ଏକର ଜମି କିସମ ପରିବର୍ତ୍ତନ କରି କମ୍ପାନୀକୁ ଲିଜରେ ଦେବାକୁ ପ୍ରସ୍ତୁତ ହୋଇଛି। ସେପଟେ କମ୍ପାନୀ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦେଉନାହିଁ ବୋଲି ଶ୍ରୀରାମ ସେନା ଅଭିଯୋଗ କରିଛି। ବିଶେଷ ଭାବେ ଜମି କିସମ ପରିବର୍ତ୍ତନ କରି କମ୍ପାନୀକୁ ନ ଦିଆଯାଉ ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ଗୋଶାଳା ଗ୍ରୁପ୍ ସେଣ୍ଟରରେ ସିଆରପିଏଫ୍ ଦିବସ

**ସମ୍ବଲପୁର, ୧୯।୩ (ସମିସ):** କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ର ସିଆର୍‌ପିଏଫ୍ ଦିବସ ସମ୍ବଲପୁରର ଗୋଶାଳାସ୍ଥିତ ଗ୍ରୁପ ସେଣ୍ଟରରେ ପାଳିତ ହୋଇଯାଇଛି। ଡେପୁଟି ଇନ୍ସପେକ୍ଟର ଜେନେରାଲ ଦଳିପ



ସିଂହ ଅମ୍ବେଶ ଏବଂ କମାଣ୍ଡାଣ୍ଟ ରାମଫୁଲ ମୀନା ଉପସ୍ଥିତ ସମସ୍ତ ଜବାନ ଏବଂ ସେମାନଙ୍କ ପରିବାରକୁ ଶୁଭକାମନା ଜଣାଇଥିଲେ ଏବଂ ବାହିନୀର ଐତିହାସିକ ସଫଳତା ଏବଂ ବୀରତ୍ୱପୂର୍ଣ୍ଣ ବଳିଦାନକୁ ମନେ ପକାଇଥିଲେ। ସନ୍ଧ୍ୟାରେ ଭଲିବଲ୍ ମ୍ୟାଚ୍, ରାତିରେ ସମସ୍ତ ମେସ୍‌ରେ ଏକ ସ୍ୱତନ୍ତ୍ର ଭୋଜି (ବଡା ଖାନା)ରେ ଯୋଗ ଦେଇଥିଲେ।

କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ ବ୍ରିଟିଶ ଶାସନ ସମୟରେ ୨୭ ଜୁଲାଇ ୧୯୩୯ରେ କ୍ରାଉନ୍ ରିପ୍ରେଜେଣ୍ଟେଟିଭ୍ ପୋଲିସ ଭାବରେ ପ୍ରତିଷ୍ଠିତ ହୋଇଥିଲା। ସ୍ୱାଧୀନତା ପରେ, ଏହାକୁ ପୁନର୍ଗଠିତ କରାଯାଇ ୨୮ ଡିସେମ୍ବର ୧୯୪୯ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ଶକ୍ତିଶାଳୀ ଅର୍ଦ୍ଧସାମରିକ ବାହିନୀ ଭାବରେ ପ୍ରତିଷ୍ଠିତ କରାଯାଇଥିଲା। ଆଜି, ସିଆର୍‌ପିଏଫ୍ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବଜାୟ ରଖିବା, ନକ୍ସଲବାଦ ଏବଂ ଆତଙ୍କବାଦ ବିରୋଧରେ ଲଢ଼ିବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଯୋଗାଇବା, ଭିଆଇପି ଏବଂ ସମ୍ବେଦନଶୀଳ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମିଳିତ ଜାତିସଂଘର ଶାନ୍ତି ମିଶନରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିବା ପାଇଁ ଜଣାଶୁଣା। ମାତ୍ର ୨ଟି ବାଟାଲିୟନରୁ ଆରମ୍ଭ କରି, ଏହି ବାହିନୀ ଏବେ ୨୪୭ଟି ବାଟାଲିୟନକୁ ବିସ୍ତାରିତ ହୋଇଛି। ୧୯ ମାର୍ଚ୍ଚ, ୧୯୫୦ରେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହି ବାହିନୀକୁ 'ଗର୍ବର ପ୍ରତୀକ' (ପତାକା) ପ୍ରଦାନ କରିଥିଲେ। ଏହାକୁ ସ୍ମରଣ କରିବା ପାଇଁ, ୧୯ ମାର୍ଚ୍ଚକୁ ପ୍ରତିବର୍ଷ ସିଆର୍‌ପିଏଫ୍ ଦିବସ ଭାବରେ ପାଳନ କରାଯାଇଥାଏ।


# କୁଆଗୋଲାରେ ନିମ୍ନମାନର ପିଚୁ କାମ

**ଜମନକିରା, ୧୯ ।୩ (ସମିସ):** ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ଆରଡି ରାସ୍ତାଠାରୁ କୁଆଗୋଲା ରାସ୍ତାରେ ୨/୩ ହେଲା ପିଚୁ କାମ ହୋଇ ଥିବା ବେଳେ ଅତି ନିମ୍ନମାନର ପିଚୁ କାମ ହୋଇ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦେଖା ନ ଥିବାରୁ ଠିକାଦାର ମନଇଚ୍ଛା କାମ କରିଥିଲେ। ଯାହାଫଳରେ ବିଭାଗୀୟ ଅଧିକାରୀ ନଥିବାରୁ ନିମ୍ନ ମାନର ପିଚୁକାମ ହୋଇଥିଲା। କୁଆଗୋଲା ଗ୍ରାମର ଭଗବାନ ବେହେରା ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ ପିଚୁ ଉଠି ଯାଇଛି।

# ହୀରାକୁଦରେ ନୂତନ ଶ୍ମଶାନ ଘାଟ ଚିହ୍ନଟ ଆରମ୍ଭ

**ସମ୍ବଲପୁର, ୧୯।୩(ସମିସ):** ହୀରାକୁଦର ଶ୍ମଶାନ ଘାଟ ଅବହେଳିତ ଅବସ୍ଥାରେ ରହିଛି।ହୀରାକୁଦର ଏକ ପ୍ରତିନିଧି ଦଳ ଏସଏମ୍‌ସି କମିଶନରଙ୍କୁ ଅଭିଯୋଗ କରିଥିଲେ। ଗୁରୁବାର ମହାନଗର ନିଗମ ପକ୍ଷରୁ ଡେପୁଟି କମିଶନର ସୁଦୀପ୍ତା ମହାନ୍ତି, ଅଧିକ୍ଷ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଜଳ ବିଭାଗର ଯନ୍ତ୍ରୀ ସୁଶାନ୍ତ କୁମାର ପାତ୍ର, କେଶବ ପ୍ରଧାନ, କେଶବ ଓରାମ ରାଜସ୍ୱ ନିରୀକ୍ଷକ ପ୍ରମୁଖ ନୂତନ ଶ୍ମଶାନଘାଟ ଚିହ୍ନଟ ପାଇଁ ଆସିଥିଲେ। ସମାଜସେବୀ କାର୍ତିକ କଲେତ, ରବି ସେଠ ପ୍ରମୁଖ ଉପସ୍ଥିତ ଥିଲେ।


## ଏକାଦଶାହ ଶ୍ରଦ୍ଧାଞ୍ଜଳି



ଏ ପଦ୍ମନାଭ ଖାଡଙ୍ଗା

ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲ୍ଲୁ, ଅଭିଜିତ, ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ

ସା- କୋକୋସିଂହ, ପୋ - କୁଞ୍ଜରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୭, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ


# ଜିଲ୍ଲା ପରାମର୍ଶଦାତା ଓ ଟାସ୍କଫୋର୍ସ କମିଟି ବୈଠକ

**ସମ୍ବଲପୁର, ୧୯।୩ (ସମିସ):** ଚଳିତ ଆର୍ଥିକ ବର୍ଷର ପଞ୍ଚମ ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ର ଜିଲ୍ଲା ପରାମର୍ଶ ଦାତା ଓ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଲିଙ୍ଗ ନିରୂପଣକୁ କଡ଼ାକଡ଼ି ଭାବରେ ରୋକିବାନେଇ ଆଲୋଚନା କରାଯାଇଥିଲା। ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ୪ଟି ଅଲଟ୍ରାସାଉଣ୍ଡ କେନ୍ଦ୍ର ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଡାକ୍ତରଖାନା ଏବଂ ବିଭିନ୍ନ ଅଞ୍ଚଳରେ ଜନସଚେତନତା ସୃଷ୍ଟି କରିବାକି ନିଷ୍ପତ୍ତି ନିଆଯାଇଥିଲା। ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ନେଇ ବ୍ଲକସ୍ତରରେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା ସମ୍ବନ୍ଧିତ ସଚେତନତା ସୃଷ୍ଟି କରାଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକୁ ନିୟମିତ ଭାବେ ତଦାରଖ କରିବାକୁ ଏଡିଏମ୍ ଶ୍ରୀ ଭୋଇ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ହୋତା, ଏନ୍‌ଏଚ୍‌ଏମ୍ ଡିପିଏମ୍, ଜିଲ୍ଲା ସଂଯୋଜକ ଏକ୍ସନ୍-ଆଡ୍ ଏନ୍‌ଜିଓ, ଶକ୍ତି ସଦନର ସଦସ୍ୟ, ସରକାରୀ ଓକିଲ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ତଥ୍ୟକୁ ବୁଧ ରଞ୍ଜନ ଭୋଇ, ସହକାରୀ ପରିଚାଳକ(ଆଇନ ବ୍ୟାପାର) ଉପସ୍ଥାପନ କରିଥିଲେ।



# ପାରୁଆଭାଡି ଲାମ୍ପ୍ସର ବାର୍ଷିକ ସାଧାରଣ ସଭା

**କୁଚିଣ୍ଡା, ୧୯ ।୩(ସମିସ):** ପାରୁଆଭାଡି ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି।ଲ୍ୟାମ୍ପର ସଭାପତି ହୃଦାନନ୍ଦ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ, କୁଚିଣ୍ଡା ସମବାୟ ବ୍ୟାଙ୍କର କର୍ମଚାରୀ ବିସ୍ମୟ ପଟେଲ ଓ ବବନ ନାୟକ, ଲ୍ୟାମ୍ପର ଏମ ଡି ମଞ୍ଜିଲ ପଟେଲ, ପୂର୍ବତନ ଏମଡି ମୋତିଲାଲ ପୃସେଠ, ଲ୍ୟାମ୍ପ କର୍ମଚାରୀ ଧନୀରାମ ନାୟକ, ନିର୍ଦ୍ଦେଶକ ଦନାର୍ଦ୍ଦନ



ପୃସେଠ, ବଦ୍ରିନାରାୟଣ ପଟେଲ, ସୁବ୍ରତ ପଟେଲ, ଭାଗିରଥି କିସାନ, ଅଖିଳ ପଧାନ, ଭକ୍ତ କିସାନ, ଜଗଦୀଶ ଖଣ୍ଡେଲୱାଲ, ଉଜଳ ଦେଓ, ଉଦିତ ଦେଓ ସୁଜିତ ଦେଓ, ନିରୋଜ ପ୍ରମୁଖଙ୍କ ପାରୁଅଭାଡି ଓ ଗୋଛରାଅଞ୍ଚଳ ର ଶତାଧିକା ଲାମ୍ପସ ସଦସ୍ୟ ଉପସ୍ଥିତ ଥିଲେ। ସଭାରେ ପ୍ରଥମେ ଏମଡି ମଞ୍ଜିଲ ପଟେଲ ବାର୍ଷିକ ବିବରଣୀ ପଠନ କରିବା ସହ ଗତ ଆର୍ଥିକ ବର୍ଷର ଆୟ ବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ସଭାରେ ଉପସ୍ଥିତ ସଭ୍ୟମାନେ ଅଚଳ ମିନି ବ୍ୟାଙ୍କକୁ ପୂନଃ କାର୍ଯ୍ୟକ୍ଷମ କରିବା, ଚାଷୀଙ୍କୁ ଠିକ୍ ସମୟରେ ସାର ବଣ୍ଟନ, ନାନୋ ୟୁରିଆ ସାର ନେବା ପାଇଁ ଚାଷୀଙ୍କୁ ବାଧ ନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସଭାରେ ପୂର୍ବତନ ଏମଡି ମୋତିଲାଲ ପୃସେଠ ତାଙ୍କର ସାତ ମାସର କାର୍ଯ୍ୟକାଳରେ ଲ୍ୟାମ୍ପର ପ୍ରାୟ ୮ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ବାବଦରେ ସଭ୍ୟମାନେ ଆଲୋଚନା କରି କ୍ଷୋଭ ପ୍ରକାଶ କରିବା ସହ ତାଙ୍କ ବିରୋଧରେ ସମବାୟ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିଲେ। ଶେଷରେ ଲ୍ୟାମ୍ପ କର୍ମଚାରୀ ଉଜଳ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିସୁଟ୍‌ରେ ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୧୯।୩(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ମେଟାଲର୍ଜିକାଲ ଓ ମେଟେରିଆଲ୍ସ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଦୁଇଦିନିଆ ଜାତୀୟ ପ୍ରାବିଧିକ ସମ୍ମେଳନୀ ଏନ୍‌ସିଏମ୍୪ ଆୟୋଜିତ ହୋଇଯାଇଛି।ସମ୍ମିଳନୀ ଅଧ୍ୟକ୍ଷ ପ୍ରଫେସର ଡ.ସୁଶାନ୍ତ କୁମାର ବଡ଼ଜେନାଙ୍କ ନେତୃତ୍ୱରେ ଏବଂ ସମନ୍ୱୟକ ଡ. ନିଳକଣ୍ଠ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ସହସମନ୍ୱୟକ ଭାବେ ଡ. ଦିନେଶ କୁମାର ମିଶ୍ର, ଗୌତମ ବେହେରା, ସୁଭଦ୍ରା ସାହୁ, ଡ.ରେଣୁପ୍ରଭା ଦଲାଇ, ଡ.ମନିଲା ମଲ୍ଲିକ ଓ ଗୌରହରୀ ବେହେରା କାର୍ଯ୍ୟଭାର ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମ ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ସମ୍ପନ୍ନ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଜେଏସଡବ୍ଲୁ ବିପିଏସଏଲ୍‌ର ଏସ୍.ଆର୍.କେ. ଶ୍ରୀନିବାସ ଯୋଗ ଦେଇଥିଲେ। ଏହାସହିତ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଆଇଆଇଟି ଖଡ଼ଗପୁର ଓ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍‌ର ପ୍ରତିନିଧିମାନେ ଅତିଥି ଭାବେ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସରେ ଆଇଆଇଟି ଖଡ଼ଗପୁର, ଆଇଆଇଟି ରୋପାର୍ ଓ ଏନ୍‌ଆଇଟି ରାଉରକେଲାର ଅଭିଜ୍ଞ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରାବିଧିକ ଓ କି-ନୋଟ୍ ଅଧିବେଶନ ସଞ୍ଚାଳିତ ହୋଇଥିଲା। ପରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ ଦ୍ୱାରା ଜେଏସଡବ୍ଲୁ ବିପିଏସଏଲ୍ ଓ ହିଣ୍ଡାଲକୋର ବିଶେଷଜ୍ଞମାନଙ୍କ ସହଯୋଗରେ ଶିଳ୍ପ -ମାନକ ବିଷୟରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନ ସମାରୋହରେ ପିଏଚ୍‌ଡି, ଏମ୍ ଟେକ୍, ଇଣ୍ଡଷ୍ଟ୍ରିଆଲ୍, ଅଣ୍ଡରଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ଶ୍ରେଣୀରେ'ବେଷ୍ଟ ପୋଷ୍ଟର ପ୍ରେଜେଣ୍ଟେସନ୍' ଓ 'ବେଷ୍ଟ ଓରାଲ୍ ପ୍ରେଜେଣ୍ଟେସନ୍'ପୁରସ୍କାର ଦେଇ ଉତ୍କୃଷ୍ଟ ଗବେଷଣା କାର୍ଯ୍ୟକୁ ସମ୍ମାନିତ କରାଯାଇଥିଲା।

# ବାଲ୍ୟ ବିବାହ ନିରାକରଣ ନେଇ ପୁଲିସର କର୍ମଶାଳା

**ସମ୍ବଲପୁର, ୧୯।୩ (ସମିସ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ଗୁରୁବାର ଉତ୍ତରାଞ୍ଚଳସ୍ତରୀୟ ବାଲ୍ୟ ବିବାହ ନିରାକରଣ ଏବଂ ଶିଶୁ ସୁରକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ, ଭାରତୀୟ ପୁଲିସ ସେବା ଶିକ୍ଷାନବିସ କୋମଲ ଗର୍ଗ, ଏଡ୍‌ଏଟ୍ ଆକ୍ସନର ସଂଯୋଜିକା ସୁନୀତା ତ୍ରିପାଠୀ, ୟୁନିସେଫ୍‌ର ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ଓ ଡ.ନେହା ସିଂ ପ୍ରମୁଖ ଯୋଗଦେଇ ଥିଲେ। ଏହି




କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ପୁଲିସ ରେଞ୍ଜର ସମସ୍ତ ପୁଲିସ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ଅଂଶଗ୍ରହଣ କରିଥିଲେ।

କର୍ମଶାଳାରେ ଆଇନଗତ ଭାବେ ଏବଂ ପରସ୍ପର ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟକରି ପୁଲିସ କିଭଳି ବିଶେଷକରି ବାଲ୍ୟବିବାହ ରୋକିବାରେ ସକ୍ଷମ ହୋଇପାରିବ ସେନେଇ ଉପସ୍ଥିତ ବିଭିନ୍ନ ଜିଲ୍ଲାର ପୁଲିସ ଅଧିକାରୀମାନଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ଶିଶୁ ସୁରକ୍ଷା ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀମାନଙ୍କୁ ମଧ୍ୟ ସାମିଲ କରାଯାଉଛି। ପୁଲିସ ଅଧିକାରୀମାନେ ଗାଁ ଗାଁକୁ ଯାଇ ସରପଞ୍ଚ ଏବଂ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଆଲୋଚନା କରି ଲୋକଙ୍କୁ ସଚେତନ କରିବେ। କର୍ମଶାଳାରେ ବିଶେଷ କରି ଶିଶୁ ଅଧିକାର ତଥା ବାଲ୍ୟବିବାହ ନିରାକରଣ ଆଦି ସହିତ ଯୌନ ଅପରାଧ ଓ ଶିଶୁ ସୁରକ୍ଷା ଆଇନ୍ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ମୁଖ୍ୟଅତିଥି ଆଇଜିପି ଶ୍ରୀ ଲାଲ, ବାଲ୍ୟ ବିବାହ ଭଳି ସାମାଜିକ କୁସଂସ୍କାରକୁ ମୂଳପୋଛ କରିବା ପାଇଁ ପୁଲିସ ଅଧିକାରୀମାନଙ୍କୁ ଅଧିକ ସମ୍ବେଦନଶୀଳ ହେବାକୁ ପଡ଼ିବ। ବିଶେଷ କରି ବିବାହ ଋତୁରେ ବାଲ୍ୟ ବିବାହ ହେବାର ସମ୍ଭାବନା ଅଧିକ ଥିବାରୁ, ଗୋଇନ୍ଦା ସୂଚନା ସଂଗ୍ରହ କରି ରୋକିବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି। ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ ପୁଲିସ ବିଭାଗ ପ୍ରତିବଦ୍ଧ ବୋଲି ଆଇଜିପି ପ୍ରକାଶ କରିଛନ୍ତି।

# ସମ୍ବଲପୁର ଫଟୋଗ୍ରାଫର୍ ଆସୋସିଏସନ୍‌ର ଶୋକ

**ସମ୍ବଲପୁର, ୧୯।୩ (ସମିସ):** ବରିଷ୍ଠ ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କ ବିୟୋଗରେ ସମ୍ବଲପୁର ଫୋଟୋଗ୍ରାଫର ଆସୋସିଏସନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ବରିଷ୍ଠ ତଥା ଜଣାଶୁଣା ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ଗତ ୧୮ ତାରିଖରେ ପରଲୋକ ହୋଇଥିଲା। ଦେବଦତ୍ତ ପଣ୍ଡା ୧୯୬୭ ମସିହାରେ ମାତୃଭୂମିରେ ସମ୍ବଲପୁରର ସର୍ବପ୍ରଥମ ଫଟୋ ସାମ୍ବାଦିକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ସମ୍ବଲପୁରର ପୁରାତନ ମୁନ୍‌ଲାଇଟ ଫଟୋ ଷ୍ଟୁଡିଓର ପ୍ରତିଷ୍ଠାତା ମଧ୍ୟ ଥିଲେ।ଆସୋସିଏସନ୍ ସଭାପତି ଅକ୍ଷୟ କୁମାର ପଣ୍ଡା, ସମ୍ପାଦକ ତପନ ଦାସ, ନରେଶ ସିଂ, ମନୋଜ କଶ୍ୟପ, ସୁଜିତ ପଟ୍ଟନାୟକ, ଆଶିଷ ପ୍ରଧାନ, ବିମଲ ଏନ୍ ବାରୁ ପ୍ରମୁଖ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଫଟୋଚିତ୍ରରେ ପୁଷ୍ପମାଲ୍ୟଅର୍ପଣ ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

# ଜିଏମ୍‌ୟୁ ଓଡ଼ିଆ ବିଭାଗରେ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧବାର୍ଷିକୀ



**ସମ୍ବଲପୁର, ୧୯।୩ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଆଜି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବହୁଳ ଭାବେ ପଢ଼ିବାସହ ନୂତନ ସୃଜନକରି କାବ୍ୟକବିତା ଲେଖିବାକୁ ଆହ୍ୱାନ କରିଥିଲେ। ସଭାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ପ୍ରମୋଦ କୁମାର ପାଢ଼ୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଗଙ୍ଗାଧର ମେହେରଙ୍କ ଜୀବନୀ ସମ୍ପର୍କରେ ବିଶଦ ଆଲୋଚନା ଏବଂ ଗଙ୍ଗାଧର ମେହେର କିପରି ସହୃଦୟଶୀଳ, ଶିଷ୍ଟ, ସ୍ୱାଭିମାନୀ ପ୍ରକୃତିର ବ୍ୟକ୍ତିତ୍ୱ ତଥା ଉଚ୍ଚାଙ୍ଗ ସ୍ରଷ୍ଟା ଥିଲେ ତାହା ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ପରୀକ୍ଷିତ ଭୋଇ ସ୍ୱାଗତ କରିବାସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ଶ୍ରୀବନ୍ତ କୁମାର ଦାଶ ସଭାକାର୍ଯ୍ୟ ସଂଯୋଜନା ଏବଂ ଡକ୍ଟର ନବୀନ କୁମାର ଜାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଛାତ୍ରୀ ପ୍ରତିଭା ଦୀପ କବିଙ୍କର ଏକ କବିତା ପାଠ କରିଥିଲେ। ବିଭାଗର ସହକାରୀ ପ୍ରଫେସର ଡକ୍ଟର ରଞ୍ଜନ କୁମାର ସେଠୀ, ସହକାରୀ ପ୍ରଫେସର ଡକ୍ଟର ଲିପିକା ମିଶ୍ର, ଗବେଷକ ଗବେଷିକା ଓ ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ତୃପ୍ତିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଲୁଜିପାଲି ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଜମନକିରା, ୧୯ ।୩(ସମିସ):** ଜମନକିରା ବ୍ଲକ ଗୁଲୁଜିପାଲି ଗ୍ରାମରେ ମହାବୀର ଯୁବକ ସଂଘ ଅନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ କର୍ତ୍ତା ଟୁନା ଭଇଁଷା ଓ ତାଙ୍କ ପତ୍ନୀ ଯଜ୍ଞକର୍ତ୍ତ୍ରୀ ଗୀତା ଭଇଁଷା ସହ ବୈଷ୍ଣବ ଭକ୍ତ ବୃନ୍ଦ କଳସ ଯାତ୍ରା ସହ ଅଧିବାସ ପର୍ବ ସମାପନ କରିଥିଲେ। ମୁଖ୍ୟ ପୂଜକ ଭାବରେ ସତ୍ୟ ନାରାୟଣ ଦାସ ପୂଜା ପାଠ କରି ଥିବା ବେଳେ ମୁରାରୀ ମହାପାତ୍ର ସହଯୋଗ କରିଥିଲେ। ବୁଧବାର ନାମଗାନ ସମାପନ ହୋଇ ନଗରଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ବିସର୍ଜନ କରିବା ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ନାମ ଯଜ୍ଞ ସଭାପତି ସଞ୍ଜୟ ସେଠ, ସମ୍ପାଦକ ଲବଣୀଧର ବାରିକ, କୋଷାଧ୍ୟକ୍ଷ ବାପି କିସାନ, ସଞ୍ଜୟ ମୁଦୁଲି, ମନୋଜ ପଧାନ, ଉଦୟ ଲାଲ ସାହୁ, ମୁନା ପ୍ରଧାନ, ସଞ୍ଜିବ ପଧାନ, ଜଗନ୍ନାଥ କିସାନ, ହରି ହର ବେହେରା, ଦୈତାରି ମହାପାତ୍ର, ମନ ରଞ୍ଜନ ଦେହୁରୀ, ଦେବୁନୁ ପଧାନ, ଶିବାନନ୍ଦ ସାହୁ, ମନୋଜ କିସାନ, ସୁରେନ୍ଦ୍ର ବଲୁଆ, ରମଣୀ ରଞ୍ଜନ ଗୌଡ଼ ସହ ମହିଳା ଗୋଷ୍ଠି ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କଲା ରାଷ୍ଟ୍ରୀୟ ବିକାଶ ବଞ୍ଜାରା ମିଶନ

**ବରଗଡ଼, ୧୯।୩(ସମିସ):** ରାଷ୍ଟ୍ରୀୟ ବଞ୍ଜାରା ବିକାଶ ମିଶନର ସଦସ୍ୟ ମାନେ କେନ୍ଦ୍ର ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ଗୁରୁବାର ତାଙ୍କ ନୂଆଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ସାକ୍ଷାତ କରିଛନ୍ତି। ବଞ୍ଜାରା ଆଦିବାସୀ ସମାଜର ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିକାଶ ମିଶନର ସଭାପତି କ୍ଷୀରସାଗର ନାଏକ, ସମ୍ପାଦକ ରମେଶ ନାଏକ, ବଲାଙ୍ଗିର ଜିଲ୍ଲା ସଭାପତି ପ୍ରୀତି ନାଏକ, ଭାଗରଥି ନାଏକ,



ନରସିଂହ ନାଏକ, ନନ୍ଦଲାଲ ନାଏକ, ଜୟରାମ ନାଏକ, ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରିଥିଲେ। ବଞ୍ଜାରା ଓ ଲବାଙ୍ଗ ଭିତରେ ଥିବା ଜାତିଗତ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଏ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଗର୍ଜିଲେ କାଉନସିଲର

**ପଦ୍ମପୁର, ୧୯।୩(ସମିସ)**

ପଦ୍ମପୁର ଏନଏସି ନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଏନଏସି ଗେଟ୍‌ରେ ତାଲା ପକାଇ କାଉନସିଲର ମାନେ ଧାରଣା ଦେଇଛନ୍ତି। ଗତ କାଉନସିଲ ବୈଠକରେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ନିଜ ମନ ମୁତାବକ କାର୍ଯ୍ୟ କରୁଥିବା ଏବଂ ଅନ୍ୟ କିଛି ଅଧିକାରୀ ଏନଏସିର ମାଲିକ ଭଳି

## ଗେଟ୍‌ରେ ପକାଇଲେ ତାଲା

ବ୍ୟବହାର କରୁଥିବା କାଉନସିଲର ମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା। କାଉନସିଲର ମାନେ ମଙ୍ଗଳବାର ହୋଇଥିବା ବୈଠକରେ ଦସ୍ତଖତ ନକରି ଅଧା ବୈଠକରୁ ଉଠି ଆସିଥିଲେ। ପଦ୍ମପୁର ସହର ଭିତରେ ମନଇଛା ଆମିଷ ଦୋକାନ ଖୋଲିବାକୁ ନେଇ ସମସ୍ତ କାଉନସିଲର ଉଦବେଗ ପ୍ରକାଶ କରିଥିଲେ। ବେଆଇନ୍ ଆମିଷ ଦୋକାନ ବନ୍ଦ ନହେଲେ ଏନ୍‌ଏସି ଗେଟ୍‌ରେ ତାଲା ମାରି ଧାରଣା ଦେବା ପାଇଁ ଚେତାବନୀ ଦେଇଥିଲେ। ଆଜି ସକାଳୁ କଚେରି ଲାଇନ୍‌ରେ ଥିବା ଦୋକାନୀ ମାନଙ୍କର ଥଇଥାନ ନକରି ଉଚ୍ଛେଦ କରିବା ପାଇଁ ଏନ୍‌ଏସି ଏବଂ ପ୍ରଶାସନ ପୁଲିସ୍ ଫୋର୍ସ ଧରି ଘଟଣାସ୍ଥଳକୁ ପହଞ୍ଚିଥିଲା। ଏହାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖା



ଦେଇଥିଲା। ପ୍ରଥମେ ଥଇଥାନ କଲାପରେ ଯାଇ ଉଚ୍ଛେଦ କରାଯିବ ବୋଲି ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେମାନଙ୍କ ଥଇଥାନ ନକରି ଉଚ୍ଛେଦ ହେଉଥିବାରୁ ପ୍ରତିବାଦରେ ଆଜି ଏନ୍‌ଏସି ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, କାଉନସିଲର ପ୍ରିୟରଞ୍ଜନ ଭୋଇ, ଚିନ୍ମୟ ପଣ୍ଡା ଏବଂ କୁନାଲ ପାଣିଗ୍ରାହୀ ଏନ୍‌ଏସି ଗେଟ୍‌ରେ ତାଲା ଦେଇ ଧାରଣାରେ ବସିଥିଲେ। କାଉନସିଲର ମାନଙ୍କ ସହିତ ଅଞ୍ଚଳର ଜନସାଧାରଣ ମଧ୍ୟ ଧାରଣାରେ ବସିଥିଲେ। ପରେ ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଆସି ଧାରଣାରେ ବସିଥିବା କାଉନସିଲର ମାନଙ୍କ ଏବଂ ଦୋକାନୀମାନଙ୍କ ସହ ଆଲୋଚନା କରିଥିଲେ। ଶେଷରେ ପ୍ରଥମେ ଦୋକାନୀ ମାନଙ୍କର ଥଇଥାନ ହେବ ଏବଂ ପରେ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେଆଇନ୍ ମନଇଛା ଆମିଷ ଦୋକାନ ଖୋଲିବାକୁ ମଧ୍ୟ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପଜିଲ୍ଲାପାଳ, ଘଇଉରେ ହେଉଥିବା ମନମୁଖୀ କାର୍ଯ୍ୟକୁ ମଧ୍ୟ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଲା ପରେ ସମସ୍ତେ ଧାରଣାରୁ ଉଠିଥିଲେ।

## ପଦ୍ମପୁର ଏନ୍‌ଏସି ପକ୍ଷରୁ ଯୁଗ୍ମ ସଭା

**ପଦ୍ମପୁର, ୧୯।୩(ସମିସ):** ପଦ୍ମପୁର ଏନ୍‌ଏସି ସଭାଗୃହରେ ବ୍ୟବସାୟିକ ଅନୁଷ୍ଠାନ, ପାରିଷଦ ବୃନ୍ଦ, ଆଇନଜୀବୀ, ଆମିଷ ଦୋକାନୀଙ୍କୁ ନେଇ ଏନଏସି ଅଧ୍ୟକ୍ଷା ସାବିତ୍ରୀ ବାଗଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆମିଷ ଦୋକାନୀଙ୍କୁ ଗୋରୁବଜାର ସ୍ଥାନାନ୍ତରିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେମାନଙ୍କୁ ଗୋରୁବଜାରକୁ ସ୍ଥାନାନ୍ତରଣ ନ ହେବା ଯାଏଁ ଅନ୍ୟକୁ ପ୍ରଭାବିତ କରୁ ନଥିବା ତଥା ଫୁଡ ଲାଇସେନ୍ସ, ଟ୍ରେଡ ଲାଇସେନ୍ସ ଓ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ସହିତ ବର୍ଜ୍ୟବସ୍ତୁ ଠିକ ଭାବେ ପରିଚାଳନା କରିବା ପାଇଁ କୁହାଯାଇଥିଲା। ଯଦି ସେମାନେ ନିୟମର ଖିଲାପ କରନ୍ତି ତା ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଉପ ନଗରପାଳ ଭାରତୀ ପଟ୍ଟନାୟକ ସମେତ କାଉନସିଲର, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର ଆଇଆଇଏମ୍‌ରେ ଜାତୀୟ ମାଷ୍ଟର ଖେଳାଳି ଅନୁପମା ଓ ଅରୁଣା

**ବରଗଡ଼, ୧୯।୩(ସମିସ):** ସମ୍ବଲପୁର ଆଇଆଇଏମ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ ପାଇଁ ବରଗଡ଼ର ଗୌରବ ସ୍ୱର୍ଣ୍ଣ ପଦକ ବିଜୟିନୀ ଜାତୀୟ ଖେଳାଳି ଅନୁପମା ଘିବିଲା ଓ ଅରୁଣା ଘିବିଲାଙ୍କୁ ମୁଖ୍ୟବକ୍ତା



ଭାବେ ନିମନ୍ତ୍ରିତ କରିଛି। ଆଇଆଇଏମ୍‌ର ଡାଇରେକ୍ଟର ପ୍ରଫେସର ମହାଦେଓ ଜୈସୱାଲ ଓ ତାଙ୍କ ସହକର୍ମୀ ଘିବିଲା ଭଉଣୀ ଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଓ ସ୍ମୃତି ଫଳକ ସହିତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ, ପ୍ରଫେସରଙ୍କ ସହିତ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଜାତୀୟ ପଦକ ଜିତିବାରୁ ଆରମ୍ଭ କରି ଆହତ ହେବା ଏବଂ ଜୀବନର କଠିନ ସମସ୍ୟାମାନଙ୍କୁ ଜୟ କରିବା ପର୍ଯ୍ୟନ୍ତ, ଭଉଣୀ ଅରୁଣା ଏବଂ ଅନୁପମା ଘିବିଲା କ୍ରୀଡ଼ା ଏବଂ ସେବା ମାଧ୍ୟମରେ ଗଢ଼ିଉଠିଥିବା ଦୃଢ଼ ସଙ୍କଳ୍ପ, ଶୃଙ୍ଖଳା ଏବଂ ସହନଶୀଳତାର କାହାଣୀ ବଖାଣିଥିଲେ। ଅରୁଣା ଏବଂ ଅନୁପମା ଘିବିଲା ବରଗଡ଼ର ଜାତୀୟ ମାଷ୍ଟର୍ସ ଖେଳାଳି, ଜାତୀୟ ସ୍ତରର ପ୍ରତିଯୋଗିତାରେ ସଫଳତା ପାଇଁ ପରିଚିତ। ୨୦୧୯ରୁ ରାଜ୍ୟକୁ ପ୍ରତିନିଧିତ୍ୱ କରି ଅନେକ ପଦକ ଜିତିଛନ୍ତି। ସେମାନେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଦୃଢ଼ ଏବଂ ଜୀବନର ଚ୍ୟାଲେଞ୍ଜକୁ ଜୟ କରିବାକୁ ପ୍ରେରିତ କରିଥିଲେ। ଶେଷରେ ପ୍ରଫେସର ଶ୍ରୀ ଜୈସୱାଲ ଭଉଣୀ ଦ୍ୱୟଙ୍କୁ ଧନ୍ୟବାଦ ଦେଇ ଓଡ଼ିଶା ପାଇଁ ଆହୁରି ପଦକ ବିଜୟୀ ହେବା ପାଇଁ ଆଶୀର୍ବାଦ ଦେଇଥିଲେ।

# ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀଙ୍କ ଆବାସିକ ସୁବିଧା ଦାବି ଉଠାଇଲେ ସାଂସଦ ନିରଞ୍ଜନ ବିଶି

**ପଦ୍ମପୁର, ୧୯।୩(ସମିସ):** ସଂସଦର ଚାଲୁଥିବା ବଜେଟ୍ ଅଧିବେଶନ ସମୟରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଓଡ଼ିଶାରେ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ଏବଂ ଆବାସିକ ସୁବିଧା ସୁଦୃଢ଼ୀକରଣ ସମ୍ପର୍କରେ ଶିକ୍ଷା ମନ୍ତ୍ରାଳୟକୁ ପ୍ରଶ୍ନ କରିଛନ୍ତି। ଦୁର୍ଗମ ଓ ଜଙ୍ଗଲ ମଫସଲର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ସୁବିଧା ଦେବା ପାଇଁ ରାଜ୍ୟରେ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ଓ ଆବାସିକ ଢାଞ୍ଚା ବଞ୍ଚାଇବାକୁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି ନାହିଁ? ସାମାଜିକ-ଆର୍ଥିକ ଭାବେ ପଛୁଆ ଆଦିବାସୀ ଦଳିତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ସୁବିଧା ସୁଦୃଢ଼ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି କି ବୋଲି ଶ୍ରୀ ବିଶି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଶିକ୍ଷା ରାଜ୍ୟମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଥିଲେ, ଅଧିକାଂଶ ବିଦ୍ୟାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଅଧୀନରେ ପଡେ। ଏଥିରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋସ ଆବାସିକ ବିଦ୍ୟାଳୟ, ପିଏମ ଜନମନ ଓ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ, ଧରତୀ ଅବା ଜନଜାତି ଆବାସିକ ବିଦ୍ୟାଳୟ ଯୋଜନା ଅନ୍ତର୍ଗତ ହୋଷ୍ଟେଲ ଓ ଆବାସିକ ଶିକ୍ଷା ସୁବିଧା ରହିଛି। ଏହି ପଦକ୍ଷେପଗୁଡ଼ିକ ଅପହଞ୍ଚ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ନିମନ୍ତେ ଶିକ୍ଷାରେ ପ୍ରତିବନ୍ଧକ କମାଇ ଏକ ଉପଯୁକ୍ତ ଶିକ୍ଷାମୂଳକ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ବୋଲି ଜବାବ ଦେଇଥିଲେ। ଶ୍ରୀ ବିଶି ଆହୁରି କହିଥିଲେ ଯେ, କେନ୍ଦ୍ର ପ୍ରାୟୋଜିତ ଯୋଜନା "ସମଗ୍ର ଶିକ୍ଷା" ଅଧୀନରେ ରାଜ୍ୟଗୁଡ଼ିକୁ ତାଙ୍କର ବାର୍ଷିକ କାର୍ଯ୍ୟ ଯୋଜନା ଓ ବଜେଟ୍ ଅନୁଯାୟୀ ଆର୍ଥିକ ଓ କାର୍ଯ୍ୟକ୍ରମ ମୂଳକ ସହାୟତା ଦିଆଯାଉଛି କି? ଏହି ପ୍ରସ୍ତାବଗୁଡ଼ିକୁ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ପ୍ରକଳ୍ପ ଅନୁମୋଦନ ବୋର୍ଡ ଦ୍ୱାରା ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ଅନୁମୋଦନ କରାଯାଏକି? ବିଭାଗୀୟ ମନ୍ତ୍ରୀ ଶ୍ରୀ ଚୌଧୁରୀ ଏହାର ଉତ୍ତରରେ କହିଥିଲେ ଯେ, ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା, ଶିକ୍ଷାର ଫଳାଫଳ ଉନ୍ନତ କରିବା ଏବଂ ସମାନ ସୁବିଧା ସୁଯୋଗ ଆଧାରରେ ସାମାଜିକ ଓ ଲିଙ୍ଗ ଭିନ୍ନତା କମାଇବା।

## ବେଆଇନ ନିଶା କାରବାର ଜାଗାରେ ବୁଲଡୋଜର ମାଡ

# ସହରରେ ଶାନ୍ତି ଫେରାଇବା ପାଇଁ ବରଗଡ଼ ଏସ୍‌ପି ସଂକଳ୍ପବଦ୍ଧ

**ବରଗଡ଼, ୧୯।୩(ସମିସ):** ବରଗଡ଼ ଜିଲ୍ଲା ମଧ୍ୟରୁ ଯାଉଥିବା ଜାତୀୟ ରାସ୍ତାକୁ ଅନେକ ଡ୍ରଗ୍ସ ଚୋରା ଚାଲାଣକାରୀ ଏକ ସୁରକ୍ଷିତ ମାର୍ଗ ବୋଲି ବ୍ୟବହାର କରୁଥିଲେ। ଗଞ୍ଜେଇ ମାଫିଆ ବିନା ଭୟରେ ନିଜର ଅବୈଧ ସାମଗ୍ରୀ ନେବା ଆଣିବା କରୁଥିଲେ। କିନ୍ତୁ ବରଗଡ଼ର ବର୍ତ୍ତମାନର ଏସପି ପ୍ରହ୍ଲାଦ ସହାୟ ମୀନାଙ୍କର କଠୋର ଏବଂ ଦୃଢ଼ ପଦକ୍ଷେପ ବଳରେ ସ୍ଥିତିରେ ଅନେକ ପରିବର୍ତ୍ତନ ଦେଖାଦେଇଛି। ଏସପି ମୀନାଙ୍କ ନେତୃତ୍ୱରେ ବରଗଡ଼ ପୁଲିସ ଡ୍ରଗ୍ସ ଚୋରାଚାଲାଣ ବିରୋଧରେ ଅଭିଯାନ ଆରମ୍ଭ କରିଛି। ଗଞ୍ଜେଇ ମାଫିଆ ମାନେ ଏବେ ବରଗଡ଼ ଜିଲ୍ଲା ସୀମାରେ ପ୍ରବେଶ କରିବାକୁ ଭୟ କରୁଛନ୍ତି। ପୁଲିସଙ୍କ ବୃଦ୍ଧି ପାଇଥିବା ଚେକିଂ, ସତର୍କତା ଏବଂ ଗୁପ୍ତଚର ସୂଚନା ଆଧାରିତ କାର୍ଯ୍ୟରେ ଚୋରାଚାଲାଣକାରୀ ମାନେ ଧରାପଡୁଛନ୍ତି। ବରଗଡ଼ ପୁଲିସ ଦ୍ୱାରା କରାଯାଇଥିବା ଅନେକ ସଫଳ ଅଭିଯାନରେ ହଜାର ହଜାର ଅବୈଧ କଫ୍ ସିରପ ବୋତଲ ଓ ଶହ ଶହ କେଜି ଗଞ୍ଜେଇ ଜବତ ହୋଇଛି। ଛୋଟ ପେଡଲର ଠାରୁ ଆରମ୍ଭ କରି ବଡ ସପ୍ଲାୟର ପର୍ଯ୍ୟନ୍ତ କାହାକୁ ମଧ୍ୟ ଛାଡାଯାଉ ନାହିଁ। ଅନେକ ଅଭିଯୁକ୍ତଙ୍କୁ ଗିରଫ କରି କାରାଗାରକୁ ପଠାଯାଇଛି। ପୁଲିସ ପକ୍ଷରୁ ଏପରି କଠୋର ପଦକ୍ଷେପ ଫଳରେ ଏସପି ମୀନାଙ୍କୁ ଡ୍ରଗ୍ସ ମାଫିଆଙ୍କ 'ଯମରାଜ' ବୋଲି କୁହାଯାଉଛି। ବିଗତ



କିଛି ଦିନ ହେବ ବରଗଡ଼ ସହର ଭଟଲି ଛକ, ଉମା ଟକିଜ ପଛ ପଟେ, ତୋରା ଛକ ଆଦି ଜାଗା ଗୁଡ଼ିକରେ ବେଆଇନ ନିଶା କାରବାର ଚାଲୁଥିବା ଜାଗା ଗୁଡ଼ିକୁ ବୁଲଡୋଜର ଲଗାଇ ମାଟିରେ ମିଶାଇ ଦିଆଯାଇଛି। ଏସପି ମୀନା ଓ ତାଙ୍କ ପୁଲିସ ଦଳର ପ୍ରୟାସ ଡ୍ରଗ୍ସ ନେଟୱର୍କକୁ ବହୁ ପରିମାଣରେ ଦୁର୍ବଳ କରିଛି। ଏହା ଆଗାମୀ ଦିନରେ ବରଗଡ଼କୁ ସମ୍ପୂର୍ଣ୍ଣ ଭାବେ ନିଶା ବେପାରୀଙ୍କ କବଳରୁ ମୁକ୍ତ କରିବ ବୋଲି ଆଶା ସଞ୍ଚାର କରିଛି। ପୁଲିସ ଜନସାଧାରଙ୍କ ସେବାରେ ରହିଥିବା ବେଳେ ଜିଲ୍ଲାବାସୀ ପୁଲିସ୍ ପ୍ରଶାସନକୁ ସବୁବେଳେ ସହଯୋଗ କରିବାକୁ ଏସପି ପ୍ରହ୍ଲାଦ ସହାୟ ମୀନା ଅନୁରୋଧ କରିଛନ୍ତି।

# ବରପାଲି ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ ଓ ଗଙ୍ଗାଧର ଶ୍ରାଦ୍ଧୋତ୍ସବ



**ବରପାଲି, ୧୯।୩(ସମିସ):** ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ସାହିତ୍ୟ ପରିଷଦ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମିଳିତ ଭାବେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥିଲା। ସଭାରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ମୋତିଲାଲ ଅଗ୍ରୱାଲ, ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ.ଉମେଶ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ ତଥା ଆଦର୍ଶ ଶିକ୍ଷକ ଭୋଜରାଜ ସ୍ୱାଇଁ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଓ ପରିଚୟ ଗଙ୍ଗାଧର ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ଡ.ଶୁକମୁନି ମେହେର, ପ୍ରାରମ୍ଭିକ ସୂଚନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରପାଲିର ସଭାପତି ଶଙ୍କର୍ଷଣ ମେହେର, ସଭାମୁଖ୍ୟ ମନୋରଞ୍ଜନ ମେହେର ଓ କୃତଜ୍ଞତା ଜ୍ଞାପନ କରିଥିଲେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ହୋତା। ଗଙ୍ଗାଧରଙ୍କ ଉତ୍ତରଦାୟାଦ ଡ.ପ୍ରଫେସର ମଣୀନ୍ଦ୍ର ମେହେର ଦୂରଭାଷ ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଡ.ମଣୀନ୍ଦ୍ର ମେହେରଙ୍କ ଦ୍ୱାରା ରଚିତ ପୁସ୍ତକ 'ଗଙ୍ଗାଧରଙ୍କ ସମାଧି ମନ୍ଦିର' ଓ ଭୋଜରାଜ୍ ସ୍ୱାଇଁଙ୍କ ରଚିତ ପୁସ୍ତକ 'ଗଙ୍ଗାଧରଙ୍କ ସାହିତ୍ୟରେ ବିଜ୍ଞାନ' ପୁସ୍ତକର ଉନ୍ମୋଚନ କରାଯାଇଥିଲା।

## ମୃତବ୍ୟକ୍ତିଙ୍କ ପରିଚୟ ମିଳିଲା

**ଭେଡେନ, ୧୯।୩(ସମିସ):** ଭେଡେନ ଥାନା ସଙ୍କ୍ରୀଡା ପଞ୍ଚାୟତ ଅଧୀନ ଝର୍ନିଆ ଟିକିରାରେ ଗୋପାଳ କୃଷ୍ଣଙ୍କ ଚାଷ ଜମିରୁ ଏକ ଅଚିହ୍ନା ଯୁବକଙ୍କ ମୃତଦେହ ଗତକାଲି ପୁଲିସ ପକ୍ଷରୁ ଉଦ୍ଧାର ହୋଇଥିବା ବେଳେ ଆଜି ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଛି। ପୁଲିସ ମୃତଦେହ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ପରେ ମୃତକ ଜଣକ ସାରସପାଳିର ରଘୁମଣି ବରିହା (୬୬) ବୋଲି ଜଣା ପଡ଼ିଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମୃତ ରଘୁମଣିଙ୍କ ମାନସିକ ସ୍ଥିତି ଭଲ ନଥିଲା। ସେ ଅନେକ ସମୟରେ ଏଣେ ତେଣେ ପଳାଉଥିଲେ। ତେବେ ସବୁବେଳେ ପରିବାର ଲୋକେ ତାଙ୍କୁ ଖୋଜି ଆଣୁଥିଲେ। ହେଲେ ଗତ ଗୁରୁବାର ସେ ଘରୁ କେଉଆଡେ ଚାଲିଯିବା ପରେ ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ମଧ୍ୟ ପାଇ ନଥିଲେ। କିନ୍ତୁ ମୃତଦେହ ପଡ଼ିଥିବା ଖବର ଲୋକଙ୍କ ଠାରୁ ମିଳିବା ପରେ ପରିବାର ଲୋକ ଘଟଣା ସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ମୃତ ରଘୁମଣିଙ୍କ ମାନସିକ ଅବସ୍ଥା ଠିକ୍ ନଥିବା ବେଳେ ସେ କେବଳ ବାଡି ସହାୟତାରେ ଚଲାବୁଲା କରୁଥିଲେ। ତେବେ ତାଙ୍କର ଏପରି ହଠାତ୍ ମୃତ୍ୟୁ ଘଟଣା ଜନମାନସରେ ସନ୍ଦେହ ସୃଷ୍ଟି କରିଛି।

# ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ

**ଭେଡେନ, ୧୯।୩(ସମିସ):** ଭେଡେନ ବ୍ଲକ ଅଧୀନ ଅଁଏଳାପାଲି ପଞ୍ଚାୟତ ସ୍ଥିତ ତେନ୍ତୁଳିଟିକିରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରୁ ବିଦ୍ୟା ମନ୍ଦିରର ଶିଶୁମାନେ ଏକ କଳସ ଶୋଭାଯାତ୍ରାରେ ସ୍ଥାନୀୟ ବାବା ସିଦ୍ଧେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଜଳାଭିଷେକ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ଚିକିତ୍ସକ ତଥା ବିଦ୍ୟା ମନ୍ଦିର ଉଦ୍ୟୋକ୍ତା ଦିଲୀପ ଦେବତା ଯୋଗ ଦେଇ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ଓ ସନାତନ ସଂସ୍କୃତି ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସରୋଜ ଭୋଇ ସଭା ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରିଙ୍କୁ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ରୋଜି ଗୁରୁମା ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠିତ



କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିରର ସମସ୍ତ କର୍ମକର୍ତ୍ତା, ଅଭିଭାବକ, ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ।

**ପଦ୍ମପୁର:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପରିସରରେ ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କଥନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୀବନାନନ୍ଦ ଶତପଥୀ ହିନ୍ଦୁ ନବବର୍ଷ ବିଷୟରେ ଆଲୋଚନା କରିଥିଲେ। ସ୍ନିଗ୍ଧା ହାତୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଲୋପାମୁଦ୍ରା ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟା ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ଉପସ୍ଥିତ ରହି ଅତିଥି ପରିଚୟ ପ୍ରଦାନ କରିଥିଲେ। କାହିଁକି ହିନ୍ଦୁ ନବ ବର୍ଷ ପାଳନ କରାଯାଏ ସେ ବିଷୟରେ ଭାଇ ଭଉଣୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।। ସଂଗ୍ରାମ ପଟେଲ, ସହେଲି ସାହୁ ଓ ତନ୍ୱି ମୃଣାଳିନୀ ସୁନା ହିନ୍ଦୁ ନବ ବର୍ଷର ମାହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସୋନାଲି ସାହୁ ସଂଯୋଜନା କରିଥିବା ବେଳେ ବିଦ୍ୟା ମନ୍ଦିର ପ୍ରମୁଖ ଦେବରାଜ ଉନସନା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଭାଇ ଭଉଣୀମାନେ ପରସ୍ପରଙ୍କୁ ହିନ୍ଦୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ।

# ସ୍ୱଭାବକବି ଗଙ୍ଗାଧରଙ୍କ ଶ୍ରାଦ୍ଧୋତ୍ସବ

## ଜାଙ୍ଗିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ବିଜେପୁର, ୧୯।୩ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଜାଙ୍ଗିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ଓ ଜାଙ୍ଗିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ସମାରୋହକୁ ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସଭାପତି ମୋହନ ସିଂ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାପ୍ରେମୀ ଘନଶ୍ୟାମ ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ନବ କିଶୋର ସାହୁ, ଜାଙ୍ଗିଂ ହାଇସ୍କୁଲର ପ୍ରଧାନଶିକ୍ଷକ ରାଜୀବ ଲୋଚନ ଦାଶ, ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଭାଦ୍ରବ ପାଣ୍ଡେ, ସ୍କୁଲ ଚେୟାରମ୍ୟାନ ମନୋଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆପଡ଼ା ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ.ଲିଙ୍ଗରାଜ ସାହୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ରାଣୀ ରାଉତଙ୍କ ନିର୍ଦ୍ଦେଶନାରେ ଛାତ୍ରୀଗଣ କବିଙ୍କ ରଚିତ ଧିରେଧିରେ ଆସ





ମଳୟ ପବନ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ସ୍ୱାଗତ ଭାଷଣ, ସହ ସମ୍ପାଦକ ମକରଧ୍ୱଜ ସାହୁ ଅତିଥି ପରିଚୟ, ଉପସଭାପତି ହୃଦମଣି ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ପଧାନ ସମାରୋହକୁ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ସୁଷମା ଭୋଇ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଗୀତିକାର ମକରଧ୍ୱଜ ସାହୁଙ୍କ ସଂଯୋଜନାରେ ଯୁଗେଶ୍ୱର ତାଣ୍ଡି, ଡିଲେଶ୍ୱର ମେହେର, ନବ କିଶୋର ସାହୁ, ପରିଧି ନାଏକ ପ୍ରମୁଖ କବିତା ପାଠ କରିଥିଲେ। ସ୍ଥାନୀୟ ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ନବୀନ ହୋତାଙ୍କ ପରଲୋକରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରେମରାଜ ରଣା, ମଧୁସୂଦନ ଭୋଇ, ବାହାଦୁର ପଧାନ, ଗୀତାଞ୍ଜଳି ସାହୁ, କମଳିନୀ ସାହୁ, ନିର୍ମଳା ସାହୁ, ରୋମାଞ୍ଚଳ ମହାନନ୍ଦ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଙ୍ଗାଧର ମେହେର କ୍ଲବ୍

**ବରପାଲି:** ବରପାଲି ଗଙ୍ଗାଧର ମେହେର କ୍ଲବ୍ ଆନୁକୂଲ୍ୟରେ କବି ତୀର୍ଥ କବିଙ୍କ ଜନ୍ମସ୍ଥାନ ବରପାଲି ମାଟିରେ ୧୦୨ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ ହୋଇଛି। ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ କ୍ଲବ୍ ସଭାପତି ନରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ସାରସ୍ୱତ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ.ବଭ୍ରୁବାହନ ମହାପାତ୍ର ଓ ସମ୍ମାନିତ ବକ୍ତା ଭାବେ ତରଭା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ମିନତୀ ମିଶ୍ର ଯୋଗ ଦେଇଥିଲେ। ମେହେର ସାହିତ୍ୟର ସାଧୁତା ତଥା ଜୀବନ୍ତ ନାରୀ ଚରିତ୍ର ଚିତ୍ରଣ ଆଜି କାଳଜୟୀ ହୋଇ ପାରିଛି ବୋଲି ମତ ପ୍ରକାଶ ପାଇଥିଲା। ସମାରୋହର ଆବାହକ ଚିତ୍ତରଞ୍ଜନ ସାହୁ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ଥିବା ବେଳେ ଅନୁଷ୍ଠାନର ସମ୍ପାଦକ ବାଲ କିଶୋର ଖାଡଙ୍ଗା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ ସଭାପତି ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ୍‌ର ପୂର୍ବତନ ସଭାପତି ଡ.ଘନଶ୍ୟାମ ପାଣିଗ୍ରାହୀ ସଭାକୁ ପରିଚାଳନା କରିଥିଲେ।

# 'ନିଶା ନିବାରଣ ଓ ଛାତ୍ରଛାତ୍ରୀଙ୍କ ଭୂମିକା' ଆଲୋଚନାଚକ୍ର

**ବରଗଡ଼, ୧୯।୩(ସମିସ):** ନିଶା ନିବାରଣ ସାମ୍ପ୍ରତିକ ସମାଜ ପାଇଁ ଏକ ଆହ୍ୱାନରେ ପରିଣତ ହୋଇଛି। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ଭୂମିକା ମଧ୍ୟ ଗୁରୁତ୍ୱ ପୂର୍ଣ୍ଣ ବୋଲି ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ଠାରେ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ସଂସଦର ସମ୍ପାଦିକା ଶାଳିନି ସାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ପ୍ରଧାନଶିକ୍ଷକ ସୁଦୀପ ରଥ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ଆଲୁମନି ସଦସ୍ୟ କପିଳେଶ୍ୱର ବାଗ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଜଳି ମହାରଣା, ରିତିକା ସା, ସିମ୍ରନ ମାଳି, ରୁଚି ମାଝୀ, ସିମ୍ରନ୍ ବେହେରା, ଶିବାନୀ ମେହେର, ଆର୍ ଜୟଶ୍ରୀ ପ୍ରମୁଖ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଶା ନିବାରଣ ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ସଂସଦର ଉପଦେଷ୍ଟା ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନବୋଦୟ ପରୀକ୍ଷାରେ ପାହାଡ଼ଶ୍ରୀଗିଡ଼ାର ୨ ଜଣଙ୍କ ସଫଳତା

**ଅତାବିରା, ୧୯।୩(ସମିସ):** ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଅତାବିରା ବ୍ଲକ ପାହାଡଶ୍ରୀଗିଡା ଲାଲ୍ ଡୋଳେଶ୍ୱର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ପଞ୍ଚମ ଶ୍ରେଣୀର ଛାତ୍ର ଧନେଶ୍ୱର ମେହେର ଓ ଛାତ୍ରୀ ପୂର୍ଣ୍ଣିମା ନାଏକ କୃତକାର୍ଯ୍ୟ ହୋଇଛନ୍ତି।



ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତପସ୍ୱିନୀ ମେହେରଙ୍କ ସଭାପତିତ୍ୱରେ ତଥା ପ୍ରଧାନଶିକ୍ଷକ ସୁଶୀଲ ସେଠଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବାଷ ମହାନନ୍ଦ, ବରିଷ୍ଠ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ, ଶିକ୍ଷକ ଜୟଦେବ ନାଏକଙ୍କ ଉପସ୍ଥିତିରେ କୃତୀ ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ, ପୁଷ୍ପାଞ୍ଜଳୀ ପ୍ରଧାନ, ଗୀତାଞ୍ଜଳି ରାଏ, ଚାନ୍ଦିନୀ ମାଝୀ, ହରିପ୍ରିୟା ନାଏକ, ଦେବାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡେଲି ମାର୍କେଟ ସ୍କୁଲ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା




ରାଉରକେଲା,୧୯।୩(ସମିସ): ରାଉରକେଲାର ସର୍ବ ପୁରାତନ ବିଦ୍ୟାଳୟ ଡେଲି ମାର୍କେଟ ସରକାରୀ ସ୍କୁଲପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡେଲି ମାର୍କେଟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାଉଳ, ରମଣୀ ରଞ୍ଜନ ଦେହୁରୀ, ରେଡକ୍ରସ୍ କାଉନସିଲରଙ୍କ ତତ୍ତ୍ୱାବଧାନରେ ରାଉରକେଲା ଡେଲି ମାର୍କେଟ ସ୍କୁଲଠାରୁ ବଣିଆ ଛକ ଓ ପ୍ଲାଣ୍ଟସାଇଟ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ପାଇଁ ଏକ ଶୋଭାଯାତ୍ରା ବାହାରି ଥିଲା। ଦୁଇଚକିଆ ଓ ଚାରିଚକିଆ ଯାନବାହାନରେ ହେଲମେଟ ଏବଂ କାରରେ ସିଟ୍‌ବେଲ୍ଟ ପିନ୍ଧି ନ ଥିବା ଚାଳକମାନଙ୍କୁ ଗୋଲାପ ଦେଇ ସଡ଼କ ସୁରକ୍ଷାର ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ଆଭା ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ନେତୃତ୍ୱରେ ସ୍କୁଲର ଶିକ୍ଷକ ମନୋଜ କୁମାର କେର୍କେଟା, ବିକର୍ତ୍ତନ ମହାନ୍ତ, ସତ୍ୟବାଦୀ ବେହେରା, ସୁଧୀର ଟେଟେ ପ୍ରମୁଖ ପରିଚାଳନା କରିଥିଲେ।

# ପୁର୍କାପାଲି ସେବାଶ୍ରମରେ ବାର୍ଷିକ ଉତ୍ସବ




କୁତ୍ରା,୧୯।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ପୁର୍କାପାଲି ସେବାଶ୍ରମରେ ଗୁରୁବାରବାର୍ଷିକଉତ୍ସବ ପାଳିତହୋଇଯାଇଛି।କାର୍ଯ୍ୟକ୍ରମଟିବିଦ୍ୟାଳୟରପ୍ରଧାଶିକ୍ଷୟିତ୍ରୀ ସଂଯୁକ୍ତା ନେଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କୁତ୍ରା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାଣୀ ସୋରେନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ପୁର୍କାପାଲି ସରପଞ୍ଚ ସୁକାନ୍ତି ମାଝୀ, ପୁର୍କାପାଲି ପୁର୍ବତନ ସରପଞ୍ଚ ଚକ୍ରଧର ସା, ପୁର୍କାପାଲି ୟୁପି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁଜୁର, ବିରିଙ୍ଗାଟୋଲି ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା, ସିଆଳଯୋର ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାୟକ, କଟଙ୍ଗ ସେବାଶ୍ରମ ପ୍ରଧାନ ଶିକ୍ଷକ ଧରଣୀଧର ଅଢା, ନୂଆଁଗା ସେବାଶ୍ରମ ପ୍ରଧାନ ଶିକ୍ଷକ ସମୀର ଡୁଙ୍ଗଡୁଙ୍ଗ, ବିଦ୍ୟାଳୟର ଏସ୍‌ଏମ୍‌ସି ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ସା, ପୁର୍କାପାଲି ଏଏନ୍‌ଏମ୍ ମମତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ନେଗୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସରକାରୀ ଶିକ୍ଷୟିତ୍ରୀ ଗୌରୀ ରାଣୀ ରାଉଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌକିନି ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଶ୍ୱ ହିନ୍ଦୁ ପରିଷଦର 'ମାତୃଶକ୍ତି' ପକ୍ଷରୁ ସମ୍ବର୍ଦ୍ଧନା



କୋଇଡା,୧୯।୩(ସମିସ): କୋଇଡା ଅଞ୍ଚଳରେ ଦୈନନ୍ଦିନ ବଢୁଥିବା ଚୋରି, ଡକାୟତି, ଅପରାଧ ରୋକିବାକୁ ଓ ଟ୍ରାଫିକ୍ ଜନିତ ସମସ୍ୟା ନିରାକରଣ ପାଇଁ କୋଇଡା ପୁଲିସ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଯଥା ସହର ସାରା ସିସିଟିଭି କ୍ୟାମେରା ଲଗାଇ ମନିଟରିଂ କରିବା, ୨୪ ଘଣ୍ଟା ପାଟ୍ରୋଲିଂ ଇତ୍ୟାଦି କାର୍ଯ୍ୟ ପାଇଁ ବିଶ୍ୱ ହିନ୍ଦୁ ପରିଷଦର 'ମାତୃଶକ୍ତି' ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବାହକ ସୁନିତା ସାହୁ, ରାନୀ ଦାସ, ମାଲ୍ୟବତୀ ଦାଶ, ଦିପନୀ ଦେବି, ଲକ୍ଷ୍ମୀ ମଲ୍ଲିକ, ସୁଶିଳା ସାହୁ, ସିତା ପାତ୍ର ପ୍ରମୁଖଙ୍କ ସହ ରଞ୍ଜିତ ଆର୍ଯ୍ୟା କୋଇଡା ଥାନାରେ ପହଞ୍ଚିଥିଲେ। ଡିଜିପି, ପୁରସ୍କୃତ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ସବ୍ ଇନ୍ସପେକ୍ଟର ହୃଷିକେଶ ପ୍ରଧାନ, ପ୍ରିୟମ ଦାସ, ସଞ୍ଜୟ ସିଂ, ଏଏସଆଇ ଗୁମନ ଚରଣ ବେହେରା ପ୍ରମୁଖଙ୍କ ସହ ଅନ୍ୟ ସୁରକ୍ଷାବାହିନୀଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୨୩ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ବଣାଇ,୧୯।୩(ସମିସ): ବଣାଇ ସ୍ଥିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହରେ ୨୩ ତାରିଖ ସୋମବାର ସୁନ୍ଦରଗଡ଼ ଜିଲ୍ଲାପାଳ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିବେ। ଅଭିଯୋଗକାରୀ ମାନେ ଯଥା ସମୟରେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ନିଜର ଆପତ୍ତି ଅଭିଯୋଗ ମାନ ସିଧାସଳଖ ଜିଲ୍ଲାପାଳଙ୍କୁ ଜଣାଇ ପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଗୋରୁ ଚୋରାଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ

# ୧୦୫ ଗୋରୁ ଉଦ୍ଧାର, ୮ ଗିରଫ

ରାଉରକେଲା,୧୯।୩(ସମିସ)



ସୁନ୍ଦରଗଡ଼ ଜିଲ୍ଲା ଦେଇ ବେଆଇନ ଗୋରୁ ପରିବହନର ପର୍ଦ୍ଦାଫାସ କରିଛି ବଡ଼ଗାଁ ପୁଲିସ। ବୁଧବାର ଗୋରୁ ବେପାରୀଙ୍କ ଉପରେ ଚଢ଼ଉ କରି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ୨ଟି ଗାଡ଼ିରେ ଚାଲାଣ ହେଉଥିବା ୧୦୫ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ୮ ଜଣ ଗୋରୁ ମାଫିଆଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ପିସ୍ତଲ, ୧ ଟି ଦେଶୀ ଏୟାର ଗନ୍, ୧୦ ରାଉଣ୍ଡ ଜୀବନ୍ତ ଗୁଳି, ଖଣ୍ଡା, ଛୁରି ଓ ୨ଟି କାର, ୮ଟି ମୋବାଇଲ ଫୋନ ଜବତ କରାଯାଇଛି। ଆଜି ଏ ସମ୍ପର୍କରେ ସୁନ୍ଦରଗଡ ଏସପି ଅମ୍ରିତପାଲକୌର ବଡ଼ଗାଁ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଜିଲ୍ଲାର କୁତ୍ରା, ଖତକୁରବାହାଲ, ବଡଗାଁ ଅଞ୍ଚଳରେ ବ୍ୟାପକ ମାତ୍ରାରେ ବେଆଇନ ଗୋରୁ ଚୋରା ଚାଲାଣ ହେଉଥିବା ନେଇ ପୁଲିସ ପାଖରେ ରିପୋର୍ଟ ରହିଥିଲା। ୨୦୨୫ରୁ ଆଜିପର୍ଯ୍ୟନ୍ତ ଗୋରୁ ଚୋରା ଚାଲାଣ ନେଇ ୩୭ ଟି ମାମଲା ପଞ୍ଜିକୃତ କରାଯିବା ସହ ମୋଟ ୮୬୪ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି ଏବଂ ୯୪ ଜଣ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ଭୋର ୪ଟାରେ ଦୁଇଟି ଚାରି ଚକିଆ ଗାଡ଼ିରେ ୭ ରୁ ୮ ଜଣ ଅଭିଯୁକ୍ତ ଅସ୍ତ୍ରଶସ୍ତ୍ର ଧରି ଛତିଶଗଡ଼ ଅଞ୍ଚଳରୁ ଖତକୁରବାହାଲକୁ ବେଆଇନ ଭାବରେ ଗୋରୁ ଚୋରା ଚାଲାଣ କରୁଥିବା ନେଇ ସୂଚନା ମିଳିଥିଲା। ଏହା ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ବଡ଼ଗାଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସୂଚନା ଉପରେ ପୁଲିସର ଗଠିତ ଏକ ସ୍ୱତନ୍ତ୍ର ଦଳ ଦ୍ୱାରା ଚଢ଼ଉ କରି କୁମ୍ଭାହାଲ ଛକ ନିକଟରେ ଉକ୍ତ ୨ଟି ଗାଡ଼ିକୁ ଅଟକାଯାଇଥିଲା। ତଲାସୀ ସମୟରେ, ଗୋଟିଏ ହୁଣ୍ଡାଇ ଆଇ - ୨୦ କାର୍‌ରୁ ବଡ଼ଗାଁର ଅରବିନ୍ଦ ଷଡ଼ଙ୍ଗୀ ଏବଂ କୁତ୍ରାର ଖତକୁରବାହାଲର ମହମ୍ମଦ କୈସଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୫ ରାଉଣ୍ଡ ଜୀବନ୍ତ ଗୁଳିଭର୍ତ୍ତି ଏକ ଦେଶୀ ପିସ୍ତଲ ଜବତ କରାଯାଇଥିଲା। ସେହିପରି ଏକ ମାରୁତି ବ୍ରିଜା କାର୍‌ରୁ ୬ ଜଣଙ୍କୁ ଗିରଫ କରାଯାଇଥିଲା। ଗୋଟିଏ ଦେଶୀ ଏୟାର ଗନ୍ ଏବଂ ଏହାର ମାଗାଜିନ୍ ସହିତ ଅନ୍ୟ ପାଞ୍ଚ ରାଉଣ୍ଡ ୭.୬୫ ଏମ୍‌ଏମ୍ ଗୁଳି ଜବତ କରାଯାଇଥିଲା। ପଚରାଉଚରା ସମୟରେ, ଅଭିଯୁକ୍ତମାନେ ପ୍ରକାଶ କରିଥିଲେ ଯେ ସେମାନେ ଶ୍ରମିକମାନଙ୍କୁ ନିୟୋଜିତ କରି କୁତ୍ରା ଥାନା ଅଧୀନ ଖକକୁରବାହାଲ ଅଞ୍ଚଳକୁ ୧୦୦ଟି ଗୋରୁ ଚାଲାଣ କରିଥିଲେ। ସେମାନଙ୍କ ସୂଚନା ଆଧାରରେ କାଳଜାପଥରରୁ ୧୦୫ଟି ଗୋରୁଙ୍କୁ ଠାବ କରାଯାଇ ଉଦ୍ଧାର କରାଯାଇ ନିରାପଦ ହେପାଜତ ଏବଂ ଯତ୍ନ ପାଇଁ ଆମଗୁଭା ଗୋଶାଳାକୁ ହସ୍ତାନ୍ତର କରାଯାଇଥିଲା। ଏହି ସମ୍ପର୍କରେ, ବଡ଼ଗାଁ ଥାନାରେ ମାମଲା ରୁଜୁ ମାମଲାର ତଦନ୍ତାଧୀନ ରହିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜଗାଙ୍ଗପୁର ଏସଡିପିଓ ବିଭୁତିଭୂଷଣ ଭୋଇ, ବଡ଼ଗାଁ ଥାନା ଅଧିକାରୀ ସୁନୀଲ କୁମାର ମାହାତୋ ଉପସ୍ଥିତ ଥିଲେ।



**୨ ବନ୍ଧୁକ, ୧୦ ରାଉଣ୍ଡ ଗୁଳି, ଖଣ୍ଡା, ଛୁରି ଓ କାର୍ ଜବତ**

# ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ଆର୍‌ଏସ୍‌ପିର ଆର୍ଥିକ ସହାୟତା

ରାଉରକେଲା,୧୯।୩(ସମିସ): ଆର୍‌ଏସ୍‌ପି ଦ୍ୱାରା ଶିକ୍ଷାକ୍ଷେତ୍ରରେ ସିଏସଆର ପଦକ୍ଷେପର ଅଂଶସ୍ୱରୂପ ପାଶ୍ୱର୍ାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆୟୋଜିତ ଏକ ସମାରୋହରେ ପାଶ୍ୱର୍ବର୍ତ୍ତି ଗ୍ରାମଗୁଡ଼ିକର ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସମସ୍ତେ ସୁନ୍ଦରଗଡ଼ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ ଏବଂ ଆରଏସପି ପୁନର୍ବସତି କଲୋନିର ଆର୍ଥିକ ଅନଗ୍ରସର ଏବଂ ଅବହେଳିତ ବର୍ଗର ଛାତ୍ରଛାତ୍ରୀ ଅଟନ୍ତି। ଏମାନଙ୍କ ମଧ୍ୟରୁ ୨୫ ଜଣ ଛାତ୍ରଛାତ୍ରୀ ୨୦୨୫-୨୬ ଶିକ୍ଷାବର୍ଷରେ ବୃତ୍ତିଗତ ପାଠ୍ୟକ୍ରମରେ ଯୋଗ ଦେଇଛନ୍ତି ଏବଂ ଅବଶିଷ୍ଟ ୨୬ ଜଣ ଛାତ୍ରଛାତ୍ରୀ ଏହି ଯୋଜନା ଅଧୀନରେ ସେମାନଙ୍କର ବୃତ୍ତିଗତ ଅଧ୍ୟୟନ ଜାରି ରଖିଛନ୍ତି। ଏହି ସମାରୋହରେ ସହରସେବା ଏବଂ ସିଏସଆର ବିଭାଗର ସିଜିଏମ୍ ଟି.ଜି କାନେକର ଅଧ୍ୟକ୍ଷତା କରିବା ସହ ହିତାଧିକାରୀଙ୍କୁ ପ୍ରଶଂସା ପତ୍ର ଏବଂ ଡମି ଚେକ୍ ପ୍ରଦାନ କରିଥିଲେ। ବୃତ୍ତିଗତ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ପଢୁଥିବା ଅବହେଳିତ ବର୍ଗର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ମନୋନୀତ ଛାତ୍ର/ଛାତ୍ରୀ ପ୍ରତିବର୍ଷ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ପାଇଥାନ୍ତି। ଏହିଭଳି ଉକ୍ତ ଯୋଜନା ଅଧୀନରେ ଦୁଇ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୬୦,୦୦୦ ଟଙ୍କା, ବି.ଟେକ୍ ଭଳି ଚାରି ବର୍ଷର ସ୍ନାତକ ପାଠ୍ୟକ୍ରମ ପାଇଁ ୧,୨୦,୦୦୦ ଟଙ୍କା ଏବଂ ପାଞ୍ଚ ବର୍ଷର ଏମ୍‌ବିବିଏସ ପାଠ୍ୟକ୍ରମ ପାଇଁ ୧,୫୦,୦୦୦ ଟଙ୍କାର ଅର୍ଥ ସହାୟତା ପ୍ରଦାନ କରାଯାଉଛି। ଶିକ୍ଷାଗତ ପ୍ରଦର୍ଶନ ଏବଂ ଆବଶ୍ୟକୀୟ କାଗଜପତ୍ର ଦାଖଲ ଆଧାରରେ ପ୍ରତିବର୍ଷ କିସ୍ତିରେ ଏହି ବୃତ୍ତି ପ୍ରଦାନ କରାଯାଏ। ପ୍ରାରମ୍ଭରେ, ସିଏସଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିଲେ ଏବଂ ଯୋଜନାର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ପରେ, ସିଏସଆର ବିଭାଗର ଡିଜିଏମ ଟି.ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଏସ୍.କେ. ସୁକୁଲା ଏବଂ ସେକ୍ସନ ଅଫିସର ବି. ଏକ୍କା ସଂଯୋଜନା କରିଥିଲେ।




# ଆରଏସପି ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ବାର୍ଷିକ ଉତ୍ପାଦନ ରେକର୍ଡ ହାସଲ

ରାଉରକେଲା,୧୯।୩(ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନାର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍‌ଏସ୍‌ଏମ୍-୨) ବିଭାଗ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ହାସଲ ହୋଇଥିବା ୨୫,୫୧,୪୪୪ ଟନ୍ କଏଲ୍ ଓଜନର ପୂର୍ବ ଶ୍ରେଷ୍ଠବାର୍ଷିକ ଉତ୍ପାଦନ ରେକର୍ଡକୁ ୨୦୨୬ ମାର୍ଚ୍ଚ ୧୮ ତାରିଖରେ ଅତିକ୍ରମ କରି ଶ୍ରେଷ୍ଠ ବାର୍ଷିକ ଉତ୍ପାଦନ ହାସଲ କରିଛି। ଚଳିତ ଆର୍ଥିକ ବର୍ଷ ଶେଷହେବାର ୧୩ ଦିନ ପୂର୍ବରୁ ମାର୍ଚ୍ଚ ୧୮ ତାରିଖ 'ବି' ସିଫ୍ଟରେ ଏହି ମାଇଲଖୁଣ୍ଟ ହାସଲ ହୋଇଛି। ଏଚ୍‌ଏସ୍‌ଏମ୍-୨ ୨୦୨୬ ମାର୍ଚ୍ଚ ମାସରେ ମଧ୍ୟ ଏକ ନୂତନ ଉତ୍ପାଦନ ମାନଦଣ୍ଡ ସୃଷ୍ଟି କରିବାକୁ ଅଗ୍ରସର ହେଉଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ଏଚ୍‌ଏସ୍‌ଏମ୍ ଓ ଆନୁସଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାରଙ୍କ ନିରନ୍ତର ମାର୍ଗଦର୍ଶନରେ ଟିମ୍ ଏଚ୍‌ଏସଏମ-୨ ର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ରେକର୍ଡ ସମ୍ଭବ ହୋଇପାରିଛି। ଏଥିସହିତ ଷ୍ଟିଲ୍ ମେଲ୍ଟିଂ ସପ-୨, ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ, ରୋଲ୍ ସପ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ଇନଷ୍ଟ୍ରୁମେଣ୍ଟେସନ ଏବଂ ଅଟୋମେସନ, ଆର୍ ଆଣ୍ଡ ସି ଲ୍ୟାବ, କ୍ରେନ୍ ରକ୍ଷଣାବେକ୍ଷଣ, ମେକନିକାଲ ସପ୍, ଡିଜାଇନ୍, ବିଦ୍ୟୁତ୍ ବଣ୍ଟନ, କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, କେନ୍ଦ୍ରୀୟ ମେକାନିକାଲ ଓ ଇଲେକ୍ଟ୍ରିକଲ ରକ୍ଷଣାବେକ୍ଷଣ, ଶକ୍ତି ପରିଚାଳନା ବିଭାଗ, ସିଭିଲ୍ ଇଞ୍ଜିନିୟରିଂ ସେବା, କଣ୍ଟ୍ରାକ୍ଟ ସେଲ୍ କାର୍ଯ୍ୟ, ସାମଗ୍ରୀ ପରିଚାଳନା, ଏଫଏମ୍‌ଏମ୍, ରିଫ୍ରାକ୍ଟୋରୀ, ଅର୍ଥ, ସୁରକ୍ଷା ଇଞ୍ଜିନିୟରିଂ, ମାନବ ସମ୍ବଳ, ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସକ୍ରିୟ ଯୋଗଦାନରେ ଏହି ରେକର୍ଡ ହାସଲ ହୋଇପାରିଛି।

# ସ୍କାନ୍‌ଷ୍ଟିଲରେ ଜାତୀୟ ସୁରକ୍ଷା ମାସ ଅଭିଯାନ




କୁତ୍ରା,୧୯।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ବୁଡାକଟାଠାରେ ଥିବା ସ୍କାନ୍‌ଷ୍ଟିଲଠାରେ ୫୫ତମ ଜାତୀୟ ସୁରକ୍ଷା ମାସ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାରଖାନାର ଆସିଷ୍ଟାଣ୍ଟ ଡାଇରେକ୍ଟର ଶୁଭେନ୍ଦୁ ଶେଖର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କାରଖାନାର ଚେୟାରମ୍ୟାନ ରାଜେଶ ଗଗୋଡିଆ, ଡାଇରେକ୍ଟର ପ୍ରବିନ ପାତ୍ର, ଡାଇରେକ୍ଟର ଅଙ୍କୁର ମଦନ, ମ୍ୟାନେଜର ସୌରଭ ସେନଗୁପ୍ତା, ମ୍ୟାନେଜର ଦୀପକ ଶର୍ମା, ଏଚ୍‌ଆର ମ୍ୟାନେଜର ପ୍ରଭୁରାମ ଦେ, ସେଫ୍‌ଟି ଅଫିସର ସରୋଜ ମହାକୁଡ଼ ଓ କାରଖାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଡାଇରେକ୍ଟର ଅଙ୍କୁର ମଦନ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ଏହି ଦିବସରେ ମୁଖ୍ୟଅତିଥି ୫୫ତମ ସୁରକ୍ଷା ମାସର ଥିମ୍ ଉନ୍ନତ ସୁରକ୍ଷା ନିମନ୍ତେ ଲୋକଙ୍କ ସଂଲଗ୍ନ, ଶିକ୍ଷିତ ଏବଂ ସଶକ୍ତ ବିଷୟରେ କର୍ମଚାରୀମାନଙ୍କୁ ବୁଝେଇଥିଲେ। ମାନବ ସମ୍ବଳର ଅଧିକାରୀ ପ୍ରଭୁରାମ ଦେ ଧନ୍ୟବାଦ ଦେଇଥିଲେ।

# ୪୬ ଲକ୍ଷ ଲୁଟ୍ ଅଭିଯୋଗରେ ବ୍ଲକ୍ ଆକାଉଣ୍ଟ ମ୍ୟାନେଜର ଗିରଫ

ରାଉରକେଲା, ୧୯।୩(ସମିସ): ୪୬ ଲକ୍ଷ ୮ ହଜାର ୩୪୧ ଟଙ୍କା ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗରେ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଏଏମ୍ (ବ୍ଲକ ଆକାଉଣ୍ଟ ମ୍ୟାନେଜର) ଶିବ ପ୍ରସାଦ ମଲ୍ଲିକଙ୍କୁ ଗିରଫ କରିଛି ବିଶ୍ରା ଥାନା ପୁଲିସ। ତାଙ୍କ ଘର ରାଉରକେଲାର ଛେଣ୍ଡ କଲୋନୀରେ ବୋଲି ଜଣାପଡ଼ିଛି। ତାଙ୍କ ନିକଟରୁ ମୋଟ୍ ୮୮,୭୭୦ ଟଙ୍କା ସହ ନେପାଳ ଓ ଭୁଟାନର ବିଦେଶୀ କରେନ୍ସି, ୩୩.୪୨୬ ଓଜନର ସୁନା ଅଳଙ୍କାର, ଦେଢ଼ କେଜିର ରୂପା ଅଳଙ୍କାର, ୩ଟି ମୋବାଇଲ ଫୋନ, ୨ଟି ପାସବୁକ୍, ଚେକ ବୁକ୍, ୨ଟି ପାନ କାର୍ଡ, ଏସ୍‌ବିଆଇର ୨ଟି ଓ ଏଚଡିଏଫ୍‌ସି ବ୍ୟାଙ୍କର ୨ଟି ଡେବିଟ କାର୍ଡ ଓ ଏସ୍‌ବିଆଇର ଗୋଟିଏ କ୍ରେଡିଟ କାର୍ଡ, ଡ୍ରେସ୍‌ବେରୀର ହାତ ଘଣ୍ଟା, ୨ଟି ବାଇକ ଓ ଗୋଟିଏ କାର୍ ଜବତ କରାଯାଇଛି। ସୂଚନା ମୁତାବକ ବିଶ୍ରା ସିଏଚ୍‌ସିର ସୁପରିନ୍‌ଟେଣ୍ଡେଣ୍ଟ ଡ. ପ୍ରକାଶ କୁମାର ସାହୁ ଗତ ୧୩ ତାରିଖ ଦିନ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ କି ଛେଣ୍ଡ କଲୋନୀର ଶିବ ପ୍ରସାଦ ମଲ୍ଲିକଙ୍କୁ ଗତ ୨୦୨୦ ଜୁଲାଇ ୪ ତାରିଖରେ ବିଶ୍ରା ସିଏଚସିରେ ବ୍ଲକ ଆକାଉଣ୍ଟ ମ୍ୟାନେଜର (ବିଏଏମ) ଭାବରେ ଡେପୁଟେସନରେ ନିଯୁକ୍ତି ଦିଆଯାଇଥିଲା। ସ୍ଥାୟୀ ଭାବରେ ୨୦୨୨ ନଭେମ୍ବର ୨୫ ତାରିଖରୁ ୨୦୨୫ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ସିଏଚସିରେ ସେ ଏହି ପଦରେ ସ୍ଥାୟୀ ଭାବେ କାର୍ଯ୍ୟ କରିଥିଲେ। ସେହି ସମୟ ମଧ୍ୟରେ ସେ ଦଲଜିତ୍ କୌରମାନ ଏବଂ ଶିବପ୍ରସାଦ ମଲ୍ଲିକ (ନିଜ) ନାମରେ ଏସବିଆଇ ଏବଂ ଏଚଡିଏଫସି ବ୍ୟାଙ୍କରେ ଖାତା ଖୋଲି ସରକାରୀ ଆକାଉଣ୍ଟରୁ ଜାଲିଆତି ମାଧ୍ୟମରେ ମୋଟ ୪୬ ଲକ୍ଷ ୮ ହଜାର ୩୪୧ ଟଙ୍କା ହଡ଼ପ କରି ନେଇଥିଲେ ବୋଲି ସୁପରିନ୍‌ଟେଣ୍ଡେଣ୍ଟ ଅଭିଯୋଗ କରିଥିଲେ। ଶିବ ପ୍ରସାଦ ମଲ୍ଲିକ ନିଜ ଏଚଡିଏଫସି ଆକାଉଣ୍ଟକୁ ୧୭ ଲକ୍ଷ ୧ ହଜାର ୮୪୨ ଟଙ୍କା କ୍ରେଡିଟ୍ କରିଥିବା ବେଳେ ଏବଂ ଦଲଜିତ୍ କୌରମାନଙ୍କ ଏସବିଆଇ ଆକାଉଣ୍ଟକୁ ୨୯ ଲକ୍ଷ ୬ ହଜାର ୪୯୯ ଟଙ୍କା କ୍ରେଡିଟ କରିଥିଲେ। ଏହିପରି ଭାବେ ମୋଟ ଠକେଇ ପରିମାଣ ହେଉଛି ୪୬,୦୮,୩୪୧ ଟଙ୍କା ହୋଇଥିଲା। ଶିବ ପ୍ରସାଦ ମଲ୍ଲିକ ଉପରୋକ୍ତ ସମସ୍ତ ଠକେଇ ଟ୍ରାଞ୍ଜାକ୍‌ସନକୁ ତାଙ୍କ ସରକାରୀ ଡେସ୍କଟପ୍ କମ୍ପ୍ୟୁଟରରୁ ହିଁ ବ୍ୟବହାର କରି ହେରଫେର କରିଥିଲେ ବୋଲି ଡ. ସାହୁ ତାଙ୍କ ଏତାଲାରେ ଦର୍ଶାଇଥିଲେ। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଜୋନାଲ ଡିଏସ୍‌ପି ଜିତେନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବିଶ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଘଟଣାର ତଦନ୍ତ କରିଥିଲେ। ଅଭିଯୁକ୍ତ ଶିବ ପ୍ରସାଦ ମଲ୍ଲିକଙ୍କୁ ଆଜି ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



**୮୮,୭୭୦ ଟଙ୍କା ସହ ବିଦେଶୀ କରେନ୍ସି, ସୁନା ଅଳଙ୍କାର, ମୋବାଇଲ ଫୋନ, ପାସ୍‌ବୁକ, ଚେକ୍ ବୁକ୍ ଜବତ**

# ମହିଳା ଓ ଶିଶୁ ନିର୍ଯାତନା ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ତାଲିମ

ରାଉରକେଲା,୧୯।୩(ସମିସ): ମହିଳା ଓ ଶିଶୁ ନିର୍ଯାତନା ଘଟଣା ବୃଦ୍ଧି ପାଉଥିବାରୁ ଓଡ଼ିଶା ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ଯାତନା ଘଟଣାରେ ମହିଳା ଓ ଶିଶୁ ମାନଙ୍କ ଅଭିଯୋଗ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଉରକେଲା ପୁଲିସ ପକ୍ଷରୁ ପୁଲିସଙ୍କ ନିମନ୍ତେ ରାଉରକେଲା କ୍ଲବ୍ ପରିସରରେ ତାଲିମ ଶିବିର ଆୟୋଜିତ ହୋଇଛି। ରାଉରକେଲା ଏସପି ନୀତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର ପୂର୍ବତନ ଡିଜିପି ତିଳୋତ୍ତମା ବର୍ମା ଯୋଗ ଦେଇଥିଲେ। କୌଣସି ମହିଳା ନିର୍ଯାତନାର ଘଟଣାର ଅଭିଯୋଗ ଆସିଲେ ପୁଲିସ ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ମାମଲା ରୁଜୁ କରି ତାଙ୍କୁ ନ୍ୟାୟ ଦେବା ଉଚିତ୍ ବୋଲି କହିଥିଲେ। ଏଡିଜି ସିଏଡବ୍ଲ୍ୟୁଏଣ୍ଡ ସିଏଡବ୍ଲ୍ୟୁ ଶିବାନନ୍ଦ ସାଇନୀ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ। ଥାନାକୁ ଆସୁଥିବା ମହିଳା ଅଭିଯୋଗକାରିଣୀଙ୍କ ପ୍ରତି ପୁଲିସର ସଠିକ୍ ବ୍ୟବହାର ଏବଂ ତାଙ୍କ ଅଭିଯୋଗକୁ ତୁରନ୍ତ ପଞ୍ଜୀକରଣ କରିବାକୁ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତାଲା ପଞ୍ଜୀକରଣ ପରେ ତୁରନ୍ତ ଅଭିଯୋଗକାରିଣୀଙ୍କୁ ଏତାଲା କପି ହସ୍ତାନ୍ତର କରିବା ଏବଂ ଏତାଲା ପଞ୍ଜୀକରଣର ୬୦ ଦିନ ଭିତରେ ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିବା ପାଇଁ ସାଇନୀ କହିଥିଲେ। ଏପରିକି ଅଭିଯୋଗ କରିବା ପାଇଁ ଆସୁଥିବା ମହିଳା ଓ ଶିଶୁ କେତେ ସମୟ ଥାନାରେ ରହୁଛନ୍ତି ଓ କେତେ ସମୟ ପରେ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଉଛି ତାର ସିସିଟିଭି ଫୁଟେଜ ଅନୁଧ୍ୟାନ କରି ଅବହେଳା କରୁଥିବା ପୁଲିସ ଅଫିସରଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ନିର୍ଯାତନା ଶିକାର ମହିଳା ଓ ଶିଶୁଙ୍କ ଅଭିଯୋଗ ଶୁଣି ତୁରନ୍ତ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ପୁଲିସ ଅଧିକାରୀ ତଦନ୍ତକାରୀ ପୁଲିସ ଅଧିକାରୀମାନଙ୍କୁ ସିଆଇଡି ସିବି ଡିଜିପି ବିନୟତୋଷ ମିଶ୍ର ଆଜି ଆଭାସୀ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଉରକେଲା କ୍ଲବ୍ ପରିସରରେ ଅନୁଷ୍ଠିତ ତାଲିମ ଶିବିରର ଦ୍ୱିତୀୟ ପର୍ଯ୍ୟାୟରେ ଏଡିଜି ଏସ୍ ସାଇନୀ, ୟୁପିର ପୂର୍ବତନ ଡିଜିପି ବର୍ମା, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସପି ନିତେଶ ୱାଧୱାନୀ, ଆଇନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଆୟୁସି ଶ୍ରୀବାସ୍ତବ, ନ୍ୟାସନାଲ ଲ' ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ସୋଲୋମନ ଆଥଲେନ କେ. ଆୟୁଷୀ ଶ୍ରୀବାସ୍ତବ ପ୍ରମୁଖ ପୁଲିସ ଅଫିସରଙ୍କୁ ତାଲିମ ପ୍ରଦାନ କରିଥିଲେ। ଆଇନ ସମ୍ପର୍କରେ ଅନଭିଜ୍ଞ ଥିବା ମହିଳା ଓ ଶିଶୁଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ ଓ ତାଙ୍କ ଅଭିଯୋଗ ପରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେ ସମ୍ପର୍କରେ ପୁଲିସ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଡିଜି ଏସ୍ ସାଇନୀ, ୟୁପିର ପୂର୍ବତନ ଡିଜିପି ବର୍ମାଙ୍କୁ ଡିଆଇଜି ଶ୍ରୀରାୟ, ଏସପି ଶ୍ରୀ ୱାଧୱାନୀ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ନ୍ୟାସନାଲ ଲ'ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ସୋଲୋମନ ଆଥଲେନ କେ. ଆୟୁଷୀ ଶ୍ରୀବାସ୍ତବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଏସପି ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ରାସ୍ତାକଡ଼ରେ ବିପଦସଙ୍କୁଳ ଶୁଖିଲା ଗଛ

ବଣାଇଁ,୧୯।୩(ସମିସ): ବଣାଇଁ ତୁମକେଲା ସେତୁଦେଇ ଶରଧାପୁର ଓ ରାଜାମୁଣ୍ଡାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କଡ଼ରେ ଦୁଇଟି ଶୁଖିଲା ଆମ୍ବ ଗଛ ନେଇ ପଥଚାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଅନେକ ଯାନବାହନ ଯାତାୟାତ କରୁଥିବା ବେଳେ ସ୍କୁଲପିଲା ମଧ୍ୟ ଏହି ରାସ୍ତା ଦେଇଯାଉଛନ୍ତି। ଏହିରାସ୍ତା ମୁଖ୍ୟରାସ୍ତା ହେଇଥିବା ବେଳେ ରାସ୍ତା କଡ଼ରେ ଥିବା ଏହି ଆମ୍ବ ଗଛଟି ଶୁଖିଲା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଅଦିନିଆ ବର୍ଷା ହେଉ କିମ୍ବା କାଳବୈଶାଖୀ ହେଲେ ଗଛଟି ଭାଙ୍ଗିଯିବାର ସମ୍ଭାବନା ରହିଛି। ତେଣୁ ଏହା ପଥଚାରୀଙ୍କ ଜୀବନପ୍ରତି ବିପଦ ଦେଖା ଦେଇଛି। କେତେବେଳେ ଯେ ଅଘଟଣ ନ ଘଟିବ ତାହା କହିହେବନି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସ୍ଥାନୀୟଲୋକେ ଦାବି କରୁଛନ୍ତି।



ଯାଞ୍ଚ କଲେ ଡିଏଫ୍‌ଓ

# ଏମ୍‌କେସିଜିରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଅଚଳ



ବ୍ରହ୍ମପୁର,୧୯ ।୩(ସମିସ): ଏମ୍‌କେସିଜି ମେଡିକାଲରେ ଅଚଳ ହୋଇଯାଇଛି ଅଗ୍ନି ସୁରକ୍ଷା ବ୍ୟବସ୍ଥା। ଗୁରୁବାର ଅଗ୍ନିଶମ ଅଧିକାରୀଙ୍କ ଯାଞ୍ଚ ପରେ ଏହି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଯାହାକୁ ନେଇ ଏଠାରେ ଚିକିତ୍ସିତ ହେଉଥିବା ରୋଗୀ ଓ ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି।

ପ୍ରକାଶ ଯେ, କଟକ ଏସ୍‌ସିବି ମେଡିକାଲର ଆଇସିୟୁରେ ନିଆଁ ଲାଗି ୧୩ଜଣ ରୋଗୀଙ୍କ ମୃତ୍ୟୁ ପରେ ଗୁରୁବାର ଏମକେସିଜି ମେଡ଼ିକାଲର ବିଭିନ୍ନ କୋଠାରେ ଥିବା ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ଦକ୍ଷିଣାଞ୍ଚଳ ଉପ ଅଗ୍ନିଶମ ଅଧିକାରୀ(ଡ଼ିଏଫ୍‌ଓ) ପୂର୍ଣ୍ଣଚନ୍ଦ୍ର ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଯାଞ୍ଚ କରିଥିଲା। ଯାଞ୍ଚ ପରେ ମେଡ଼ିକାଲ ପରିସରରେ ଥିବା ବିଭିନ୍ନ କୋଠାରେ ରହିଥିବା ଅଗ୍ନି ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯନ୍ତ୍ରାଂଶ ସ୍ଥାପନ ହୋଇଥିଲେ ବି ତାହା କାର୍ଯ୍ୟକରୁ ନଥିବା ଜଣାପଡ଼ିଥିଲା। ସେଥିମଧ୍ୟରୁ ବହୁ ଯନ୍ତ୍ରାଂଶରେ କଳଙ୍କି ଲାଗିଥିବା ଦେଖିବାକୁ ମିଳିଛି।

ପ୍ରଥମ ଦିନରେ ମେଡ଼ିକାଲର ଏସ୍‌ଏସ୍ କୋଠା ଓ ପିଏମଏସଏସୱାଇ କୋଠ ଯାଞ୍ଚ କରାଯାଇଛି। ପରେ ମେଡ଼ିକାଲର ସମସ୍ତ କୋଠା ଯାଞ୍ଚ ପରେ ଗଞ୍ଜାମ ଜିଲ୍ଲାପାଳ ଓ ମେଡ଼ିକାଲ ଅଧୀକ୍ଷକଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଶ୍ରୀ ମାରାଣ୍ଡି କହିଛନ୍ତି। ଅନ୍ୟପକ୍ଷରେ ମେଡ଼ିକାଲ ପରିସରର ବିଭିନ୍ନ କୋଠାରେ ରହିଥିବା ଅଗ୍ନି ନିର୍ବାପକ ଯନ୍ତ୍ରରେ ଗ୍ୟାସ ନଥିବା ବେଳେ କିଛି ଯନ୍ତ୍ରରେ ସଠିକ୍ ବୈଧତା ନଥିବା ଦେଖିବାକୁ ମିଳିଛି। ମେଡିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥା ସୁଧାରିବା ପାଇଁ ପ୍ରତିବର୍ଷ କୋଟି

## ସପ୍ତାହ ମଧ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ରିପୋର୍ଟ: ଡିଏଫ୍‌ଓ

କୋଟି ଟଙ୍କା ଆସୁଥିବା ସତ୍ତ୍ୱେ ତାହାକୁ ତୃଣମୂଳସ୍ତରରେ ସଠିକ ଭାବରେ କାର୍ଯ୍ୟରେ ଲଗାଯାଉନି। ଯାଞ୍ଚ ସମୟରେ ସହକାରୀ ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇଙ୍କ ସମେତ ପୂର୍ତ୍ତ ବିଭାଗର ଇଂ. ସୁରେନ୍ଦ୍ର ପଣ୍ଡା ଓ ସାଧାରଣ ବିଦ୍ୟୁତ ବିଭାଗ(ଜିଇଡି)ର କନିଷ୍ଠ ଯନ୍ତ୍ରୀ ଇଂ. ମମତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ମେଡିକାଲ ପରିସରରେ ଥିବା ବାଳିକା ପିଜି ହଷ୍ଟେଲ, ଲେଡିସ୍ ହଷ୍ଟେଲ, ସିନିୟର୍ ରେସିଡ଼ାଣ୍ଟ ହଷ୍ଟେଲ, ୟୁଜି ବାଳିକା ହଷ୍ଟେଲ, ସୁପର ସ୍ପେସିଆଲିଟି କୋଠା, ପିଏମ୍‌ଏସ୍‌ଏସ୍‌ୱାଇ କୋଠା, ଆର୍‌ଡିସି ଓ ଅଡିଟୋରିଅମ କୋଠା ସହିତ ୧୨ରୁ ଅଧିକ ୩ରୁ ୪ମହଲ ବିଶିଷ୍ଟ କୋଠାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥିବା ଅଭିଯୋଗ ରହିଛି। ଗତ ପ୍ରାୟ ୨ବର୍ଷ ଧରି ମେଡିକାଲର ବିଭିନ୍ନ କୋଠାରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥିବା ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ସାଧାରଣ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ପ୍ରତିଦିନ ହସ୍ପିଟାଲକୁ ଆସୁଥିବା ଶତାଧିକ ରୋଗୀ ଏବଂ ଡ଼ାକ୍ତର, କର୍ମଚାରୀ ଓ ଛାତ୍ରାଛାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି।

# ରୟାଲ କଲେଜ ଅଫ୍ ଫାର୍ମାସୀ ଏବଂ ହେଲ୍‌ଥ ସାଇନ୍ସ କଲେଜର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୯ ।୩(ସମିସ): ସ୍ଥାନୀୟ ଅମ୍ବପସରା ରୋଡ ସ୍ଥିତ ରୟାଲ କଲେଜ ଅଫ୍ ଫାର୍ମାସୀ ଏବଂ ହେଲ୍‌ଥ ସାଇନ୍ସର ବାର୍ଷିକ ଉତ୍ସବ 'ରୋୟାଲ ଭାଇବ୍ରେସନ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଏହି ଉତ୍ସବରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ଓ ଅଭିଭାବକ ସାମିଲ ହୋଇଥିଲେ। ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷା ପ୍ରଫେସର ଏନ. ଉଷାରାଣୀ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ ଦେଇ ଶିକ୍ଷାନୁଷ୍ଠାନର ଉନ୍ନତି ସହିତ ଫାର୍ମାସୀ ବୃତ୍ତିର ମାନବ ସେବାରେ ଅବଦାନ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଏମକେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ, ମୁଖ୍ୟବକ୍ତା ଭାବେ ଓୟୁଏଚ୍‌ଏସ୍‌ର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ୱାଇ ରୋଜା ରମଣୀ, ଏବଂ ସମ୍ମାନିତ ଅତିଥି ଭାବେ ରୁବି ଚକ୍ଷୁ ହସ୍ପିଟାଲର ନିର୍ଦ୍ଦେଶକ ତଥା ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ବି. ନାଗେଶ୍ୱର ସୁବୁଦ୍ଧି ଉପସ୍ଥିତ ଥିଲେ। ରୟାଲ ଏଜୁକେସନାଲ




ଆଣ୍ଡ ରିସର୍ଚ୍ଚ ସୋସାଇଟିର ଅଧ୍ୟକ୍ଷ ଡାକ୍ତର ଟି. ପ୍ରକାଶ ରାଓ, ଉପାଧ୍ୟକ୍ଷ ପ୍ରଫେସର ୟୁ.ସି. ମିଶ୍ର ଉତ୍ସବରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମେଧା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୁଇଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଶିଷ ସାହୁ ଓ ଶୁଭମ ପାଣିଗ୍ରାହୀ ପ୍ରମୁଖଙ୍କ ସହିତ ଶିକ୍ଷାନୁଷ୍ଠାନର ଅନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ସମ୍ମିଳନୀ



ବ୍ରହ୍ମପୁର,୧୯ ।୩(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା ଚିକିତ୍ସାଧୀକାରୀ(ସିଡିଏମଓ) ଡା. ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତୀ ଭାସନ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ଡିପିଏମ ବୁଲୁ ନାଥ ସାହୁ, ଏଡିଏମ ଡା. କାମେଶ୍ୱରେ ରାଓ, ଏଡିପିଏଚ ଡା. ଅବନୀ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

ଗ୍ରାମ୍ୟସ୍ତରରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କର ଭୂମିକା ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଆଧାର। ସମସ୍ତଙ୍କ ସମନ୍ୱିତ ପ୍ରୟାସ ଦ୍ୱାରା ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁଧାର, ପୋଷଣ ଜାଗୃକତା, ସମ୍ପୂର୍ଣ୍ଣ ଟିକାକରଣ ଓ ସ୍ୱଚ୍ଛତା ଅଭିଯାନକୁ ଆହୁରି ସକ୍ରିୟ କରାଯାଇପାରିବ ବୋଲି ଜିଲ୍ଲାପାଳ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଶା ଓ ଗାଁ କଲ୍ୟାଣ ସମିତିର ସହ ପରିଚାଳକ ଆଶିଷ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଶରତ ସାମଲ, ବିପିଏଚ ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଡା. ଅଲେଖ ପ୍ରଧାନ, ଡିଏମଆରସିଏଚ ପ୍ରଶାନ୍ତ ବରାଳ, ଡାମ ମନୋଜ ରାଉତ, ସଞ୍ଜୟ ପରିଡା, ପ୍ରଦୀପ ସାହୁ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଦିଲ୍ଲୀପ କୁମାର ପଣ୍ଡା ଓ ସୁଧୀର କାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଟି-୨୦ କ୍ରିକେଟ୍ ଫାଇନାଲ ଆଜି

ଆୟୋଜକ ଆଲ୍ଫା ସ୍ପୋର୍ଟିଂ କ୍ଲବ୍ ବନାମ ଜଗତସିଂହପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ

ବ୍ରହ୍ମପୁର,୧୯ ।୩(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ସର୍ବଭାରତୀୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ ଆଜି ଖେଳାଯିବ। ଗ୍ରୁପ- 'ଏ'ରୁ ରାଉରକେଲା ଦଳ ଫାଇନାଲରେ ପ୍ରବେଶ କରି ସାରିଥିବା ବେଳେ ଗ୍ରୁପ 'ବି'ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଆୟୋଜକ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଓ ଜଗତସିଂପୁର ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚର ବିଜେତା ଶୁକ୍ରବାରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ରାଉରକେଲା ଦଳକୁ ଭେଟିବ।

ସେହିଭଳି ବୁଧବାର ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଗ୍ରୁପ 'ବି' କ୍ୱାର୍ଟର ଫାଇନାଲ ମ୍ୟାଚରେ କେନ୍ଦୁଝରର ଫେମସ କ୍ରିକେଟ କ୍ଲବକୁ ପରାସ୍ତ କରି ଆୟୋଜକ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ସେମିଫାଇନାଲକୁ ଉନ୍ନିତ ହୋଇଛି। ସେମିଫାଇନାଲରେ ଆଜି ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଓ ଜଗତସିଂପୁର ଦଳ ମଧ୍ୟରେ ମ୍ୟାଚ ଖେଳାଯିବ। ଟସ୍ ଜିତି ଜଗତସିଂପୁର ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେବା ପରେ ଆଲ୍‌ଫା ଦଳ ବ୍ୟାଟିଂ ଆରମ୍ଭ କରିଥିଲା। ବୁଧବାର ଅନୁଷ୍ଠିତ ମ୍ୟାଚରେ ଟସ ଜିତି ଫେମସ କ୍ରିକେଟ କ୍ଲବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ନିର୍ଦ୍ଧାରିତ ୨୦ଓଭର ଖେଳି ୭ୱିକେଟ ବିନିମୟରେ ମୋଟ ୧୪୯ରନ ସଂଗ୍ରହ କରିଥିଲା। ପ୍ରତ୍ୟୁତ୍ତରରେ ୧୫୦ରନର ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟରେ ବ୍ୟାଟିଂ କରିଥିବା ଫେମସ କ୍ରିକେଟ କ୍ଲବ ୨୦ଓଭରରେ ୯ ୱିକେଟ ହରାଇ ମାତ୍ର ୧୦୯ ରନ କରିଥିଲା। ଫଳରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ମ୍ୟାଚକୁ ୪୦ରନରେ ବିଜୟ ହାସଲ କରି ସେମିଫାଇନାଲକୁ ଉନ୍ନିତ ହୋଇଥିଲା। ମ୍ୟାଚକୁ ଦେବବ୍ରତ ଦେବ ଓ ସୁଶାନ୍ତ କୁମାର ପଣ୍ଡା ଅମ୍ପାୟର ଭାବେ ଏବଂ ସତ୍ୟ ନାରାୟଣ ପରିଡା ସ୍କୋର ଭାବେ ପରିଚାଳନା କରିଥିଲେ। ମ୍ୟାଚ ଶେଷରେ ଆୟୋଜକ ଆଲ୍‌ଫା ସ୍ପୋର୍ଟିଂ କ୍ଲବର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ଉପସ୍ଥିତ ରହି ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



# ମେଡିକାଲରୁ ଡିସ୍‌ଚାର୍ଜ ହେଲେ ବିକ୍ରମ

● ହୋଇପାରିଲାନି ଅସ୍ତ୍ରୋପଚାର, ପରେ ନିଆଯିବ ନିଷ୍ପତ୍ତି

ବ୍ରହ୍ମପୁର,୧୯ ।୩(ସମିସ): ସାମାନ୍ୟ ସୁସ୍ଥ ହେବା ପରେ ମେଡିକାଲରୁ ଡିସଚାର୍ଜ ହୋଇ ପୁଣି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଫେରିଛନ୍ତି ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା। ଗଲବ୍ଲାଡରରେ ଷ୍ଟୋନ, ମଧୁମେହ ଓ ଦାନ୍ତ ରୋଗ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ପରେ ଯନ୍ତ୍ରଣା ଅସହ୍ୟ ହେବାରୁ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ ବିକ୍ରମ। ଏକାଧିକ ନିଦାନ ସହିତ ନିୟମିତ ରକ୍ତ ପରୀକ୍ଷା କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ସ୍ୱତନ୍ତ୍ର ଡାକ୍ତରୀ ଟିମ୍‌ଙ୍କ ପରାମର୍ଶ ପରେ ଲାପ୍ରୋସ୍କୋପି ଅସ୍ତ୍ରୋପଚାର ପାଇଁ ବିକ୍ରମ ଲିଖିତ ଅନୁମତି ମଧ୍ୟ ଦେଇଥିଲେ। ତେବେ ରକ୍ତସର୍କରା ମାତ୍ରା ନିୟନ୍ତ୍ରଣ ହେଉନଥିବାରୁ ଅସ୍ତ୍ରୋପଚାର ସମ୍ଭବପର ହୋଇନଥିଲା। ତେବେ ଚିକିତ୍ସା ପରେ ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବାପେକ୍ଷା ସୁଧୁରିଥିବାରୁ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରି ଗୁରୁବାର ପୂର୍ବାହ୍ନରେ ପୁଣି ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଯାଇଛି। ସେପଟେ ପିତବାସ ପଣ୍ଡା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଶୋୟୀ ଓ ଆଇନଜୀବୀ ମଦନ ଦଳେଇଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏମକେସିଜିରେ ଭର୍ତ୍ତି କରାଯାଇ ଉଭୟଙ୍କ ଚିକିତ୍ସା କରାଯାଉଛି।

# ମହିଳାଙ୍କ ଆକାଉଣ୍ଟରୁ ୨ ଲକ୍ଷ ଠକେଇ

ବ୍ରହ୍ମପୁର,୧୯ ।୩(ସମିସ): ମାସକ ପୂର୍ବେ ଜଣେ ମହିଳାଙ୍କୁ କ୍ରେଡିଟ୍ କାର୍ଡ ଅଫର ରହିଥିବା ଫୋନ୍ ଆସିଥିଲା। ଏକ ଘରୋଇ ବ୍ୟାଙ୍କ ଗ୍ରାହକସେବା କେନ୍ଦ୍ରରୁ ଫୋନ କରିଥିବା କର୍ମଚାରୀ ଜଣଙ୍କ ସମ୍ପୃକ୍ତ ମହିଳାଙ୍କୁ କହିଥିଲେ। ତାଙ୍କ ସିଭିଲ ଭଲ ରହିଥିବାରୁ ତାଙ୍କ ନାମରେ କ୍ରେଡିଟ୍ କାର୍ଡ ଅଫର ରହିଥିବା କହି କିଛି ଆବଶ୍ୟକୀୟ କାଗଜପତ୍ର ଦେବାକୁ କହିଥିଲେ। ଏପରିକି ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ତଥ୍ୟ, ଆଧାରକାର୍ଡ ସମେତ ବିଭିନ୍ନ ତଥ୍ୟ ନେଇଥିଲେ। ଏହାପରେ ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୨ଲକ୍ଷ ୪୦ହଜାର ଟଙ୍କା ଠକେଇ କରିଥିଲେ। ତେବେ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରୁ ଫୋନ୍ ଆସିଥିବାରୁ ଆକାଉଣ୍ଟ ଥିବା ଘରୋଇ ବ୍ୟାଙ୍କକୁ ମହିଳା ଯାଇଥିଲେ। ବ୍ୟାଙ୍କ ମ୍ୟାନେଜର ବିଭିନ୍ନ ତଥ୍ୟ ଯାଞ୍ଚ କରିବା ସହିତ କେଉଁ ଆକାଉଣ୍ଟକୁ ଟଙ୍କା ଯାଇଛି ତାହାର ତଥ୍ୟ ଦେଇଥିଲେ। କିନ୍ତୁ କୌଣସି କ୍ରେଡିଟ୍ କାର୍ଡ ପାଇଁ ବ୍ୟାଙ୍କ ପକ୍ଷରୁ ଫୋନ୍ ଯାଇନଥିବା ଜଣାଇଥିଲେ। ଇତି ମଧ୍ୟରେ ଘଟଣାକୁ ୧୫ ଦିନରୁ ଅଧିକ ବିତିଯାଇଛି। ଶେଷରେ ଠକେଇର ଶିକାର ହୋଇଥିବା ସନ୍ଦେହ କରି ମହିଳା ଜଣଙ୍କ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

● ଉଚ୍ଚମାଧ୍ୟମିକ ପରୀକ୍ଷା ପରିଚାଳନାରେ ତ୍ରୁଟି

# ୨୦୨୩ ଶିକ୍ଷାବର୍ଷ ସ୍ଥାନରେ ୨୦୨୨ର ପ୍ରଶ୍ନପତ୍ର ବଣ୍ଟନ

ବ୍ରହ୍ମପୁର,୧୯ ।୩(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ଏକ୍ସ ରେଗୁଲାର ପରୀକ୍ଷା ପରିଚାଳନାରେ ଗୁରୁତର ତ୍ରୁଟି ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଖଲ୍ଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସବ୍-ସେଣ୍ଟର ଭାବେ ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଚୟନ କରାଯାଇଛି। ଉକ୍ତ ସବ୍-ସେଣ୍ଟରରେ ଗତ ୧୩ ମାର୍ଚ୍ଚରେ ଗଣିତ ପରୀକ୍ଷା ପରୀକ୍ଷା ରହିଥିଲା। ଏଥିରେ କିଛି ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭୁଲ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ପରୀକ୍ଷାରେ ୨୦୨୩ ଶିକ୍ଷାବର୍ଷର ସ୍ଥାନରେ ୨୦୨୨ର ପ୍ରଶ୍ନପତ୍ର ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ବିଦ୍ୟାର୍ଥୀ ତାଙ୍କୁ ମିଳିଥିବା ପ୍ରଶ୍ନପତ୍ର ଅନୁସାରେ ଉତ୍ତର ଲେଖିଥିବା ବେଳେ ଏହାର ଯଥେଷ୍ଟ ସମୟ ପରେ ଭୁଲ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଥିଲା। ଖଲ୍ଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କେନ୍ଦ୍ର ଅଧୀକ୍ଷକ ତ୍ରୁଟି ବିଷୟରେ ଜାଣିବା ପରେ ଘଟଣା ସମ୍ପର୍କରେ ବୋର୍ଡକୁ ଜଣାଇଥିବା ଜଣାଯାଇଛି।

# ତୁତୁନ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ ସଭାପତି

ଗଞ୍ଜାମ ଜିଲ୍ଲା ସଭାପତି ସୋମନାଥ




ବ୍ରହ୍ମପୁର,୧୯ ।୩(ସମିସ): ଭାରତୀୟ ଜନତା ଯୁବମୋର୍ଚ୍ଚାର ପକ୍ଷରୁ ନୂତନ ପଦାଧିକାରୀଙ୍କ ନାମ ଘୋଷଣା ହୋଇଛି। ଏହିକ୍ରମରେ ରାଜ୍ୟ ଉପସଭାପତି ଭାବେ ଯୁବନେତା ତୁତୁନ ପାତ୍ରଙ୍କୁ ଦାୟିତ୍ୱ ମିଳିଛି। ଶ୍ରୀ ପାତ୍ର ପୂର୍ବରୁ ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓ ବିଭାଗ ସଂଯୋଜକ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ସଭାପତି ଭାବେ ସୋମନାଥ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ପୂର୍ବରୁ ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲାର ସାଧାରଣ ସମ୍ପାଦକ ଦାୟିତ୍ୱରେ ଥିଲେ। ଏ ନେଇ ଉଭୟ ଯୁବନେତା ବିଜେପି ରାଜ୍ୟସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଘରଚଟିଆ ଦିବସ: ପରିବେଶ ସୁରକ୍ଷାର ବଡ଼ ସନ୍ଦେଶ

# ହଜିଗଲା ଘର-ପରିବେଶ ସମ୍ପର୍କର ସେତୁ

ବ୍ରହ୍ମପୁର,୧୯ ।୩
(କ୍ଷୀରସିନ୍ଧୁ ମହାନ୍ତି)

କିଛି ବର୍ଷର ପୁରୁଣା କଥା, ଗାଁରେ ଦେଖାଯାଉଥିଲା ଘର ଚଟିଆ। ଶୁଭୁଥିଲା କିଚିରି ମିଚିରି ଶବଦ। ଏହି ଶବ୍ଦରୁ ଆରମ୍ଭ ହେଉଥିଲା ଦିନ। ଆଉ ଶେଷ ହେଉଥିଲା ମଣିଷର ଦିନଚର୍ଯ୍ୟା। ସେ ଏବେ ଦେଖିବାକୁ ବିରଳ। ତା ଶବ୍ଦ ଶୁଣିବା ଗହୀର ପାଠ।

ପ୍ରକୃତିର ପରିବର୍ତ୍ତନ ରୂପ ହେଉ କିମ୍ବା ପ୍ରକୃତି ମା' ଉପରେ ମନୁଷ୍ୟର ଅତ୍ୟାଚାର କାରଣରୁ ଓଡିଶା ଉପକୂଳକୁ ଦୁଇ ଦୁଇଟି ବାତ୍ୟା ଦାଉ ସାଧିଲା। ପରିବର୍ତ୍ତିତ ଜୀବନ ଶୈଳୀ କାରଣରୁ ମନୁଷ୍ୟର ବାସ ଚାଳ ଛପର ସ୍ଥାନରେ କଂକ୍ରିଟ ଘର ଗଢି ଉଠିଲା। ଏଭଳି ପରିବର୍ତ୍ତନ ଘର ଚଟିଆଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇଲା। ବାସସ୍ଥାନର ଅଭାବ, ଆଧୁନିକ ପ୍ରଣାଳୀରେ ଚାଷ ତଥା ଅମଳ ଯୋଗୁଁ ଖାଦ୍ୟାଭାବ, ଗାଁ ଗାଁରେ ମୋବାଇଲ ଟାୱାର ସ୍ଥାପନ। ସେଥିରୁ ନିର୍ଗତ ବିକିରଣ ଦ୍ୱାରା ଦିଗହରା ତଥା ପ୍ରଜନନ କ୍ଷମତା ହ୍ରାସ ଯୋଗୁଁ ଏହି ଛୋଟ ପକ୍ଷୀଟି ପ୍ରାୟ ବିଲୁପ୍ତ ପ୍ରାୟ। କିନ୍ତୁ ପୁନଃ ଏମାନଙ୍କୁ ବାସସ୍ଥାନ ଯୋଗାଇବା ଓ ଏମାନଙ୍କ ସୁରକ୍ଷା ଲାଗି ଗତ କିଛିବର୍ଷ ହେବ ଘରଚଟିଆ ଦିବସ ପାଳନ ହେଉଛି। ପ୍ରତିବର୍ଷ ମାର୍ଚ୍ଚ ୨୦ତାରିଖରେ ଏହା ପାଳନ କରାଯାଉଛି। କୁହାଯାଉଛି, ପ୍ରକୃତି ଓ ଜୀବଜନ୍ତୁ ଉଭୟ ପରିପୂରକ। ଗୋଟିଏର ସନ୍ତୁଳନ ବିଗିଡ଼ିଲେ ଅନ୍ୟ ଉପରେ ଗଭୀର ପ୍ରଭାବ ପଡ଼େ। ପ୍ରକୃତି ସହ ଖାପ ଖୁଆଇ କିଛି ଜୀବଜନ୍ତୁ ବଞ୍ଚିବା ପାଇଁ ସଂଘର୍ଷରତ। ଆଉ କିଛି ପଶୁପକ୍ଷୀ ମଧ୍ୟ ପୃଥିବୀ ପୃଷ୍ଠରୁ ଲୋପ ପାଇଯାଇଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ଯଦି ଆମେ ବର୍ତ୍ତମାନ ଯଦି ବିଲୁପ୍ତ ଦ୍ୱାର ଦେଶରେ ଥିବା ପକ୍ଷୀଙ୍କୁ ସୁରକ୍ଷା ନ ଦେବା, ତେବେ ଭାରତୀୟ ଶାର୍ଗୁଣା, ଜଙ୍ଗଲୀ ପେଚା, ସାଇବେରିଆନ କ୍ରେନ, ହିମାଳୟନ ବାଟର, ଗ୍ରେଟ ଇଣ୍ଡିଆନ ବୁଷ୍ଟଡ଼, ଲାଲ ମୁଣ୍ଡ ଶାର୍ଗୁଣା, ଚରସ ଆଦି ଭାରତୀୟ ପକ୍ଷୀ ଭଳି ଘର ଚଟିଆ ମଧ୍ୟ ଲୋପ ପାଇଯିବ। ବର୍ତ୍ତମାନ ସାରା ବିଶ୍ୱରେ ୬୦ରୁ ୭୦ ପ୍ରତିଶତ ଘରଚଟିଆ ବଂଶ ଲୋପ ହୋଇଗଲାଣି।

ସେହି ଘର ଚଟିଆର ସୁରକ୍ଷା ନିମନ୍ତେ ୨୦୧୧ମସିହାରେ ବ୍ରହ୍ମପୁର ଉପକଣ୍ଠ କୁକୁଡାଖଣ୍ଡି ବ୍ଲକ୍, ଦକ୍ଷିଣପୁର ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡବନ୍ଧ ଗ୍ରାମରେ କିଛି ଯୁବକଙ୍କୁ ନେଇ ଗଠିତ ହୋଇଥିଲା ଆଞ୍ଚଳିକ ବିକାଶ ପରିଷଦ ନାମକ ଏକ ଯୁବ ସ୍ୱେଚ୍ଛାସେବୀ ସଂଗଠନ। ଏହି କ୍ଷୁଦ୍ର ପକ୍ଷୀଟି କିପରି ପୁଣି ଆମ ଘରକୁ ଫେରିପାରିବ ତା ଉପରେ ଚିନ୍ତା କରି ଘର ଚଟିଆର ସୁରକ୍ଷା ଉପରେ କାର୍ଯ୍ୟକରିବା ପାଇଁ ସଭାପତି ସାଗର କୁମାର ପାତ୍ରଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଆଗେଇଆସିଲେ।



ନିରବି ଯାଉଛି କିଚିରି ମିଚିରି ଶବଦ

ଆଖପାଖ ଅନେକ ଗ୍ରାମରେ ଅନୁସନ୍ଧାନରୁ ଜଣାପଡିଲା ଯେ, ବାଘଝରୀ ଓ ବିରି ବାଡିଆ ଗ୍ରାମରେ ୫/୬ ଟି ଘରଚଟିଆ ଅଛନ୍ତି। ତାପରେ ଆରମ୍ଭ ହୋଇଥିଲା ସୁରକ୍ଷା ଅଭିଯାନ। ପ୍ଲାଇ ବୋର୍ଡ, ମାଟି ହାଣ୍ଡି, ଶୁଖିଲା ନଡିଆ ଓ ଶୁଖିଲା ଲାଉ ତୁମ୍ବାରେ ସେମାନଙ୍କ ପାଇଁ ଘର ତିଆରି କରାଗଲା। ଖାଦ୍ୟସ୍ଥଳୀର ମଧ୍ୟ ବ୍ୟବସ୍ଥା କରାଗଲା। ଲୋକମାନଙ୍କ ଘର ଆଗରେ ମାଗଣାରେ ସ୍ଥାପନ କରାଗଲା। ଗାଁ ଲୋକମାନେ ମଧ୍ୟ ଏଥିରେ ସହଯୋଗ କଲେ। ଧିରେ ଧିରେ ଆକୃଷ୍ଟ ହୋଇ ଘର ଚଟିଆ କୃତ୍ରିମ ବସାରେ ରହିଲେ।

କ୍ରମାଗତ ଭାବେ ସେମାନଙ୍କ ବଂଶ ବୃଦ୍ଧି ଘଟିଲା। ଧିରେ ଧିରେ ଅନ୍ୟ ଗାଁର ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିଥିଲେ। ପର୍ଯ୍ୟାୟକ୍ରମେ ଲାଞ୍ଜିଆ, ଗୁଣ୍ଡବନ୍ଧ, ଅନନ୍ତାଇ, ରଘୁନାଥପୁର ଓ ବ୍ରହ୍ମପୁର ମହାନଗରର ଧର୍ମନଗର, ଶାସ୍ତ୍ରୀ ନଗର, ଜି. ରଘୁନାଥ ପୁରଠାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗଞ୍ଜାମ ଜିଲ୍ଲାର ବାଇଶି ଗୋଟି ବ୍ଲକର କିଛି ଗ୍ରାମରେ ଏବେ ଏହି ଅଭିଯାନ ଜୋର ଧରିଥିଲା। ଫଳରେ କିଛିମାତ୍ରାରେ ପକ୍ଷୀଙ୍କ ବଂଶବୃଦ୍ଧି ହୋଇପାରିଥିଲା। ଇତିମଧ୍ୟରେ ଗଜପତି ଓ ଜଗତସିଂହପୁର ସମେତ ୪ରୁ ଉଦ୍ଧ୍ୱର୍ ସ୍ଥାନରେ ମଧ୍ୟ ଘର ଚଟିଆ ସୁରକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଜଣାପଡ଼ିଛି।

## କାଠରେ ଘରଚଟିଆ ପ୍ରସ୍ତୁତ କଲେ ସତ୍ୟ


ବ୍ରହ୍ମପୁର,୧୯ ।୩(ସମିସ): ବିଶ୍ୱ ଘରଚଟିଆ ଦିବସ ପାଳନ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଅଦରକାରୀ କାଠରେ ଘର ଚଟିଆ ନିର୍ମାଣ କରିଛନ୍ତି। ଅବିକଳ ଭାବେ ସେ ୨ଟି ଘର ଚଟିଆ ଓ କୃତିମ ଘର ତିଆରି କରିଛନ୍ତି। ୨୦ ମାର୍ଚ୍ଚ ବିଶ୍ୱ ଘର ଚଟିଆ ଦିବସ ରହିଥିବା ବେଳେ ଏହି ଜରିଆରେ ସମାଜକୁ ଏକ ସଚେତନାର ବାର୍ତ୍ତା ଦେଇଛନ୍ତି। ସବୁ ମିଳିମିଶି ଘର ଚଟିଆକୁ ସୁରକ୍ଷା ଦେବା ସହ ପୁଣି ଗାଁଦାଣ୍ଡରେ କିଚିରି ମିଚିରି ଶବ୍ଦ ଶୁଣିବାକୁ ପାଇବା ଭଳି କାର୍ଯ୍ୟ କରିବାକୁ ସେ ସଚେତନ କରିଛନ୍ତି।



# ଶ୍ରୀକ୍ଷେତ୍ର ସିଟି

୧୯/୩/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୦,୮୮୦/-
ସୁନା:୦୦.୦୦୦ ଗ୍ରାମ୍
ରୁପା: ୩୧.୫୦୦ ଗ୍ରାମ୍





## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ



ପୁରୀ,୧୯।୩(ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥା'ନ୍ତି। ଗୁରୁବାର ଚୈତ୍ର ପ୍ରତିପଦ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା।

ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଜମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସାହିଯାତ ବୈଠକ

## ଅଧିକ ଆର୍ଥିକ ଅନୁଦାନ ଦାବି



ପୁରୀ,୧୯।୩(ସମିସ): ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଥିବା 'ଶ୍ରୀରାମ ଲୀଳା' ସାହିଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନ ପାଇଁ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଗରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିର ସମ୍ପାଦକମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାହିଯାତ୍ରା ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ସହିତ ଜଡ଼ିତ। ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସମ୍ପାଦକମାନେ ମତ ଦେଇଥିଲେ। ଏଣୁ ଯାତ୍ରା ପାଇଁ ଅଧିକ ଆର୍‌ଠିକ ଅନୁଦାନ ମଞ୍ଜୁର କରିବାକୁ ସାହି ସମ୍ପାଦକମାନେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସାହିମାନେ ଉତ୍ତମ ସମନ୍ୱୟ ରକ୍ଷାକରି ସାହି ପରିକ୍ରମା ପୂର୍ବକ ଯଥା ସମୟରେ ସିଂହଦ୍ୱାର ନିକଟରେ ପହଞ୍ଚିବାକୁ ନୀତି ପ୍ରଶାସକ ପରାମର୍ଶ ଦେବା ସହିତ ସାହିଯାତ୍ରାର ପରିକ୍ରମା ମାର୍ଗ ପରିଚ୍ଛନ୍ନ ରଖିବାକୁ ପୌରସଂସ୍ଥା ପକ୍ଷରୁ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବୈଠକରେ ପ୍ରକାଶ କରିଥିଲେ। ଏହି ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

### ପୁରୀ ଜିଲ୍ଲାରେ ଧାନ କିଣାରେ ଚରମ ଅବ୍ୟବସ୍ଥା

# ଚାଷୀଙ୍କ ସହ ନ ଖେଳନ୍ତୁ ସରକାର: ସଞ୍ଜୟ

ପୁରୀ,୧୯।୩(ସମିସ)



ପୁରୀ ଜିଲ୍ଲାରେ ଧାନ କିଣାରେ ଚରମ ଅବ୍ୟବସ୍ଥା ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି ବିଜେଡିର ବରିଷ୍ଠ ଉପ ସଭାପତି ତଥା ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା। ହୋଟେଲ ଏମ୍ପାୟାରରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି,

ଜିଲ୍ଲାରେ ଚଳିତ ବର୍ଷ ଖରିଫ ଋତୁରେ ୧୯ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବାବେଳେ ୫୯ ହଜାର ୧୮୬ ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ। ଚାଷୀମାନଙ୍କୁ ଭ୍ୟାଲିଡ୍ ଟୋକନ୍ ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ପୁରୀ ଜିଲ୍ଲାର ୧୧ ହଜାର ଚାଷୀ ୩ ଲକ୍ଷ କ୍ୱିଣ୍ଟାଲ ବିଭିନ୍ନ ମଣ୍ଡିରେ ମାସାଧିକ କାଳ ପାଲ ପକେଇ ବସିଛନ୍ତି। ଜିଲ୍ଲାର ଡେଲାଙ୍ଗ, କାକଟପୁର, ନିମାପଡ଼ା, ଗୋପ ଓ ପିପିଲି ଚାଷୀକୁଳର ଅବସ୍ଥା କହିଲେ ନ ସରେ। ୨୦୨୫-୨୬ ରବି ଧାନ ସଂଗ୍ରହ ପାଇଁ ଚଳିତ ମାସ ୧୦ ତାରିଖରୁ ଫର୍ମ ପୂରଣ କରି ମାର୍ଚ୍ଚ ୨୦ ତାରିଖ ମଧ୍ୟରେ ଦାଖଲ ପାଇଁ କୁହାଯାଇଛି। ସଂଗୃହିତ ସମସ୍ତ ଫର୍ମକୁ ମାର୍ଚ୍ଚ ୨୫ ସୁଦ୍ଧା ଡିଜିଟାଇସନ୍ କରିବା ପାଇଁ ସ୍ଥିର କରାଯାଇଛି। ଜିଲ୍ଲାରେ ରବି ଧାନ କ୍ରୟ ଲାଗି ୧୪୫ଟି କ୍ରୟ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ହେଇଥିବାବେଳେ ଗୁରୁବାର ଅର୍ଥାତ୍ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ମାତ୍ର ୬୮ଟି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଦୁଇବର୍ଷ ତଳୁ ଜିଲ୍ଲାର ପଞ୍ଜିକୃତ ହୋଇଥିବା ନୂତନ ଭାବେ ଗଠିତ ପ୍ରାଥମିକ ସେବା ସମବାୟ ସମିତିକୁ ପଞ୍ଜୀକରଣ ଏବଂ ଧାନ କିଣା ବିକାରେ ସାମିଲ୍ କରା ନ ଯାଇ ୬ ମାସ ତଳେ ପଞ୍ଜିକୃତ ହୋଇଥିବା ଅତିରିକ୍ତ ସେବା ସମବାୟ ସମିତିକୁ ଜିଲ୍ଲା ସମବାୟ ସମିତି ନିବେଦକ ନୂତନ ସେବା ସମବାୟ ସମିତିଗୁଡ଼ିକୁ ଚାଷୀ ପଞ୍ଜୀକରଣ କରିବା ଲାଗି ପ୍ରଶାସନିକ ନିଷ୍ପତ୍ତି ନେଇଥିବାରୁ ଶ୍ରୀ ଦାସବର୍ମା ଏହାର ତୀବ୍ର ନିନ୍ଦା କରିଛନ୍ତି।

ସେହିପରି ରବି ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ନିୟମାବଳୀକୁ ତୀବ୍ର ନିନ୍ଦା କରିବା ସହ ଏହା ସମ୍ପୂର୍ଣ୍ଣ ଚାଷୀ ବିରୋଧୀ। ଏହାଦ୍ୱାରା ହଜାର ହଜାର ଚାଷୀ ପଞ୍ଜୀକରଣ କରି ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ। ପ୍ରାଥମିକ ସେବା ସମବାୟ ସମିତିଗୁଡ଼ିକୁ ଇ-କେୱାଇସି କରିବା ପାଇଁ ବାଧ୍ୟ କରିବା, ଉତ୍ତରାଧିକାରୀ ସତ୍ତ୍ୱ ପ୍ରଦାନ କରିବା ଲାଗି ସମ୍ପୂର୍ଣ୍ଣ ବଂଶାବଳୀର ପ୍ରମାଣପତ୍ର ପ୍ରଦାନ ସହିତ କେଉଁମାନେ ଚାଷ ଜମିର ଉତ୍ତରାଧିକାରୀ ଏବଂ ପରିବାରର ସମସ୍ତ ପରିବାରବର୍ଗଙ୍କ ପଞ୍ଜୀକରଣ ପାଇଁ ସମ୍ମତିପତ୍ର ବାଧ୍ୟତାମୂଳକ ବୋଲି ବିଭାଗୀୟ ଅଧିକାରୀମାନେ ଗଣ୍ଠି କରିଥିବାରୁ ରବି ଧାନ ସଂଗ୍ରହ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ଦାସବର୍ମା ଚେତାଇ ଦେଇଥିଲେ। ନୂତନ ସରକାର ଓଡ଼ିଶାର ଚାଷୀକୁଳ ପ୍ରତି କରିଥିବା ପ୍ରତାରଣାକୁ ଶ୍ରୀ ଦାସବର୍ମା ଗଭୀର ନିନ୍ଦା କରିଛନ୍ତି। ଏହି ଅବସରରେ ଶ୍ରୀ ଦାସବର୍ମା ଚାଷୀକୁଳର ହିତ ପାଇଁ ଜିଲ୍ଲାପାଳଙ୍କ ନିକଟରେ କେତେକ ଦାବି ରଖିଛନ୍ତି। ତୁରନ୍ତ ସମବାୟ ବିଭାଗ, ଖାଦ୍ୟ ଯୋଗାଣ ବିଭାଗ ଓ ରାଜସ୍ୱ ବିଭାଗର ଏକ ମିଳିତ ଉଚ୍ଚସ୍ତରୀୟ ବୈଠକ ଡାକି ୨୦୨୪-୨୫ ରବି ଋତୁ ସମୟରୁ ଯେଉଁ ୪ ଲକ୍ଷ କ୍ୱିଣ୍ଟାଲ ଏବଂ ୨୦୨୪-୨୫ ଖରିଫ ଋତୁରେ ସଂଗୃହିତ ୧ ଲକ୍ଷ କ୍ୱିଣ୍ଟାଲ ଧାନ ଯାହା ଜିଲ୍ଲାର ବିଭିନ୍ନ ମିଲ୍‌ରେ ପଡ଼ିରହିଛି ତାହାକୁ ତୁରନ୍ତ ଷ୍ଟେଟ୍ ପୁଲ୍‌କୁ ହସ୍ତାନ୍ତର କରାଯିବ ସେ ପ୍ରକ୍ରିୟାକୁ ପ୍ରାଥମିକ ଭାବରେ ଗୁରୁତ୍ୱ ଦିଅନ୍ତୁ। ଏଥିସହିତ ଚଳିତ ଖରିଫ ଋତୁରେ ଏକ ମାସରୁ ଊର୍ଦ୍ଧ୍ୱ ବିଭିନ୍ନ ମଣ୍ଡିରେ ପଡ଼ିରହିଥିବା ହାରାହାରି ୪ ଲକ୍ଷ କ୍ୱିଣ୍ଟାଲ ଧାନ କିଭଳି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂଗ୍ରହ କରାଯିବା ସହ ତ୍ୱରିତ ପଦକ୍ଷେପ ଜିଲ୍ଲା ପ୍ରଶାସନ ନେଉ। ତୁରନ୍ତ ରାଜ୍ୟ ସରକାରଙ୍କ ଫୁଡ୍ ପଲିସି ବା ଖାଦ୍ୟ ନୀତିରେ ଥିବା ଚାଷୀ ବିରୋଧୀ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରି ପୁରୀ ଜିଲ୍ଲାର ସମସ୍ତ ଚାଷୀକୁଳ ଧାନ ବିକ୍ରି କରିପାରିବ ସେଥିପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଶ୍ରୀ ଦାସବର୍ମା କହିଛନ୍ତି।

ଆଗାମୀ ଦିନରେ ଜିଲ୍ଲାରେ ଭୟଙ୍କର ଚାଷୀ ଆନ୍ଦୋଳନ ସୃଷ୍ଟି ହେବ ବୋଲି ଶ୍ରୀ ଦାସବର୍ମା ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ନିମାପଡ଼ା ବ୍ୟାଙ୍କର ନିର୍ଦ୍ଦେଶକ ଭଗବାନ ନାୟକଙ୍କ ସହିତ କୃଷକ ନେତା ଯୁଧିଷ୍ଠିର ନାୟକ ଓ ବିଜୟ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

- ■ ରବିରେ ଜିଲ୍ଲାର ୩୮ ପ୍ରତିଶତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଥିଲେ
- ■ ସବୁ ଚାଷୀଙ୍କଠୁ ଧାନ ନ କିଣିଲେ ଭୟଙ୍କର ଚାଷୀ ଆନ୍ଦୋଳନ ସୃଷ୍ଟି ହେବ

## ପୁରୀରେ ହେଉ ଆଧ୍ୟାତ୍ମିକ ଗୀତିକବିତା ସମାବେଶ

ପୁରୀ,୧୯।୩(ସମିସ): ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ସମୃଦ୍ଧି ପାଇଁ ଓଡ଼ିଆ ଭାଗବତ ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ସାତଲହଡ଼ି ମଠରେ ପ୍ରତିମାସର ପ୍ରଥମ ରବିବାର ଭାଗବତ ମହୋତ୍ସବ ଆରମ୍ଭ କରିବାକୁ ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ପ୍ରସ୍ତାବ ଦେଇଛନ୍ତି। ଏଥିସହ ଓଡ଼ିଆ ସାହିତ୍ୟ ଏକାଡେମୀ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ପୁରୀରେ ଆଧ୍ୟାତ୍ମିକ ଗୀତିକବିତା ସମାବେଶ ଓ ପଦ୍ମଶ୍ରୀ ମାଗୁଣି ଦାସଙ୍କ ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ରଘୁରାଜପୁର ପକ୍ଷରୁ ସାହିତ୍ୟ ଓ ସଂସ୍କୃତିକୁ ନେଇ ଦିଲ୍ଲୀରେ ଗୋଟିପୁଅ ନୃତ୍ୟ ପରିବେଷଣ ପାଇଁ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଜିଲ୍ଲା କଳାକାର ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ଓ ନୃତ୍ୟଗୁରୁ ବଟକୃଷ୍ଣ ପ୍ରଧାନ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ପ୍ରବୋଧନ'

## ଶିକ୍ଷକଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ

ପୁରୀ,୧୯।୩(ସମିସ): ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଆଧାରରେ ଶିକ୍ଷକମାନଙ୍କ ନିମନ୍ତେ ପ୍ରଶିକ୍ଷଣ 'ପ୍ରବୋଧନ' ନାମରେ ପ୍ରତ୍ୟେକ ବ୍ଲକ୍‌ରେ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପରୀକ୍ଷା ପୂର୍ବରୁ ହେଉଥିଲା, ଏବେ ପରୀକ୍ଷା ପରେ ଆରମ୍ଭ ହୋଇଛି। ହେଲେ ଏଥିରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ନିର୍ଦ୍ଦେଶନାମାରେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ତାଲିମ ନେବାକୁ ଲେଖା ନାହିଁ। କିନ୍ତୁ ଶିକ୍ଷକମାନଙ୍କୁ ୧୦ଟାରୁ ୫ଟା ପର୍ଯ୍ୟନ୍ତ ତାଲିମ ଦିଆଯାଉଛି। ଏହା ଶିକ୍ଷକମାନଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସରକାରଙ୍କ ତରଫରୁ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀଙ୍କ ଗସ୍ତ ଖର୍ଚ୍ଚ ପାଇଁ ଦୈନିକ ୭୦ ଟଙ୍କା, ଚା' ଓ ସ୍ନାକ୍ସ ପାଇଁ ୨୦ ଟଙ୍କା, ମଧ୍ୟାହ୍ନଭୋଜନ ପାଇଁ ୧୦୦ ଟଙ୍କା, ପେନ୍ ଓ ଲେଖିବା ପ୍ୟାଡ୍ ପାଇଁ ୩୦ ଟଙ୍କା। ଶିକ୍ଷଣ ସାମଗ୍ରୀ ଓ କଣ୍ଟିଜେନ୍ସି ପାଇଁ ୩୦ ଟଙ୍କା ଓ ତାଲିମ ଦେଉଥିବା ସାଧନକର୍ମୀଙ୍କ ପାଇଁ ଦୈନିକ ୩୦୦ ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଥିବାବେଳେ ବିଭିନ୍ନ ବ୍ଲକ୍‌ର କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଶିକ୍ଷକମାନଙ୍କୁ ନିମ୍ନମାନର ପେନ୍ ଓ ଖାତା ଦିଆଯାଉଛି। କଣ୍ଟିଜେନ୍ସି ଓ ଶିକ୍ଷଣ ସାମଗ୍ରୀ ଆଦୌ ଦିଆଯାଉନାହିଁ କିମ୍ବା ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ଟଙ୍କା ଶିକ୍ଷକମାନଙ୍କୁ ପ୍ରଦାନ କରାଯାଉ ନାହିଁ। ମଧ୍ୟାହ୍ନଭୋଜନ ପାଇଁ ଧାର୍ଯ୍ୟ କରାଯାଇଥିବା ଟଙ୍କା ଖର୍ଚ୍ଚ କରା ନ ଯାଇ ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଥିବା ଶ୍ରୀ ମହାରଣା କହିଛନ୍ତି।

କୃଷ୍ଣପ୍ରସାଦ ବ୍ଲକ୍ ନୂଆପଡ଼ା ସର୍କଲରେ ଚାଲିଥିବା ଏକ ତାଲିମ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରବୋଧନ ତାଲିମରେ ୪ ଜଣ ସାଧନକର୍ମୀ ତାଲିମ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୨ ଜଣ ସାଧନକର୍ମୀରେ କାମ ଚଳାଇ ଅନ୍ୟ ଦୁଇଜଣଙ୍କ ୫ ଦିନର ୩୦୦୦ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ପ୍ରଥମ ଦିନ ଭାତ, ପାଣିଆ ଡାଲମା ଓ ଖଟା ଅପରାହ୍ଣ ୨ଟା ୩୦ରେ ଦିଆଗଲା। ଦ୍ୱିତୀୟ ଦିନ ଭାତ ଓ ଘାଣ୍ଟ ଅପରାହ୍ଣ ୩ଟା ୩୦ରେ ଦିଆଗଲା। ପୁନଶ୍ଚ ଦ୍ୱିତୀୟ ଥର ମାଗିଲେ ମିଳୁନି। ଶିକ୍ଷକମାନେ ଭୋକରେ ଆଉଟୁପାଉଟୁ ହୋଇ ଅଭିଯୋଗ କଲେ ମଧ ସେମାନଙ୍କ କଥା ଶୁଣାଗଲା ନାହିଁ। ସେମାନଙ୍କୁ ପାଟି ନ ଖୋଲିବାକୁ ଧମକ ଦିଆଗଲା। ପାଟି ଖୋଲିଲେ ବଦଳି କରାଯିବ ବୋଲି ଧମକ ଦିଆଯାଉଛି। ଏଠି ପ୍ରଶ୍ନ ଉଠୁଛି କାହା ଇଙ୍ଗିତରେ ଏହା କରାଯାଉଛି। ତାଲିମ କେନ୍ଦ୍ରରେ ସଠିକ୍ ଟଙ୍କା ଖର୍ଚ୍ଚ ନ କରି ଏକ ବଡ଼ ଅଂଶ ଉପରିସ୍ଥ ଅଧିକାରୀଙ୍କୁ ଖୁସି କରିବା ପାଇଁ ଦିଆଯାଉଛି ବୋଲି ଜଣେ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ପିଲାମାନଙ୍କ ବାର୍ଷିକ ପରୀକ୍ଷା ସରିଥିବାବେଳେ ସେମାନଙ୍କ ଖାତା ଦେଖି ମାର୍ଚ୍ଚ ୧୯ ତାରିଖରେ ଫଳାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଥିବାବେଳେ କାହିଁକି ବର୍ତ୍ତମାନ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ଶ୍ରୀ ମହାରଣା କହିଛନ୍ତି, ପରୀକ୍ଷା ପୂର୍ବରୁ ଶିକ୍ଷକମାନେ ପାଠ୍ୟକ୍ରମ ସାରିବାକୁ ବ୍ୟସ୍ତ ଥିବେ। ପରୀକ୍ଷା ପରେ ଶିକ୍ଷକମାନେ ପରୀକ୍ଷା ଖାତା ଦେଖିବା, ଫଳାଫଳ ବାହାର କରିବା ଓ ପ୍ରଗତିପତ୍ର ଲେଖିବାରେ ବ୍ୟସ୍ତ ରହିବେ। ତେଣୁ ଏହି ସମୟରେ ତାଲିମ ନ କରିବା ଉଚିତ୍। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି, ଏହା ବ୍ଲକ୍‌ସ୍ତରରେ ଚାଲିଛି। ଯଦି କେଉଁଠି ଏମିତି ହେଉଛି ତାହାର ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ।

**କଣ୍ଟିଜେନ୍ସି ଓ ଶିକ୍ଷଣ ସାମଗ୍ରୀ ଆଦୌ ଦିଆଯାଉ ନ ଥିବା ଅଭିଯୋଗ**

## ବିପଦ: ବ୍ରିଜ୍ ତଳୁ ତାଡ଼ି ନିଆଯାଉଛି ମାଟି

ପୁରୀ,୧୯।୩(ସମିସ): କିଛିଦିନ ତଳେ ବିଧାନସଭାର ପ୍ରଶ୍ନ ଉତ୍ତରରେ ବିଭାଗୀୟ ମନ୍ତ୍ରୀ କହିଥିଲେ କୌଣସି ବ୍ରିଜ୍ ତଳୁ ମାଟି ଖୋଳା ହୋଇପାରିବ ନାହିଁ। ହେଲେ ପୁରୀ ଜିଲ୍ଲାରେ ଏହାକୁ ଫୁଁ'



କରିଛନ୍ତି ମାଫିଆ। ଖୁଲମ୍‌ଖୁଲା ବ୍ରିଜ୍ ପିଲାର ମୂଳରୁ ହିଁ ତାଡ଼ି ନେଉଛନ୍ତି ବାଲି, ମାଟି। ଏ ସମ୍ପର୍କରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଅଭିଯୋଗ କରିଛନ୍ତି ଯେ, ସବୁଠୁ ବଡ଼କଥା ହେଉଛି ରାଜ୍ୟରେ ବାଲି, ମାଟି ଚୋରାଚାଲାଣ ଏବେ ବ୍ୟାପକ ମାତ୍ରାରେ ଚାଲିଛି। ଏହାକୁ ନେଇ ବିଭିନ୍ନ ସମୟରେ ହୋହଲ୍ଲା ପରିସ୍ଥିତି ବି ଉପୁଜୁଛି। ଏଥିପାଇଁ କେତେକ ବ୍ରିଜ୍ ବିପଦରେ ବୋଲି ଅଭିଯୋଗ ହେବା ପରେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଥିଲେ ସରକାର। ଏହି ମର୍ମରେ ବ୍ରିଜ୍‌ର ୧ କି.ମି. ଦୂରତା ପର୍ଯ୍ୟନ୍ତ କେହି ଖୋଳିପାରିବେ ନାହିଁ ବୋଲି ଅଧିକାରୀଙ୍କୁ ନୋଟିସ୍ ଜାରି କରିଥିଲେ। ହେଲେ କଣାସ ବ୍ଲକ୍ ପାଣ୍ଡିଆକେରା ପଞ୍ଚାୟତ ଭାଟପଡ଼ାଠାରେ ଏକ ବ୍ରିଜ୍ ନିର୍ମାଣ ହେଉଛି। ଦିନ ଦ୍ୱିପ୍ରହରରେ ଏଠାରୁ ଏଭଳି ମାଟି ତାଡ଼ିନିଆଯାଉଛି ଯେ, ଏବେ ବିପଦରେ ସେହି ବ୍ରିଜ୍। ହେଲେ ଏ ଦିଗରେ ସରକାରୀ ଅଧିକାରୀ ସମସ୍ତେ ଚୁପ୍। ଆଶ୍ଚର୍ଯ୍ୟର କଥା ଖୋଦ୍ ତହସିଲ୍‌ଦାର ମଧ ବ୍ରିଜ୍‌ଠାରୁ କେତେ ଦୂରତା ଖୋଳିବା ପାଇଁ କଟକଣା ରହିଛି ତାହା ଅବଗତ ନାହାନ୍ତି। ବ୍ରିଜ୍ ତଳେ ବ୍ୟକ୍ତିଗତ ପ୍ଲଟ୍ ବୋଲି ଗଣମାଧ୍ୟମକୁ କହିଛନ୍ତି। ବଡ଼ କଥା ଯେଉଁ କମ୍ପାନୀ କାମ ନେଇଛି ସେ ବାବୁଙ୍କୁ ବ୍ରିଜ୍ ତଳୁ ମାଟି ଉଠେଇବା ପାଇଁ ଅନୁମତି ମାଗିଛି। ତେଣୁ ସେ ସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି।

## ୧୦.୯୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୪ ଗିରଫ

ପୁରୀ,୧୯।୩(ସମିସ): ପୁରୀକୁ ଅପରାଧମୁକ୍ତ ଓ ବେଆଇନ ନିଶା କାରବାର ମୁକ୍ତ କରିବା ଲାଗି ପୁଲିସ ପକ୍ଷରୁ ଚାଲିଛି ଅପରେସନଚକ୍ର। ଏହି ଅଭିଯାନରେ ପୁଣି ୪ ଜଣ ପେସାଦାର ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଛି ଟାଉନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ସୁଆରସାହିର ଦୀପକ ସୁଆର (୩୬), ପଥୁରିଆ ସାହିର ଭବାନୀଶଙ୍କର ମଙ୍ଗରାଜ (୩୨), ପାଣ୍ଡଜାଗାର ରଘୁନାଥ ନନ୍ଦ (୩୫) ଓ ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଲେନ୍‌ର ଆଶୁତୋଷ ଦାଶ (୩୨)। ଏମାନଙ୍କ ନିକଟରୁ ପୁଲିସ ୧୦.୯୦ ଗ୍ରାମ୍ ଧଳାଜହର ଜବତ କରିବା ସହ ୨ଟି ମୋବାଇଲ ଫୋନ୍ ଏବଂ ୮୦୦ ଟଙ୍କା ଜବତ କରାଯାଇଛି। ବୁଧବାର ସନ୍ଧ୍ୟାରେ ଜଗନ୍ନାଥ ବଲ୍ଲଭ ବହୁତଳ ପାର୍କିଂ ପାଖରେ ବ୍ରାଉନ୍‌ସୁଗର ବିକିବା ପାଇଁ ୩ ବେପାରୀଙ୍କ ସହ ମୁଲଚାଲ କରାଯାଉଥିଲା। ଖବର ପାଇ ପୁଲିସ ଚଢ଼ଉ କରି ସମସ୍ତ ୪ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଉକ୍ତ ପରିମାଣର ବ୍ରାଉନ୍‌ସୁଗର ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୫/୨୬) ରୁଜୁ କରାଯାଇ ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ଏହି ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ବ୍ରାଉନ୍‌ସୁଗର ମାମଲା ସମେତ ଆକ୍ରମଣ ଓ ହତ୍ୟା ଉଦ୍ୟମ ମାମଲା ବିଭିନ୍ନ ଥାନାରେ ରହିଛି।

### ସାଇବର ଠକଙ୍କ ଅଭିନବ ତରିକା

## ନମ୍ବର ହ୍ୟାକ୍ ପରେ ସମ୍ପର୍କୀୟଙ୍କୁ ହ୍ୱାଟ୍ସଆପ୍‌ରେ ମାଗିଲେ ଟଙ୍କା

ପୁରୀ,୧୯।୩(ସମିସ): ବଢ଼ିଗଲାଣି ସାଇବର ଠକେଇ। ବିଭିନ୍ନ ଉପାୟରେ ଟଙ୍କା ଠକି ନେଉଛନ୍ତି ସାଇବର ଅପରାଧୀ। ସେମାନଙ୍କ ଟଙ୍କା ଲୁଟିବା ପାଇଁ ବିଭିନ୍ନ ପ୍ରକାର ତରିକା ଆପଣାଉଛନ୍ତି। ଏଭଳି ଏକ ନୂଆ ତରିକାରେ ଟଙ୍କା ଠକିନେବାକୁ ଉଦ୍ୟମ କରିଥିଲେ। ହେଲେ ଜଣେ ସଚେତନ ନାଗରିକ ହାବୁଡ଼ରେ ପଡ଼ିଯିବାରୁ ସେମାନେ ସଫଳ ହୋଇପାରି ନ ଥିଲେ। ଗୁରୁବାର ସାଇବର ଥାନାରେ ବୁଦ୍ଧିଜୀବୀ ହେକ୍ଟର ମିଶ୍ର କରିଥିବା ଅଭିଯୋଗ ଅନୁଯାୟୀ, ପୂର୍ବାହ୍ଣ ୧୦ଟା ୪୦ରେ ପ୍ରସିଦ୍ଧ କାର୍ଡିଓଲୋଜିଷ୍ଟ ଡା. ପି.କେ. ସାହୁ ତାଙ୍କ ହ୍ୱାଟ୍ସଆପ୍‌କୁ ମେସେଜ କରିଥିଲେ। ତାଙ୍କର ତୁରନ୍ତ ୩୫ ହଜାର ଟଙ୍କା ଦରକାର ବୋଲି ଲେଖିଥିଲେ। ଶ୍ରୀ ମିଶ୍ର ରାଜି ହୋଇ ସେହି ମେସେଜରେ ଫୋନ୍ ପେ' ନମ୍ବର ମାଗିଥିଲେ। ସେପଟୁ ଏକ ନମ୍ବର ମଧ୍ୟ ଆସିଥିଲା। ଯେହେତୁ ଡାକ୍ତର ସାହୁ ତାଙ୍କର ଅତ୍ୟନ୍ତ ଘନିଷ୍ଠ ତେଣୁ ଶ୍ରୀ ମିଶ୍ର ଫୋନ୍ କରିଥିଲେ। ଡା. ସାହୁ ତାଙ୍କ ନମ୍ବର ହ୍ୟାକ୍ କରାଯାଇ ଏଭଳି ଅନେକ ଲୋକଙ୍କୁ ଟଙ୍କା ମଗାଯାଇଛି। ସେ ଏବେ ଥାନାରେ ଅଭିଯୋଗ କରୁଛନ୍ତି ବୋଲି ଜଣାଇଥିଲେ। ଏପରିକି କିଛି ଲୋକ ଟଙ୍କା ପଠାଇ ଦେଇଥିବା ମଧ କହିଥିଲେ। ଏହାପରେ ଶ୍ରୀ ମିଶ୍ର ତାଙ୍କ ପାଖକୁ ଆସିଥିବା ଫୋନ୍ ପେ' ନମ୍ବରକୁ ନେଇ ପୁରୀ ସାଇବର ଥାନାରେ ଅଭିଯୋଗ କରିବା ସହ ଅଭିଯୁକ୍ତକୁ ଧରିବା ପାଇଁ ଅନୁରୋଧ କରିଛନ୍ତି।

# ଗରିବ କୁଡ଼ିଆରୁ ପଞ୍ଚତାରକା ହୋଟେଲ ମହକୁଛି ପଖାଳ ବାସ୍ନା

ପୁରୀ,୧୯।୩(ସମିସ)



ଉତ୍କଳୀୟ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତା' ମଧ୍ୟରୁ ପଖାଳ ଅନ୍ୟତମ। ଓଡ଼ିଆ ଘରର ପ୍ରିୟ ଖାଦ୍ୟ ପଖାଳ। ପ୍ରତି ଓଡ଼ିଆଙ୍କ ଆବେଗ ହେଉଛି ପଖାଳ। ଦିନ ଥିଲା ଗାଁ ଗହଳି ଲୋକଙ୍କ ଜୀବନ ଶୈଳୀରେ ପଖାଳ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିଲା। ପଖାଳ କଂସା ଧରି ଏକାଠି ବସି ଖାଇବା ପ୍ରତିଟି ଓଡ଼ିଆ ଘରେ ସମ୍ପର୍କକୁ ସୁଦୃଢ଼ କରୁଥିଲା। ହେଲେ ପଖାଳ କଂସାର ନିଆରା ଆକର୍ଷଣ ଆଉ ଗାଁ ଗହଳିରେ ସୀମିତ ନାହିଁ। ସହରବାସୀ ମଧ ପଖାଳ ପ୍ରେମରେ ପଡ଼ିଗଲେଣି।

ପୁରୀର ହୋଟେଲ ଓ ରେସ୍ତୋରାଁଗୁଡ଼ିକରେ ଏକାଧିକ ପ୍ରକାର ପଖାଳ ପ୍ରସ୍ତୁତ କରାଯାଉଛି। ଛୋଟଠୁ ବଡ଼ ହୋଟେଲ ପର୍ଯ୍ୟନ୍ତ ସବୁଠି ବିଭିନ୍ନ ପ୍ରକାର ପଖାଳ ମେନୁ ରଖାଯାଇଛି। ଦହି ପଖାଳ, ସାଦା ପଖାଳ, ଛୁଙ୍କ ପଖାଳ ଗ୍ରାହକଙ୍କ ଚାହିଦା ମୁତାବକ ପରଷାଯାଉଛି। ବଡ଼ ବଡ଼ ହୋଟେଲରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କଂସାବାସନରେ ପଖାଳ ଦିଆଯାଉଛି। ପଖାଳ କଂସାର ମୂଲ୍ୟ ଭିନ୍ନ ଭିନ୍ନ ରହିଛି। ମଧ୍ୟମ ଧରଣର ହୋଟେଲଗୁଡ଼ିକରେ ସର୍ବନିମ୍ନ ୪୦ ଟଙ୍କାରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବଡ଼ ହୋଟେଲରେ ୨୦୦ରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ପଖାଳ କଂସାର ଦାମ୍। ବିଭିନ୍ନ ହୋଟେଲରେ ଅରୁଆ ଓ ଉଷୁନା ପଖାଳ ଉପଲବ୍ଧ ହେଉଛି। ଉଷୁନା ପଖାଳ ଖାଇବାକୁ ସାଧାରଣତଃ ଦେଶୀୟ ପର୍ଯ୍ୟଟକ ରୁଚି ରଖୁଥିବାବେଳେ ବିଦେଶୀ ଅରୁଆ ପଖାଳକୁ ପସନ୍ଦ କରୁଛନ୍ତି। ସେହିପରି ପଖାଳ ସାଙ୍ଗକୁ ସାଦା ଓ ଆମିଷ ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ସାଦା ମେନୁରେ ବଡ଼ିଚୁରା, ବାଇଗଣ ପୋଡ଼ା, ଆଳୁ ଭରତା, ଆମ୍ବ ଚଟଣି, ବିଭିନ୍ନ ପ୍ରକାର ଭଜା (କଖାରୁ ଫୁଲ, ଶାଗ, ଲିମ୍ବକଡ଼ି, ସଜନା ଛୁଇଁ), ଚିପ୍ସ, ସାଲାଡ୍ ରହିଛି। ଆମିଷ ମଧ୍ୟରେ ଚୁନା ଓ ବଡ଼ ମାଛ ଭଜା, ଚିଙ୍ଗୁଡ଼ି ଛେଚା ରହୁଛି। ବୁଦ୍ଧିଜୀବୀ ଶ୍ୟାମ ପ୍ରକାଶ ସେନାପତି କୁହନ୍ତି, ପଖାଳ କଥା ପଡ଼ିଲେ ପିଲାଦିନର ଗାଁ ସ୍ମୃତି ମନେପଡ଼ିଯାଏ। ଘରେ ପଖାଳ ସାଙ୍ଗକୁ ବଡ଼ିଚୁରା, ଶାଗଭଜା, ଆଳୁ ଭରତା ଏମିତି ବିଭିନ୍ନ ପ୍ରକାର ଖାଉ। ସେହି ପଖାଳକୁ ନେଇ ଆଜି 'ପଖାଳ ଦିବସ' ପାଳନ ହେଉଛି। ଏହା ନିଶ୍ଚିତ ଆମ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଖୁସି ଓ ଗର୍ବର କଥା। ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ ପଖାଳ ଭୋଗ ହୋଇଥାଏ।

### ପଖାଳ ମେନୁରେ ସ୍ଥାନ ପାଉନି ଶୁଖୁଆ

ଦିନ ଥିଲା ପଖାଳ ପ୍ରସଙ୍ଗ ଉଠିଲେ ଶୁଖୁଆ, କଞ୍ଚାଲଙ୍କା ଓ ପିଆଜ କଥା ମନକୁ ଚାଲିଆସୁଥିଲା। ଅର୍ଥାତ୍ ପଖାଳ କଂସା ସହିତ ଏମାନଙ୍କ ଘନିଷ୍ଠତା ସବୁଠୁ ଅଧିକ ଥିଲା। କିନ୍ତୁ ଏବେ ପଖାଳ ଓ ଶୁଖୁଆ ମଧ୍ୟରେ ଦୂରତା ବଢ଼ିଯାଇଛି। ପଖାଳ ସହିତ ଆଉ ଏତେଟା ଶୁଖୁଆ କେହି ଖାଉନାହାନ୍ତି। ଗାଁ ଗହଳିରେ ଅବଶ୍ୟ ପଖାଳ ସହିତ ଶୁଖୁଆର ସମ୍ପର୍କ ଅତୁଟ ରହିଛି। କିନ୍ତୁ ହୋଟେଲ ଏବଂ ରେସ୍ତୋରାଁରେ ପଖାଳଠାରୁ ଦୂରେଇ ଯାଇଛି ଶୁଖୁଆ। ଜଣେ ରେସ୍ତୋରାଁ ମାଲିକଙ୍କ ମତରେ ଶୁଖୁଆର ବାସ୍ନା ଅଧିକ। ଜଣେ ଖାଇଲେ ଏହାର ବାସ୍ନା ଆଉ କାହାକୁ ଅରୁଚିକର ଲାଗିପାରେ। ତେଣୁ ପଖାଳ ମେନୁରେ ଏହାକୁ ସ୍ଥାନ ଦେବା ଆଉ ସମ୍ଭବ ହେଉନାହିଁ।

# ଉର୍ଜାବାନ ଓଡ଼ିଶା ପକ୍ଷରୁ ପଖାଳ ଦିବସ



ପୁରୀ,୧୯।୩(ସମିସ): ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରାଯାଉଛି। ଆମ ସଂସ୍କୃତି ପରମ୍ପରା ଓ ଚାଲିଚଳଣିକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଏହା ଏକ ଉଦ୍ୟମ।

ଏହି ଅବସରରେ ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଇ୨୪ ହସ୍ପିଟାଲ ପ୍ରତିଷ୍ଠାତା ଇଂ. ରାଜେଶ କୁମାର ମିଶ୍ର ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସହରର ଅନେକ ଯୁବ ସମାଜସେବୀ, ଗଣମାଧ୍ୟମ ପ୍ରତିନିଧିଗଣ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଏକାଠି ବସି ପଖାଳ ଖାଇଥିଲେ। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅତିଥିଙ୍କୁ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ନିହାରିକା ତ୍ରିପାଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ସଭାପତି ସନ୍ତୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ଐତିହାସିକ ଗୋହିରାଟିକିରିରେ ପ୍ରଶାସନିକ ନିଷ୍ପତ୍ତିକୁ ନେଇ ଜନ ଅସନ୍ତୋଷ

# ପର୍ଯ୍ୟଟକ ସୁବିଧା କେନ୍ଦ୍ରକୁ ପାଠାଗାର କରିବାକୁ ବିରୋଧ

ଦୋବଲ,୧୯।୩(ସମିସ)



ଓଡ଼ିଶାର ଐତିହାସିକ ଯୁଦ୍ଧ କ୍ଷେତ୍ର ଧାମନଗର ବ୍ଲକ୍ ମୁସ୍ତଫାପୁରର ଗୋହିରାଟିକିରି ପୀଠରେ ପ୍ରଶାସନିକ ନିଷ୍ପତ୍ତିକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ୨୦୧୯ରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଥିଲା। ସେହି ଘରକୁ ପାଠାଗାରରେ ରୂପାନ୍ତରିତ କରିବା ପାଇଁ ପ୍ରଶାସନ ପକ୍ଷରୁ କରାଯାଉଥିବା ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ତୀବ୍ର ବିରୋଧ କରିଛନ୍ତି।

୨୦୧୬ ନଭେମ୍ବରରେ ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ପରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ତତ୍କାଳୀନ ସରକାର ୨୦୧୯ରେ ଏକ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ୨୦୨୨ରେ ଏହାର ନିର୍ମାଣ ଶେଷ ହେବା ପରେ ଏହା କଲ୍ୟାଣ ମଣ୍ଡପ ଭାବେ ବ୍ୟବହୃତ ହେଉଥିଲା। ବିଶେଷ କରି ବନ୍ୟା ପ୍ରଭାବିତ ଓ ଅନୁନ୍ନତ ଏହି ଅଞ୍ଚଳରେ ସ୍ଥାନୀୟ ଲୋକେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ଏହି ଗୃହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥା'ନ୍ତି। ରାଜ୍ୟରେ ନୂତନ ସରକାର ଆସିବା ପରେ ଗୋହିରାଟିକିରିର ବିକାଶ ପାଇଁ ପ୍ରାୟ ୨୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ଯୋଜନାରେ ଏକ ଅତ୍ୟାଧୁନିକ ପାଠାଗାର ନିର୍ମାଣ ମଧ୍ୟ ସାମିଲ୍ ଅଛି, ଯାହାର ଭିତ୍ତିପ୍ରସ୍ତର ୨୦୨୫ ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ କରାଯାଇଥିଲା। ତେବେ ଗୁରୁବାର ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, କାର୍ଯ୍ୟନିର୍ବାହୀ ସଂସ୍ଥା ଓ ଠିକାଦାରଙ୍କ ସହ ସେଠାରେ ପହଞ୍ଚି ପୁରୁଣା ସୁବିଧା କେନ୍ଦ୍ରକୁ ହିଁ ପାଠାଗାର କରିବାକୁ ଯୋଜନା କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ଶରତ ରାଉତ, ପଦ୍ମନାଭ ରାଉତ, ମଣିଭଦ୍ର ବିଶ୍ୱାଳ, ସଞ୍ଜୟ ପ୍ରଧାନ, ପୀତାମ୍ବର ବିଶ୍ୱାଳ ପ୍ରମୁଖ ଏହାକୁ ବିରୋଧ କରିଥିଲେ। ନୂଆ ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇଥିବାବେଳେ ପୁରୁଣା ପ୍ରକଳ୍ପକୁ କାହିଁକି ରୂପାନ୍ତରିତ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଗୋହିରାଟିକିରି ପୀଠରେ ଯଥେଷ୍ଟ ଜାଗା ଥିବା ସତ୍ତ୍ୱେ ପୁରୁଣା କଲ୍ୟାଣ ମଣ୍ଡପକୁ କାହିଁକି ରୂପାନ୍ତରିତ କରିବାକୁ ଯୋଜନା ହେଉଛି ବୋଲି ପ୍ରଶ୍ନ ଉଠିଛି। ଏହି କଲ୍ୟାଣ ମଣ୍ଡପଟି ଗାଁର ଗରିବ ଲୋକଙ୍କ ପାଇଁ ବର୍ଷା ଦିନେ ସାମାଜିକ କାର୍ଯ୍ୟର ଏକମାତ୍ର ମାଧ୍ୟମ। ଏହାକୁ ପାଠାଗାର କଲେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଧାମନଗର ବିଡିଓ ବନବିହାରୀ ଦିନ୍ଦା କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିବା ବେଳେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବଙ୍କ ବୀରଗାଥା ବହନ କରୁଥିବା ଏହି ପୀଠକୁ 'ଓଡ଼ିଶାର ହଳଦୀଘାଟ' କୁହାଯାଏ। ପୌରାଣିକ ମାନ୍ୟତା ଓ ମାଳିକା ବଚନର ଅର୍ଜୁନ ଗଛ ପାଇଁ ଏଠାକୁ ଦୈନିକ ଶହଶହ ପର୍ଯ୍ୟଟକ ଆସିଥା'ନ୍ତି। ଏଭଳି ଏକ ସ୍ଥାନରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ନ ରଖି କରାଯାଉଥିବା ପ୍ରଶାସନିକ ନିଷ୍ପତ୍ତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ସାଧାରଣ ଲୋକଙ୍କ ମତ ନେଇ କାର୍ଯ୍ୟ କରିବାକୁ ଧାମନଗର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ତଥା ସ୍ଥାନୀୟ ବାସିନ୍ଦା ଜଗବନ୍ଧୁ ପ୍ରଧାନ ଅନୁରୋଧ କରିଛନ୍ତି।

## ଆଜି ପଖାଳ ଦିବସ

# ସବୁ ଓଡ଼ିଆଙ୍କ ପ୍ରିୟ ପଖାଳ

ବାରିକପୁର,୧୯।୩(ସମିସ): ଶୁକ୍ରବାର ହେଉଛି ମାର୍ଚ୍ଚ ୨୦ ତାରିଖ ପଖାଳ ଦିବସ। ହୋଟେଲଠାରୁ ହାଣ୍ଡିଶାଳ ସବୁଠି ପଖାଳର ମହକ। ଓଡ଼ିଶାର ପରମ୍ପରା ଓ ସଂସ୍କୃତି ସହିତ ପଖାଳକୁ ସାରା ବିଶ୍ୱରେ ପରିଚିତ କରାଇବା ପଖାଳ ଦିବସର ମୁଖ୍ୟ ଉଦ୍ଦେଶ୍ୟ ପାଲଟିଛି। ବିଶେଷ କରି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏହି ଖାଦ୍ୟଟି ଗୁରୁତ୍ୱ ବହନ କରିଥାଏ। ଚାଷୀ ମୂଲିଆଙ୍କଠାରୁ ଆରମ୍ଭ କରି କିମ୍ବା ଗରିବ ଓ ଧନୀ ସମସ୍ତଙ୍କ ପାଇଁ ପଖାଳ ସତେଯେମିତି ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ପାଲଟିଛି। ତଥାପି ଏହାର ପ୍ରଚାରପ୍ରସାର ପାଇଁ ଆଜିର ଦିନରେ ବିଭିନ୍ନ ବର୍ଗର ଲୋକ ପଖାଳ ସାଙ୍ଗରେ ବିଭିନ୍ନ ବ୍ୟଞ୍ଜନ ମିଶାଇ ଖାଉଛନ୍ତି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଫଟୋ ଭାଇରାଲ ହେଉଛି। ଗାଁ ହାଣ୍ଡିଶାଳରୁ ସହରର ଉଚ୍ଚ ଅଟ୍ଟାଳିକା ମଧ୍ୟରେ ପଖାଳର ବାସ୍ନା ବାରି ହୋଇ ପଡୁଛି। ଏହି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପଖାଳ ଦିବସ ପାଳନ ହେଉଛି। ବ୍ଲକ୍‌ର ଛତାବର, ବାରିକପୁର, ଧାମନଗର ଛକ, ମାଳଦା, ଆଖୁଆପଦା ଆଦି ସ୍ଥାନରେ ଥିବା ହୋଟେଲରେ ସ୍ୱତନ୍ତ୍ର ଭାବେ ଦହି ପଖାଳ ସହିତ ଓଡ଼ିଆ ବ୍ୟଞ୍ଜନ ଗ୍ରାହକଙ୍କୁ ପରସାଯାଉଛି।



## ଶ୍ରୀରାମ ନବମୀ ମହୋତ୍ସବ

# ବିଶାଳ ବାଇକ୍ ଶୋଭାଯାତ୍ରା ଓ ସାଧୁସନ୍ଥ ପୂଜନ

ଭଦ୍ରକ,୧୯।୩(ସମିସ): ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତର ହସନପୁରସ୍ଥିତ ଶ୍ରୀରାମମନ୍ଦିରପ୍ରାଙ୍ଗଣରେଗୋ-ମାତାଓସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମଠ ମନ୍ଦିରରୁ ଆଗତ ୬୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ସନ୍ନ୍ୟାସୀ ଏବଂ ୫୦ରୁ ଊର୍ଦ୍ଧ୍ୱ ଗୋ-ମାତାଙ୍କର ପୂଜନ କରାଯାଇଥିଲା। ପୂର୍ବାହ୍ନରେ ଗାନ୍ଧୀପଡ଼ିଆଠାରେ ଭୂମିପୂଜନ ସରିବା ପରେ ସାଧୁସନ୍ଥଙ୍କୁ ସ୍ୱାଗତ କରି ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସହର ମଧ୍ୟ ଦେଇ ଆରଡ଼ି ଛକ, ନଳାଙ୍ଗ ହୋଇ ହସନପୁର ଗ୍ରାମ ପରିକ୍ରମା କରି ପୂଜନସ୍ଥଳୀକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁସନ୍ଥଙ୍କ ଦ୍ୱାରା ଗୋ-ମାତାଙ୍କୁ ପୂଜନ କରାଯିବା ସହିତ ହିନ୍ଦୁ ନବ ବର୍ଷ ପାଳନ କରାଯାଇଥିଲା। ଉତ୍କୃଷ୍ଟ ଗୋ ମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନିତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସାଧୁସନ୍ଥମାନେ ହସନପୁର ଗ୍ରାମରେ ପହଞ୍ଚିବା ପରେ ଗ୍ରାମର ମହିଳାମାନେ ଫୁଲ, ଚନ୍ଦନ ଦେଇ ଶଙ୍ଖ, ହୁଳହୁଳି ପକାଇ, କୀର୍ତ୍ତନ କରି ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇ ଯାଇଥିଲେ। ଶ୍ରୀରାମ ମହାଯଜ୍ଞ ସମିତିର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥମାନେ ଉକ୍ତ ସଭାରେ ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିବା ସହ ଗୌରବମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋ ମାହାତ୍ମ୍ୟ ଏବଂ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧୁସନ୍ଥମାନଙ୍କ ମଧ୍ୟରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ୱାମୀ ଦଣ୍ଡଧାରୀ ମହାରାଜ, ଚନ୍ଦନଶ୍ରୀ ମହାପାତ୍ର, ଗଙ୍ଗାରାମଦାସ ମହାରାଜ, ପ୍ରଦୀପ ନାୟକ ମହାରାଜ ଏବଂ ରବି ଦାସ ମହାରାଜ ହିନ୍ଦୁ ସମାଜ, ହିନ୍ଦୁତ୍ୱ, ହିନ୍ଦୁ ନବ ବର୍ଷ, ଗୋ ସେବା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମିତିର ସଭାପତି ନିତ୍ୟାନନ୍ଦ ନାୟକ, ଉପସଭାପତି ତ୍ରିଲୋଚନ ନାୟକ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହକୋଷାଧ୍ୟକ୍ଷ ଶିବ ଶଙ୍କର ଦାସ, ଉପଦେଷ୍ଟା ରାମ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨ହଜାରରୁ ଊର୍ଦ୍ଧ୍ୱ ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଂଗଠନ, ସଂଘର ବିବିଧ କ୍ଷେତ୍ର, କ୍ଲବ୍, ମେଢ଼ କମିଟିର ସଦସ୍ୟ ସାମିଲ୍ ହୋଇଥିଲେ।




# 'ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ପ୍ରଗତି ଅସମ୍ଭବ'

ଭଦ୍ରକ,୧୯।୩(ସମିସ): ଭଦ୍ରକ ଜିଲ୍ଲାର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସେବା ସଂଗଠନ ଡ. ନରହରି ବେହେରା ଟ୍ରଷ୍ଟ ଆନୁକୁଲ୍ୟରେ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ବର୍ଣ୍ଣବୋଧ ଦିବସ ପାଳିତ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ବର୍ଣ୍ଣବୋଧ ବିନା ଓଡ଼ିଆ ଭାଷାର ପ୍ରଗତି ଅସମ୍ଭବ ବୋଲି ମତବ୍ୟକ୍ତ କରିଛନ୍ତି। ଛବିଲତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଡ. ନରହରି ବେହେରା ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶେଷ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନିତ ଅତିଥି ଶିକ୍ଷାବିତ୍ ପଣ୍ଡିତ ଦୟାନିଧି ଦାଶ, 'ଅମୃତ ଦର୍ଶନ'ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ମୁଖ୍ୟବକ୍ତା ବିଶିଷ୍ଟ ବ୍ୟାକରଣବିତ୍, ଅବସରପ୍ରାପ୍ତ ଅଧ୍ୟାପକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ବର୍ଣ୍ଣବୋଧର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ତଥା ପ୍ରଶାସକ ଡ. ନରହରି ବେହେରାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବର୍ଣ୍ଣବୋଧ ଦିବସ ଦୀର୍ଘ ୧୨ବର୍ଷ ଧରି ପାଳିତ ହୋଇଆସୁଥିବାରୁ ଅତିଥିମାନେ ଟ୍ରଷ୍ଟକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଭଦ୍ରକ ମଣ୍ଡଳ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଶିକ୍ଷାବିତ୍ ଅନାଦି ଚରଣ ଦାସ ଓ କୃଷ୍ଣଚନ୍ଦ୍ର ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଦେବଦତ୍ତା ବେଦାନ୍ତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ରବିନାରାୟଣ ଖିଲାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ କର ସମ୍ପାଦକୀୟ ବକ୍ତବ୍ୟ ଏହି ଅବସରରେ ରଖିଥିଲେ। ବର୍ଣ୍ଣବୋଧସମ୍ପର୍କିତସାଧାରଣଜ୍ଞାନପରୀକ୍ଷାରେକୃତିତ୍ୱଅର୍ଜନକରିଥିବାଛାତ୍ରଛାତ୍ରୀଙ୍କୁପୁରସ୍କୃତକରାଯାଇଥିଲା। ସରୋଜ ବିଶ୍ୱାଳ, ତପନ ପଣ୍ଡା, ମନୋରମା ରାୟ ମଞ୍ଚ ପରିଚାଳନାରେ ସହଯୋଗ କରିଥିବାବେଳେ ଶ୍ରୀ ବେଦାନ୍ତ ଧନ୍ୟବାଦ ଦେଇଥିଲେ।




# ହନୁମାନ ମନ୍ଦିରର ୭ମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଅସୁରାଳି,୧୯।୩(ସମିସ): ପାଳସାହି ପଞ୍ଚାୟତ ଅନ୍ତର୍ଗତ ତେଲିପାଟଣା ଗ୍ରାମରେ ହନୁମାନ ମନ୍ଦିରର ୭ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରାୟ ୭୦ରୁ ଅଧିକ ପରିବାର ବସବାସ କରୁଥିବା ଏହି ଗ୍ରାମ, ଉତ୍ସବ ଅବସରରେ ଧାର୍ମିକ ଓ ସାମାଜିକ ଉତ୍ସାହରେ ମୁଗ୍ଧ ହୋଇପଡ଼ିଥିଲା। ବୈତରଣୀ ନଦୀରୁ ପୁଣ୍ୟପୟ ଆଣି ଘଟସ୍ଥାପନ କରି ଯଜ୍ଞର ଆରମ୍ଭ କରାଯାଇଥିଲା। ୩ ଦିନ ବ୍ୟାପୀ ପୂଜା ପଣ୍ଡିତ ଅମିତ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ କର୍ତ୍ତା ତାପସ ସାହୁ, ମାନି ସାହୁ, ନିତ୍ୟାନନ୍ଦ ସାହୁ, ଜୟନ୍ତୀ ସାହୁଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଗ୍ରାମର କର୍ମକର୍ତ୍ତା ହରିହର ସାହୁ, ଲିଟୁ ସାହୁ, ମାନସ ସାହୁ, ତାପସ ସାହୁ, ଭୀମସେନ ସାହୁ, ସୁଜିତ୍ ସାହୁ, ବାପିନା ସାହୁ, ମଣ୍ଟୁ ସାହୁ, ବିଜୁ ସାହୁ ଶାନ୍ତି ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟକ୍ରମ ସଫଳ କରିଥିଲେ। ଗ୍ରାମବାସୀଙ୍କ ସାମୂହିକ ପ୍ରୟାସରେ ଉତ୍ସବରେ ଏକତା ଓ ସମ୍ମିଳନର ଦୃଶ୍ୟ ପ୍ରକାଶିତ ହୋଇଥିଲା। ଉତ୍ସବରେ କଂଗ୍ରେସ ନେତା ରମେଶ ବେହେରା, ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ ଆଦି ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇଥିଲେ।



# ଆର୍‌ଆଇଙ୍କୁ ମାଡ଼ମାରି ଯୁବକ ଗିରଫ

ଭଦ୍ରକ,୧୯।୩(ସମିସ): ମହଙ୍ଗା ପଡ଼ିଲା ରାଜସ୍ୱ ନିରୀକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା। ଶେଷରେ ବନ୍ଧା ହେଲେ ଯୁବକ। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ୍ ଅଧୀନ ସାରଣା ରାଜସ୍ୱ ନିରୀକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ବେଆଇନ କାର୍ଯ୍ୟ କରିବାକୁ ବାଧ୍ୟ କରିବା ଓ ସେଥିରେ ସେ ରାଜି ନ ହେବାରୁ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ମାଡ଼ ମରିବା ଘଟଣା ବୁଧବାର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ରାଜସ୍ୱ ନିରୀକ୍ଷକ ତାପସ ରଞ୍ଜନ ଜେନା ଚାନ୍ଦବାଲି ତହସିଲ୍‌ଦାର ଓ ବାଂଶଡ଼ା ଥାନାରେ ଏ ବାବଦରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବାଂଶଡ଼ା ପୁଲିସ ତତ୍ପର ହୋଇ ଉଠିଥିଲା। ଅଭିଯୁକ୍ତ ଭୂଇଁବୃତି ପଞ୍ଚାୟତ ଜଗନ୍ନାଥପୁର ଗାଁର ସୁବାସ ଦାସକୁ ବୁଧବାର ରାତିରେ କଟକରୁ ଗିରଫ କରିଥିବା ଜଣାପଡ଼ିଛି।

# ଗୋରୁ ବୋଝେଇ ଗାଡ଼ି ଜବତ; ୧୩ ଉଦ୍ଧାର

ଭଣ୍ଡାରିପୋଖରୀ,୧୯।୩(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ପାଳଦାବାଙ୍କ ଚକବନ୍ଦୀ ଅଫିସ ନିକଟରେ ଗୁରୁବାର ସକାଳ ୬ଟାରେ ଏକ ଗୋରୁ ବୋଝେଇ ଗାଡ଼ି ଜବତ ହୋଇଥିବା ଜଣାଯାଇଛି। ବେଆଇନ ଗୋରୁ ପରିବହନ ହେଉଥିବା ସୂଚନା ପାଇ ପାଟ୍ରୋଲିଂ ପୁଲିସ ହାତରେ ସମ୍ପୃକ୍ତ ଗାଡ଼ି ଧରାପଡ଼ିଥିଲା। ମାତ୍ର ଗାଡ଼ି ଚାଳକ ଜଣକ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। ଗାଡ଼ିରେ ଅମାନୁଷିକ ଭାବେ ପରିବହନ ହେଉଥିବା ୧୩ଟି ଗୋରୁକୁ ବାସୁଦେବପୁର ଚାନ୍ଦିମାଳ ଗୋଶାଳାକୁ ପଠାଯାଇଥିବା ଜଣାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଦୁର୍ଘଟଣାରେ ହାଇୱା ଚାଳକ ମୃତ; ହେଲ୍‌ପର ଆହତ

ଭଣ୍ଡାରିପୋଖରୀ/ବାରିକପୁର,୧୯।୩(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଯାମିନିବିନ୍ଧା ପେଟ୍ରୋଲ ପମ୍ପ୍ ନିକଟରେ ଗୁରୁବାର ପ୍ରତ୍ୟୁଷରେ ସଡ଼କ ଦୁର୍ଘଟଣା ଘଟି ହାଇୱା ଚାଳକଙ୍କର ମୃତ୍ୟୁ ହୋଇଥିବାବେଳେ



ହେଲ୍‌ପର ଆହତ ହୋଇଥିବା ଜଣାଯାଇଛି। ଓଡି ୨୨ ଏସି ୩୩୬୬ ନଂ ବିଶିଷ୍ଟ ବାଲି ବୋଝେଇ ହାଇୱା ଭୋର୍ ୫ଟା ୧୫ରେ ଭଦ୍ରକ ଆଡ଼କୁ ଦ୍ରୁତ ଗତିରେ ଯାଉଥିବାବେଳେ ଯାମିନିବିନ୍ଧା ପେଟ୍ରୋଲ ପମ୍ପ୍ ନିକଟରେ ଏକ ମାଛ ବୋଝେଇ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ହାଇୱା ଷ୍ଟିଅରିଂରେ ଚାପି ହୋଇ ଚାଳକ ଭଦ୍ରକ ଟାଉନ୍ ଥାନା ଅନ୍ତର୍ଗତ ଗବସାହି ଗ୍ରାମର କୈଳାସ ମୁଣ୍ଡା(୩୧) ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ହେଲ୍‌ପର ସେହି ଗ୍ରାମର ଖଗେଶ୍ୱର ଯେନା(୨୯)ଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ଆହତ ହୋଇଥିବା ଜଣାଯାଇଛି। ଦୁର୍ଘଟଣା ଯୋଗୁଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ଗାଡ଼ି ଚଳାଚଳକୁ ସ୍ୱାଭାବିକ କରିବା ସହ ହାଇୱାକୁ ଜବତ କରିଥିଲା। ମାଛ ବୋଝେଇ ଗାଡ଼ିଟି ଫେରାର୍ ହୋଇ ଯାଇଥିଲା। ମୃତ ଚାଳକଙ୍କ ପଡ଼ୋଶୀ ଗବସାହିର ଅନିଲ ସାହୁଙ୍କ ଅଭିଯୋଗ କ୍ରମେ ଥାନାରେ ୧୩୪/୨୬ନଂ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଥିଲା। ସମ୍ମୁଖରେ ଯାଉଥିବା ଟ୍ରକ୍ ଅନିୟନ୍ତ୍ରିତ ଭାବେ ବ୍ରେକ୍ ମାରିବାରୁ ହାଇୱା ଚାଳକ ଭାରସାମ୍ୟ ହରାଇ ପିଟିଥିଲା ବୋଲି ଏତଲାରେ ଦର୍ଶାଯାଇଛି।

# ରାସନ ଓ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ୮୮ ବର୍ଷୀୟା ପାକନ

ଅସୁରାଳି,୧୯।୩(ସମିସ): ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ବାରିକଙ୍କ ସ୍ତ୍ରୀ ପାକନ ବାରିକ ୮୮ ବର୍ଷ ବୟସରେ ଉପନୀତ ହୋଇଥିବା ପାକନ ରାସନ କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ଯୋଗେ ନିଜର ଗୁଜୁରାଣ ମେଣ୍ଟାନ୍ତି। ମାତ୍ର ପ୍ରଶାସନିକ ତ୍ରୁଟି କହିବା କି ଭାଗ୍ୟର ବିଡ଼ମ୍ବନା ଯେଉଁ କାରଣରୁ ଦିନରାତି ଆଖିରୁ ଲୁହ ସରୁନି। ପ୍ରଶାସନର ଯୋଜନା ଅନୁଯାୟୀ ୮୦ ବର୍ଷ ବା ତଦୁର୍ଦ୍ଧ୍ୱ ବ୍ୟକ୍ତିଙ୍କର ଭତ୍ତା ଟଙ୍କା ୧୦୦୦ରୁ ବୃଦ୍ଧି ହୋଇ ୩୫୦୦ ହୋଇଛି। ମାତ୍ର ପାକନଙ୍କ କ୍ଷେତ୍ରରେ ଭିନ୍ନ ପାଲଟିଛି। ୮୮ ବର୍ଷ ବୟସରେ ଉପନୀତ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ଏତେ ପର୍ଯ୍ୟନ୍ତ ମିଳିନାହିଁ। କେବଳ ସେତିକି ନୁହଁ ରାସନ କାର୍ଡରେ ଯୋଉ କିଛି ଚାଉଳ ଆସିଥାଏ ସେତିକି ନେଇ ଗୁଜୁରାଣ ମେଣ୍ଟାଇବାକୁ କଷ୍ଟ ହୋଇପଡ଼େ। ମାତ୍ର ବର୍ଷେ ହେଲା ଆଧାର କାର୍ଡରେ ବାୟୋମେଟ୍ରିକ୍ ଭେରିଫିକେସନ୍ ହୋଇ ନ ପାରିବାରୁ ବିନା ରାସନରେ ବଞ୍ଚିବା କଷ୍ଟକର ହୋଇ ପଡ଼ିଲାଣି। ପାକନଙ୍କୁ ତୁରନ୍ତ ବର୍ଦ୍ଧିତ ଭତ୍ତା ସହିତ ରାସନ ଯୋଗାଇବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି।



# ଭଦ୍ରକ ସାହିତ୍ୟ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ଭଦ୍ରକ,୧୯।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଭଦ୍ରକ ସାହିତ୍ୟ ପରିଷଦର ୨ଦିନିଆ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରଥମ ଦିନ କାର୍ଯ୍ୟକ୍ରମ ପାଳନ ଅବସରରେ ତିନିଟି ଅଧିବେଶନ କରାଯାଇଥିଲା। ଉଦ୍‌ଘାଟନ ପର୍ବରେ ପରିଷଦର ସଭାପତି ଡ. ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେସନରେ ଉଦ୍‌ଘାଟକ ଭାବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀର ପତ୍ରିକା "ପ୍ରବାହ' ଶୀର୍ଷକ ମୌଳିକ ପ୍ରବନ୍ଧ ସମୂହର ଉନ୍ମୋଚନ କରିଥିଲେ। ସମ୍ପାଦକ ବିଜୟ ବହଳୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅଧିବେଶନରେ ମଞ୍ଚ ଆମନ୍ତ୍ରଣ କରିଥିଲେ ଗୀତାରାଣୀ ଆଇଚ, ଅତିଥି ପରିଚୟ ରଖିଥିଲେ ଉଷାରାଣୀ ଜେନା ଓ ସ୍ୱାଗତ ଭାଷଣ ଦେଇଥିଲେ ଝରଣା ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଡ. ବ୍ରଜମୋହନ ମିଶ୍ର, ସମାଜସେବୀ ଅଜୟ ନାୟକ, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସଭାପତି ସଦାଶିବ ନାୟକ, ଝରଣା ପଟ୍ଟନାୟକଙ୍କୁ ସାହିତ୍ୟ ପରିଷଦ ପୂର୍ବତନ ସଭାପତି ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବରିଷ୍ଠ ସଦସ୍ୟ ଭାବେ ଭଗବାନ ନାୟକ, ମୋହନ ଚରଣ ଖିଲାର, ଦାଶରଥି ପଣ୍ଡା, ଗୋଲକ ପ୍ରସାଦ ବୟାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨ୟ ଅଧିବେଶନରେ ଶାନ୍ତନୁ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଞ୍ଚ ଆମନ୍ତ୍ରଣ କରିଥିଲେ ବାବୁଲାଲ ଦାସ। ସ୍ତମ୍ଭ ଓ ପ୍ରବନ୍ଧ ସାହିତ୍ୟକୁ ଭଦ୍ରକର ଅବଦାନ ସମ୍ପର୍କରେ ଅଭୟ ଦ୍ୱିବେଦୀ, ଶିଶୁ ସାହିତ୍ୟକୁ ଭଦ୍ରକର ଅବଦାନ ସମ୍ପର୍କରେ ଡ. ମନୀନ୍ଦ୍ର ମହାନ୍ତି, ମୋଗଲ ତାମ୍‌ସା ଓ ଭଦ୍ରକ ସମ୍ପର୍କରେ ଲଲାଟେନ୍ଦୁ ମହାନ୍ତି, ଓଡ଼ିଆ ସାହିତ୍ୟର ପ୍ରବାହରେ ଭଦ୍ରକ ସାହିତ୍ୟ ପରିଷଦ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ଯେଉଁମାନଙ୍କର ଭୂମିକା ରହିଥିଲା ସୁଧାଂଶୁ ଶେଖର ରାୟ ଓ ରାଖାଲ ଚନ୍ଦ୍ର ଦାସଙ୍କ ସମ୍ପର୍କରେ ଡ. ପ୍ରମୋଦ କୁମାର ନାୟକ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନର ଡ. ଗୋଲକ ବିହାରୀ ସାହୁଙ୍କ ସଭାପତିତ୍ୱରେ ମୋ ଆଇନାରେ ଭଦ୍ରକ ସାହିତ୍ୟ ପରିଷଦ ବିଷୟରେ ଭାନୁମତି ମାଟିଆ, ଗୀତାରାଣୀ ଆଇଚ, ମୁକ୍ତିକାନ୍ତ ମଲ୍ଲିକ, ରତିକାନ୍ତ ବେହେରା, ଗୌତମ ମହାରଣା, ଅନିତା ନାୟକ, ଶରତ ନାୟକ ଆଦି ଆଲୋଚନା କରିଥିଲେ। ଏହାକୁ ସଞ୍ଚାଳନ କରିଥିଲେ ଡ. ଉତ୍ପଳା ନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର, ଗୌତମ ମହାରଣା, ରମେଶ ଚନ୍ଦ୍ର ଦାସ, ଲକ୍ଷ୍ମୀକାନ୍ତ ବାରିକ, ଗୌରାଙ୍ଗ ବାରିକ, ବିପ୍ଳବ ହୋତା।

# ବିନା ସୂଚନାଫଳକରେ ଚାଲିଛି ଡ୍ରେନ୍ ନିର୍ମାଣ

ବନ୍ତ/ଆଗରପଡ଼ା,୧୯।୩(ସମିସ)



ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳୀ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ରହିଛି। କିନ୍ତୁ ବନ୍ତ ବ୍ଲକ୍ ଆଗରପଡ଼ା ବଜାରରେ ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣାଧୀନ ପ୍ରକଳ୍ପ(ଡ୍ରେନ୍ ନିର୍ମାଣ)ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାର ସୂଚନାଫଳକ ନିର୍ମାଣ ଓ ସୂଚନା ଲେଖିବା ବାଧ୍ୟତାମୂଳକ କରିଥିବା ଓ ସର୍ବସାଧାରଣରେ ସରକାର

## ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ଚାଲିଛି କାର୍ଯ୍ୟ

କେଉଁ ବିଭାଗରୁ ଅର୍ଥ ପ୍ରଦାନ କରିଛନ୍ତି, କେତେ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି, କାହା ନାମରେ କାର୍ଯ୍ୟାଦେଶ ରହିଛି, କେଉଁ ଅଧିକାରୀ ତଦାରଖ କରୁଛନ୍ତି ଏବଂ କାର୍ଯ୍ୟାଦେଶର ଆରମ୍ଭ ଆଦି ସମ୍ପର୍କରେ ସୂଚନାଫଳକରେ ଲିପିବଦ୍ଧ ହେବାର ନିୟମ ରହିଛି। କିନ୍ତୁ ବିଭାଗ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଉନ୍ନୟନ କାର୍ଯ୍ୟ କରି ଚାଲିଛନ୍ତି। ତେଣୁ ସର୍ବସାଧାରଣରେ ସୂଚନା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସେହିପରି ଡ୍ରେନ୍ ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ ମଧ୍ୟ ହେଉଛି।

ସରକାରଙ୍କ ଧାର୍ଯ୍ୟ ନିୟମାନୁସାରେ, ଡ୍ରେନ୍ ନିର୍ମାଣ ହେଉ ନ ଥିବା ଓ ଠିକାଦାର ଏବଂ ଯନ୍ତ୍ରୀଙ୍କ ସଲାସୁତରାରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ପରିଲକ୍ଷିତ ହେଉଛି। ନିମ୍ନମାନର କାର୍ଯ୍ୟକୁ ତଦାରଖ କରିବାକୁ ବିଭାଗୀୟ ଅଧିକାରୀ କାର୍ଯ୍ୟସ୍ଥଳୀ ନିକଟକୁ ଆସୁ ନ ଥିବାରୁ ଠିକାଦାରଙ୍କ ମନମାନୀରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଡ୍ରେନ୍ ନିର୍ମାଣର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ନିର୍ମାଣ ସରୁସରୁ ପୁଣି ମରାମତି ମାଗିବା ପରିସ୍ଥିତି ସୃଷ୍ଟି ହେଉଛି। ନଭେମ୍ବର ମାସରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଠିକାଦାରଙ୍କ ମନମାନୀ ଯୋଗୁଁ ୫ ମାସ ପୂରିବାକୁ ବସିଥିବା ପରେ ବି କେବେ ନିର୍ମାଣ ସରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ନିର୍ମାଣରେ ଅନିୟମିତତା ଯୋଗୁଁ ବ୍ୟବସାୟୀଙ୍କ ସମେତ ଗ୍ରାହକ ଓ ବିଭିନ୍ନ ଅଞ୍ଚଳର ବାସିନ୍ଦା ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଜନୈକ ବ୍ୟବସାୟୀ ତାଙ୍କ ବ୍ୟାବସାୟିକ ଅନୁଷ୍ଠାନକୁ ଯିବା ସମୟରେ ନିର୍ମାଣାଧୀନ ଡ୍ରେନ୍‌ରେ ଖସିପଡ଼ି ଖଣ୍ଡିଆଖାବରା ହେବା ସହ ବଡ଼ଧରଣର ବିପଦରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। କାର୍ଯ୍ୟ ବିଳମ୍ବକୁ ନେଇ ବ୍ୟବସାୟୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଉକ୍ତ ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ ଫୋନ୍ ରିସିଭ୍ କରି ନ ଥିବାରୁ କୌଣସି ପ୍ରତିକ୍ରିୟା ନିଆଯାଇପାରି ନ ଥିଲା। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟସ୍ଥଳୀ ନିକଟରେ ସୂଚନାଫଳକ ନିର୍ମାଣ କରିବା ଓ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସରକାରଙ୍କ ଧାର୍ଯ୍ୟ ନିୟମାନୁସାରେ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।

# ବିଭିନ୍ନ ଏଜେନ୍ସିରେ ଗ୍ୟାସ୍‌ର କୃତ୍ରିମ ଅଭାବ

● ଜନସାଧାରଣ ନାହିଁ ନ ଥିବା ହୀନସ୍ତା
● ଏଜେନ୍ସି ଆଗରେ ଲୋକଙ୍କ ଲମ୍ବା ଲାଇନ

ହିନ୍ଦୋଳ,୧୯ ।୩(ସମିସ)

ହିନ୍ଦୋଳ ଉପଖଣ୍ଡରେ ଏବେ ଗ୍ୟାସ କୃତ୍ରିମ ଅଭାବ ଯୋଗୁଁ ଜନସାଧାରଣ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଗ୍ୟାସଟିଏ ପାଇବା ପାଇଁ ଲୋକେ ସକାଳୁ ସଞ୍ଜ ଯାଏ ଏଜେନସି ଆଗରେ ଛିଡ଼ା ହେବାକୁ ପଡୁଛି। ଏଣେ କିଛି ଏଜେନ୍ସି ମାଲିକ ଗ୍ୟାସ କଳାବଜାରୀ କରି ନିର୍ଦ୍ଧାରିତ ଦରଠାରୁ ୩ ଶହ ଟଙ୍କା ଅଧିକରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ଗ୍ୟାସ ବୁକିଂ ଅବଧି ୧୫ ଦିନ ଥିବାବେଳେ ପରେ ୨୫ ଦିନ ଓ ଏବେ ୪୫ ଦିନକୁ ବୃଦ୍ଧି କରାଯାଇଛି। ଏପରିକି ଗ୍ୟାସ ଏଜେନସିମାନେ ମୋବାଇଲ ବନ୍ଦ କରିଦେଲେଣି। ଏହାର ସୁଯୋଗ ନେଇ ସରକାରଙ୍କ ଜାଣତରେ କଳାବଜାରୀ କରିବାକୁ କିଛି ଅସାଧୁ ବ୍ୟବସାୟୀ ଉଦ୍ୟମ ଆରମ୍ଭ କରିଥିବା ଅଭିଯୋଗ ହେଉଛି। ଏବେ ରୋଷେଇ ଘରେ ଗ୍ୟାସର ଅଭାବ ଦେଖାଦେଲାଣି ଯାହାକି ଅସହ୍ୟ ହୋଇଛି।

ହିନ୍ଦୋଳର କୁକୁଟା, କାରନ୍ଦା, ଦୁଦୁରକୋଟ, ହିନ୍ଦୋଳ, ରାସୋଳ ଆଦି ସ୍ଥାନରେ ବିତରକ ମାଧ୍ୟମରେ ଇଣ୍ଡେନ, ଭାରତ ଆଦି କମ୍ପାନୀର ଗ୍ୟାସ ଯୋଗାଇ ଦିଆଯାଉଛି। ବୁକିଙ୍ଗ ନମ୍ବରରେ ବୁକ କରି ଗ୍ୟାସକୁ ହୋମ ଡେଲିଭରି ମଧ୍ୟରେ କମ୍ପାନୀଗୁଡ଼ିକ ନିଜ ଗାଡିରେ ଗ୍ରାହକମାନଙ୍କ ଘରେ ଗ୍ୟାସ ପହଞ୍ଚାଇ ଦେଉଥିଲେ। ମାତ୍ର ଏବେ ଗ୍ୟାସ ବୁକିଙ୍ଗ ଫୋନ ନଂ କୁ ବ୍ଲକ କରି ଦିଆଯାଇଛି। ଏବେ ଫୋନ ମାଧ୍ୟମରେ ଗ୍ୟାସ ବୁକ୍ କରି ହେଉନାହିଁ। ଫଳରେ ସରକାର ଗ୍ୟାସର ଅଭାବ ନାହିଁ କହୁଥିବା ବେଳେ ଲୋକଙ୍କୁ ରୋଷେଇ ପାଇଁ ଗ୍ୟାସ ମିଳୁ ନାହିଁ। ବହୁ ହୋଟେଲ ଢାବାକୁ, ବ୍ୟବସାୟୀକ ଅନୁଷ୍ଠାନକୁ ଅତି ସହଜରେ ଗ୍ୟାସ ମିଳୁଥିବା ବେଳେ ସାଧାରଣ ଲୋକ ଗ୍ୟାସଟିଏ ବୁକିଙ୍ଗ କରି ନ ପାରି ବହୁ ହଇରାଣ ହେଉଥିବା ଦେଖାଯାଉଛି। ଯାହାକି ପୂର୍ବରୁ କେବେ ଏଭଳି ଦେଖାଯାଉ ନଥିଲା। ଏଠାରେ ଗ୍ରାହକମାନଙ୍କୁ ମଧ୍ୟ ବିଭିନ୍ନ ଉପାୟରେ ହଇରାଣ କରାଯାଉଥିବାର ଅଭିଯୋଗ ହେଉଛି। ଭାରତ ସରକାର ଏବଂ ରାଜ୍ୟ ସରକାର ଗ୍ୟାସର ଅଭାବ ନାହିଁ କହୁଥିବା ବେଳେ ଚଢା ଦରରେ କଳା ବଜାରରେ ବିକ୍ରୟ ହେଉଥିବା ଦେଖିବାକୁ ମିଳୁଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସାଧାରଣ ଜନତା କିପରି ସୁରୁଖୁରୁରେ ଗ୍ୟାସ ପାଇପାରିବେ ଓ କଳାବଜାରୀରେ ଲିପ୍ତ ଥିବା ଏଜେନସି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।




# ଯୁବକଙ୍କ କଙ୍କାଳ ଜବତ

## ମୃତ୍ୟୁ ପୂର୍ବରୁ ଭିଡିଓ ପୋଷ୍ଟ



ପରଜଙ୍ଗ,୧୯ ।୩(ସମିସ): ପରଜଙ୍ଗ ଥାନା କନ୍ଦରସିଂହା ଦଳିତ ବସ୍ତିର ଗଣେଶ ନାୟକ (୨୩) ଫେବୃଆରୀ ୧୫ରୁ ନିଖୋଜ ଥିବା ବେଳେ ପରିବାର ଲୋକ ଖୋଜାଖୋଜି କରି ନିରାଶ ହେବାପରେ ୨୦ ତାରିଖ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗଣେଶ ଆତ୍ମହତ୍ୟା ପୂର୍ବରୁ ତାଙ୍କ ମୋବାଇଲ୍‌ରେ ଏକ ଭାବବିହ୍ୱଳ ଭିଡିଓ ପୋଷ୍ଟ କରିଥିଲେ। ସେହିଦିନଠାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କ ସନ୍ଧାନ ପାଇ ନ ଥିଲେ। ବୁଧବାର ସନ୍ଧ୍ୟାରେ ପରଜଙ୍ଗ ଶାଖା କେନାଲର କନ୍ଦରସିଂହା ଛକରୁ ଦୂରରେ ଏକ କଙ୍କାଳ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଗଣେଶଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ପହଞ୍ଚି କଙ୍କାଳର ବେକରେ ଲାଗିଥିବା ଗାମୁଛା ଓ ତଳେ ପଡ଼ିଥିବା ଚପଲରୁ ଏହା ଗଣେଶଙ୍କର ବୋଲି ଚିହ୍ନଟ କରିବା ସହ ପୁଲିସକୁ ଖବର ଦେଇଥିଲେ। ଥାନା ଏଏସଆଇ ଯୁଗଳ ପ୍ରଧାନ, ଜଳନ୍ଧର ବାରିକ ପହଞ୍ଚି କଙ୍କାଳ ଜବତ କରିଛନ୍ତି। ଏକ ଗଛରେ ଅଧା ଗାମୁଛା ବନ୍ଧା ହୋଇଥିବା ଅବସ୍ଥାରେ ଥିବା ବେଳେ କଙ୍କାଳ ବେକରେ ଅଧା ଗାମୁଛା ଲାଗି ତଳେ ପଡ଼ି ରହିଥିଲା। ତେଣୁ ଗଣେଶ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗୁରୁବାର ଉକ୍ତ କଙ୍କାଳକୁ କଟକ ଏସସିବି ମେଡିକାଲର ଏଫଏମ୍ ବିଭାଗକୁ ଯାଞ୍ଚ ପାଇଁ ପଠାଯାଇଥିବା ତଦନ୍ତକାରୀ ଏସଆଇ ସୁଶ୍ରୀ ଅନାମିକା ସୂଚନା ଦେଇଛନ୍ତି।

# ଉଦ୍ଧାର କୁଟୁରା କପିଳାସ ଗଲା



ପରଜଙ୍ଗ,୧୯ ।୩(ସମିସ): ୫୩ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବାଇପାସ୍ ରାସ୍ତା ନିକଟରେ ଥିବା କୁନାଲ ଠିକାସଂସ୍ଥା ମଧ୍ୟସ୍ଥ ଏକ ପରିତ୍ୟକ୍ତ କୂଅରୁ ଗୁରୁବାର ଅପରାହ୍ନରେ ଅଗ୍ନିଶମ ବିଭାଗ କର୍ମଚାରୀ ଏକ କୁଟୁରା ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। କୁଟୁରାଟି କୂଅରେ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ କୁଟୁରାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା ପହଞ୍ଚି କୁଟୁରାକୁ ପରଜଙ୍ଗ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଇବା ପରେ କପିଳାସ ଚିଡ଼ିଆଖାନା ପଠାଇଥିଲେ। ଉଦ୍ଧାର କୁଟୁରାର ବୟସ ପ୍ରାୟ ୨ ବର୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

# ବନାଗ୍ନି ପ୍ରତିରୋଧ ସଚେତନତା ଅଭିଯାନ

କଙ୍କଡ଼ାହାଡ଼,୧୯ ।୩(ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ରେଞ୍ଜସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଏସିଏଫଓ ସତ୍ୟନାରାୟଣ ସାହୁ ଯୋଗଦେଇ କହିଲେ, ଜଙ୍ଗଲ ରହିଲେ ସୃଷ୍ଟି ରହିବ। ସାମ୍ପ୍ରତିକ ସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ ଏକମାତ୍ର ଉପାୟ ନୂତନ ଜଙ୍ଗଲ ସୃଷ୍ଟି। ଜଙ୍ଗଲ ଉପରେ ମନୁଷ୍ୟ, ପଶୁପକ୍ଷୀ ସମସ୍ତେ ନିର୍ଭରଶୀଳ। ଜଙ୍ଗଲ ନଷ୍ଟ ହେଲେ ଆଗାମୀ ପିଢ଼ି ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅମ୍ଳଜାନ ଥଳି କିଣି ବ୍ୟବହାର କରିବେ ବୋଲି ସେ କହିଥିଲେ। ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ଆବଶ୍ୟକ ବୋଲି ଆହ୍ୱାନ କରିଥିଲେ। କିଛି ଅସାମାଜିକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ନଷ୍ଟ କରୁଛନ୍ତି। ଏଭଳି ଅମାନବୀୟ କାର୍ଯ୍ୟରୁ ବିରତ ରହିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ମହାବିରୋଡ ଥାନା ଅଧିକାରୀ କାଶୀନାଥ ହାଁସଦା, ଦଶୀପୁର ସରପଞ୍ଚ ସୁଧୀର ପାଳ, ପଡ଼ାତିରା ସରପଞ୍ଚ କରୁଣାକର ସାହୁ, ବାମ ସରପଞ୍ଚ ଫକୀର ଚରଣ ମହାନ୍ତ, ବାମ ସମିତି ସଭ୍ୟା ଲକ୍ଷ୍ମୀ ହେସା, ସମାଜସେବୀ ଟିକମ ହାତୀ ପ୍ରମୁଖ ଯୋଗଦେଇଥିଲେ। ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସଚେତନ କରାଯାଇଥିଲା।

# ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼

ଖଜୁରିଆକଟା,୧୯ ।୩(ସମିସ): ବୁଧବାର ଅପରାହ୍ନରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଦେଖିବାକୁ ମିଳିଥିଲା। ହଠାତ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା। ତୁହାକୁ ତୁହା କୁଆପଥର ପଡ଼ିଥିଲା। ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବର୍ଷା ଓ କୁଆପଥର ମାଡ଼ ହୋଇଥିଲା। ଏହି ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ବ୍ୟାପକ ଫସଲ ନଷ୍ଟ ହୋଇଛି। କିଛି ଲୋକଙ୍କ ଘର ମଧ୍ୟ ଭାଙ୍ଗିଛି।



# କୃଷକ ମେଳା ଓ କୃଷି ପ୍ରଦର୍ଶନୀ

ଢେଙ୍କାନାଳ,୧୯ ।୩(ସମିସ): ଢେଙ୍କାନାଳ ଜିଲ୍ଲା ଶିମିଳିପାଟଣା ଗ୍ରାମରେ କୃଷକମାନଙ୍କ ଜ୍ଞାନ ବୃଦ୍ଧି ଓ ନୂତନ କୃଷି ପ୍ରଯୁକ୍ତିର ପ୍ରଚାର ପାଇଁ କୃଷକ ମେଳା ଓ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି କୃଷକ ମେଳା ଓ ପ୍ରଦର୍ଶନୀ ସର୍ବ ଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ର ଓ ଭାପୁର ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର କୃଷକମାନେ ଯୋଗଦେଇ ଆଧୁନିକ




କୃଷି ପ୍ରଣାଳୀ, କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ଯନ୍ତ୍ରପାତି ବିଶେଷ କରି ଖାଦ୍ୟ ପ୍ରକ୍ରିୟାକରଣରେ ବ୍ୟବହାର ହେଉଥିବା ଯନ୍ତ୍ରପାତି ସମ୍ପର୍କରେ ଅବଗତ ହୋଇଛନ୍ତି।

ମୁଖ୍ୟଅତିଥି ଭାବେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀହାର ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ଯୋଗଦେଇ କୃଷିର ଉନ୍ନତି, ଉତ୍ପାଦନ ବୃଦ୍ଧି ଓ କୃଷକଙ୍କ ଆୟ ବୃଦ୍ଧି ପାଇଁ ନୂତନ ଉଦ୍ୟମ ବିଷୟରେ ଅଲୋଚନା କରିଥିଲେ। ଆଗାମୀ ଦିନରେ ବଳଦେବଜୀଉ କୃଷକ ଉତ୍ପାଦକ କମ୍ପାନୀ ପାଇଁ ଗୋଟିଏ ତେଲପେଢ଼ା ମେସିନ ଓ କଷ୍ଟମ ହାୟରିଂ ସେଣ୍ଟର ସ୍ଥାପନ କରିବା ପାଇଁ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିମଳେନ୍ଦୁ ମହାନ୍ତି ଏହାକୁ ସମର୍ଥନ କରିଥିଲେ। ଏହି ଅବସରରେ ବିଭିନ୍ନ ଷ୍ଟଲରେ କୃଷି ଯନ୍ତ୍ରପାତି, ଅମଳ ପରବର୍ତ୍ତୀ ଓ ଖାଦ୍ୟ ପ୍ରକ୍ରିୟାକରଣ ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। କୃଷକମାନଙ୍କୁ ବ୍ୟବହାରିକ ଜ୍ଞାନ ଦିଆଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶେଷ ବକ୍ତା ଭାବେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଶିବରାମ ପାଣିଗ୍ରାହୀ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଅନୁପ ବେହେରା, ଢେଙ୍କାନାଳ ଏଫିଏସ୍‌ର ଟିମ୍ ଲିଡର ପ୍ରଣବ ନାୟକ, ସମାଜସେବୀ ଏସକେ ଅବଦୁଲ ସଫିକ ଓ କୃଷିଦା ବେଗମ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଗ୍ରାଣ୍ଟ ଥର୍ଣ୍ଟନ ଭାରତ ଦ୍ୱାରା ଗଠନ ହୋଇଥିବା ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀର ୩ୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଆଗାମୀ ବର୍ଷର କାର୍ଯ୍ୟ ଯୋଜନା ପ୍ରସ୍ତୁତି କରାଯାଇଥିଲା। ଭାପୁର ଅଞ୍ଚଳ ପାଇଁ ଏକ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀର ସମସ୍ତ ବୋର୍ଡ ଅଫ ଡାଇରେକ୍ଟର, ୩୦୦ରୁ ଅଧିକ ମହିଳା, ବିକାଶ କୁମାର ସାହୁ, ରାଜକୁମାର ପ୍ରଧାନ, ଆଶିଷ କୁମାର ଜେନା, ବୁଲୁ ଜେନା, ଶିମିଳିପାଟଣା ଗ୍ରାମର ଦୁର୍ଯ୍ୟୋଧନ ସାହୁ, ଶିବ ଆଲୁକ, ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନାରାୟଣ ଖଟୁଆ, ଧନ୍ୟବାଦ ଅର୍ପଣ କରିଥିଲେ।

# ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପୁନଃ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




ଢେଙ୍କାନାଳ,୧୯ ।୩(ସମିସ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା, ଭୁବନେଶ୍ୱର, ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ୍ ଉଚ୍ଚ ବିଦ୍ୟାଳୟରେ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପୁନଃ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଇତିଶ କୁମାର ବରାଳଙ୍କ ଆବାହକତ୍ୱ, ଶାରୀରିକ ଶିକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଦିନିକିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ବରାଳ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ସୃଷ୍ଟି କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ଓ ୟୁନେସ୍କୋର ଆଜୀବନ ସଦସ୍ୟ, ପ୍ରାକ୍ତନ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସେପାର ରାଜ୍ୟ ମୁଖ୍ୟ ସଂସାଧନ କର୍ମୀ ମାନସ କୁମାର ମହାନ୍ତି, ଅଭିନଭ ବିନ୍ଦ୍ରା ଫାଉଣ୍ଡେସ ଟ୍ରଷ୍ଟର ପ୍ରକଳ୍ପ ସଞ୍ଚାଳକ ଅମିତ ମଲ୍ଲିକ, ପ୍ରଶିକ୍ଷିକା ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନ,୧୯ ।୩(ସମିସ): ଭୁବନ ବ୍ଲକ ମୃଦଙ୍ଗା, ବାଲିବୋ, ଭୁଷଳ, କୁନିନ୍ଦା, ଯମୁନାକୋଟେ, ସୁରପ୍ରତାପପୁର, ଧଳପଡ଼ା, ମାର୍ଥାପୁର ଏବଂ ଦିଘୀ ପଞ୍ଚାୟତର ୧୨ ସ୍ଥାନରେ ଆଇନଜୀବୀ ଇଂ. ଦେବାଶିଷ ହୋତାଙ୍କ ନିର୍ଦ୍ଦେଶରେ ବିଜେପି ପକ୍ଷରୁ ଯୁବ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବକମାନଙ୍କୁ ନିଜ ଅଭିଯୋଗଗୁଡ଼ିକୁ ସଠିକ ଭାବେ ଡ୍ରାଫ୍ଟ କରି ଡିଜିଟାଲ ମାଧ୍ୟମରେ ଦାଖଲ କରିବା ବିଷୟରେ ସଚେତନ କରାଯାଇଛି। ଭାରତ ସରକାରଙ୍କ ସିପିଜିଆରଏଏମଏସ ପୋର୍ଟାଲ ଏବଂ ଓଡ଼ିଶା ସରକାରଙ୍କ ଜନଶୁଣାଣି ଆପ୍ ବିଷୟରେ ପ୍ରାୟୋଗିକ ଶିକ୍ଷା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା କାଳନ୍ଦୀ ଚରଣ ବେହେରା ଯୋଗଦେଇ ଯୁବକମାନଙ୍କୁ ମାର୍ଗଦର୍ଶନ କରିଥିଲେ।




# ଜିଏମଆର ପକ୍ଷରୁ ସାଇକଲ ଓ ଲାପଟପ ବଣ୍ଟନ



ଢେଙ୍କାନାଳ,୧୯ ।୩(ସମିସ): ଓଡ଼ାପଡ଼ା ବ୍ଲକ କମଳାଙ୍ଗସ୍ଥିତ ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡ (ଜିକେଇଏଲ) ପକ୍ଷରୁ କାର୍ଯ୍ୟରତ ଶ୍ରମିକମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ସହ ଅଞ୍ଚଳର ବିକାଶ ଦିଗରେ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ଜିକେଇଏଲ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସହଯୋଗ' ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଏଡିଏମ ଲଳିତ ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଡିଏମ କମ୍ପାନୀର ୬୦ ଶ୍ରମିକଙ୍କୁ ସାଇକଲ ବଣ୍ଟନ କରିଥିଲେ। ଏହାସହ ୧୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପଟପ, ୫୦ ଜଣଙ୍କୁ ହାତଘଣ୍ଟା ଓ ୧୦ ଜଣଙ୍କୁ ସିଲେଇ ମେସିନ ବଣ୍ଟନ କରିଥିଲେ। କମ୍ପାନୀର ପ୍ରକଳ୍ପ ମୁଖ୍ୟ ମନୋଜ ମିଶ୍ର ଓ ପ୍ଲାଣ୍ଟ ମୁଖ୍ୟ ରଘୁନାଥ ପିଭି ଉପସ୍ଥିତ ଥିଲେ। ପ୍ରତିବର୍ଷ କମ୍ପାନୀ କର୍ମଚାରୀ ଓ ଆସୋସିଏଟ ଏଜେନ୍ସିମାନେ ସ୍ୱେଚ୍ଛାକୃତ ଭାବେ ଅର୍ଥ ସଂଗ୍ରହ କରି "ସହଯୋଗ ଉତ୍ସବ" ପାଳନ କରିବା ସହ କମଳାଙ୍ଗ ଓ ମଙ୍ଗଳପୁର ପଞ୍ଚାୟତର ବିକାଶ କ୍ଷେତ୍ରରେ ବିନିଯୋଗ କରିଆସୁଛନ୍ତି।

# ରାଷ୍ଟ୍ରୀୟ ନବବର୍ଷ ପାଳିତ

ଖଜୁରିଆକଟା,୧୯ ।୩(ସମିସ): ଧଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି। ମୁଖ୍ୟବକ୍ତା ଭାବେ ନିର୍ମଳ କୁମାର ଆଚାର୍ଯ୍ୟ ଯୋଗଦେଇ ଶିଶୁ ଭାଇ ଭଉଣୀମାନଙ୍କୁ ରାଷ୍ଟ୍ରୀୟ ନବବର୍ଷ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ସର୍ବେଶ୍ୱର ସାହୁ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ତିଳୋତ୍ତମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ, ସେବକ, ସେବିକା ସହଯୋଗ କରିଥିଲେ।



# ଢେଙ୍କାନାଳ ସହରରେ ହଜିଯାଇଛି ସିନେମାର କ୍ରେଜ୍

ଢେଙ୍କାନାଳ,୧୯ ।୩(ସମିସ)

ଢେଙ୍କାନାଳ ଜିଲ୍ଲା ତଥା ସହରରେ ଦିନେ ସନେମା ପାଇଁ ଦର୍ଶକଙ୍କ ଖଚାଖଚ ଭିଡ଼ ମଧ୍ୟରେ ଆମୋଦ ପ୍ରମୋଦର ଖୋରାକ ସାଜିଥିଲା। ଆଜି କିନ୍ତୁ ସହରରେ ହଜିଯାଇଛି ସିନେମାର କ୍ରେଜ। କେଉଁଠି ହଲ ଭାଙ୍ଗିଗଲାଣି ତ କେଉଁଠି ସପିଙ୍ଗ ମଲ ଖୋଲିଲାଣି। କେଇଁଠି କଲ୍ୟାଣ ମଣ୍ଡପ ସାଜିଲାଣି ତ କେଉଁଠି ବିଦ୍ୟାଳୟ ହେଲାଣି। ଏବେ ସିନେମା ପାଇଁ ହଲ ନୁହଁ ବରଂ ସୋସିଆଲ ମିଡିଆ ହିଁ ଦର୍ଶକଙ୍କ ସାହାରା ପାଲିଟିଛି।

ଦିନ ଥିଲା ଢେଙ୍କାନାଳ ସହରରେ ସିନେମା ଦେଖିବାର ମଜା ଥିଲା ନିଆରା। କିନ୍ତୁ ହଲରେ ସିନେମା ଦେଖିବା ଏବେ ସ୍ୱପ୍ନ ହୋଇ ରହିଯାଇଛି। ଯେଉଁଠି ହଲ ସମ୍ମୁଖରେ ଭିଡ଼ ଜମୁଥିବା ବେଳେ ଟିକେଟ କାଉଣ୍ଟରରେ ଭିଡ଼ ଲାଗୁଥିଲା ସେଭଳି ମାହୋଲ ଆଉ ନାହିଁ। ପରିବାର ସାଥୀ ହୋଇ ସିନେମା ଦେଖିବା ଏବେ ସ୍ୱପ୍ନ ହୋଇଛି। ୫୦ ଟଙ୍କା ବାଲକୋନି ଟିକେଟକୁ ପାଞ୍ଚଶହରେ କିଣିବା ଏବେ ପୂରା ଠପ ହୋଇଛି। ରଜ ହେଉ କି ଦଶହରା, ଗଜଲକ୍ଷ୍ମୀ ପୂଜା ତ ସିନେମା ଦର୍ଶକ ଏବଂ ପ୍ରଯୋଜକମାନଙ୍କ ପାଇଁ ଥିଲା ପୁଷମାସ। ରଜ ସମୟରେ ଦିନକୁ ଚାରି ଚାରିଟି ସୋ ଚାଲୁଥିବା ବେଳେ ସକାଳୁ ରାତି ଯାଏ ଭିଡ଼ ଜମି ରହୁଥିଲା। ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତେ ସିନେମାର ମଜା ନେଉଥିଲେ। ଗଜଲକ୍ଷ୍ମୀ ପୂଜା ସମୟରେ ରାତିତମାମ ସିନେମା ଚାଲେ। ଟିକେଟଟିଏ ମିଳିବା କାଠିକର ପାଠ ହେଉଥିଲା। ଏବେ କିନ୍ତୁ ବଦଳି ଯାଇଛି ସମୟ। ଜିଲ୍ଲାରେ ଏବେ ଗୋଟିଏ ସିନେମା ହଲ ବି ନାହିଁ। ନୂଆ ମୁଭି ହଲରେ ଦେଖିବା ଏବେ ସ୍ୱପ୍ନ ପାଲଟିଛି। ଯୁବପିଢ଼ିଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏବେ ନୂତନ ହଲ ଅପେକ୍ଷାରେ ରହିଛନ୍ତି।

ସହରରେ ପୂର୍ବରୁ ୪ଟି ସିନେମା ହଲ ଥିଲା। ପ୍ରଥମ ହଲ ହେଉଛି ମିଶ୍ର ଟକିଜ ବା କଥାଚିତ୍ର। ପରେ ଜଲାରାମ, ମହାଲକ୍ଷ୍ମୀ, ଅମରନାଥ ହଲ କାର୍ଯ୍ୟକ୍ଷମ ହୋଇଥିଲା। କାଳକ୍ରମେ ବହୁ ବର୍ଷ ଚାଲିବା ପରେ ଏସବୁ ଥିରେ ଏବେ ତାଲା ଝୁଲୁଛି। ଜଲାରାମ ଏବେ ସ୍କୁଲରେ ପରିଣତ ହୋଇଥିବା ବେଳେ ମହାଲକ୍ଷ୍ମୀ ରାସ୍ତା ପାଇଁ ଜମି ଅଧିଗ୍ରହଣରେ ତା'ର ଅସ୍ତିତ୍ୱ ହରାଇଛି। ଆଉ ଅମରନାଥ ନୂଆ ଯୁଗରେ ନିଜକୁ ସଜାଡ଼ି ଦୌଡ଼ିବା ଆରମ୍ଭ କରୁଥିବା ବେଳେ ପୁଣି କଚାଡ଼ି ହୋଇପଡ଼ିଲା ଯେ ଦୁଇ ତିନି ବର୍ଷ ହେବ ଆଉ ସଳଖି ପାରୁନାହିଁ। ଯାହାକୁ ନେଇ ସିନେପ୍ରେମୀ ଓ ପୂର୍ବତନ ମାଲିକମାନେ ବେଶ ଚିନ୍ତା ପ୍ରକଟ କରିଛନ୍ତି। ସିନେମା ହଲ ବନ୍ଦ ହେବାର ଅନେକ କାରଣ ରହିଥିବା ବେଳେ ମୋବାଇଲ ଶସ୍ତା ଇଣ୍ଟରନେଟ ଏହାର ମୁଖ୍ୟ କାରଣ କୁହାଯାଉଛି। ଏହାବାଦ ସୋ'ଗୁଡ଼ିକର ଅହେତୁକ ଟଙ୍କା ବୃଦ୍ଧି ଅନ୍ୟ ଏକ କାରଣ ବୋଲି ପୂର୍ବ ହଲ ମାଲିକ କହିଛନ୍ତି। ହେଲେ ସିନେମା ହଲରେ ସିନେମା ଦେଖିବା ମଜା ମୋବାଇଲରେ ମିଳିବ ନାହି, ଆଗକୁ ହଲ ଖୋଲିବ ବୋଲି ଉଭୟ ମାଲିକ ଓ ସିନେପ୍ରେମୀ ଆଶା ରଖିଛନ୍ତି। ସରକାର ଯଦି ଚାହିଁବେ ତେବେ ଢେଙ୍କାନାଳବାସୀ ପୁଣି ହଲ ଯାଇ ଫିଲ୍ମ ଦେଖିପାରିବେ। ଢେଙ୍କାନାଳ ଲୋକ ନୂଆ ନୂଆ ସିନେମାର ଆନନ୍ଦ ନେଇପାରିବେ ବୋଲି ଦାବି ହୋଇଛି।



# ଅସହାୟ ବୃଦ୍ଧଙ୍କ ଅନ୍ତିମ ସଂସ୍କାର କରାଇଲେ ନଗରପାଳ

ଭୁବନ,୧୯ ।୩(ସମିସ): ଭୁବନ ଏନଏସି ୨ ନମ୍ବର ୱାର୍ଡ ନୂଆ ବଜାର ବାସିନ୍ଦା ଅସହାୟ ଦଳିତ ବୃଦ୍ଧ ଭୀମ ମଳିକ (୭୫)ଙ୍କ ଅନ୍ତିମ ସଂସ୍କାରରେ ସହଯୋଗ କରିଛନ୍ତି ନଗରପାଳ ଶୁଭେନ୍ଦୁ କୁମାର ସାହୁ। ଭୀମଙ୍କ ସ୍ତ୍ରୀ ୬ ମାସ ପୂର୍ବେ ମୃତ୍ୟୁବରଣ କରିଥିଲେ। ବଡ଼ପୁଅ ଅଜୟ ମଳିକ (୪୫) ପାଗଳ। ମଝିଆ ପୁଅ ସଞ୍ଜୟ ମଳିକ (୪୦) ରାଜ୍ୟ ବାହାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଏକ ଦୁର୍ଘଟଣାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଭୀମଙ୍କ ସାହାଭରସା କହିଲେ ସାନପୁଅ କବିର (୩୫)। ଭୀମ ପକ୍ଷାଘାତ ରୋଗରେ ପୀଡ଼ିତ ହେବା ପରେ କବିର ତାଙ୍କୁ ପ୍ରଥମେ କାନ୍ଧରେ ବୋହି ଓ ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗବନ୍ଧୁ ଜରାଶ୍ରମ ତରଫରୁ ମିଳିଥିବା ହୁଇଲ ଚେୟାରରେ ହାଟ ବଜାର ବୁଲି ଭିକ୍ଷାମାଗି ପେଟକୁ ଦାନା ଯୋଗାଡ଼ କରୁଥିଲେ। ତେବେ ଦୁର୍ଭାଗ୍ୟକୁ ଗତ ୩ ତାରିଖ କବିରଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ତାଙ୍କ ଘର ମଧ୍ୟ ପୋଡ଼ିଯାଇଥିଲା। କଥାରେ ଅଛି, ଦଇବ ଯେତେବେଳେ ଦାଉ ସାଧେ, ସବୁ କିଛି ଛଡ଼ାଇନିଏ। ଭୀମଙ୍କର ସେହିଭଳି ସ୍ଥିତି ଉପୁଜିବାରୁ ଶେଷରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୁରୁଣା ଥାନା କ୍ୱାର୍ଟର୍ସରେ ଝାଡ଼ାପରିସ୍ରା କରି ଅଖିଆ ଅପିଆ ପଡ଼ି ରହିଥିଲେ। ଏ ସମ୍ପର୍କରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଖବର ପାଇ ତାଙ୍କୁ ସମସ୍ତ ସେବା ଯୋଗାଇ ଦେଇଥିଲେ। ତେବେ ବୁଧବାର ସକାଳେ ଭୀମଙ୍କ ମୃତ୍ୟୁ ହୋଇଥିଲା। ନଗରପାଳ ସାହୁ ଭୁବନ ବ୍ଲକ କିଙ୍ଗୋଳ ଗ୍ରାମରେ ଥିବା ତାଙ୍କ ଝିଅଜ୍ୱାଇଁଙ୍କୁ ଖବର ଦେବା ସହ ଆମ୍ବୁଲାନ୍ସ ମଗାଇଥିଲେ। ଝିଅଜ୍ୱାଇଁ ଓ ନାତି ପହଞ୍ଚିବା ପରେ ମାରଶରୀରକୁ ଭରତି ପାହାଡ଼ ନିକଟକୁ ନିଆଯାଇ ଜେସିବି ସାହାଯ୍ୟରେ ଗାତ ଖୋଳି ଦଳିତ ସମ୍ପ୍ରଦାୟ ରୀତିନୀତି ଅନୁଯାୟୀ ପୋତାଯାଇଥିଲା। ଏଥିରେ ନଗରପାଳଙ୍କୁ ଯୁବ ସମାଜସେବୀ ସନ୍ତୋଷ କୁମାର ପୃଷ୍ଟି ଏବଂ ଆମ୍ବୁଲାନ୍ସ ଡ୍ରାଇଭର ଅଜୟ ବେହେରା ସହଯୋଗ କରିଥିଲେ।



## ପାଟଣାଗଡ଼ ବ୍ଲକ୍

# ସିଏସ୍ଏସ୍ ନିଯୁକ୍ତିରେ ଜାଲିଆତି ଘଟଣାର ତଦନ୍ତ

- ଲରମ୍ବା ଜିପିଏଲ୍ଏଫ୍ ସଭାପତିଙ୍କୁ ବହିଷ୍କାର ନିଷ୍ପତ୍ତି
- ବ୍ଲକ୍ ସଂଯୋଜକଙ୍କୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ

ପାଟଣାଗଡ଼,୧୯ ।୩ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ସିଏସଏସ ପୋଷ୍ଟ ନିଯୁକ୍ତିରେ ଜାଲିଆତି ଓ ଲାଞ୍ଚ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଗୁରୁବାର ଏହାର ତଦନ୍ତ ଆରମ୍ଭ ହୋଇଛି । ପାଟଣାଗଡ଼ ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ପାଇଁ ପ୍ରତ୍ୟେକ ଗାଁ ଓ ପଞ୍ଚାୟତ ପାଇଁ ଗୋଟିଏ ଲେଖାଏଁ ସିଏସଏସ ପଦବୀ ପାଇଁ ହୋଇଥିବା ନିଯୁକ୍ତିରେ ପ୍ରଥମେ ଲରମ୍ବା ଜିପିରୁ ଜାଲିଆତି କରାଯାଇ ପଦବୀ ହାତେଇଥିବା ଅଭିଯୋଗ ହୋଇଥିଲା ।

ପ୍ରଥମେ ବିଡ଼ିଓ ଓ ପରେ କୌଣସି ସୁଫଳ ନ ମିଳିବାରୁ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କଠାରେ ନିଯୁକ୍ତି ଜାଲିଆତି ଓ ଦରମା ପାଇଁ ବ୍ଲକ ସଂଯୋଜକ ଲାଞ୍ଚ ନେଉଥିବା ଲରମ୍ବା ଜିପିର ଜିପିଏଲଏଫ ଇସି ଗ୍ରୁପର ମହିଳା ସଦସ୍ୟା ସସ୍ମିତା ଛତ୍ରିଆଙ୍କ ସହ ଅନ୍ୟ ସଦସ୍ୟା ଅଭିଯୋଗ ଆଣିଥିଲେ । ଏହି ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲାପାଳ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଘଟଣାରେ ଗୁରୁବାର ପାଟଣାଗଡ଼ ବିଡ଼ିଓ ଓ ବିପିଏମ ଅପରାହ୍ନ ୩ଟାରେ ଲରମ୍ବା ଯାଇ ତିନି ଘଣ୍ଟା ପର୍ଯ୍ୟନ୍ତ ତଦନ୍ତ କରି ଫେରିଛନ୍ତି । ଲରମ୍ବା ପଞ୍ଚାୟତ କାର୍ଯ୍ୟାଳୟଠାରେ ତଦନ୍ତ ହୋଇଥିଲା ।୧୬ ଜଣ ଜିପିଏଲଏଫ ଇସି ସଦସ୍ୟା ଏହି ତଦନ୍ତରେ ଉପସ୍ଥିତ ଥିଲେ । ଗୋଟି ଗୋଟି କରି ଉପସ୍ଥିତ ସମସ୍ତ ସଦସ୍ୟାଙ୍କୁ ଲାଞ୍ଚ କାରବାର ବିଷୟରେ ପଚରାଯାଇଥିଲା । ଲରମ୍ବା ଜିପିଏଲଏଫ ସଭାପତି ଯାଜ୍ଞସେନି ଦଣ୍ଡସେନା କିଭଳି ଲାଞ୍ଚ ମାଗୁଥିଲେ ଏହାର ଅଡ଼ିଓ ସହ ଫୋନ ପେ ପ୍ରମାଣ ତଦନ୍ତକାରୀ ଅଧିକାରୀଙ୍କୁ ଇସି ସଦସ୍ୟା ଦେଖାଇଥିଲେ । ପରେ ଲରମ୍ବା ଜିପି ସଭାପତି ଶ୍ରୀମତୀ ଦଣ୍ଡସେନାଙ୍କୁ ବହିଷ୍କାର ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତେବେ ଇସି ସଦସ୍ୟା ସସ୍ମିତା ଛତ୍ରିଆ କହିଛନ୍ତି ଯେ ଏହି ତଦନ୍ତ ବ୍ଲକ ସଂଯୋଜକ ବିଚିତ୍ରାନନ୍ଦ ମୁଦୁଲିଙ୍କୁ ସୁହାଇଲା ଭଳି ତଦନ୍ତ କରାଯାଇଛି । ଲରମ୍ବା ଜିପି ସଭାପତି ଶ୍ରୀମତୀ ଦଣ୍ଡସେନା ଦରମା ପାସ୍ କରିବା ପାଇଁ ସେମାଙ୍କଠାରୁ ବ୍ଲକ ସଂଯୋଜକଙ୍କୁ ଦେବାକୁ କହି ଯେଉଁ ଲାଞ୍ଚ ଟଙ୍କା ନେଉଥିଲେ ଏହାର ତଦନ୍ତ ହୋଇନାହିଁ । କେବଳ ସଭାପତିଙ୍କୁ ବହିଷ୍କାର କରାଯିବ କହି ମାମଲାକୁ ଚାପି ଦେବାପାଇଁ ଉଦ୍ୟମ କରାଯାଇଛି । ଟଙ୍କା ଲାଞ୍ଚ ନେଇ ସଭାପତି ବ୍ଲକ ସଂଯୋଜକଙ୍କୁ ଦେଉଥିଲେ । ସଂଯୋଜକ ସେ ଟଙ୍କା କାହାକୁ ଦେଉଥିଲେ ଏହାର ବିଧିବଦ୍ଧ ତଦନ୍ତ କରାଯାଉ । କେବଳ ତଳିଆ କର୍ମଚାରୀଙ୍କ ଉପରେ ଦୋଷ ଲଦି ବଡ଼ ବଡ଼ିଆଙ୍କୁ ଖସାଇବାକୁ ଉଦ୍ୟମ କରାଯାଇଛି । ଯାହାଙ୍କ ବିରୋଧରେ ସେମାନେ ଅଭିଯୋଗ ଆଣିଛନ୍ତି ସେ ଯଦି ତଦନ୍ତକାରୀ ଅଧିକାରୀ ହେବେ ତେବେ ତଦନ୍ତ କିଭଳି ହେବ ବୋଲି ସେ କହିଛନ୍ତି । ଏହି ତଦନ୍ତରେ ଜିପିଏଲଏଫ ସଦସ୍ୟା ସନ୍ତୁଷ୍ଟ ନୁହନ୍ତି । କେବଳ ଲାଞ୍ଚ କାରବାରର ତଦନ୍ତ ହୋଇଛି । ନିଯୁକ୍ତି ଜାଲିଆତିର ତଦନ୍ତ କାହିଁକି ହେଲାନି । ଏହି ମାମଲାର ମାଷ୍ଟର ମାଇଣ୍ଡ ବ୍ଲକ ସଂଯୋଜକଙ୍କୁ ବହିଷ୍କାର କରାଯାଉ । ସେ କାହାକୁ ଟଙ୍କା ଦେଉଥିଲେ ଏହି ଘଟଣାରେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉ । ନଚେତ ଭିଜିଲାନ୍ସର ଦ୍ୱାରସ୍ଥ ହେବୁ ବୋଲି ଜିପିଏଲଏଫ ଇସି ସଦସ୍ୟା ସସ୍ମିତା ଛତ୍ରିଆ,ଜୟଶ୍ରୀ ପଶାୟତ, ଆରତୀ କର୍ମିଙ୍କ ସହ ଅନ୍ୟ ସଦସ୍ୟାମାନେ କହିଛନ୍ତି ।

## ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ନେଇ ଏତଲା



ଡୁଙ୍ଗୁରିପାଲି,୧୯ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନାରେ ସାମାଜିକ ଗଣମାଧ୍ୟମରେ ଅପପ୍ରଚାରକୁ ନେଇ ଥାନାରେ ଅଭିଯୋଗ ହୋଇଛି । ଅଞ୍ଚଳର ଜଣେ ସମାଜସେବୀଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ଜଣେ ବ୍ୟକ୍ତି ମିଥ୍ୟା ଅପପ୍ରଚାର କରିବା ସହ ବିବଦୀୟ ମନ୍ତବ୍ୟ ଦେଉଛନ୍ତି । ଏହାକୁ ନେଇ ଉମେଶ ପୂଜାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଶ୍ରୀ ପୂଜାରୀ ଅଞ୍ଚଳର ଯୁବଗୋଷ୍ଠୀ, ସମାଜସେବୀ, ସ୍ଥାନୀୟ ସରପଞ୍ଚ, ଆଇନଜୀବୀ ଏବଂ ବୁଦ୍ଧିଜୀବୀଙ୍କ ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସାମାଜିକ ଗଣମାଧ୍ୟମରେତାଙ୍କନାମରେମିଥ୍ୟାଅପପ୍ରଚାରପୋଷ୍ଟକରାଯାଉଥିବାଅଭିଯୋଗରେସେ ଦର୍ଶାଇଛନ୍ତି । ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି ।

## ଶ୍ରୀକାନ୍ତ ମିଶ୍ର ବିଜେପି ରାଜ୍ୟ କୃଷକ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ



କଣ୍ଟାମାଲ,୧୯ ।୩(ସମିସ): ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ସମାଜସେବୀ ଶ୍ରୀକାନ୍ତ ମିଶ୍ର ବୌଦ୍ଧ ଜିଲ୍ଲାର ସାଧାରଣ ସମ୍ପାଦକ ଭାବେ ମନୋନିତ ହୋଇଛନ୍ତି । ରାଜ୍ୟ ବିଜେପି କୃଷକ ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ଶ୍ରୀ ମିଶ୍ର ମନୋନିତ ହୋଇଥିବାରୁ ଜିଲ୍ଲା ସଭାପତି କେନ୍ଦୁପତ୍ର ତୋଳାଳି ସଙ୍ଗଠନର କାର୍ଯ୍ୟ କର୍ତ୍ତାମାନେ ତାଙ୍କୁ ସ୍ୱାଗତ କରିଥିଲେ ।

## ଶ୍ରୀରାମ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଡୁଙ୍ଗୁରିପାଲି,୧୯ ।୩(ସମିସ): ରାମପୁର ଶ୍ରୀରାମ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଗୋବିନ୍ଦ ମେହେର ଏଥିରେ ସଭାପତିତ୍ୱ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ମିନକେତନ ପାତ୍ରଙ୍କ ତତ୍ତ୍ୱାବଧାନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସୋନପୁର ଆଦର୍ଶ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଅଧ୍ୟାପକ ଡ. ବିଶ୍ୱପ୍ରାଜ୍ଞ ମହାନ୍ତି ମୁଖ୍ୟ ସମୀକ୍ଷକ ଭାବେ ଯୋଗ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ମିନକେତନ ପାତ୍ର ଆଲୋଚନା କରିଥିଲେ । ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ମାମିନା ଭୋଇ ବିବରଣୀ ପ୍ରଦାନ କରିଥିଲେ । ଯୁକ୍ତ ତିନି ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ବର୍ଷାରାଣୀ ମେହେର, ଶୁଭଲକ୍ଷ୍ମୀ ପ୍ରଧାନ, ବୃନ୍ଦାବନ ବାରିକ, ଆଲୋକ ଜୁଆଡ଼ି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଅଧ୍ୟାପିକା ଜ୍ୟୋତିର୍ମୟୀ ବାରିକ କୃତଜ୍ଞତା ଜ୍ଞାପନ କରିଥିଲେ ।

## କଣ୍ଟାମାଲ ହାଇସ୍କୁଲରେ ବ୍ଲକ୍ସ୍ତରୀୟ ପ୍ରତିଭା କାର୍ଯ୍ୟକ୍ରମ



କଣ୍ଟାମାଲ,୧୯ ।୩(ସମିସ): କଣ୍ଟାମାଲ ହାଇସ୍କୁଲ ଖେଳ ପଡିଆରେ ବ୍ଲକ୍ସ୍ତରୀୟ ପ୍ରତିଭା (କ୍ରୀଡ଼ା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଧାନ, ଉମାକାନ୍ତ ପଣ୍ଡା, ଶୁଭଶ୍ରୀ ଡାଙ୍ଗ, ସୌରଭ, କୁମାର ସାହୁ, ପ୍ରଦୀପ ରାଉତ, ଜିତେନ୍ଦ୍ର ହୋତା ପ୍ରମୁଖ ସହଯୋଗ କରିଥିଲେ । ଏଠାରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଜିଲ୍ଲା ସ୍ତରକୁ ଯିବେ । ଯେଉଁମାନେ ଜିଲ୍ଲା ସ୍ତରରେ ଭଲ ପ୍ରଦର୍ଶନ କରିବେ ସେମାନେ ରାଜ୍ୟ ସ୍ତରକୁ ଯିବେ । ରାଜ୍ୟସ୍ତରରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ କ୍ରୀଡ଼ା ଛାତ୍ରାବାସରେ ରହିବାର ସୁଯୋଗ ପାଇବେ ।

## କୃଷ୍ଣପାଲିରେ ଗୋପାଳ ସମାଜର ବାର୍ଷିକ ବୈଠକ

ହରଭଙ୍ଗା,୧୯ ।୩ (ସମିସ): ତିଳେଶ୍ୱର ପଞ୍ଚାୟତର କୃଷ୍ଣପାଲିଠାରେ ଗୋପାଳ ସମାଜର ବାର୍ଷିକ ବୈଠକ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସମାଜର ବିଭିନ୍ନ ପ୍ରାନ୍ତରୁ ସଦସ୍ୟମାନେ ଯୋଗଦେଇ ସାମାଜିକ ସଂସ୍କାର ଓ ସଂଗଠନର ଅଭିବୃଦ୍ଧି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଏହି ବୈଠକ ସଭାପତି ଅଚ୍ୟୁତ ବାଘଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ପରଦେଶୀ ବାଘ ସଭା ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ବଡ଼, ସାନ ଭାଇ ମୃତ; ମଝିଆ ଗୁରୁତର

ଜହ୍ନାପଙ୍କ,୧୯ ।୩(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ତଥା ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅଧୀନ ତେଲିବନ୍ଧ ପଣ୍ଟାଇ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଗୋଟିଏ ପରିବାରର ବଡ଼ ଓ ସାନ ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି । ମଝିଆ ଭାଇ ଗୁରୁତର ହୋଇଛନ୍ତି । ବୁଧବାର ରାତିରେ ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ପଳସପାଟ ଗ୍ରାମର ଗୋଟିଏ ପରିବାରର ତିନି ଭାଇ ତାଙ୍କ ଟିଭିଏସ ରାଇଡ଼ର (ଓଡି ୨୭ ଇ ୧୨୨୪) ଗାଡ଼ିରେ ଜହ୍ନାପଙ୍କ ପଟୁ ନିଜ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଣ୍ଟାଇ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ୩ ଭାଇ ଦିଲ୍ଲୀପ ଉର୍ମା (୩୫), ବିଜୟ ଉର୍ମା (୨୧), ରୋହିତ ଉର୍ମା (୨୫) ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଉଭୟ ତିନି ଜଣଙ୍କୁ ଉଦ୍ଧାର କରି ଦୁଇଟି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ନେଇଥିଲେ । ଦିଲ୍ଲୀପ ଓ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଗୁରୁତର ରୋହିତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ବାଇକ୍କୁ ଜବତ କରି ତଦନ୍ତ କରୁଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ବଦଳିଲେ ହାବିଲଦାର ଓ କନେଷ୍ଟବଲ

ଶଗଡା,୧୯ ।୩(ସମିସ): ବୌଦ୍ଧ ଜିଲ୍ଲା ପୁଲିସ ବିଭାଗର ହାବିଲଦାର ଓ କନଷ୍ଟେବଳ ପଦବୀରେ ଏକ ବଡ ଧରଣର ଅଦଳବଦଳ କରାଯାଇଛି । ବୌଦ୍ଧ ଏସପିଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ହାବିଲଦାର ଅମିତାଭ ଶତପଥୀଙ୍କୁ ବୌଦ୍ଧରୁ ଘଣ୍ଟାପଡା, ଟୁକୁ ମେହେରଙ୍କୁ ବୌଦ୍ଧରୁ କଣ୍ଟାମାଳ, ହିମାଂଶୁ ଶେଖର ଡାଙ୍ଗଙ୍କୁ କଣ୍ଟାମାଳରୁ ବୌଦ୍ଧ, ସପ୍ତେଶ୍ୱର କହଁରଙ୍କୁ ଘଣ୍ଟାପଡାରୁ ବୌଦ୍ଧ, ସୌମ୍ୟରଂଜନ ମେଣ୍ଡିଲିଙ୍କୁ ଜହ୍ନାପଙ୍କରୁ ମନମୁଣ୍ଡା, ବିବସ୍ୱ ସାହୁଙ୍କୁ ମନମୁଣ୍ଡାରୁ ଜହ୍ନାପଙ୍କ, କନଷ୍ଟେବଳ ଭକ୍ତ ଲୁହାରଙ୍କୁ କଣ୍ଟାମାଳରୁ ବୌଦ୍ଧ ବଦଳି ହୋଇଛି । ରଜନୀକାନ୍ତ ସ୍ୱାଇଁ କଣ୍ଟାମାଳରୁ ବୌଦ୍ଧ ଆଦର୍ଶ ଥାନା, ରାଜକିଶୋର ନାୟକ ବୌଦ୍ଧରୁ କଣ୍ଟାମାଳ, ପଙ୍କଜ ଯାନୀ ଘଣ୍ଟାପଡାରୁ ହରଭଙ୍ଗା କୋର୍ଟ, ଜେମାକାନ୍ତ କହଁର ପଳସାଗୋରା ବିଟରୁ ବୌଦ୍ଧ, ନିରଞ୍ଜନ ପୃଷ୍ଟି ହରଭଙ୍ଗାରୁ ଘଣ୍ଟାପଡା, ଟିଲୋତ୍ତମା ଦେହୁରୀ ଘଣ୍ଟାପଡାରୁ ବୌଦ୍ଧ, ସୁନୀଲ ପ୍ରଧାନ କଣ୍ଟାମାଳରୁ ଜହ୍ନାପଙ୍କ, ସୁଶାନ୍ତ ନାୟକ ମନମୁଣ୍ଡାରୁ ବୌଦ୍ଧ ଆଦର୍ଶ ଥାନା, କିଶୋର ବେହେରା ବୌଦ୍ଧ ଆଦର୍ଶ ଥାନାରୁ ମନମୁଣ୍ଡା, ରାଜେଶ ଭୋଇ ହରଭଙ୍ଗା କୋର୍ଟରୁ ପଳସାଗୋରା ବିଟ, ସ୍ୱାଧୀନ ପ୍ରଧାନ ବୌଦ୍ଧରୁ କଣ୍ଟାମାଳ, ମାଳବିକା ଚାନ୍ଦ କଣ୍ଟାମାଳ କୋର୍ଟରୁ ମନମୁଣ୍ଡା, ଅଞ୍ଜନା ସାହୁ ମନମୁଣ୍ଡାରୁ ଜହ୍ନାପଙ୍କ, ଲିନା ବେହେରା ବୌଦ୍ଧରୁ କଣ୍ଟାମାଳ କୋର୍ଟ, ପୁରନ୍ଦ୍ର ମହାନନ୍ଦିଆ ପୁରୁଣାକଟକରୁ ଘଣ୍ଟାପଡା, ତ୍ରିଲୋଚନ ସ୍ୱର ଘଣ୍ଟାପଡାରୁ ପୁରୁଣାକଟକ, ଧୀରୋଜ ଭୋଇ ବୌଦ୍ଧରୁ ପଳସାଗୋରା ବିଟ, ସୁଶୀଲ ରଣା ପଳସା ଗୋରକ୍ଷରୁ କଣ୍ଟାମାଳ, ଉଦୟ ଜାନି ଆଡ଼େନିଗଡରୁ ଘଣ୍ଟାପଡା, ଘନଶ୍ୟାମ ସେଠ ବୌଦ୍ଧରୁ କଣ୍ଟାମାଳ ଥାନାକୁ ବଦଳି ହୋଇଛନ୍ତି ।

## ଗୋଟିଏ ପରିବାରର ଦୁଇ ବଖରା ଭସ୍ମୀଭୂତ

ବୌଦ୍ଧ,୧୯ ।୩(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ବୁରକଟା ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି । ଅମ୍ବରିସ ମାଝୀଙ୍କ ଦୁଇ ବଖରା ଘର ଭସ୍ମୀଭୂତ ହୋଇ ଯାଇଛି । ପରିବାରର କୌଣସି ସଦସ୍ୟ ଉପସ୍ଥିତ ନ ଥିବା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ । ସେତେବେଳକୁ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡି ଭସ୍ମୀଭୂତ ହୋଇ ଯାଇଥିଲା ।

● ସୁବର୍ଣ୍ଣପୁର ଗ୍ରାମରେ ବଜ୍ରପାତ

## ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ସହ ପୋଡ଼ିଗଲା ଘର

ବୌଦ୍ଧ,୧୯ ।୩(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁର ଗାଁର ସନ୍ତୋଷ ମେହେରଙ୍କ ଘରେ ବଜ୍ରପାତ ହେବାରୁ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ସହ ଗୋଟିଏ ବଖରା ଘର ପୋଡ଼ି ଯାଇଛି । ବୁଧବାର ରାତିରେ କାଳ ବୈଶାଖୀ ବର୍ଷା ସହ ପ୍ରବଳ ବଜ୍ରପାତ ହୋଇଥିଲା । ଏହାଫଳରେ ସନ୍ତୋଷଙ୍କ ଘର ଉପରେ ବଜ୍ରପାତ ଘଟି ଟିଭି, କୁଲର, ଫ୍ରିଜ୍ ସହ ଗୋଟିଏ ବଖରା ଘର ପୋଡ଼ି ନଷ୍ଟ ହୋଇ ଯାଇଛି ।

## ବିଶ୍ୱ ପଖାଳ ଦିବସ ପାଇଁ ପ୍ରସ୍ତୁତି

ବୌଦ୍ଧ,୧୯ ।୩(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ବିଶ୍ୱ ପଖାଳ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ବସିଥିଲା । ବୌଦ୍ଧ ଟାଉନ୍ ହଲ ଠାରେ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୨ରୁ ତାଲପାଲିପଡ଼ା ରାମମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବଲାଙ୍ଗିର,୧୯ ।୩(ସମିସ): ବଲାଙ୍ଗୀର ସହରର ତାଲପାଲିପଡା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଉତ୍ସବମୁଖର ହେବ । ତାଲପାଲିପଡାରେ ପୁନଃନିର୍ମିତ ଶ୍ରୀରାମ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ୨୪ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ । ସେଥିପାଇଁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ୨୨ ତାରିଖ କଳସ ଶୋଭାଯାତ୍ରା ହେବ । ୨୫ରେ ବିଗ୍ରହ ପ୍ରତିଷ୍ଠା କରାଯିବ । ୨୬ ତାରିଖରେ ସିଂହାସନ ଆରୋହଣ, ଗର୍ଭଗୃହରେ ଶୋଡଷ ଉପଚାର ପୂଜା ସହିତ ପୂର୍ଣ୍ଣାହୁତି କରାଯିବ । ପ୍ରତିଦିନ ହୋମଯଜ୍ଞ ସହିତ ନାମସଂକୀର୍ତ୍ତନ କରାଯିବ । ଶେଷଦିନରେ ଛତିଶଗଡ ଝାରବନ୍ଧ ଓ ଧାନବସାର ବୈଠକୀ କୀର୍ତ୍ତନ ହେବ ।

## ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ



ବଲାଙ୍ଗିର,୧୯ ।୩(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ଠାରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆୟୋଜନ କ୍ରମେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ପାଇଁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ତାଲିମ ଆରମ୍ଭରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ ଜଣାଇ ବ୍ଲକ୍ସ୍ତରୀୟ ଶିଶୁ ସୁରକ୍ଷା କମିଟିର କାର୍ଯ୍ୟକ୍ରମ କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ଉପରେ ଜଣାଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ୍ ବିଡ଼ିଓ ବାସନ୍ତୀ ସେଠ୍ ଉପସ୍ଥିତ ରହି ଶିଶୁମାନଙ୍କ ପାଇଁ ପଞ୍ଚାୟତ ବିକାଶ ପାଣ୍ଠିର ୫ ପ୍ରତିଶତ ଯୋଜନା ରଖି ଖର୍ଚ୍ଚ କରିବା ପାଇଁ ତାଲିମରେ ଜଣାଇଥିଲେ । ତାଲିମରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ ନାଗ ଉପସ୍ଥିତ ରହି ତାଲିମ୍ ନେଇ ଶିକ୍ଷା ଲାଭ କରି କାମରେ ଲଗାଇବା ପାଇଁ ସମସ୍ତ ସରପଞ୍ଚ ଓ ଇଓମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ତାଲିମର ଲକ୍ଷ୍ୟ ଉପରେ ସରପଞ୍ଚ ଓ ଇଓମାନଙ୍କ ଭୂମିକା ଉପରେ ଜଣାଇଥିଲେ । ସେହିପରି ଆଶୀର୍ବାଦ, ଗ୍ରୀନ ପାସେଜ, ପୃଷ୍ଠପୋଷକତା ସହାୟତା ରାଶି, ଯଶୋଦା ଯୋଜନା ସମ୍ପର୍କରେ ଜଣାଇଥିଲେ । ଏହି ତାଲିମ ପ୍ରଦାନ ପୂର୍ବରୁ ଏବଂ ତାଲିମ ପରବର୍ତ୍ତି ପର୍ଯ୍ୟାୟରେ ୧୦ଟି ପ୍ରଶ୍ନ ପ୍ରସ୍ତୁତି କରି ସମସ୍ତ ସରପଞ୍ଚ ଓ ପିଇଓଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକ୍ର ୨୨ଟି ପଞ୍ଚାୟତର ସରପଞ୍ଚ, ଇଓ, ଏଡିଇଓ ଉପସ୍ଥିତ ଥିଲେ । ଏହି ଅବସରରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ଉପସ୍ଥିତ ରହି ଡ୍ରପ ଆଉଟ୍ ଶିଶୁଙ୍କ ନିମନ୍ତେ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ଉପରେ ବିଭିନ୍ନ ଯୋଜନା ଉପରେ ମତାମତ ଦେଇଥିଲେ । ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜର ଅଞ୍ଜୁମନ୍ ନିଶା ଉପସ୍ଥିତ ରହି ବାଲ୍ୟ ବିବାହ ଉପରେ ଜଣାଇଥିଲେ । କାର୍ଯ୍ୟକ୍ରମରେ ଚାଇଲ୍ଡ୍ ହେଲ୍ପ ଲାଇନର ସୁଦନ ଖମାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୟୁଥ୍ ସର୍ଭିସ ସେଣ୍ଟରର ସମ୍ପାଦକ ଉମେଶ ପୁରୋହିତ ଚାଇଲ୍ଡ୍ ଫ୍ରେଣ୍ଡଲି ଗ୍ରାମ ପଞ୍ଚାୟତ ଗଠନ କରିବାରେ ଗ୍ରାମ ପଞ୍ଚାୟତର ଭୂମିକା ଉପରେ ଉପସ୍ଥାପନା କରିଥିଲେ । ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ଉପସ୍ଥିତ ରହି ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁଙ୍କ ପାଇଁ ୧୦୯୮ କୁ ଫୋନ କରିବାକୁ ଜଣାଇବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ

ଡୁଙ୍ଗୁରିପାଲି,୧୯ ।୩(ସମିସ): ଚୈତ୍ର ମାସ ଶୁକ୍ଳ ପକ୍ଷର ପ୍ରତିପଦା ତିଥି ଅବସରରେ ଗୁରୁବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି । ହିନ୍ଦୁଶାସ୍ତ୍ର ମତରେ ଆଜିର ଦିନରେ ବ୍ରହ୍ମାଙ୍କ କାଳ ଗଣନା ଆରମ୍ଭ ହେବା ସହ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ସମେତ ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ସମ୍ପନ୍ନ ହୋଇଥିବା ଉଲ୍ଲେଖ ରହିଛି । ପୁନଶ୍ଚ ଆର୍ଏସ୍ଏସ୍ ସଂସ୍ଥାପକ ଡକ୍ଟର୍ କେ.ଭି.ହେଡ୍ ଗେୱରଙ୍କ ଜନ୍ମଦିନ । ତେବେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଲଳିତ ଭୋଇ, ସମ୍ମାନୀତ ଅତିଥି ଭାବେ ପରିଚାଳନା ସଭାପତି ଚତୁର୍ଭୁଜ ସାହୁ ଯୋଗ ଦେଥିଲେ । ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଅଶ୍ୱିନୀ ନାୟକ ସହଯୋଗ କରିଥିଲେ । ସମ୍ପାଦକ ମୀନକେତନ ଖମାରୀ, ଗୁରୁଜୀ ଗୋପାଳ ଦଣ୍ଡସେନା, ରାମେଶ୍ୱର ପ୍ରଧାନ, ରମେଶ ଗଡ଼ତିଆ, ରାଧାରାଣୀ ତ୍ରିପାଠୀ, ଲିଲିମା ଦାସ ହୁନ୍ଦୁ ନବବର୍ଷ ଉପରେ ଆଲୋକପାତ କରିଥିଲେ । ଅନନ୍ତ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୦ ବାଉଁଶ କାରିଗରଙ୍କ କେରଳ ଯାତ୍ରା

ମନମୁଣ୍ଡା,୧୯ ।୩(ସମିସ): ବୌଦ୍ଧ ଜିଲ୍ଲା ସିନ୍ଦୂରପୁର ଗ୍ରାମର ୧୦ ଜଣ ନିପୁଣ ବାଉଁଶ କାରିଗର କେରଳକୁ ଏକ୍ସପୋଜର ଭିଜିଟ ପାଇଁ ଗସ୍ତ କରିଛନ୍ତି । ସେମାନେ ସେଠାରେ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ତାଲିମ ନେବେ । ବାଉଁଶ ହସ୍ତଶିଳ୍ପ ସମ୍ବନ୍ଧୀୟ ଆଧୁନିକ ପ୍ରଯୁକ୍ତି ଓ କୌଶଳ ଉପରେ ପ୍ରଶିକ୍ଷଣ ଦିଆଯିବ । ମୀନାକ୍ଷୀ କୁମୁରା (ଏସିଏଫ୍, ବୌଦ୍ଧ) ଏବଂ ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ ଶ୍ରେଷ୍ଠ ୧୦ ଜଣ ନିପୁଣ ବାଉଁଶ କାରିଗରଙ୍କୁ ମନୋନୟନ କରିଥିଲେ । ସେମାନେ ହେଲେ ଗୋବିନ୍ଦ ଦେହୁରୀ, ସର୍ବଣ ତାମାଲିଆ, ଚିନ୍ତାମଣି ନାଏକ, ସୁରେନ୍ଦ୍ର ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ଯଶୋଦା ପ୍ରଧାନ, ଆଦିତ୍ୟ ରାଜହଂସା, ମୋହନା ପଟ୍ଟନାୟକ । ଏହି ଏକ୍ସପୋଜର ଭିଜିଟର ଉଦ୍ଦେଶ୍ୟ ହେଉଛି ବାଉଁଶ କାରିଗରମାନଙ୍କ କୌଶଳ ବୃଦ୍ଧି କରିବା, ସ୍ୱଦେଶୀ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ଓ ତାଙ୍କର ଜୀବିକାର ଉନ୍ନତି ସୁନିଶ୍ଚିତ କରିବା ।

## ତରଭା ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା



ତରଭା,୧୯ ।୩(ସମିସ): ତରଭା ବରିଷ୍ଠ ନଗରିଜ କମିଟିର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଏଫଆରସିସିରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁ ଅଧ୍ୟକ୍ଷତା କରି ନୂତନ କର୍ମକର୍ତ୍ତା ନିର୍ବାଚନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏଥିରେ ସର୍ବ ସମ୍ମତି କ୍ରମେ ୨ ବର୍ଷ ପାଇଁ ଦେବେନ୍ଦ୍ର ବିଜୟ ସାହୁଙ୍କୁ ସଂଘର ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସଂଘର କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ କୁମାର ସାହୁ, ଉପସଭାପତି ଭାବେ ଜୟକିଶୋର ସାହୁ, ରାଜକିଶୋର ସାହୁ, ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, ସହ ସମ୍ପାଦକ ବିଜୟ କୁମାର ମେହେର, କୋଷାଧ୍ୟକ୍ଷ ଭାବେ ଧୀରେନ୍ଦ୍ର ବିଜୟ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଡାକ୍ତର ଉପେନ୍ଦ୍ର ପଣ୍ଡା, ଜୟପ୍ରକାଶ ନାରାୟଣ ସାହୁ, ଶୈଳେନ୍ଦ୍ର କୁମାର ସାହୁ, ଆନନ୍ଦ ପ୍ରକାଶ ଅଗ୍ରୱାଲ, ଅକ୍ଷୟ କୁମାର ବାଘ, ଚତୁର୍ଭୁଜ ସାହୁ, ସଦାନନ୍ଦ ପାଣିଗ୍ରାହୀଙ୍କୁ ପରିଚାଳନା କମିଟିର ସଭ୍ୟ ଭାବେ ଗ୍ରହଣ କରାଯାଇଛି । ହରିବନ୍ଧୁ ପାଣିଗ୍ରାହୀ, କ୍ଷେତ୍ରବାସୀ ସାହୁ ଓ ରାଜ କିଶୋର ସାହୁଙ୍କୁ ଉପଦେଷ୍ଟା କମିଟିର ସଭ୍ୟ ଭାବେ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ଶେଷରେ ଉପସଭାପତି ଜୟକିଶୋର ସାହୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରିବିକ୍ରମ ସାହୁ, ଲକ୍ଷ୍ମଣ ରଣା, ଶଙ୍କର ଭବାନୀ ସାହୁ, ଶିବନାରାୟଣ ସାହୁ, ପର୍ଶୁରାମ ସାହୁ, ଗିରୀନ୍ଦ୍ର ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୪ ଚାଷୀଙ୍କୁ ବିଦ୍ୟୁତ୍ ବିଭାଗର ମାନସିକ ନିର୍ଯାତନା

**୨ ବର୍ଷ ହେଲା ବିଲରେ ଲାଗିନି ମିଟର** | **ଚାଷୀଙ୍କ ଆଶା ଧୂଳିସାତ କଲା ବିଦ୍ୟୁତ ବିଭାଗ**



ଶଗଡ଼ା,୧୯ ।୩(ସମିସ): ସରକାର ଚାଷୀ ଓ ଚାଷ ପାଇଁ ମାଳମାଳ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ସରକାରଙ୍କ ସମସ୍ତ ଯୋଜନା ଚାଷୀଙ୍କ କ୍ଷେତ୍ରରେ ଏକ ପ୍ରକାର ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି । କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ସଦର ଗ୍ରାମର ୪ଜଣ ଚାଷୀ ୨୦୧୯ ମସିହାରେ ବିଜୁ କୃଷକ ବିକାଶ ଯୋଜନାରେ ୨୦ହଜାର ଟଙ୍କା ଅଗ୍ରୀମ ଦେଇ ନିଜ ଚାଷ ଜମିରେ ଗଭୀର ନଳକୂପ ଖନନ କରିଥିଲେ । ୨୦୨୪ମସିହାରେ ନଳକୂପରେ ବିଦ୍ୟୁତ ସଂଯୋଗ ଦିଆ ଯାଇଥିଲା । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ ମିଟର ଲଗାଯାଇ ନାହିଁ । ଅଣ ଜଳସେଚିତ ଜମିରେ ଅଧିକ ଚାଷ କରି ଲାଭବାନ ହୋଇ ପରିବାର ଚଳାଇବା ଆଶା ନେଇ ଚାଷୀ ଏହି ବୋର୍ୱେଲ ଖନନ କରିଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀର ବୋର୍ୱେଲ୍ରେ ବିଦ୍ୟୁତ ମିଟର ଲାଗି ନ ଥିବା ଅଭିଯୋଗ କରିଛନ୍ତି । ମିଟର ନ ଥିବା ଫଳରେ ଚାଷୀ ଚାଷ କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ ବିଭାଗର ଅବହେଳାକୁ ଚାଷୀମାନେ ଦାୟୀ କରିଛନ୍ତି । ଏ ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି; କିନ୍ତୁ କିଛି ସୁଫଳ ମିଳି ନ ଥିବା କହିଛନ୍ତି । ଯୋଗୀନ୍ଦ୍ରପୁର ଗ୍ରାମର ସୁପକାର ବଗର୍ତ୍ତୀ, ପରମାନନ୍ଦ ପ୍ରଧାନ, ଗୌରଚରଣ ପ୍ରଧାନ, ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ଚାଷୀ ଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ । ୧୫ ଦିନରେ ଗଭୀର ନଳକୂପଗୁଡ଼ିକୁ ବିଦ୍ୟୁତ ସଂଯୋଗ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡା ଚେତାବନୀ ଦେଇଛନ୍ତି ।

## ତେଲିବନ୍ଧ ପଞ୍ଚାୟତରେ ଗ୍ରାମସଭା

ଜହ୍ନାପଙ୍କ,୧୯ ।୩(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ଅଫିସଠାରେ ସରପଞ୍ଚ ରତ୍ନାକର ନାଏକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଗ୍ରାମସଭା ଅନୁଷ୍ଠିତ ହୋଇଛି । ଜିଆରଏଏସ ନରେଶ ମଳିକ ସ୍ୱାଗତ ଭାଷଣ ଦେବା ସହିତ ଭିବି-ଜି ରାମ-ଜି ସମ୍ପର୍କରେ ବୁଝାଇଥିଲେ । ଏଥିରେ ଅତିଥି ଭାବେ ଗୋଷ୍ଠୀ ସାମାଜିକ ସମୀକ୍ଷକ ଗୋପାଳ ମେହେର, ତେଲିବନ୍ଧ ସେବା ସମବାୟ ସମିତି ସଭାପତି ତ୍ରିପୁର ମହାକୁଡ଼, ନିର୍ବାହୀ ଅଧିକାରୀ ଆଜାଦ ନାଏକ ଯୋଗଦେଇ ସମସ୍ତେ କେମିତି କାମ ପାଇ ପାରିବେ ସେ ନେଇ ସୂଚନା ଦେଇଥିଲେ । ଏହି ଯୋଜନାରେ ଠିକ୍ ସମୟରେ ମଜୁରି ପ୍ରଦାନ, ଜଳ ସୁରକ୍ଷା ଏବଂ ସଂରକ୍ଷଣଭିତ୍ତିକ କାର୍ଯ୍ୟ, ଜୀବିକା ବୃଦ୍ଧି ସମ୍ବନ୍ଧୀୟ କାର୍ଯ୍ୟ, ଗ୍ରାମୀଣ ଭିତ୍ତଭୂମି ବିକାଶ ସମ୍ବନ୍ଧୀୟ କାର୍ଯ୍ୟ, ଜଳବାୟୁ ପରିବର୍ତ୍ତନ ଓ ପ୍ରତିକୂଳ ପାଣିପାଗ ସମାଧାନ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ କମ୍ପରା ଗ୍ରାମର ସୁଜିତ ଚାନ୍ଦ ଓ ଆନନ୍ଦପୁର ଗ୍ରାମର ସୁଦର୍ଶନ କର୍ଣ୍ଣ ଯୋଗଦେଇ ମୋ ପୋଖରୀ ଖୋଳି ପଇସା ପାଇ ନ ଥିବା ଆଲୋଚନା ହୋଇଥିଲା । ସମସ୍ତ ୱାର୍ଡସଭ୍ୟ,ଗାଁସାଥି, ଜବ କାର୍ଡଧାରୀ ଭିପିଆରପି, ମିଶନ ଶକ୍ତିର ସମସ୍ତ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଏମ୍ବିକେ, ସିଆର୍ପିମାନେ ଉପସ୍ଥିତ ଥିଲେ ।